# ଧରିତ୍ରୀ DHARITRI

50 Years

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୭/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, April 17/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 143 | ମୂଲ୍ୟ ₹୭/-




**ନାରିନଙ୍କ ପ୍ରଥମ ଆଇପିଏଲ୍ ଶତକ**

କୋଲକାତା ନାଇଟ ରାଇଡର୍ସର ସୁନୀଲ ନାରିନ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ତାଙ୍କ ପ୍ରଥମ ଆଇପିଏଲ୍ ଶତକ ହାସଲ କରିଛନ୍ତି।

୧୬

୧୩

**ସାଉଥ୍‌ରେ ଡେବ୍ୟୁ କରିବେ ଅକ୍ଷୟ**

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଖୁବଶୀଘ୍ର ତେଲୁଗୁ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରୁଛନ୍ତି। ବିଷ୍ଣୁ ମଞ୍ଚୁଙ୍କ ନିର୍ମିତ 'କନ୍ନପ୍ପା' ଫିଲ୍ମରେ ସେ ନଜର ଆସିବେ।





ଅଶୋକାଷ୍ଟମୀ ଅବସରରେ ମଙ୍ଗଳବାର ଭୁବନେଶ୍ୱରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥକୁ ଭକ୍ତମାନେ ଟାଣିନେଉଛନ୍ତି। (ଫଟୋ: ମୌସମ ନନ୍ଦ)

# ୨୯ ମାଓବାଦୀ ନିହତ

## ବସ୍ତର ଲୋକ ସଭା ନିର୍ବାଚନ ପୂର୍ବରୁ ଏନ୍‌କାଉଣ୍ଟର

କାଙ୍କେର/ରାୟପୁର(ଏଜେନ୍ସି), ମାଲକାନଗିରି, ୧୬।୪ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବସ୍ତର ଅଞ୍ଚଳରେ ଲୋକ ସଭା ନିର୍ବାଚନକୁ ୩ ଦିନ ବାକି ଥିବାବେଳେ ସୁରକ୍ଷା ବଳ ଓ ମାଓବାଦୀଙ୍କ ମଧ୍ୟରେ ବଡ଼ ଧରଣର ଗୁଳିବିନିମୟ ଘଟିଛି। କାଙ୍କେର ଜିଲାରେ ମଙ୍ଗଳବାର ଅପରାହ୍ନରେ ଘଟିଥିବା ଏହି ଘଟଣାରେ ଅନ୍ୟୂନ ୨୯ ମାଓବାଦୀ ନିହତ ହୋଇଛନ୍ତି। ଏଥିରେ ଟପ୍ ମାଓବାଦୀ ଲିଡର୍ ଶଙ୍କର ରାଓ ରହିଥିବା ସୂଚନା ମିଳିଛି। ସେହିପରି ଲାଲ ବାହିନୀର ଗୁଳିମାଡ଼ରେ ୩ ଜଣ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ପୋଲିସ କହିଛି।

ବସ୍ତର ଲୋକ ସଭା ଆସନରେ ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଥିବାବେଳେ ଗଣତନ୍ତ୍ରରେ ବିଶ୍ୱାସ କରୁ ନ ଥିବା ମାଓବାଦୀମାନେ ନିର୍ବାଚନକୁ ଭଣ୍ଡୁର କରିବାକୁ ଉଦ୍ୟମ ଚଳାଇଆସୁଛନ୍ତି। ଏହି କ୍ରମରେ କାଙ୍କେର ଜିଲାର ବିଣାଗୁଡ଼ା ଓ କୋରୋନାର ଗ୍ରାମ ମଝିରେ ଥିବା ହାପାଟୋଲା ଜଙ୍ଗଲରେ ମାଓବାଦୀମାନେ ଗୁପ୍ତ ବୈଠକ କରୁଥିବା ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ଚୋଟେବେଥିୟା ଥାନା ପୋଲିସ, ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଏବଂ ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ପକ୍ଷରୁ ମଙ୍ଗଳବାର ଅପରାହ୍ନ ୨ଟାରେ ମିଳିତ ଭାବେ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ସଶସ୍ତ୍ର ମାଓବାଦୀମାନେ ପ୍ରଥମେ ସୁରକ୍ଷା ବଳକୁ ଟାର୍ଗେଟ କରି ଆଖିବୁଜା ଗୁଳି ଚଳାଇଥିଲେ। ଯବାନଙ୍କ



ଟପ୍ ମାଓବାଦୀ ଲିଡର୍ ଶଙ୍କର ରାଓ

ଜବାବୀ କାର୍ଯ୍ୟାନୁଷ୍ଠାନରେ ଅନେକ ମାଓବାଦୀ ଟଳିପଡ଼ିଥିଲେ। ପ୍ରଥମେ ମୃତ ମାଓବାଦୀଙ୍କ ସଂଖ୍ୟା ୮ ବୋଲି କୁହାଯାଇଥିଲା। ପରେ ୧୯ ମାଓବାଦୀ ନିହତ ହୋଇଥିବା ପୋଲିସ କହିଥିଲା। କିନ୍ତୁ ଜଙ୍ଗଲରେ ତଲାସି କାର୍ଯ୍ୟ ଯେତିକି ଆଗେଇବାରେ ଲାଗିଥିଲା ସେମାନଙ୍କ ସଂଖ୍ୟା ସେତିକି ବଢ଼ିବାରେ ଲାଗିଥିଲା। ରିପୋର୍ଟ ଲେଖାଯିବା ସୁଦ୍ଧା ମୋଟ ୨୯ ମାଓବାଦୀ ନିହତ ହୋଇଥିବା ବରିଷ୍ଠ ଆଇପିଏସ୍ ଅଧିକାରୀମାନେ କହିଛନ୍ତି। ଆହତ ୩ ସୁରକ୍ଷା କର୍ମୀଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ମାଓବାଦୀଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ବସ୍ତର ରେଞ୍ଜ ପୋଲିସ ଆଇଜି ସୁନ୍ଦରରାଜ ପି. ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଯାଏ ୨୯ ମାଓବାଦୀଙ୍କ ମୃତଦେହ ଠାବ କରାଯାଇଛି। ପାଟ୍ରୋଲିଂ ଶେଷରେ ଏହି ସଂଖ୍ୟା ବଢ଼ିପାରେ। ସେମାନଙ୍କ ମୃତଦେହ ନିକଟରୁ ବିପୁଳ ପରିମାଣର ଏକେ-୪୭, ଏସ୍ଏଲ୍ଆର୍, ଇନ୍‌ସାସ୍ ଏବଂ .୩୦୩ ରାଇଫଲ୍ ଜବତ ହୋଇଛି। ଏହାବାଦ୍ ଅନ୍ୟ ୮ ମାଓବାଦୀଙ୍କୁ ଗିରଫ କରାଯାଇଛି। ଏହି ଅଞ୍ଚଳରେ ଚଳିତବର୍ଷ ଏନ୍‌କାଉଣ୍ଟରରେ ୭୯ ମାଓବାଦୀ ନିହତ ହେଲେଣି। ସେମାନଙ୍କ ମଧ୍ୟରୁ ୧୩ ମାଓବାଦୀ ଗତ ୨ ତାରିଖରେ ବିଜାପୁର ଜିଲାରେ ନିହତ ହୋଇଥିବା ସୁନ୍ଦରରାଜ ସୂଚନା ଦେଇଛନ୍ତି। ଠିକ୍ ଭୋଟ ପୂର୍ବରୁ ବସ୍ତରରେ ମାଓବାଦୀ ସକ୍ରିୟ ହୋଇ ଗୁପ୍ତ ବୈଠକ କରିବା ସ୍ଥାନୀୟ ପ୍ରଶାସନ ଓ ସୁରକ୍ଷା ବଳ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

# ୟୁପିଏସ୍‌ସି: ଓଡ଼ିଶାର ଅନିମେଶ ଦ୍ୱିତୀୟ

ଭୁବନେଶ୍ୱର, ୧୬।୪(ଅସମାପିକା ସାହୁ)

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି)-୨୦୨୩ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଓଡ଼ିଶାର ଅନିମେଶ ପ୍ରଧାନ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉତ୍ତରପ୍ରଦେଶ ଲକ୍ଷ୍ନୌର ଆଦିତ୍ୟ ଶ୍ରୀବାସ୍ତବ ଟପ୍ପର ହୋଇଥିବାବେଳେ ତେଲଙ୍ଗାନାର ଡୋନୁରୁ ଅନନ୍ୟା ରେଡ୍ଡୀ ତୃତୀୟ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ୧୦ରେ ୫ ଜଣ ମହିଳା ସ୍ଥାନ ପାଇଛନ୍ତି। ୨୦୨୩ ବର୍ଷ ପାଇଁ ହୋଇଥିବା ଏହି ପରୀକ୍ଷାରେ ମୋଟ ୧,୦୧୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅନିମେଶ ଦ୍ୱିତୀୟ ସ୍ଥାନ ଅଧିକାର କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଅନୁଗୋଳ ଜିଲା ତାଳଚେରର ଭାଲୁଗଡ଼ିଆର ଅନିମେଶ ଏବେ ଦିଲ୍ଲୀସ୍ଥିତ ଇଣ୍ଡିଆନ୍ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍)ରେ କାର୍ଯ୍ୟରତ ଅଛନ୍ତି।

ଓଡ଼ିଶାରୁ ୨୪ତମ ସ୍ଥାନରେ ପ୍ରଜ୍ଞାନନ୍ଦନ ଗିରି, ୩୬ରେ ଆୟୁଷୀ ପ୍ରଧାନଙ୍କ, ୫୨ରେ ଜୟଶ୍ରୀ ପ୍ରଧାନ ଓ ୬୦ତମ ର୍ୟାଙ୍କରେ ଅଭିମନ୍ୟୁ ମଲ୍ଲିକ ରହିଛନ୍ତି। ସେହିପରି ୧୧ ର୍ୟାଙ୍କରେ ଅମ୍ରିତାଂଶୁ ନାୟକ, ୧୧୫ରେ ଯଶୋବନ୍ତ ମଲ୍ଲିକ, ୧୪୯ରେ କୃତୀ ତ୍ରିପାଠୀ, ୧୭୬ରେ ପଦ୍ମନାଭ ମିଶ୍ର, ୨୦୪ତମ ର୍ୟାଙ୍କରେ ଶୁଭ୍ରା ପଣ୍ଡା ସ୍ଥାନ ପାଇଛନ୍ତି। ୨୫୯ ର୍ୟାଙ୍କରେ



ଅନିମେଶ ପ୍ରଧାନ

**ପରୀକ୍ଷାଫଳ ପ୍ରକାଶିତ: ୧,୦୧୬ କୃତକାର୍ଯ୍ୟ**

କୁମୁଦ ମିଶ୍ର, ୨୬୯ରେ ତାନିଆ ମିଶ୍ର, ୨୮୦ରେ ଅନନ୍ୟା ରଣା, ୩୦୩ରେ ତନିଶା ମିଶ୍ର, ୩୧୯ରେ ରଶ୍ମି ପ୍ରଧାନ, ୩୪୩ରେ ବିଶ୍ୱଜିତ ପଣ୍ଡା, ୩୮୭ରେ ପ୍ରିୟଙ୍କା ପ୍ରିୟଦର୍ଶିନୀ, ୪୦୯ରେ ସନ୍ତୋଷ କୁମାର ପାତ୍ର, ୪୬୬ରେ ସୌରଭ ଦାସ, ୫୭୫ରେ ରାକେଶ କୁମାର ସାହୁ, ୫୮୧ତମ ର୍ୟାଙ୍କରେ ନୟନ ରଞ୍ଜନ ଦାସ ରହିଛନ୍ତି। କଳାହାଣ୍ଡିର ସିଦ୍ଧାର୍ଥ ବେଶ୍ରା ୮୦୦ତମ ସ୍ଥାନରେ ଅଛନ୍ତି।

ସୂଚନାଯୋଗ୍ୟ, ୟୁପିଏସ୍‌ସି ପ୍ରତିବର୍ଷ ତିନୋଟି ପର୍ଯ୍ୟାୟରେ ସିଭିଲ ସର୍ଭିସ ପରୀକ୍ଷା କରାଇଥାଏ। ଏଥିରେ ☞ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

**ସଙ୍କଟରେ ନ୍ୟାୟାଳୟ**

# ଭାଜପାର ଆଉ ୨୧ ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର, ୧୬।୪(ସୁନିତ୍ ମିଶ୍ର)

- **ରଣପୁର, ପଟ୍ଟାଙ୍ଗୀ ଆସନରେ ପ୍ରାର୍ଥୀ ବଦଳାଇଲା ଦଳ**
- **ରାଉରକେଲାରୁ ଦିଲୀପ, ରଣପୁରରୁ ସୁରମା ପାଇଲେ ଟିକେଟ**

୨୦୨୪ ନିର୍ବାଚନ ପାଇଁ ଭାଜପା ତା'ର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଦ୍ୱିତୀୟ ପର୍ଯ୍ୟାୟରେ ଦଳ ପକ୍ଷରୁ ଆଉ ୨୧ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ତେବେ ଏଥିରେ ୨ ଜଣ ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରାଯାଇଛି। ଗତ ୨ତାରିଖରେ ରେ ଦଳ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୧୨ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା। ଦଳ ଏବେ ସୁଦ୍ଧା ମୋଟ ୧୩୧ ଆସନରେ ପ୍ରାର୍ଥୀ ଘୋଷଣା କରିଥିବାବେଳେ ୧୬ଟି ଆସନ ବାକି ରହିଛି। ରଣପୁରରେ ଦଳ ପ୍ରଥମେ ତାପସ ମାର୍ଥାଙ୍କୁ ପ୍ରାର୍ଥୀ କରିଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ବଦଳାଇ ବରିଷ୍ଠ ନେତ୍ରୀ ସୁରମା ପାଢ଼ୀଙ୍କୁ ପ୍ରାର୍ଥୀ କରିବାକୁ ବାଧ୍ୟ ହୋଇଛି। ସେହିପରି ପଟ୍ଟାଙ୍ଗି ଆସନରେ ଦଳରୁ ଚୈତନ୍ୟ ହେନ୍ତାଳଙ୍କୁ ପ୍ରଥମ ଟିକେଟ ମିଳିଥିଲା। ହେଲେ ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ତାଙ୍କୁ ପରିବର୍ତ୍ତନ କରି ଚୈତନ୍ୟ ନନ୍ଦିବାଲିଙ୍କୁ ଦଳ ପ୍ରାର୍ଥୀ କରିଛି। ଚୈତନ୍ୟଙ୍କ ☞ପୃଷ୍ଠା-୧୧

**ବାକି ରହିଲା ୧୬ ଆସନ**

ତେଲକୋଇ, ଘସିପୁରା, ଚମ୍ପୁଆ, ଭୋଗରାଇ, ବସ୍ତା, ନୀଳଗିରି, ଭଣ୍ଡାରୀପୋଖରୀ, ବାସୁଦେବପୁର, ବରୀ, ହିନ୍ଦୋଳ, ବାରବାଟୀ-କଟକ, ସାଲେପୁର, କେନ୍ଦ୍ରାପଡ଼ା, ବେଗୁନିଆ, ଖୋର୍ଦ୍ଧା ଓ ଜୟପୁର।

ପ୍ରାର୍ଥୀ ତାଲିକା: ପୃଷ୍ଠା-୩

# ବାଦ୍ ପଡ଼ିଲେ କେନ୍ଦ୍ରମନ୍ତ୍ରୀ ଟୁଡୁ

**ବିବାଦୀୟ ମନ୍ତବ୍ୟ, ଅଶୋଭନୀୟ ଆଚରଣ ସମେତ କାର୍ଯ୍ୟଦକ୍ଷତାର ମାପକାଠିକୁ ଆଧାରକରି ଭାଜପା ଚଳିତ ନିର୍ବାଚନରେ କେତେଜଣ ଏମ୍‌ପି ଏବଂ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରାର୍ଥୀ ତାଲିକାରୁ ବାଦ୍ ଦେଇଛି। ଏଥିରେ ନୂଆ ସଂସଦ ଭବନରେ ବିକ୍ଷୋଭକାରୀ ପଶିବା ଘଟଣାରେ ବିବାଦୀୟ ହୋଇଥିବା ମହୀଶୂର ଏମ୍‌ପି ପ୍ରତାପ ସିମ୍ହାଙ୍କ ସମେତ ଭୋପାଳ ଏମ୍‌ପି ପ୍ରଜ୍ଞା ସିଂ ଠାକୁର, ଦିଲ୍ଲୀର ଏମ୍‌ପି ପ୍ରବେଶ ବର୍ମା, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନ, ଏମ୍‌ପି ମୀନାକ୍ଷୀ ଲେଖୀଙ୍କୁ ଉଦାହରଣ ଭାବେ ନିଆଯାଉଛି। ଏହି ନ୍ୟାୟରେ ମୟୂରଭଞ୍ଜ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ମଧ୍ୟ ଦଳ ପ୍ରାର୍ଥୀ କରି ନ ଥିବା ଚର୍ଚ୍ଚା ହେଉଛି। ସରକାରୀ ଅଧିକାରୀଙ୍କୁ ମାଡ଼ ଏବଂ କୁଡୁମୀ ସମ୍ପ୍ରଦାୟ ବିରୋଧୀ ମନ୍ତବ୍ୟ ପାଇଁ ଟୁଡୁ ବିବାଦୀୟ ହୋଇପଡ଼ିଥିଲେ।**



ବିଶ୍ୱେଶ୍ୱର ଟୁଡୁ

ବାରିପଦା, ୧୬।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଲୋକ ସଭା ପ୍ରାର୍ଥୀ ତାଲିକାରୁ ଭାଜପା ବାଦ୍ ଦେବା ପରେ ଜିଲାର କୌଣସି ବିଧାନସଭା ଆସନରେ ପ୍ରାର୍ଥୀ କରାଯାଇପାରେ ବୋଲି ଆଲୋଚନା ହେଉଥିଲା। କିନ୍ତୁ ମଙ୍ଗଳବାର ମୟୂରଭଞ୍ଜ ଜିଲାର ବାକି ୪ଟି ଆସନ ସାରସକଣା, ରାଇରଙ୍ଗପୁର, ବାଙ୍ଗିରିପୋଷି ଓ କରଞ୍ଜିଆ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିଥିଲେ ମଧ୍ୟ ଟୁଡୁଙ୍କୁ ସ୍ଥାନ ମିଳିନାହିଁ। ଗତ ୫ବର୍ଷର କାର୍ଯ୍ୟକଳାପରେ ବିଶ୍ୱେଶ୍ୱରଙ୍କ ଉପରେ ଦଳ ଅସନ୍ତୁଷ୍ଟ ଥିବା କୁହାଯାଉଛି। ଆଲୋଚନା ହେଉଛି ଯେ, ସଂଘ ପରିବାର (ଆରଏସ୍ଏସ୍) ସହ ସମ୍ପୃକ୍ତ ☞ପୃଷ୍ଠା-୧୧

# କେନ୍ଦ୍ରାପଡ଼ାରେ ବଜ୍ରପାତ: ୫ ମୃତ

କେନ୍ଦ୍ରାପଡ଼ା/ପାଟକୁରା/ଆଳି, ୧୬।୪ (ଜଗନ୍ନାଥ ଧଳ/ରବୀନ୍ଦ୍ର ନାଥ ବାରିକ/ ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲାରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ଝଡ଼ ସହ ବଜ୍ରପାତ ହୋଇଥିଲା। ଏଥିରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ସଦର ଥାନା ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତ ବୀରସ୍ୱତୀ ଗାଁର ନାରାୟଣ ମଲ୍ଲିକଙ୍କ ସ୍ତ୍ରୀ ଅମ୍ବିକା କ୍ଷେତରେ ମୁଗ ଗଛ ଉପାଡିବାବେଳେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଗରଦପୁର ବ୍ଲକ ତଳକୁସୁମା ପଞ୍ଚାୟତର ବଙ୍ଗାରି ଗାଁର ଅଧୀର ଜେନାଙ୍କ ପୁଅ ଆଶୁତୋଷ (୧୭), ପୁଣ୍ଡିଲୋ ଗାଁର ପୂର୍ଣ୍ଣଚନ୍ଦ୍ର ଛାଟୋଇ (୭୫), ବିରିଜଙ୍ଗା ଗ୍ରାମର ଶିବପ୍ରସାଦ ସାହୁ (୬୨)ଙ୍କର ବଜ୍ରପାତରେ ମୃତ୍ୟୁ ହୋଇଛି। ଆଶୁତୋଷ କୋରୁଆ ଲୋକନାଥ ମହାବିଦ୍ୟାଳୟରେ ଯୁକ୍ତ ୨ କଳା ଛାତ୍ର ଅଟନ୍ତି। ସେ ବିଲରୁ ଘରକୁ ଫେରୁଥିବା ସମୟରେ ବଜ୍ରପାତ ହୋଇଥିଲା। ସେଠାରେ ସେ ଟଳି ପଡିଥିଲେ। ପୂର୍ଣ୍ଣଚନ୍ଦ୍ର ଘର ଛାତ ଉପରେ ମୁଗ ଅମଳ କରୁଥିବା ବେଳେ ବଜ୍ରପାତ ହେବାରୁ ସେ ଟଳି ପଡ଼ିଥିଲେ। ସେହିପରି ଶିବପ୍ରସାଦ ବିଲରେ ମୁଗ ଉପାଡୁ ଥିଲେ, ହଠାତ ବର୍ଷା ହେବାରୁ ନିକଟସ୍ଥ କଇଁଥ ଗଛ ତଳେ ଆଶ୍ରୟ ନେଇଥିଲେ। ବଜ୍ରପାତ ହେବାରୁ ସେଠାରେ ସେ ଟଳି ପଡ଼ିଥିଲେ। ୩ ଜଣଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ☞ପୃଷ୍ଠା-୧୨

# ସୀମାନ୍ତରୁ ୭ ମାଓବାଦୀ ଗିରଫ

ମାଲକାନଗିରି, ୧୬।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମାରେ ତଲାସି ଅଭିଯାନ ସମୟରେ ଯବାନମାନେ ବିଭିନ୍ନ ଜଙ୍ଗଲରୁ ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ସମେତ ମୋଟ ୭ ମାଓବାଦୀଙ୍କୁ ଗିରଫ କରିବା ସହ ବିସ୍ଫୋରକ ଏବଂ ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି।

ସୂଚନା ଅନୁଯାୟୀ, ଛତିଶଗଡ ସୁକୁମା ଜିଲାରେ ଚାଲିଥିବା ମାଓବାଦୀ ବିଲୋପ ଅଭିଯାନ ଅଧୀନରେ କୋବ୍ରା ୨୦୮ ବାହିନୀ ଏବଂ ଡିଆର୍‌ଜି ଯବାନମାନେ ମିଳିତ ଭାବେ ମେଟାଗୁଡା, ପାଲାଚାଲମା ଏବଂ ଏହାର ଆଖପାଖ ଅଞ୍ଚଳକୁ ଯାଇ ତଲାସି କରିଥିଲେ। ଏହି ସମୟରେ ମେଟାଗୁଡା ଗ୍ରାମ ନିକଟ ଜଙ୍ଗଲରେ ଲୁଚି ରହିଥିବା ୨ ମାଓବାଦୀ ଏବଂ ଡୋରାମୁଙ୍ଗା ଜଙ୍ଗଲରେ ଲୁଚି ରହିଥିବା ୫ ଜଣ ମାଓବାଦୀଙ୍କୁ ଗିରଫ କରିଥିଲେ। ଯବାନମାନେ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ବାରୁଦ, ୩ କିଗ୍ରା ଓଜନର ଆଇଇଡି ବୋମା, ଗୋଟିଏ ୮ କିଗ୍ରା ☞ପୃଷ୍ଠା-୧୧









# କଂଗ୍ରେସ ବିରୋଧରେ ଆମୀର କଲେ ମାମଲା

**ଡିପ୍‌ଫେକ୍ ଭିଡିଓ**

ମୁମ୍ବାଇ, ୧୬।୪

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଜରିଆରେ ବଲିଉଡ୍ ଅଭିନେତା ଆମୀର ଖାନ୍‌ଙ୍କ ପୁରୁଣା ଭିଡିଓକୁ ବ୍ୟବହାର କରାଯାଇ ଭାଜପା ବିରୋଧରେ ଏକ ବିଜ୍ଞାପନ ପ୍ରସ୍ତୁତ କରାଯାଇଛି। ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ଏହି ଡିପ୍‌ଫେକ୍‌ଭିଡିଓ ଭାଇରାଲ ହେବା ପରେ ମଙ୍ଗଳବାର ସେ କଂଗ୍ରେସ ବିରୋଧରେ ଏତଲା ଦେଇଛନ୍ତି।

୨୦୧୪ ଲୋକ ସଭା ନିର୍ବାଚନ ପୂର୍ବରୁ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା କ୍ଷମତାକୁ ଆସିଲେ ସୁଇସ୍ ବ୍ୟାଙ୍କରୁ କଳାଧନ ଫେରାଇ ଆଣି ପ୍ରତ୍ୟେକ



**ଆକାଉଣ୍ଟରେ ୧୫ ଲକ୍ଷ ଜମା ପ୍ରତିଶ୍ରୁତି ପୁଣି ଚର୍ଚ୍ଚାରେ**

ଭାରତୀୟଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଲେଖାଏ ଜମା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କଳାଧନ ଆଣିବା ତ ଦୂରର କଥା, ସୁଇସ୍ ବ୍ୟାଙ୍କରେ ଭାରତୀୟଙ୍କ କେତେ କଳାଧନ ଅଛି ତାହା ମଧ୍ୟ ପ୍ରଘଟ ହୋଇପାରିଲା ନାହିଁ। ଗତ ୧୦ ବର୍ଷ ମଧ୍ୟରେ ଅନେକ ଥର ଏହି ପ୍ରସଙ୍ଗ ଉଠିଥିଲେ ମଧ୍ୟ ଭାଜପା କିମ୍ବା ପ୍ରଧାନମନ୍ତ୍ରୀ ମୋଦିଙ୍କ ପକ୍ଷରୁ କୌଣସି ଉତ୍ତର ଆସିନାହିଁ। ଇତିମଧ୍ୟରେ ୨୦୨୪ ଲୋକ ସଭା ନିର୍ବାଚନକୁ କିଛି ଦିନ ବାକି ଥିବାବେଳେ ବଲିଉଡ୍ ଅଭିନେତା ଆମୀର ଖାନ୍‌ଙ୍କ ଏକ ଡିପ୍‌ଫେକ୍ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ☞ପୃଷ୍ଠା-୧୧

# ମୁଁ କେଜ୍‌ରିୱାଲ, ଆତଙ୍କବାଦୀ ନୁହେଁ

ନୂଆଦିଲ୍ଲୀ, ୧୬।୪

ମୋ ନାମ ଅରବିନ୍ଦ କେଜ୍‌ରିୱାଲ। ମୁଁ ଆତଙ୍କବାଦୀ ନୁହେଁ। ଏହା ହେଉଛି ତିହାର ଜେଲରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା, ଯାହାକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ମଙ୍ଗଳବାର ପଢ଼ି ଶୁଣାଇଛନ୍ତି।

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଆପ୍ ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲଙ୍କ ପ୍ରତି



ଭାଜପାର ଆଚରଣକୁ ସଞ୍ଜୟ ନିନ୍ଦା କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି, ଭାଜପା ମନ୍ଦ ଉଦ୍ଦେଶ୍ୟ ରଖି ଓ ପ୍ରତିଶୋଧ ପରାୟଣ ହୋଇ ତାଙ୍କୁ ଜେଲରେ ରଖିଛି। ☞ପୃଷ୍ଠା-୧୨

## ସଂକ୍ଷେପରେ

### ଡଙ୍ଗା ବୁଡ଼ି ୬ ମୃତ

**ଶ୍ରୀନଗର, ୧୬।୪:** ଜମ୍ମୁ-କଶ୍ମୀରର ଗନ୍ଦବାଲ ନୌଗାମ ନିକଟସ୍ଥ ଝେଲମ ନଦୀରେ ମଙ୍ଗଳବାର ଏକ ବଡ଼ ଦୁର୍ଘଟଣା ଘଟିଯାଇଛି। ଝେଲମ ନଦୀରେ ଏକ ଡଙ୍ଗା ଓଲଟି ପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେଥିମଧ୍ୟରେ ୪ ଜଣ ଶିଶୁ ରହିଛନ୍ତି। ଉକ୍ତ ଡଙ୍ଗାରେ ୧୫ ଜଣ ବ୍ୟକ୍ତି ଯାଉଥିବାବେଳେ ସେଥିରେ ଅଧିକାଂଶ ଶିଶୁ ରହିଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବଳ (ଏସ୍‌ଡିଆର୍‌ଏଫ୍) ପହଞ୍ଚି ୬ ଜଣଙ୍କୁ ଜୀବିତ ଉଦ୍ଧାର କରିଥିବା ବେଳେ ସେମାନଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ଏବେ ମଧ୍ୟ ଡଙ୍ଗାରେ ଥିବା ୩ ଜଣ ନିଖୋଜ ରହିଛନ୍ତି। ତେବେ ଗତ କିଛି ଦିନ ଧରି ଏହି ଅଞ୍ଚଳରେ ଲଗାଣ ବର୍ଷା ହେବା କାରଣରୁ ଝେଲମ ନଦୀର ଜଳସ୍ତରରେ ବୃଦ୍ଧି ଘଟିଥିଲା, ଯାହା ଡଙ୍ଗା ଓଲଟିବାର କାରଣ ହୋଇଥିବା ଆଶଙ୍କା କରାଯାଉଛି।

### ରାମନବମୀ ପାଇଁ ମୋଦି-ଦିଦି ମୁହାଁମୁହିଁ

**କୋଲକାତା, ୧୬।୪:** ପଶ୍ଚିମବଙ୍ଗର ହାଓଡାରେ ବୁଧବାର ପାଳନ ହେବାକୁ ଥିବା ରାମନବମୀ ଉତ୍ସବକୁ ନେଇ ରାଜନୀତି ଆରମ୍ଭ ହୋଇଛି। ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି)ର ଶୋଭାଯାତ୍ରାକୁ ସୋମବାର କାଲକାଟା ହାଇକୋର୍ଟ ଅନୁମତି ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ସତ୍ୟର ବିଜୟ ଅଭିହିତ କରି ଷଡ଼ଯନ୍ତ୍ରକାରୀଙ୍କୁ କଡ଼ା ଜବାବ ମିଳିଥିବା କହିଛନ୍ତି। ଟିଏମ୍‌ସି ଲଗାତର ଭାବେ ରାମ ନବମୀ ଶୋଭାଯାତ୍ରାକୁ ବନ୍ଦ କରିବା ପାଇଁ ଉଦ୍ୟମ କରିଥିବା ମୋଦି ଅଭିଯୋଗ ଆଣିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାର ଜବାବରେ କହିଛନ୍ତି, ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା ସାମ୍ପ୍ରଦାୟିକ ମାହୋଲକୁ ବିଗାଡୁଛି। ଦଙ୍ଗା ସ୍ଥିତି ସୃଷ୍ଟି ହେଲେ, ଭାଜପା ଦାୟୀ ରହିବ।



ଡେନ୍‌ମାର୍କର କୋପେନ୍‌ହାଗେନ୍‌ସ୍ଥିତ ଓଲ୍ଡ ଷ୍ଟକ୍ ଏକ୍ସଚେଞ୍ଜରେ ମଙ୍ଗଳବାର ନିଆଁ ଲାଗିଛି। ସପ୍ତଦଶ ଶତାବ୍ଦୀରେ ନିର୍ମିତ ତଥା ବୋଏର୍ସେନ୍ ନାମରେ ପରିଚିତ ଏହି ବିଲ୍ଡିଂ ଏକଦା ଦେଶର ଆର୍ଥିକ ପ୍ରାଣକେନ୍ଦ୍ର ଥିଲା।

# ବ୍ୟବସ୍ଥା ବିଗାଡ଼ିବାକୁ ଉଦ୍ୟମ କରନାହିଁ

**ଭିଭିପିଏଟି ଯାଞ୍ଚ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ**

ନୂଆଦିଲ୍ଲୀ,୧୬।୪

ନିର୍ବାଚନ ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଜାଲିଆତି ନେଇ ଅଭିଯୋଗ ବଢ଼ିବାରେ ଲାଗିଛି। ଇଭିଏମ୍ ସହ ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି)ର ୧୦୦ ପ୍ରତିଶତ ପେପର୍ ସ୍ଲିପ୍‌କୁ ମେଳ କଲେ ଗୁପ୍ତ ମତଦାନ ବ୍ୟବସ୍ଥାରେ ରହିଥିବା ତ୍ରୁଟିକୁ ସୁଧାରିହେବ ବୋଲି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଛି। ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଏହାର ଶୁଣାଣି କରି ଇଭିଏମ୍ ସମାଲୋଚକଙ୍କୁ କହିଛନ୍ତି, ବ୍ୟବସ୍ଥା ବିଗାଡ଼ିବାକୁ ଉଦ୍ୟମ କରନ୍ତୁ ନାହିଁ। ପୂର୍ବରୁ ବାଲଟ୍ ପେପର ଜରିଆରେ ମତଦାନ କରାଯାଉଥିବାବେଳେ କିପରି ବହୁଳ ଭାବେ ବୁଥ୍ କ୍ୟାପ୍ଚରିଂ ହେଉଥିଲା ତାକୁ ସ୍ମରଣ କରିବାକୁ ଅଦାଲତ କହିଛନ୍ତି।

ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଶୁଣାଣି ବେଳେ ଜଣେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଯୁକ୍ତି ବାଢ଼ିଥିଲେ, ଇଭିଏମ୍ ବ୍ୟବସ୍ଥା ଖରାପ ବୋଲି ଆମେ କହୁନାହୁଁ। ମୂଳ କଥା ହେଉଛି, ଭୋଟର ମତଦାନ କରିବା ପରେ ଯାହାଙ୍କୁ ଭୋଟ ଦେଇଛନ୍ତି, ସେହି ପ୍ରାର୍ଥୀଙ୍କ ସପକ୍ଷରେ ତାଙ୍କ ମତ ଯାଇଛି କି ନାହିଁ ତାହା ସନ୍ଦେହରେ ରହୁଛି। ସେହିପରି ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଲଢୁଥିବା ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ିଥିଲେ, ପୂର୍ବରୁ ଇଭିଏମ୍ ଜରିଆରେ ଭୋଟିଂ କରାଉଥିବା ଅଧିକାଂଶ ୟୁରୋପୀୟ ରାଷ୍ଟ୍ର ପୁଣି ବାଲଟ୍ ପେପରକୁ ଫେରିଲେଣି। ଆମେ ମଧ୍ୟ ଦେଶରେ ପେପର ବାଲଟ୍ ବ୍ୟବସ୍ଥାକୁ ଫେରିପାରିବା। ଅନ୍ୟ ଏକ ବିକଳ୍ପ ହେଉଛି, ମତଦାତାଙ୍କୁ ସେମାନଙ୍କ ଭିଭିପିଏଟି ସ୍ଲିପ୍ ପ୍ରଦାନ କରିବା। ଏହି ବ୍ୟବସ୍ଥାରେ ସ୍ୱଚ୍ଛତା ରହିବା ଜରୁରୀ ବୋଲି ସେ କହିଥିଲେ। ଏପରିକି ଜର୍ମାନୀରେ ଏଭଳି କରାଯାଉଥିବା ସେ ଉଦାହରଣ ଦେଇଥିଲେ। ଏହା ଶୁଣିବା ପରେ ଜଷ୍ଟିସ୍ ଖାନ୍ନା କହିଥିଲେ, ଆମକୁ ୬୦ ଉପର ହେଲାଣି। ବାଲଟ୍ ପେପରରେ ଭୋଟିଂ ବେଳେ କ'ଣ ସବୁ ହେଉଥିଲା ଆମେ ଜାଣିଛୁ। ତାକୁ ଭୁଲିନାହୁଁ। ଜର୍ମାନୀରେ ୬ କୋଟି ଭୋଟର ଥିବାବେଳେ ଭାରତରେ ମତଦାତାଙ୍କ ସଂଖ୍ୟା ୯୭ କୋଟି। ୬୦ କୋଟି ଭିଭିପିଏଟି ସ୍ଲିପ୍‌କୁ ଗଣତି କରାଯିବା ଉଚିତ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।



# ନ୍ୟାୟିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବୁନି: ଇସି

ନୂଆଦିଲ୍ଲୀ,୧୬।୪

**୨୦୦ ଅଭିଯୋଗ ମଧ୍ୟରୁ ୧୬୯ରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି**

ସରକାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର (ଆଇଟି) ବିଭାଗ ଭଳି ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରି ବିରୋଧୀ ନେତାମାନଙ୍କୁ ହଇରାଣ କରୁଥିବା ନେଇ ଅଭିଯୋଗ ବଢ଼ିବାରେ ଲାଗିଛି। ବିଶେଷକରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଗିରଫଦାରି ପରେ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ନେତାମାନେ ଏଭଳି ଅଭିଯୋଗ ଆଣି ନିର୍ବାଚନ କମିଶନ (ଇସି)ଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏନେଇ ଇସି ମଙ୍ଗଳବାର ଏକ ବିବୃତି ଜାରି କରି ନିଜ ମତ ରଖିଛନ୍ତି। କମିଶନ କହିଛନ୍ତି, ନିର୍ବାଚନ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ନେଇ ଇସି ପ୍ରତିଶ୍ରୁତିବଦ୍ଧ। କିନ୍ତୁ ଆଇନଗତ ଓ ନ୍ୟାୟିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିପାରିବେ ନାହିଁ। ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଇସି ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ମାର୍ଚ୍ଚ ୧୬ରୁ ଅଦ୍ୟାବଧି ସାରା ଦେଶରେ ବିଭିନ୍ନ ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରାୟ ୨୦୦ ଅଭିଯୋଗ ଇସିଙ୍କ ନିକଟରେ ଦାଖଲ ହୋଇଛି। ସେଥିରୁ ୧୬୯ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭାଜପା ପକ୍ଷରୁ ୫୧ ଅଭିଯୋଗ ହୋଇଥିବାବେଳେ ସେଥିରୁ ୩୮ଟିରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସେହିପରି କଂଗ୍ରେସ ୫୯ ଅଭିଯୋଗ କରିଥିବାବେଳେ ୫୧ଟିରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅନ୍ୟ ଦଳଗୁଡ଼ିକ ୯୦ ଅଭିଯୋଗ କରିଥିବାବେଳେ ଇସି ୮୦ ମାମଲାରେ କାର୍ଯ୍ୟାନୁଷ୍ଠାନ ନେଇଥିବା ସୂଚନା ଦିଆଯାଇଛି।

# ରାମଦେବ ଏଲୋପାଥିକୁ ନ୍ୟୂନ ଦର୍ଶାଇପାରିବେ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬।୪

ପତଞ୍ଜଳିର ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ଯୋଗଗୁରୁ ରାମଦେବ ମଙ୍ଗଳବାର ସୁପ୍ରିମକୋର୍ଟରେ ପୁଣି ଥରେ କ୍ଷମା ମାଗିବା ସହ ଭବିଷ୍ୟତରେ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶୁଣାଣି ବେଳେ ରାମଦେବ ଓ ପତଞ୍ଜଳି ଆୟୁର୍ବେଦ ଲିଃ ପରିଚାଳନା ନିର୍ଦ୍ଦେଶକ ବାଲକ୍ରିଷ୍ଣା କୋର୍ଟଙ୍କ ନିର୍ଦ୍ଦେଶନାମାର ଉଲ୍ଲଂଘନ କରିଥିବା ବିଜୟ ସ୍ୱୀକାର କରିଥିଲେ। ଏଥିସହ ସର୍ବସାଧାରଣରେ କ୍ଷମା ମାଗିବା ସମେତ ସ୍ୱେଚ୍ଛାକୃତ ଭାବେ ନିଜ ଭୁଲ୍ ସୁଧାରିବାକୁ ଅନୁମତି ପ୍ରଦାନ କରାଯାଉ ବୋଲି ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ଜଷ୍ଟିସ୍ ହିମା କୋହଲି ଏବଂ ଏ. ଅମାନୁଲ୍ଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ପତଞ୍ଜଳି ପ୍ରତିଷ୍ଠାତାଙ୍କୁ କହିଥିଲେ, ଯୋଗ ପ୍ରତି ଆପଣଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଯୋଗ ପାଇଁ ଆପଣ ଯାହା କରିଛନ୍ତି, ତାକୁ ଆମେ ସମ୍ମାନ ଦେଉଛୁ। କିନ୍ତୁ ଏଲୋପାଥି ଭଳି ଅନ୍ୟ ମେଡିସିନ୍‌କୁ ଆପଣ ନ୍ୟୂନ ଦର୍ଶାଇପାରିବେ ନାହିଁ। ଆଇନ ସମସ୍ତଙ୍କ କ୍ଷେତ୍ରରେ ସମାନ ରୂପେ ଲାଗୁ ହେବ। ରାମଦେବ କହିଥିଲେ, ଏନେଇ ସେ ଭବିଷ୍ୟତରେ ସତର୍କ ଓ ଯତ୍ନବାନ ହେବେ।

# ସଲମାନଙ୍କୁ ହତ୍ୟା ପାଇଁ ଚଳାଇଥିଲେ ଗୁଳି



ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ମଙ୍ଗଳବାର ତାଙ୍କ ବାନ୍ଦ୍ରା ସ୍ଥିତ ବାସଭାବନରେ ସାକ୍ଷାତ କରୁଛନ୍ତି।

ମୁମ୍ବାଇ, ୧୬।୪

ବଲିଉଡ୍ ଅଭିନେତା ସଲମାନ ଖାନ୍‌ଙ୍କ ଘର ସାମ୍ନାରେ ଗୁଳି ଚାଳନା ମାମଲାରେ ଅଭିଯୁକ୍ତ ଭିକି ଗୁପ୍ତା ଓ ସାଗର ପାଲ୍‌ଙ୍କୁ ୧୦ ଦିନିଆ ପୋଲିସ ରିମାଣ୍ଡରେ ମୁମ୍ବାଇର ଏକ ସ୍ଥାନୀୟ କୋର୍ଟ ପଠାଇଛି। ବିହାରର ଏହି ୨ ଅଭିଯୁକ୍ତଙ୍କୁ ଗୋଇନ୍ଦା ତଥ୍ୟ ଆଧାରରେ ସୋମବାର ବିଳମ୍ବିତ ରାତିରେ ଅହମଦାବାଦ ପୋଲିସ ଗୁଜରାଟର କଚ୍ଛରୁ ଗିରଫ କରି ମୁମ୍ବାଇ ପୋଲିସ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲା। ତେବେ କ୍ରାଇମବ୍ରାଞ୍ଚ ଏହି ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଙ୍କ ନିକଟରେ ହାଜର କରିଥିଲା। ଘଟଣା ସମୟରେ ଭିକି ବାଇକ ଚଲାଉଥିବାବେଳେ ସାଗର ପଛରେ ବସିଥିଲେ। ସଲମାନଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ସାଗର ଗୁଳି ଚାଳନା କରିଥିବା ମୁମ୍ବାଇ କ୍ରାଇମବ୍ରାଞ୍ଚ ପୋଲିସ କୋର୍ଟଙ୍କ ସମ୍ମୁଖରେ ବୟାନ ରଖିଛନ୍ତି। ସଲମାନଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତ ସାଗର ଗୁଳି ଚାଳନା କରିଥିବା କୋର୍ଟଙ୍କ ନିକଟରେ କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିଛି। ତେବେ ଷଡ଼ଯନ୍ତ୍ରକୁ ପ୍ରଘଟ କରିବା ସହ ଘଟଣା ପଛର ମାଷ୍ଟର ମାଇଣ୍ଡକୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ପଚରାଉଚରା ପାଇଁ ଉଭୟ ଅଭିଯୁକ୍ତଙ୍କୁ ୧୪ ଦିନ ରିମାଣ୍ଡରେ ନେବା ପାଇଁ କ୍ରାଇମବ୍ରାଞ୍ଚ ଆବେଦନ କରିଥିଲା। ତେବେ ୨ ଅଭିଯୁକ୍ତଙ୍କୁ ଆସନ୍ତା ଏପ୍ରିଲ ୨୫ ପର୍ଯ୍ୟନ୍ତ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଅଭିନେତାଙ୍କୁ ଭେଟିଲେ ଶିନ୍ଦେ

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ବଲିଉଡ ଅଭିନେତା ସଲମାନ ଖାନଙ୍କୁ ମଙ୍ଗଳବାର ତାଙ୍କ ବାନ୍ଦ୍ରା ସ୍ଥିତ ବାସଭବନରେ ସକ୍ଷାତ କରିଛନ୍ତି। ଏହି ଅବସରରେ ସେ ସଲମାନଙ୍କ ପିତା ସଲିମ ଖାନ୍ ଅନ୍ୟ ପରିବାର ବର୍ଗଙ୍କ ସହ ଆଲୋଚନା କରିଛନ୍ତି। ସଲମାନ ଓ ତାଙ୍କ ପରିବାରର ସୁରକ୍ଷା ବ୍ୟବସ୍ଥାରେ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି। ମହାରାଷ୍ଟ୍ର ସରକାର ସଲମାନ ଓ ତାଙ୍କ ପରିବାର ସହ ରହିଛନ୍ତି ଏବଂ ସଲମାନଙ୍କ ସୁରକ୍ଷା ରାଜ୍ୟ ସରକାରଙ୍କ ଦାୟିତ୍ୱ ହୋଇଥିବା ଶିନ୍ଦେ କହିଛନ୍ତି। ଘଟଣାର ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଲମାନଙ୍କ ପରିବାରକୁ ଶିନ୍ଦେ ଆଶ୍ୱାସନା ଦେଇଛନ୍ତି।

# ହୋଟେଲ ଉଦ୍ୟୋଗରେ ତିହାରର ୭୦୦ କଏଦୀ ନିଯୁକ୍ତ



ନୂଆଦିଲ୍ଲୀ, ୧୬।୪

ତିହାର ଜେଲ୍‌ର ପ୍ରାୟ ୭୦୦ କଏଦୀ ହୋଟେଲ ଉଦ୍ୟୋଗରେ ନିଯୁକ୍ତି ପାଇଛନ୍ତି। ସେହିପରି ୧୨୦୦ରୁ ଅଧିକ କଏଦୀ ଜେଲରୁ ମୁକୁଳିବା ପରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ପ୍ରଶିକ୍ଷଣ ନେଉଛନ୍ତି। ୧୯୮୯ ବ୍ୟାଚର ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ତିହାର ଜେଲର ମହାନିର୍ଦ୍ଦେଶକ ସଞ୍ଜୟ ବେନିୱାଲ ଏନେଇ ମଙ୍ଗଳବାର ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରଣାଳୟର ସହଯୋଗରେ ଜେଲ ମଧ୍ୟରେ କୌଶଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଅନୁସାରେ ୭୦୦ରୁ ଊର୍ଦ୍ଧ୍ୱ କଏଦୀ ହୋଟେଲ ଉଦ୍ୟୋଗ କ୍ଷେତ୍ରରେ ନିଯୁକ୍ତି ପାଇଥିବା ବେଳେ ୧୨୦୦ରୁ ଅଧିକ କଏଦୀ ମେଡିକାଲରେ ନିଯୁକ୍ତି ପାଇବା ପାଇଁ ପ୍ରଶିକ୍ଷଣ ନେଉଛନ୍ତି। ବିଚାରାଧୀନ କଏଦୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ୨୦୨୩ ପ୍ରାରମ୍ଭରୁ ଜେଲ୍ ମଧ୍ୟରେ ଆବଶ୍ୟକ ଭିତ୍ତିଭୂମି ପ୍ରଦାନ କରାଯାଉଥିବା ସେ କହିଛନ୍ତି। ସେହିପରି ଜେଲରେ କଏଦୀ ମାନଙ୍କର ଆଧ୍ୟାତ୍ମିକ ଚେତନା ଜାଗ୍ରତ ପାଇଁ ଅନେକ ପ୍ରକାରର କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ କଏଦୀମାନଙ୍କ ଉପରେ ପଡୁଥିବା ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହାଦ୍ୱାରା କଏଦୀମାନେ ନିଜ ଭୁଲ ସମ୍ପର୍କରେ ଲେଖିବା ସହ ଜେଲ୍‌ରୁ ମୁକୁଳିବା ପରେ ଆଉ କେବେ ମଧ୍ୟ କୌଣସି ଅପରାଧ କରିବେ ନାହିଁ ବୋଲି ଶପଥ ନେଉଥିବା ବେନିୱାଲ କହିଛନ୍ତି।୨୦୨୨ ନଭେମ୍ବରରେ ତିହାର ଜେଲ୍‌ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ବେନିୱାଲ ଜେଲଦଣ୍ଡ ସରିବା ପରେ କଏଦୀମାନଙ୍କୁ ନିଯୁକ୍ତି ମିଳୁଥିବା ଖବରପାଇ ଖୁସିବ୍ୟକ୍ତ କରିଛନ୍ତି।



# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

## ଭତ୍ତାଟଙ୍କା ଆଣିବାକୁ ଯାଇଥିଲେ

ରେଢାଖୋଲ,୧୬।୪ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ମୋଚିବାହାଲ ପଞ୍ଚାୟତକୁ ଭତ୍ତା ଟଙ୍କା ପାଇଁ ଆସିଥିବା ଜଣେ ବୃଦ୍ଧଙ୍କ ମଙ୍ଗଳବାର ଆକସ୍ମିକ ମୃତ୍ୟୁ ହୋଇଛି। ମୃତକ ହେଲେ ସାଇବେର୍ଣ୍ଣ ଗ୍ରାମର ସନ୍ତୋଷ ମହାନନ୍ଦ (୭୨)। ପରିବାର ପକ୍ଷରୁ ତାଙ୍କ ଜ୍ୱାଇଁ ବାସୁଦେବ ବୁଡା ଅଂଶୁଘାତରେ ସନ୍ତୋଷଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ଚାରମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୪) ରୁଜୁ ହୋଇଛି। ସୂଚନାମତେ ସନ୍ତୋଷ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଭତ୍ତାଟଙ୍କା ପାଇଁ ମୋଚିବାହାଳ ପଞ୍ଚାୟତ ଅଫିସକୁ ଯାଇଥିଲେ। ଭତ୍ତାଟଙ୍କା ପାଇବା ପରେ ସେ ଚାଲି ଚାଲି ମୋଚିବାହାଳ ଛକକୁ ଆସି ବସୁଥିବାବେଳେ ହଠାତ୍ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚାରମାଳ ପ୍ରାଥମିକ ଚିକିତ୍ସାକେନ୍ଦ୍ରକୁ ଆଣିଥିଲେ। ଗୁରୁତର ଥିବାରୁ ସେଠାରୁ ତାଙ୍କୁ ରେଢାଖୋଲ ଉପଖଣ୍ଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।




# କୋର୍ଟ ଦ୍ୱିତୀୟ ମହଲାରୁ ଡେଇଁଲେ କଏଦୀ

ଝାରସୁଗୁଡ଼ା, ୧୬।୪ (ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ଦୌରାଜଜ୍ କୋର୍ଟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅଦାଲତର ଦ୍ୱିତୀୟ ମହଲାରୁ ଡେଇଁ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏ ସମ୍ପର୍କିତ ଏକ ଭିଡ଼ିଓ ଏବେ ଭାଇରାଲ ହେବାରେ ଲାଗିଛି। ଅଭିଯୁକ୍ତ ଜଣକ ହେଉଛନ୍ତି ବେଲପାହାଡ଼ ଥାନା ଅନ୍ତର୍ଗତ ଜୁନାଡିହି ଗ୍ରାମର ସନାତନ ସିଂ। ସୂଚନାକ୍ରମେ ସନାତନ ୨୦୨୨ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ୨୦୨୩ରେ ସନାତନଙ୍କୁ ପୋଲିସ ପୋକ୍‌ସୋ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଝାରସୁଗୁଡ଼ା ଉପକାରାଗାରକୁ ପଠାଇ ଦିଆଯାଇଥିଲା। ମଙ୍ଗଳବାର ଶୁଣାଣି ରହିଥିବାରୁ କଡା ସୁରକ୍ଷା ମଧ୍ୟରେ ତାଙ୍କୁ କୋର୍ଟକୁ ଅଣାଯାଇଥିଲା। ଦ୍ୱିତୀୟ ମହଲାରେ କୋର୍ଟ ପ୍ରକ୍ରିୟା ଚାଲୁଥିବା ବେଳେ ହଠାତ୍ ସନାତନ ତଳକୁ ଡେଇଁପଡିଥିଲେ। ଆହତ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କୋର୍ଟ ପରିସରରେ ପୋଲିସ ମୁତୟନ ଥିବା ସତ୍ତ୍ୱେ ଏପରି ଏକ ଘଟଣା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଭାଜପା ୨ୟ ପର୍ଯ୍ୟାୟ ୨୧ ବିଧାନସଭା ପ୍ରାର୍ଥୀ ତାଲିକା

| | |
|---|---|
| ରାଉରକେଲା | ଦିଲୀପ ରାୟ |
| ପାଟଣା | ଅଖିଳ ଚନ୍ଦ୍ର ନାୟକ |
| ସାରସକଣା | ଭାଦବ ହାଂସଦା |
| ରାଇରଙ୍ଗପୁର | ଜୋଲେନ ବର୍ଡା |
| ବାଙ୍ଗିରିପୋଷି | ସଞ୍ଜଲି ମୁର୍ମୁ |
| କରଞ୍ଜିଆ | ପଦ୍ମଚରଣ ହାଇବ୍ରୁ |
| ଝରିଗାଁ | ନରସିଂହ ଭତ୍ରା |
| ଡାବୁଗାଁ | ସୋମନାଥ ପୂଜାରୀ |
| ରାଜନଗର | ଲଳିତ ବେହେରା |
| ବାଲିକୁଦା-ଏରସମା | ସତ୍ୟସାରଥି ମହାନ୍ତି |
| ଜଗତ୍‌ସିଂହପୁର | ଅମରେନ୍ଦ୍ର ଦାସ |
| କାକଟପୁର | ବାଇଧର ମଲ୍ଲିକ |
| ରଣପୁର | ସୁରମା ପାଢ଼ୀ |
| ସାନଖେମୁଣ୍ଡି | ଉତ୍ତମ କୁମାର ପାଣିଗ୍ରାହୀ |
| ମୋହନା | ପ୍ରଶାନ୍ତ ମଲ୍ଲିକ |
| ବିଷମକଟକ | ଜଗନ୍ନାଥ ନୁଣ୍ଡ୍ରୁକା |
| ରାୟଗଡ଼ା | ବସନ୍ତ କୁମାର ଉଲାକା |
| ଲକ୍ଷ୍ମୀପୁର | କୈଳାସ କୁଲେସିକା |
| କୋଟପାଡ଼ | ରୁପୁ ଭତ୍ରା |
| ପଟାଙ୍ଗି | ଚୈତନ୍ୟ ନନ୍ଦିବାଲି |
| ଚିତ୍ରକୋଣ୍ଡା | ଡମ୍ବରୁ ସିସା |

# ପରମ୍ପରା ପାଇଁ ଅଖଣ୍ଡ ଶିକାର

## ଜଙ୍ଗଲ ନଷ୍ଟ, ଗାଁ ମୁହାଁ ହେଉଛନ୍ତି ବନ୍ୟପ୍ରାଣୀ

କେନ୍ଦୁଝର,୧୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ମଧ୍ୟକୁ ମଙ୍ଗଳବାର ଏକ ରକ୍ତାକ୍ତ ମାଈ ବାର୍‌ହା ପଶି ଆସିଥିଲା। ଘଟଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିବା ବେଳେ ଜଙ୍ଗଲ ନଷ୍ଟ ଯୋଗୁ ବନ୍ୟପ୍ରାଣୀ ବାସହରା ହୋଇ ଖାଦ୍ୟ ଓ ପାଣି ପାଇଁ ଜନବସତି ମୁହାଁ ହେଉଛନ୍ତି। ଫଳରେ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଅନ୍ୟପକ୍ଷରେ ପାରମ୍ପରିକ ଅଖଣ୍ଡ ଶିକାର ଯୋଗୁ ବନ୍ୟପ୍ରାଣୀ ଭୟରେ ପଥଭ୍ରଷ୍ଟ ହୋଇ ଗାଁ, ସହରକୁ ପଳାଇ ଆସୁଥିବା ସନ୍ଦେହ ପ୍ରକାଶ ପାଉଛି।

ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ପାରମ୍ପରିକ ଅଖଣ୍ଡ ଶିକାର ପଣା ସଂକ୍ରାନ୍ତି ସମୟରେ ଅନୁଷ୍ଠିତ ହୋଇଥାଏ। ବିଭିନ୍ନ ଗ୍ରାମର ଲୋକେ ଦଳ ଦଳ ହୋଇ ପାରିଧି (ସମୂହ ଶିକାର) କରିବାକୁ ପାଖ ଜଙ୍ଗଲକୁ ଯାଇଥାନ୍ତି। ପାରମ୍ପରିକ ଠେଙ୍ଗା, ବାଡ଼ି, ଧନୁଶର, ଟାଙ୍ଗିଆ, ବାଲା ଆଦି ଧରି ଜଙ୍ଗଲକୁ ଯାଇ ହରିଣ, ବାର୍‌ହା, କୁଟୁରା, ଠେକୁଆ, ଜଙ୍ଗଲୀ କୁକୁଡ଼ା ଆଦି ଶିକାର କରିଥାନ୍ତି। ଏହାକୁ ଅଖଣ୍ଡ ଶିକାର କୁହାଯାଏ। ପରମ୍ପରା ଅନୁଯାୟୀ ଏହାକୁ ଗ୍ରାମକୁ ଆଣି କାଟି ଏହାର ମାଂସ ଭାଗ ବାଣ୍ଟି ଖାଇଥାନ୍ତି। ଅନେକ ଗ୍ରାମରେ ଗ୍ରାଣ୍ଡ ଭୋଜି ଆୟୋଜନ ହୋଇଥାଏ। ପରମ୍ପରା ବହୁ ଆଗରୁ ପ୍ରଚଳିତ ଥିଲେ ହେଁ ବନ୍ୟପ୍ରାଣୀ ଶିକାର ଉପରେ କଟକଣା ଥିବାରୁ ଏହା ଲୁଚାଛପାରେ ଚାଲିଛି। ପରିବେଶବିତ୍ ଡ. ବିମ୍ବାଧର ବେହେରା କହିଛନ୍ତି, ବିଶେଷକରି ପଣା ସଂକ୍ରାନ୍ତିରେ ସମୂହ ପଶୁ ଶିକାର ପରମ୍ପରା ବନ୍ୟପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ। ଏଥିପାଇଁ ପୂର୍ବରୁ ବନ ବିଭାଗ ସଚେତନ କରିବା ସହ ଆଇନଗତ ବ୍ୟବସ୍ଥା ବିଷୟରେ ଅବଗତ କରିବା କଥା। ଅଖଣ୍ଡ ଶିକାର ଉପରେ ତୀକ୍ଷ୍ଣ ନଜର ରଖିବା ଜରୁରୀ ହୋଇପଡ଼ିଛି। ପରିବେଶବିତ୍ ଭକ୍ତ ବତ୍ସଳ ମହାନ୍ତି କହିଛନ୍ତି, କେନ୍ଦୁଝର ସହର ଚାରି ପାଖରେ ଜଙ୍ଗଲ ଓ ପାହାଡ଼ ରହିଛି। ଜଙ୍ଗଲରେ ବିଭିନ୍ନ ପ୍ରକାର ବନ୍ୟପ୍ରାଣୀ ରହୁଛନ୍ତି। କେତେବେଳେ ପାଣି ସମସ୍ୟା, ଖାଦ୍ୟାଭାବ, ଶିକାର ଆଦି କାରଣରୁ ବନ୍ୟପ୍ରାଣୀ ସହର ଭିତରକୁ ଚାଲି ଆସୁଛନ୍ତି। ଫଳରେ ଦୁର୍ଘଟଣା, ଲୋକଙ୍କ ଆକ୍ରୋଶର ଶିକାର ହୋଇ ମୃତାହତ ହୋଇଥାନ୍ତି। ଏହାର ଫାଇଦା ଅନେକ ସମୟରେ ଶିକାରୀ ଉଠାଇଥାନ୍ତି। ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ବନ ବିଭାଗ ଅଧିକ ପ୍ରାଧାନ୍ୟ ଦେବା ଉଚିତ। ସେହିପରି ଚଳିତ ବର୍ଷ ପରମ୍ପରା ନାମରେ ଘର ଚଉରାରେ ପଣା ଦେବା ପାଇଁ ବହୁ ସଂଖ୍ୟାରେ ଶାଳ ଗଜା କଟାଯାଇଛି। ବନ ବିଭାଗର କଟକଣା ସତ୍ତ୍ୱେ ଏଭଳି କଟାଯାଇଥିବାରୁ ଅନେକ ହଜାର ସଂଖ୍ୟାରେ ଶାଳଗଛ ନଷ୍ଟ ହୋଇଥିବାରୁ ପରିବେଶବିତ୍‌ମାନେ ଚିନ୍ତା ବ୍ୟକ୍ତ କରୁଛନ୍ତି।

## ମେଡିସିନ ଷ୍ଟୋରରେ ପଶିଲା ବାର୍‌ହା

କେନ୍ଦୁଝର,୧୬।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ଭିତରକୁ ମଙ୍ଗଳବାର ଏକ ବାର୍‌ହା ପଶି ଆସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବାର୍‌ହାଟି ଏକ ମେଡିସନ ଷ୍ଟୋରରେ ପଶିଯାଇଥିଲା। ଦୀର୍ଘ ସମୟ କସରତ ପରେ ବନ ବିଭାଗ ତାକୁ ଉଦ୍ଧାର କରିଥିଲା। ଉଦ୍ଧାର ମାଈ ବାର୍‌ହାର ବୟସ ୬ ବର୍ଷ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ବାର୍‌ହା ଦେଖିବାକୁ ପାର୍କ ଲାଇନ ରାସ୍ତାରେ ଭିଡ଼ ଜମିବାରୁ ଯାତାୟାତ ବ୍ୟାହତ ହୋଇଥିଲା।

ସୂଚନା ଅନୁଯାୟୀ, ବାର୍‌ହାଟି ସକାଳ ସମୟରେ କ୍ଷତାକ୍ତ ଅବସ୍ଥାରେ ଜିଲା ଜଜ୍ କୋର୍ଟ ନିକଟରେ ବୁଲୁଥିଲା। ସକାଳ ୯ଟାରେ ମାର୍କେଟ କମ୍ପ୍ଲେକ୍ସରେ ଥିବା ଆପୋଲୋ ମେଡିସିନ ଦୋକାନରେ ପଶିଯାଇଥିଲା। ଦୋକାନରେ ଥିବା ୩ ଜଣ ଫାର୍ମାସିଷ୍ଟ ଦେବାଶିଷ ମହାନ୍ତ, ଜିତେନ୍ଦ୍ର ମହାନ୍ତ, ଶାନ୍ତିସ୍ୱରୂପ ଦାସ ଭୟଭୀତ ଅବସ୍ଥାରେ ବାହାରି ଆସି ଶଟର ପକାଇ ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀ ବନ୍ୟପ୍ରାଣୀ ଉଦ୍ଧାର ଗାଡ଼ି (ରକ୍ଷକ) ଆଣି କ୍ଷତାକ୍ତ ବାର୍‌ହାକୁ ସୁରକ୍ଷିତଭାବେ ଉଦ୍ଧାରକରି ପୁରୁଣା ସହର ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ଏସିଏଫ୍ ଜିତେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସଦର ରେଞ୍ଜର କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ବାର୍‌ହା ଦୋକାନରେ ପଶିଥିବା ଖବର ଶୁଣି ଶହ ଶହ ଲୋକ ରୁଣ୍ଡହୋଇଯାଇଥିଲେ। ବାର୍‌ହା ଉଦ୍ଧାର ଦେଖିବା ସହ ମୋବାଇଲରେ ଭିଡିଓ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ। ବାର୍‌ହାଟି କେଉଁ ଜଙ୍ଗଲରୁ ଆସିଛି ଜଣା ପଡ଼ ନ ଥିଲେ ମଧ୍ୟ କୋଡ଼ିପଶା ବାରାସ ଡିପିଏଫ୍ ଜଙ୍ଗଲରୁ ଆସିଥିବା ସନ୍ଦେହ କରାଯାଉଛି। ଚିକିତ୍ସା ପରେ ବାର୍‌ହାକୁ ସିଦ୍ଧମଠ ଡିପିଏଫ୍‌ରେ ଛାଡ଼ି ଦିଆଯାଇଛି। ବାର୍‌ହାଟି ଲୋକଙ୍କ ଆକ୍ରୋଶର ଶିକାର କିମ୍ବା ରାସ୍ତା ପାର ହେବା ବେଳେ ଗାଡ଼ି ଧକ୍କାରେ ମୁହଁରେ ଗଭୀର ଆଘାତ ଲାଗିଥାଏପାରେ। ପ୍ରାଥମିକ ଚିକିତ୍ସା ପରେ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଏସିଏଫ୍ ସୂଚନା ଦେଇଛନ୍ତି।





*ନିୟମ ଏବଂ ସର୍ତ୍ତାବଳୀ ଲାଗୁ | ଚିତ୍ର ଦର୍ଶାଯାଇଥିବା ଉତ୍ପାଦ ବଜାରରେ ଉପଲବ୍ଧ ବାସ୍ତବିକ ଉତ୍ପାଦଠାରୁ ଭିନ୍ନ ହୋଇପାରେ। ଉତ୍ପାଦରେ ଦର୍ଶାଯାଇଥିବା ଆସେସୋରିଜ୍ ସାଧାରଣ ଉପକରଣର ଅଂଶବିଶେଷ ନୁହେଁ।
ଡାଉନ ପେମେଣ୍ଟ 1999* | ନ୍ୟୁନତମ EMI ₹1999* | ନ୍ୟୁନତମ ସୁଧ ହାର @ 9.99%* | ବିନା ହାଇପୋଥିକେଶନ*
ଡିଲର ବିବରଣୀ ଜାଣିବା ପାଇଁ 7230032200 ରେ WhatsApp କିମ୍ବା ମିସ୍ଡ କଲ କରନ୍ତୁ କିମ୍ବା QR Code କୁ ସ୍କାନ କରନ୍ତୁ
CLICK BOOK RELAX
Honda Motorcycle & Scooter India Pvt. Ltd., Registered Oce: Plot No. 1, Sector - 03, IMT Manesar, Distt. Gurugram, (Haryana) - 122050 , India; Website: www.honda2wheelersindia.com; Customer Care: customercare@honda2wheelersindia.com
Honda Exclusive Authorized Dealerships: ATTABIRA: T.S. Honda - 8917463794, 9438771477; BARGARH: Aashirbad Honda - 8249122018, 7873234466; BELPAHAR: Bharat Honda – 8018157547, 7008108512; BHAWANIPATNA: Mahesh Honda - 8456818116, 06670-235633; BOLANGIR: Amarnath Honda - 8895255855, 7606972969; BRAJRAJNAGAR: JaiswaL Honda - 977747788; JHARSUGUDA: Gajraj Honda – 9337645411, 8763800881; JUNAGARH: Jaga Janani Honda - 9583794900; KHARIAR ROAD (NUAPADA): Gandhi Honda - 8649011111; KUCHINDA: Deendayal Honda - 8249267523, 7008918012; RAJGANGPUR: Naisha Honda - 7008614081, 9776270015; RAJKHARIAR: Shree Shyamji Honda- 7008115621, 9437427080; RENGALI: BP Honda – 9776633397; ROURKELA: Koshala Honda - 9861188888, 9337749281; Harsheel Honda – 8658045660, 9337408180; SAMBALPUR: Jas Honda - 9178120526, 9238364199; BAMRA: Janki Honda-9937589069 SONEPUR: Meher Honda - 09937771704,08328968411; SUNDARGARH: Maa Samaleswari Honda – 8984873500, 9938198641; TITLAGARH: Tanishta Honda - 09437037314; KANTABANJI: Ajay Honda – 8260211111, 7645833333; DHARAMGARH: Bharat Honda - 7008606855; KESINGA: Jagadamba Honda – 7978581295; JAIPATNA: Anupama Honda-9090969197; LAIKERA: Krishna Automobiles – 9692494445; BOUDH: Shree Shyam Enterprises – 9937877888; KUTRA: Dalaniya Honda – 9937060901, 9040904055; BONAIGARH: Bhama Honda – 8280470204, 7978607198; JALDA: Vibrant Honda – 9437555007; BAGDEHI: Krishna Honda - 9937279421; DEOGARH: Mittal Motors - 9668608895; BINKA: Ganapati Honda -7809574878, 8658405005; DUNGRIPALLI: Swastik Kishan Honda - 6370226769.
For Bulk/Institutional enquiries, please write us at: institutionalsales@honda2wheelersindia.com

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୀତାରାମ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ପରିଷଦ ପରିସର, ୟୁନିଟ୍‌-୮, ସମୟ: ସକାଳ ୬ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ସ୍ଥାନ: ବିଜୁ ପଟ୍ଟନାୟକ ପାର୍କ, ସମୟ: ସକାଳ ୮ଟା ୩୦।
- ବିଜୁ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଏବଂ ନବଦୁର୍ଗା ପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ନିକଟ, ମଞ୍ଚେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ବିଶ୍ୱ ହିନ୍ଦୁ ପରିଷଦ, ଭୁବନେଶ୍ୱର ପକ୍ଷରୁ ରାମ ନବମୀ ଉପଲକ୍ଷେ ଶ୍ରୀରାମ ଶୋଭାଯାତ୍ରା, ସ୍ଥାନ: ରାମ ମନ୍ଦିର ସମ୍ମୁଖ, ୟୁନିଟ୍‌-୩, ସମୟ: ଅପରାହ୍ନ ୪ଟା।
- ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲ୍ଥ ସାଇନ୍ସେସର ୨୬ ପ୍ରତିଷ୍ଠା ଦିବସ, ସ୍ଥାନ: ଆଇଏଚ୍‌ଏସ୍ ଅଡିଟୋରିୟମ୍, ଚନ୍ଦକା, ସମୟ: ଅପରାହ୍ନ ୪ଟା।
- ୪୬ତମ ବୈଶାଖୀ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକ ଅବସରରେ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- କବି ହଳଧର ଧୀରଙ୍କ କବିତା ସଂକଳନ 'ମରୁପଥର ଯାତ୍ରୀ' ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କଟକ

- ରବୀନ୍ଦ୍ର କୁମାର ଲାଇବ୍ରେରୀର ୭୫ତମ ବାର୍ଷିକ ଉତ୍ସବ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।
- ବିଜୟିନୀ ପବ୍ଲିକେସନ୍ସ ପକ୍ଷରୁ ମନୋଜ ମିଶ୍ର ସନ୍ଧ୍ୟା, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୬।
- ଶ୍ରୀ ଶ୍ରୀ ରାମମନ୍ଦିର ଉନ୍ନୟନ କମିଟି ପକ୍ଷରୁ ଶ୍ରୀରାମ ନବମୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କଟକ ସିଡିଏ ସେକ୍ଟର-୬ସ୍ଥିତ ଶ୍ରୀରାମ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ

- ଶ୍ରୀଶ୍ରୀ ରାମ ମନ୍ଦିର ୧୦ମ ବାର୍ଷିକୋତ୍ସବ ଶୁଭାଧିବାସ ନବମୀ ପୂଜା, ସ୍ଥାନ: ଜଇନାବାଦ, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ଜୟ ଶ୍ରୀଶ୍ରୀ ହନୁମାନ ମହାବୀରଙ୍କ ୧୯ତମ ବାର୍ଷିକୋତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଭାତବନ୍ଧ ବଣିଆସାହି, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ଶ୍ରୀରାମ ରଥଯାତ୍ରା, ସ୍ଥାନ: ଦାଣ୍ଡମୁକୁନ୍ଦପୁର ଜୟ ଗୋପାଳ ମନ୍ଦିର, ପିପିଲି, ସମୟ: ସକାଳ ୭ଟା।
- ଶ୍ରୀରାମ ନବମୀ ବିଶାଳ ହିନ୍ଦୁ ଭକ୍ତ ୨୦୦୦ ବାଇକ ରାଲି, ସ୍ଥାନ: ସିଉଳା, ପିପିଲି, ସମୟ: ସକାଳ ୯ଟା।
- ବନଦୁର୍ଗା ଗୀତା ଶାନ୍ତି ଯଜ୍ଞ, ସ୍ଥାନ: ଗଡ଼ସିଂଠା ପୟରା, ଗୋପ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ଜନ୍ମୋତ୍ସବ ପାଳନ, ସ୍ଥାନ: ସାକ୍ଷୀଗୋପାଳ ଶ୍ରୀ ରାମମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ବାଘମାରୀ ତଳସାହି (ବେଗୁନିଆ), ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମର ଶୁଭ ଅଧିବାସ, ସ୍ଥାନ: ମା'ତାରିଣୀ ଦେବୀଙ୍କ ପୀଠ, ବେଗୁନିଆ ଉପକଣ୍ଠ କଢ଼ାମାଲ୍ଲ, ସମୟ: ସକାଳ ୭ଟା।
- ଭାଗବତ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ତଳଗଡ (ବେଗୁନିଆ), ସମୟ: ସକାଳ ୮ଟା।
- ଶ୍ରୀରାମ ନବମୀ ମହୋତ୍ସବ, ସ୍ଥାନ: ଶିରିଡି ସାଇ ମନ୍ଦିର, ସାଇବିହାର, ରାମଚନ୍ଦ୍ରପୁର, ଜଟଣୀ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବାବା ଲୋକନାଥ ଦେବଙ୍କ ପୀଠ, ବେଗୁନିଆ ଉପକଣ୍ଠ ପଣ୍ଡାଳମ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ରାମନବମୀ ଅବସରରେ ସୁବର୍ଣ୍ଣରେଖା ନଦୀରୁ ମହିଳାଙ୍କ କଳସ ଶୋଭାଯାତ୍ରା, ସ୍ଥାନ: ବାଲିଆପାଳ ବଜରଙ୍ଗବାଲି ମନ୍ଦିର, ସମୟ: ସକାଳ ୭ଟା।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ, ସମୟ: ୮ଟାରେ ତିଳତର୍ପଣ, ବାଲିଘାଟ, ବାଲେଶ୍ୱର, ୯ଟାରେ ଫାଣ୍ଡିଛକ ଓ ଡିଆଇସି ଛକ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ୧୦ଟାରେ ସିଦ୍ଧି କଲ୍ୟାଣ ମଣ୍ଡପରେ ସାଧାରଣ ସଭା।
- ରାମ ନବମୀ ଅବସରରେ ବାଲିଆପାଳ ବଜରଙ୍ଗ ଦଳ ପକ୍ଷରୁ ବାଇକ ଶୋଭାଯାତ୍ରା, ସ୍ଥାନ: ବାଲିଆପାଳ ପୁରୁଣା ବସଷ୍ଟାଣ୍ଡରୁ ସିମୁଳିଆ ବଜାର, ବଳରାମପୁର, ଲଙ୍ଗଳେଶ୍ୱର ପଞ୍ଚୁପାଲି, କାଳିପଦା ଦେଇ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡ। ସମୟ: ସକାଳ ୯ଟା।
- ପୂଜ୍ୟପୂଜା ସଂସଦ ରାଜବ୍ରହ୍ମପୁର ନୀଳଗିରି ଆନୁକୂଲ୍ୟରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ପୋଡାଶୁଳ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମନବମୀ ଅବସରରେ ବିଶାଳ ପଦଯାତ୍ରା, ସ୍ଥାନ: ପରମିଟ୍ ପଡିଆ, ବାଲେଶ୍ୱର, ସମୟ: ଅପରାହ୍ନ ୧ଟା।

- ବସ୍ତା ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ଶ୍ରୀରାମ ନବମୀ ଉପଲକ୍ଷେ ବିଶାଳ ପଦଯାତ୍ରା, ସ୍ଥାନ: ବିଶ୍ୱେଶ୍ୱରୀ ମନ୍ଦିରରୁ ଈଶ୍ୱରବର୍ତ୍ତୀ ମନ୍ଦିର, ବସ୍ତା ବଜାର, ସମୟ: ଅପରାହ୍ନ ୪ଟା।
- ଗୁପସା ବଜରଙ୍ଗ ଦଳ ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ଆଙ୍କୋ ପୋଖରୀ ନିକଟ ପଡ଼ିଆ, ଗୁପସା, ସମୟ: ସନ୍ଧ୍ୟା ୬ଟା।
- ସାର୍ବଜନୀନ ଚଉଦମାଦଳ ମହୋତ୍ସବ ଶୁଭାରମ୍ଭ, ଅଧିବାସ ଓ ୨୪ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଜହତା ଚଉଦ ମାଦଳ ପଡିଆ, ଗୁପସା, ସମୟ: ସନ୍ଧ୍ୟା ୭ଟା।
- ମଧୁଗଣେଶ ପୂଜା କମିଟି ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ- ଅଣ୍ଡାଇଲୋ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବାସନ୍ତୀ ଦୁର୍ଗାପୂଜାର ନବମୀ ଉତ୍ସବ, ସ୍ଥାନ: ପୀରହାଟ ବଜାର, ତିହିଡ଼ି, ସମୟ: ସକାଳ ୮ଟା। ସ୍ଥାନ: ମଙ୍ଗରାଜପୁର (ତିହିଡ଼ି), ରାମ ମନ୍ଦିର, ତିହିଡ଼ି, ସମୟ: ସକାଳ ୯ଟା।
- ବାସନ୍ତୀ ଦୁର୍ଗାପୂଜା, ସ୍ଥାନ: ମଧୁପୁର, (ଟିଲୋ), ଆଡ଼ିଆ, ବନ୍ତ, ସମୟ: ସକାଳ ୯ଟା।
- ବାସନ୍ତୀ ଦୁର୍ଗାପୂଜାର ନବମୀ ଉତ୍ସବ,
- ୪୮ତମ ଶ୍ରୀରାମ ନବମୀ ମହୋତ୍ସବ, ସ୍ଥାନ: ଟିଲୋ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ମହୋତ୍ସବ, ସ୍ଥାନ: କେନ୍ଦୁଆପଦା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟମ ବାର୍ଷିକ ଲୋକକଳା ଓ ପାଲା ମହୋତ୍ସବ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଅବସରରେ ନଗର ସଂକୀର୍ତ୍ତନ ଶୋଭାଯାତ୍ରା, ସ୍ଥାନ: ନେହେରୁ ଷ୍ଟାଡିୟମ୍‌ରୁ ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ, ସ୍ଥାନ: ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ରାମନବମୀ ଉତ୍ସବ, ସ୍ଥାନ: ଓରାଳି, ହାଟଡ଼ିହୀ, ସମୟ: ସକାଳ ୬ ଟା
- ଶ୍ରୀରାମ ନବମୀ ଉତ୍ସବ ଓ ଯଜ୍ଞ, ସ୍ଥାନ: ହନୁମାନ ମନ୍ଦିର, ବଡବିଲ, ସମୟ: ସକାଳ ୭ ଟା।
- ରାମନବମୀ ଉତ୍ସବ, ସ୍ଥାନ: ଡଅଁର, ହାଟଡ଼ିହୀ, ସମୟ: ସକାଳ ୭ ଟା।।
- ରାମନବମୀ ଉତ୍ସବ, ସ୍ଥାନ: ପଡିଆରିପଲ୍ଲୀ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଶ୍ରୀରାମ ନବମୀ ପୂଜା ନିମନ୍ତେ କଳସ ଶୋଭାଯାତ୍ରା ଏବଂ ସତ୍ୟନାରାୟଣ ପାଲା ଶୁଭାରମ୍ଭ, ସ୍ଥାନ: ଢେଙ୍କିକୋଟ, ଦଳେଇ ସାହି, ସମୟ: ସକାଳ ୯ ଟା।
- ଭାଜପା ଗୃହ ସମ୍ପର୍କ ଅଭିଯାନ, ସ୍ଥାନ: ଚଷାଖଣ୍ଡ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ଟା।
- ଆଖଡ଼ା ଦଳର ମହାବୀର ଝଣ୍ଡା ଶୋଭାଯାତ୍ରା, ସ୍ଥାନ: ବଡବିଲ ମାର୍କେଟ ହନୁମାନ ମନ୍ଦିର, ସମୟ: ଅପରାହ୍ନ ୨ ଟା।
- ଶ୍ରୀରାମ ନବମୀ ଅବସରରେ ଝଣ୍ଡାଯାତ୍ରା, ସ୍ଥାନ: ସାମ ହନୁମାନ ମନ୍ଦିର ନିକଟ, ପାଟଣା, ସମୟ: ଅପରାହ୍ନ ୩ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ବାଦୀପାଲା, ସ୍ଥାନ: ଶାଳକଣିଆ, ହାଟଡ଼ିହୀ, ସମୟ: ରାତି ୯ ଟା।
- ଶ୍ରୀରାମ ନବମୀ ପୂଜା ଓ ଝଣ୍ଡା ଶୋଭାଯାତ୍ରା, ସ୍ଥାନ: କେନ୍ଦୁଝର ରାମ ମନ୍ଦିର, ସମୟ: ଅପରାହ୍ନ ୩ ଟା।
- ସିରିଡ଼ି ସାଇବାବାଙ୍କ ଜନ୍ମ ଦିନରେ ପାଲଙ୍କି ଯାତ୍ରା, ସ୍ଥାନ: କେନ୍ଦୁଝର ବାଂଶପାଳ ସାଇ ମନ୍ଦିର, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ବାସନ୍ତୀ ପୂଜାର ମହାନବମୀ ପୂଜା ଓ ପ୍ରସାଦ ସେବନ, ସ୍ଥାନ:ବାଘଡା ରୋଡ୍, ବାରିପଦା, ସମୟ:ସକାଳ ୮ଟା।
- ମା' ବାସନ୍ତୀ ପୂଜାର ମହାନବମୀ ପୂଜା, ସ୍ଥାନ:ବଡ଼ସାହି ବ୍ଲକ ପତରାପଦା ଓ ବାଳିଯୋଡା, ସମୟ: ସକାଳ ୮ଟା।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୮ଟା।
- ଶ୍ରୀରାମ ମନ୍ଦିରରେ ରାମନବମୀ ସ୍ଥାନ: ପୁରୁଣା ପାଣି, ଭୀମତାଳି, ଉଦଳା, ସମୟ: ସକାଳ ୮ଟା।
- ଶ୍ରୀରାମ ନବମୀ ପାଳନ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ବସଷ୍ଟାଣ୍ଡ, ସମୟ: ସକାଳ ୯ଟା।
- କଂଗ୍ରେସର ନିର୍ବାଚନୀ ପ୍ରସ୍ତୁତି ବୈଠକ, ସ୍ଥାନ:କଂଗ୍ରେସ କାର୍ଯ୍ୟାଳୟ,କଲରାଫୁଲିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଶୋଭାଯାତ୍ରା, ସ୍ଥାନ:ମଧୁବନ ବାରିପଦା,ସମୟ: ଅପରାହ୍ନ ୩ଟା।
- ବଳାଙ୍ଗୀ ମହୋତ୍ସବର ଗ୍ରୁପ ନୃତ୍ୟ ପ୍ରତିଯୋଗିତା, ସ୍ଥାନ:ବୁଢ଼ାବଳଙ୍ଗ, ଚିପଟ ଓ ଇଚାଯୋଡି ନଦୀର ସଙ୍ଗମ ପୀଠ ବାଲୁକାଶଯ୍ୟା, ବାରିପଦା, ସମୟ: ସନ୍ଧ୍ୟା ୬ଟା।
- ଚଇତି ପରବ-୨୦୨୪ରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ:ମୋରଡା ବ୍ଲକ ମାଣିଦା, ସମୟ:ସନ୍ଧ୍ୟା ୭ଟା।
- କୋହି ଛଉ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: କୋହି ପଡ଼ିଆ, ମୋରଡ଼ା, ସମୟ: ରାତି ୮ଟା।

## ବ୍ରହ୍ମପୁର

- ଭାଜପାର ବାଇକ ରାଲି, ସ୍ଥାନ: ଗାନ୍ଧୀନଗର,ସମୟ: ସକାଳ ୮ଟା।

## ଗଞ୍ଜାମ

- ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଆସିକା ସୁବର୍ଣ୍ଣେଶ୍ୱର ମନ୍ଦିର ଋଷିକୂଲ୍ୟା ନଦୀଘାଟ, ସମୟ: ସକାଳ ୭ଟା।
- ରାମ ନବମୀ ଉତ୍ସବ, ସ୍ଥାନ:ଭଞ୍ଜନଗର ଲଣ୍ଡେଇସାହି ରଘୁନାଥ ମନ୍ଦିର,ସମୟ:ସକାଳ ୮ଟା।
- ବିଜୁ ପଟ୍ଟନାୟକ ଶ୍ରାଦ୍ଧ ଦିବସ, ସ୍ଥାନ: ସୋରଡ଼ା ବିଜୁ ସାଂସ୍କୃତିକ ଭବନ, ସମୟ: ସକାଳ ୮ଟା।
- ବିଜୁ ପଟ୍ଟନାୟକ ଶ୍ରାଦ୍ଧ ଦିବସ ଅବସରରେ ପଦଯାତ୍ରା, ସ୍ଥାନ:ଭଞ୍ଜନଗର ବ୍ଲକ ସମ୍ମୁଖରୁ ଥାନା ଛକ, ସମୟ:ସକାଳ ୯ଟା।
- ବିଜେଡି ନିର୍ବାଚନୀ ସଭା, ସୋରଡ଼ା ବ୍ଲକ ହୁକୁମା,ବଡ଼ବଦାଗୀ, ବୋରସିଙ୍ଗି, ଅମୃତୁଲୁ, ହିଞ୍ଜଳକୁଦା, ସମୟ:ସକାଳ ୯ଟା।
- ହନୁମାନ ମନ୍ଦିରରେ ଶ୍ରୀରାମ ନବମୀ, ସ୍ଥାନ: ଆସିକା ଜେଲ ପରିସର, ସମୟ: ସକାଳ ୯ଟା।
- ଓଡ଼ିଆ ସମାଜ ଘୁମୁସର ମଣ୍ଡଳର ବାର୍ଷିକ ଅଧିବେଶନ, ସ୍ଥାନ: ଆସିକା ବସଷ୍ଟାଣ୍ଡ ନିକଟସ୍ଥ ସମାଜ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇସ୍କନ ପକ୍ଷରୁ ରାମ ନବମୀ ଉତ୍ସବ ପାଳିତ, ସ୍ଥାନ: ଭଞ୍ଜନଗର ଜେଲ ପଡ଼ିଆ, ସମୟ:ଅପରାହ୍ନ ୫ଟା।

## କନ୍ଧମାଳ

- ଶ୍ରୀରାମ ନବମୀ ନାମ ଯଜ୍ଞ,ସ୍ଥାନ : ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବୁରୁପଦା,ସମୟ: ସକାଳ ୬ ଟା।
- ନବରାତ୍ରି ଉପଲକ୍ଷେ ଭବ୍ୟ ଶୋଭାଯାତ୍ରା, ସ୍ଥାନ:ଶିବମନ୍ଦିର ପ୍ରାଙ୍ଗଣ ଦାରିଙ୍ଗବାଡ଼ି, ସମୟ:ସକାଳ ୮ଟା।
- ବାସନ୍ତିକ ପୂଜା ଉଦଯାପନୀ ଓ ରାବଣ ପୋଡ଼ି, ସ୍ଥାନ:ଦାରିଙ୍ଗବାଡି ମା' ପାଟଖଣ୍ଡା ମନ୍ଦିର,ସମୟ:ସନ୍ଧ୍ୟା ୫ ଟାରୁ ଆରମ୍ଭ।

## ସମ୍ବଲପୁର

- ନବରାତ୍ର ମାନସିକ ଦୀପ ସମାପନ କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର ଦୀପ ଘର, ସମୟ: ସକାଳ ୯ଟା।
- ବାସନ୍ତିକ ନବରାତ୍ର ପୂଜା ଉଦଯାପନ, ସ୍ଥାନ: ବହିଦାରନୂଆପାଲିସ୍ଥିତ କାମାକ୍ଷାଦେବୀ ମନ୍ଦିର, ସମୟ: ସକାଳ ୯ଟା।
- ମା' ମଙ୍ଗଳା ମନ୍ଦିରରେ ବାସନ୍ତିକ ନବରାତ୍ରରେ ନବକୁମାରୀ ପୂଜା, ସ୍ଥାନ: ଭୁତାପଡା ଛକ, ସମୟ: ସକାଳ ୯ଟା।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଚାଉଁରପୁର ତଳିପଡା, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଧମା ବରଗାଁ, ସମୟ: ସକାଳ ୯ଟା ୩୦।
- ଶ୍ରୀରାମ ଜନ୍ମ ଉତ୍ସବ, ସ୍ଥାନ: କମଲିବଜାର ରାମଜୀ ମନ୍ଦିର, ସମୟ: ସକାଳ ୯ଟା ୩୦।
- ରାମ ଜନ୍ମ ଉତ୍ସବ, ସ୍ଥାନ: ବୁଦ୍ଧହିଲସ୍ଥିତ ରାମ ମନ୍ଦିର, ସମୟ: ସକାଳ ୯ଟା ୩୦।
- ଭୀମ୍ ଆର୍ମିର ବୈଠକ, ସ୍ଥାନ: ଜିଲା ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲା କୁଲତା ସମାଜ ପକ୍ଷରୁ ଶ୍ରୀରାମ ନବମୀ, ସ୍ଥାନ: ଦାନୀପାଲିସ୍ଥିତ ରାମଚଣ୍ଡୀ ସେବା ସଦନ, ସମୟ: ରାତି ୭ଟା।

## ବଲାଙ୍ଗୀର

- ଷୋହଳ ପ୍ରହର ନାମଯଜ୍ଞ ନାମ ଆରମ୍ଭ, ସ୍ଥାନ: ଖପ୍ରାଖୋଲ ବ୍ଲକ ବୁଡିବାହାଲ, ସମୟ: ପୂର୍ବାହ୍ନ ୧୦ଟା।
- ୨୪ପ୍ରହର ନାମ ଯଜ୍ଞ, ସ୍ଥାନ:ଖପ୍ରାଖୋଲ ବ୍ଲକ ମାଲପଡା, ସମୟ: ପୂର୍ବାହ୍ନ ୧୧ଟା।
- ହନୁମାନ ଚାଳିଶା ପଠନ, ରାମଲାଲଙ୍କ ଆରତୀ ଓ ନଗର ପରିକ୍ରମା, ସ୍ଥାନ: ତୁଷୁରା ମାନସ ମନ୍ଦିର, ସମୟ: ଅପରାହ୍ନ ୩ଟା୩୦ରୁ ଆରମ୍ଭ।
- ଖପ୍ରାଖୋଲ ବ୍ଲକ ଲାଠୋର ରାମ ମନ୍ଦିରରେ ରାମ ନବମୀ ଉତ୍ସବ ପାଳନ, ସ୍ଥାନ: ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ଲୋଇସିଂହା ବ୍ଲକ ବୁର୍ଡା ମଧମପଡା ଭଗବତ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ରାବଣ ଦରବାର, ସ୍ଥାନ: ମିଶନ ଶକ୍ତି ଭବନ, ସମୟ: ରାତି ୯ଟା।

## ସୁବର୍ଣ୍ଣପୁର

- ଶ୍ରୀରାମ ନବମୀ ଉତ୍ସବ ପାଳନ, ସ୍ଥାନ: ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଡୁଙ୍ଗୁରିପାଲି ବ୍ଲକର ଚେରୁପାଲିରୁ ଟିନାଜୁରୀ ବିଜେଡିର ବାଇକ୍ ଶୋଭାଯାତ୍ରା, ସ୍ଥାନ: ଚେରୁପାଲି ପଡ଼ିଆ, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀର ପ୍ରଥମ ଦିବସ, ସ୍ଥାନ: ଚମ୍ପାମାଳ,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ପାଳନ, ସ୍ଥାନ: ଗୌଡଗାଡ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଶୁଭାରମ୍ଭ, ସ୍ଥାନ: ମେଣ୍ଡାମାଲ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାମ ନବମୀ ପାଇଁ ପୂଜାର୍ଚ୍ଚନା, ସ୍ଥାନ: ଘିଚାପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀରାମ ନବମୀ ଶୁଭାରମ୍ଭ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସଂକୀର୍ତ୍ତନ ଓ ସତସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଭୁଲୁଡୁଙ୍ଗୁରି ସ୍ଥିତ ଶୃଙ୍ଗଦର ମଠ, ବୀରମହାରାଜପୁର, ସମୟ: ଅପରାହ୍ନ ୪ ଟା।
- ଶ୍ରୀରାମଲୀଳାର ପ୍ରଥମ ରଜନୀ, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର, ସମୟ: ରାତ୍ରି ୧୧ ଟା।
- ରାମଲୀଳା ନାଟକ ପରିବେଷଣ, ସ୍ଥାନ: ଖଇରମାଲ, ବୀରମହାରାଜପୁର, ସମୟ: ରାତି ୧୧ ଟା।

## ରାଉରକେଲା

- ନମସ୍ୟା ଫାଉଣ୍ଡେଶନ୍ ପକ୍ଷରୁ ରାମନବମୀ, ସ୍ଥାନ: ବରଟୋଲି, ସମୟ: ସକାଳ ୭ଟା।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ:ସେକ୍ଟର--୨ ଓ ସେକ୍ଟର-୨୦, ସମୟ:ସକାଳ ୭ଟା।
- ସୀତାରାମ ମନ୍ଦିରରେ ଶ୍ରୀରାମ ନବମୀ ପାଳନ, ସ୍ଥାନ: ସେକ୍ଟର-୩, ସମୟ: ସକାଳ ୭ଟା।
- ହନୁମାନ ଟେମ୍ପଲ ଟ୍ରଷ୍ଟ ପକ୍ଷରୁ ରାମନବମୀ, ସ୍ଥାନ: କୋଏଲନଗର ଡିବ୍ଲକ, ସମୟ: ସକାଳ ୮ଟା।
- ରାମ ନବମୀ ଉତ୍ସବ ପାଳନ, ସ୍ଥାନ: ଭିଏସଏସ ମାର୍କେଟ,ଛେଣ୍ଡ, ସମୟ: ସକାଳ ୮ଟା।
- ବାଟ ମା ମଙ୍ଗଳା ଶକ୍ତିପୀଠ ମହାନବମୀ ଓ କୁମାରୀ ପୂଜନ, ସ୍ଥାନ: ଜଗଦା, ସ୍ଥାନ: ପୂର୍ବାହ୍ନ ୧୦ଟା।
- ବାସନ୍ତୀଦୁର୍ଗାପୂଜା ମହାନବମୀ, ସ୍ଥାନ: ସେକ୍ଟର-୩, ସମୟ:ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ହନୁମାନ ଝଣ୍ଡା ପରିକ୍ରମା ଓ ପୂଜାର୍ଚ୍ଚନା,ସ୍ଥାନ:ଜରଙ୍ଗଲୋଇ ହନୁମାନ ମନ୍ଦିର,ସମୟ: ସକାଳ ୯ ଟା।
- ହନୁମାନ ଝଣ୍ଡା ସ୍ଥାପନ ଓ ପ୍ରସିଦ୍ଧ ରାମଲୀଳା ଯାତ୍ରା ଆରମ୍ଭ, ସ୍ଥାନ: ବଡ଼ଗାଁ ଦେ ମଣ୍ଡପ,ସମୟ: ଅପରାହ୍ନ ୪ଟା।

## ବରଗଡ଼

- ନବକୁମାରୀ ପୂଜା, ଶ୍ରୀରାମ ନବମୀ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର,ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀରାମ, ସୀତାଙ୍କ କଲ୍ୟାଣ ମହୋତ୍ସବ, ସ୍ଥାନ:ଭାଲୁଡୁଙ୍ଗୁରୀ, ଅତାବିରା. ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଶୋଭାଯାତ୍ରା, ସ୍ଥାନ:ହନୁମାନ ମନ୍ଦିର, ଗାନ୍ଧିଛକ, ବରଗଡ଼, ସମୟ:ସନ୍ଧ୍ୟା ୫ଟା ୧୫।
- ଶ୍ରୀରାମ ନବମୀ ମହୋତ୍ସବ, ସ୍ଥାନ: ଲମ୍ବା ବିଲଡ଼ିଂ ହନୁମାନ ମନ୍ଦିର, ବରଗଡ଼, ସମୟ:ଅପରାହ୍ନ ୪ଟା।

## କଳାହାଣ୍ଡି

- ଶ୍ରୀରାମ ନବମୀ ପୂଜା ଆରମ୍ଭ, ସ୍ଥାନ: ଏମ୍.ରାମପୁର ଶ୍ରୀ ଶ୍ରୀ ରମଜିଉ ସାଂସ୍କୃତିକ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: କେସିଙ୍ଗା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା, ସମୟ: ସକାଳ ୮ଟା ୧୦ ମିନିଟ୍।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଦଲଦଲି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧରଣ, ସ୍ଥାନ: ନୂଆପଡା ମହୁଲଭଟା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡା ସ୍ଥିତ କଲୋନୀପଡାରେ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କଲୋନୀପଡା ଗ୍ରାମ୍ୟ ମଣ୍ଡପ, ସମୟ: ସକାଳ ୬ଟା।
- ଶ୍ରୀରାମଲୀଳା ଉତ୍ସବ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ହନୁମାନ ମନ୍ଦିରଘାଟ, ବୌଦ୍ଧ, ସମୟ: ସକାଳ ୬ଟା ୩୦।
- ବାଉଁଶୁଣୀରେ ଶ୍ରୀରାମଲୀଳା ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ବାଉଁଶୁଣୀ ଛକ, ସମୟ: ସକାଳ ୭ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟସଂସଦ ଓ ଶ୍ରୀଜଗନ୍ନାଥ ନାଟ୍ୟ ସଂସଦ ପକ୍ଷରୁ ରାମନବମୀ ପୂଜା ଓ ନାଟ୍ୟଉତ୍ସବ, ସ୍ଥାନ: ଘଣ୍ଟାପଡ଼ା ରଘୁନାଥ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧ ସହରର ଶ୍ରୀରାମଲୀଳା ଉତ୍ସବ ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଶ୍ରୀଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।
- ବୌଦ୍ଧ ବ୍ଲକ ବଡିଙ୍ଗା ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ବଡିଙ୍ଗା ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ମହାପ୍ରୟାଣ (ତିରୋଧାନ ଦିବସ) ପାଳନ, ସ୍ଥାନ: ପ୍ରଧାନପାଟ, ସମୟ: ସକାଳ ୮ଟା।
- ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ତିରୋଧାନ ଦିବସ ଅବସରରେ ତୀଳତର୍ପଣ, ସ୍ଥାନ: ପ୍ରଧାନପାଟ, ସମୟ: ସକାଳ ୯ଟା।
- ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଚମ୍ପକେଶ୍ୱର ମନ୍ଦିର ନିକଟରେ ଥିବା ପ୍ରତିମୂର୍ତ୍ତି, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ର, ବାସନ୍ତିକ ଦୁର୍ଗାପୂଜା ଅନ୍ତିମ ଦିବସ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଦକ୍ଷିଣକାଳି ମନ୍ଦିର, ଶନି ମନ୍ଦିର, ପ୍ରଧାନ ପାଟେଶ୍ୱରି ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଦେବଗଡ଼ ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳବଣ୍ଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଗୋପାଳ ଜୀଉ ମନ୍ଦିରରେ ଶ୍ରୀରାମ ଭଗବାନଙ୍କ ପୂଜାର୍ଚ୍ଚନା, ସ୍ଥାନ: ଶ୍ରୀଗୋପାଳ ଜୀଉ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ବିଜୁ ବାବୁଙ୍କ ଶ୍ରଦ୍ଧାଞ୍ଜଳି ତଥା ସ୍ମୃତିଚାରଣ ସଭା, ସ୍ଥାନ: ଗୋପଳଜୀ ମନ୍ଦିର ନିକଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଦେବଗଡ଼ ଜିଲା ୱାର୍ଡ ମେମ୍ବର ସଂଘର ବନ୍ଧୁମିଳନ ଓ ବୈଠକ, ସ୍ଥାନ: ବାରକୋଟ ବ୍ଲକ ବିଜୟନଗର ପଞ୍ଚାୟତ ଚନ୍ଦନଖୁଣ୍ଟି ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା
- ରାମ ନବମୀ ଉତ୍ସବ ପାଳନ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ରାମନବମୀ ଉପଲକ୍ଷେ ବିଶାଳ ଆଖଡ଼ା, ସ୍ଥାନ: ମଙ୍ଗଳବଜାର ହନୁମାନ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।
- ନାମ ସଂକୀର୍ତ୍ତନ ଆରମ୍ଭ, ସ୍ଥାନ: ଭୂୟାଁପଡ଼ା କୀର୍ତ୍ତନ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ମାଘିମେଳା ପଡ଼ିଆ, ରଘୁନାଥପୁର, ସମୟ: ଅପରାହ୍ନ ୩ଟା।
- ଶ୍ରୀଶ୍ରୀ ହନୁମାନ ଜୀଉଙ୍କ ସପ୍ତମ ଓ ମା'ମଳିକେଶ୍ୱରୀଙ୍କ ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ମା'ମଳିକେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ଅଛୁତପୁର, ତାରପୁର ପଞ୍ଚାୟତ, ରଘୁନାଥପୁର ସମୟ: ସକାଳ ୬ଟା।
- ନବଦିନ ବ୍ୟାପି ଶ୍ରୀ ରାମଚରିତ ମାନସ ପାରାୟଣ ଆରମ୍ଭ, ସ୍ଥାନ: ଗୋରେଖନାଥ ପୀଠ, ରଘୁନାଥପୁର, ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ହରିହର ସିଦ୍ଧ ରଘୁନାଥଙ୍କ ପଞ୍ଚଦିନ ବ୍ୟାପି ନବମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ବରାଗୋଳ ପଞ୍ଚାୟତ, ଗୋଠିଣା, ରଘୁନାଥପୁର, ସମୟ: ପ୍ରାତଃ ୫ଟା।

## କେନ୍ଦ୍ରାପଡ଼ା

- ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ପୁରୁଣା ମେଡିକାଲ ଛକ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଭଜନ ପ୍ରତିଯୋଗିତା, ସ୍ଥାନ: ପାଦୁକା ଆଶ୍ରମ, ଦାଣ୍ଡିସାହି, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀରାମ ଜନ୍ମୋତ୍ସବ, ସ୍ଥାନ: ଅଳପୁଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- କଳି କଳୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ବିଲବଳରାମପୁର, ମାର୍ଶାଘାଇ, ସମୟ: ସକାଳ ୮ଟା।
- ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ନଳଦିଆ ଶାସନ, ବଟ ମହାପୁରୁଷ ପଡିଆ, ମହାକାଳପଡା, ସମୟ: ଅପରାହ୍ନ ୩ଟା।
- ଦଶମୀ ପୂଜା ଓ ରାବଣ ପୋଡି ଉତ୍ସବ, ସ୍ଥାନ: ଚଉଦକୁଲାଟ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚମୁଖୀ ହନୁମାନ ପୂଜା କମିଟି ପକ୍ଷରୁ ରାମଚରିତ ମାନସ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ମହାବୀର କ୍ଲବ ପକ୍ଷରୁ ୧୬ତମ ଜିଲାସ୍ତରୀୟ ଲୋକ ଉତ୍ସବ ମହକ ୨୦୨୪, ସ୍ଥାନ: ଖଡମାଲ, ରାଜକନିକା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ନାମଯଜ୍ଞ, ସ୍ଥାନ: ମହାବୀର ଆଶ୍ରମ, ଗରାପୁର, ସମୟ: ସନ୍ଧ୍ୟା ୬ଟା।
- ଦଶମୀ ପୂଜା ଓ ରାବଣ ପୋଡି ଉତ୍ସବ, ସ୍ଥାନ: ମା' ବାସନ୍ତୀ ପୀଠ, ଚାଟରାଚକଡା, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଧର୍ମଶାଳା ଭବନ, ସମୟ: ସକାଳ ୯ଟା।
- ଶ୍ରୀରାମ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କରାଣ୍ଡିପୁର ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ଧର୍ମଶାଳା ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଧର୍ମଶାଳା ଭବନ, ସମୟ: ସକାଳ ୯ଟା।
- ଜାରକା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୩୫ତମ ବାର୍ଷିକ, ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ବାସନ୍ତୀକ ଦୁର୍ଗାପୂଜାର ୨ୟ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ଜଗନ୍ନାଥ ପ୍ରସାଦ, ସମୟ: ସକାଳ ୭ଟା।
- ଗୀତା ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍‌ର ସିଦ୍ଧମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ବିଜୁ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରାମନବମୀ ଯାତ୍ରା, ସ୍ଥାନ: ନୟାଗଡ଼ ସହର ତ୍ରିନାଥ ଛକ, ସମୟ: ସକାଳ ୮ଟା।
- ରାମନବମୀରେ ରାମ ଜନ୍ମ ପାଳନ, ସ୍ଥାନ: ଓଡ଼ଗାଁ ବ୍ଲକର ଆମ୍ବରାପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ଯାତ୍ରା ଆରମ୍ଭ,ଜନ୍ମ ବିଧାନ,ଜନ୍ମ ନାରାୟଣ ବେଶ, ସ୍ଥାନ:ଶ୍ରୀରଘୁନାଥଜୀଉ ମନ୍ଦିର, ଓଡ଼ଗାଁ, ସମୟ:ପୂର୍ବାହ୍ନ୧୦ଟା।
- ଭାରତ ପ୍ରସିଦ୍ଧ ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଅଧ୍ୟାରମ୍ଭ ଦିବସରେ ଶ୍ରୀରାମଙ୍କ ଜନ୍ମ, ସ୍ଥାନ: ଦଶପଲ୍ଲା ମହାବୀରଙ୍କ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସ ମ୍ୟାଚ୍‌ରେ ପ୍ରଧାନ ସାନିଟାରୀ ଓାରିୟର୍ସ ବନାମ ଆରବି ଟ୍ୟୁଟୋରିଆଲ ସୁପର ମଧ୍ୟରେ ମ୍ୟାଚ, ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ କଲେଜ ପଡ଼ିଆ, ସମୟ- ଅପରାହ୍ନ ୩ଟା।
- ପଣା ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ଦକ୍ଷିଣକାଳୀ ମନ୍ଦିର, ସମୟ:ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଶ୍ଳେଷା ନକ୍ଷତ୍ର ବ୍ୟତୀତ ଅନ୍ୟ ନକ୍ଷତ୍ର ପାଇଁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ହେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା ଏବଂ ସାହିତ୍ୟ, ଗବେଷଣା, ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ। ସାଂସ୍କୃତିକ କାର୍ଯ୍ୟକ୍ରମ, ସଭାସମିତିରେ ବନ୍ଧୁମିଳନଜନିତ ମନ ଖୁସି ରହିବ।

**ବୃଷ**
ବୁଧ ନକ୍ଷତ୍ରସ୍ଥ ଶୁକ୍ର ସମ୍ପର୍କରୁ ବୌଦ୍ଧିକ ବିକାଶ ସହ ବୈଷୟିକ ସୁଖ, ସମୃଦ୍ଧିଜନିତ ମନ ପ୍ରଫୁଲ୍ଲ ରହିବ। କଳା, ସାହିତ୍ୟ, ଆଲୋଚନା ସହ ବୁଦ୍ଧିଜୀବୀଙ୍କ ସଙ୍ଗଲାଭ କରିବେ। ପ୍ରତିଯୋଗିତା, ପ୍ରଶାସନ, ବ୍ୟବସାୟାଦି କ୍ଷେତ୍ରରେ ଉନ୍ନତି ହେବ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀ କ୍ଷୁବ୍ଧ ହୋଇ ମୁହଁ ଫେରାଇ ନେଇପାରନ୍ତି।

**ମିଥୁନ**
ବକ୍ରୀ ବୁଧ ରେବତୀ ନକ୍ଷତ୍ରସ୍ଥ ଯୋଗୁ ବନ୍ଧୁଙ୍କ ସହ ମତାନ୍ତର ଓ କଳହ ସୃଷ୍ଟି ଆଶଙ୍କା ରହିଛି। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା କାରଣରୁ ଚିନ୍ତା ପ୍ରକଟ କରିବେ। ଯାହାକୁ କିଛି ସହାନୁଭୂତି ଆଶାରେ କହିବାକୁ ଯିବେ, ସେ ଓଲଟା କଥା କହିପାରେ। ତଥାପି କ୍ରୀଡ଼ା, ସାହିତ୍ୟ, ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି।

**କର୍କଟ**
କେତୁ ନକ୍ଷତ୍ରସ୍ଥ ଚନ୍ଦ୍ର ମନକୁ ବିକ୍ଷିପ୍ତ ଭାବନାରେ ବ୍ୟତିବ୍ୟସ୍ତ କରାଇପାରେ। ସହଜାତ ଗୁଣର ପ୍ରଭାବରେ ସହନଶୀଳତା ଓ ଉଦାର ମନୋଭାବ କାରଣରୁ ଅନ୍ୟମାନଙ୍କର ପ୍ରିୟପାତ୍ର ହେବେ। କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ସାମ୍ନା କରିପାରିବେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ସିଂହ**
ରାଶ୍ୟାଧିପ ସ୍ୱଉଚ୍ଚରାଶିରେ ଅବସ୍ଥାନ କରିଥିବାରୁ ପ୍ରଶାସନିକ କ୍ଷେତ୍ର, ରାଜନୀତି, ସଂଗଠନ କ୍ଷେତ୍ରରେ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ନୀରବ ରହିପାରିଲେ ଭଲ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅସୁବିଧା ରହିବନାହିଁ। ନିଜ ବିଚାରବୁଦ୍ଧି ମାଧ୍ୟମରେ କାର୍ଯ୍ୟ କଲେ ଉପକୃତ ହୋଇପାରିବେ।

**କନ୍ୟା**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପାରିବାରିକ ସମସ୍ୟା ସମାଧାନ ବନ୍ଧୁଙ୍କ ମାଧ୍ୟମରେ ହୋଇପାରିବ। ପିଲାଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ବନ୍ଧୁଙ୍କ ଅନୁରୋଧ କ୍ରମେ ଦିନଭରି ଶ୍ରମ ଏବଂ ଭ୍ରମଣଜନିତ କ୍ଲାନ୍ତି ଦେଖାଦେଇପାରେ। କୌଣସି ଗୃହୋପକରଣ କିମ୍ବା ମୂଲ୍ୟବାନ୍ ସାମଗ୍ରୀ କ୍ରୟ କରିପାରନ୍ତି।

**ତୁଳା**
ଶୁକ୍ରଙ୍କ ଷଷ୍ଠସଂସ୍ଥାନ ଅପୂର୍ବ ସୁଯୋଗ ସୃଷ୍ଟିକରି ଅର୍ଥ, ଉପଢୌକନ, ସମ୍ମାନଦାନରେ ସହାୟକ ହୋଇପାରନ୍ତି। କଳା, ପ୍ରତିଯୋଗିତାରେ ସଫଳତା ସହ ବନ୍ଧୁମିଳନରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଗୁଡ଼ାଏ କାମ ହାତକୁ ନେଇ ବ୍ୟଥିତ ହେବେ। ଅପ୍ରିୟ ସତ୍ୟ କହିବାରୁ ସମ୍ମାନ ବଢ଼ିବ କିନ୍ତୁ ଶତ୍ରୁତା ସୃଷ୍ଟି ଆଶଙ୍କା ରହିଛି।

**ବିଛା**
ପାପଗ୍ରହ ଦୃଷ୍ଟିବର୍ଜିତ ଭାଗ୍ୟସ୍ଥଚନ୍ଦ୍ର ସରଳ ଓ ସହଜରେ କାର୍ଯ୍ୟ ହାସଲରେ ସହାୟକ ହେବ। ଚତୁର୍ଥଭାବ ପାପଯୁକ୍ତ ଯୋଗୁ ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି କାରଣରୁ ବିଚଳିତବୋଧ କରିପାରନ୍ତି। ଏଜେନ୍ସିପ୍, ସାମ୍ବାଦିକତା, ରାଜନୀତି, କର୍ମାରମ୍ଭ, କଳା ଓ ସାହିତ୍ୟ, ଏଜେନ୍ସିପ୍ ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ**
କର୍ମଭାବସ୍ଥ କେତୁଙ୍କ କୁପ୍ରଭାବଜନିତ ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇ ପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ, ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିପାରିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ବାହାର କରିପାରନ୍ତି। ଅନ୍ତରଙ୍ଗ ବନ୍ଧୁମାନେ ପରୋକ୍ଷ ଶତ୍ରୁତା କରିବାର ଆଶଙ୍କା ରହିଛି।

**ମକର**
ଶନି ଓ ଚନ୍ଦ୍ରଙ୍କ ଷଡାଷ୍ଟକ ସ୍ଥିତି କାରଣରୁ ପାରିବାରିକ ମତାନ୍ତରରୁ କଳହ ସୃଷ୍ଟି ହେବ। ଶୁକ୍ରଙ୍କ ସୁପ୍ରଭାବରୁ କଳା, ସାହିତ୍ୟ, ସଙ୍ଗୀତାଦିରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରରେ ଯେମିତି ଆଶା କରୁଛନ୍ତି ସେମିତି ହିଁ ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡ଼ା ଲାଗିପାରେ।

**କୁମ୍ଭ**
ରବି ଓ ବୃହସ୍ପତିଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟି ଫଳରେ ସାମଗ୍ରିକ ଦୃଷ୍ଟିକୋଣରୁ ସଫଳତା ମିଳିବ। ଶନି ସହ ମଙ୍ଗଳଙ୍କ ସାନ୍ନିଧ ପ୍ରଭାବରେ ଭ୍ରାତୃସମ୍ପର୍କ କ୍ଷୁଣ୍ଣ ହୋଇପାରେ। କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଆଧ୍ୟାତ୍ମିକତା, ଗଣତନ୍ତ୍ର, ଟେକ୍ନିକାଲ୍ କର୍ମସମୂହ କ୍ଷେତ୍ରରେ ସୁଫଳ ପାଇବେ।

**ମୀନ**
ଗୁରୁଙ୍କ ସୁପ୍ରଭାବରୁ ଆପଣଙ୍କ ଯୁକ୍ତିଯୁକ୍ତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାଷା ଏବଂ ମଧୁର ବ୍ୟବହାର ସାର୍ବଜନୀନ ପ୍ରଶଂସା ପାଇଁ ସହାୟକ ହେବ। ଆନୁଷ୍ଠାନିକ କାମରୁ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହି ନ ପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରେ ଆଦୃତ ହେବେ।

ଆଜି ଏପ୍ରିଲ ୧୭ ତାରିଖ, ଚୈତ୍ର ଶୁକ୍ଳପକ୍ଷର ସର୍ବସମ୍ମତ ଶ୍ରୀରାମନବମୀ ବୁଧବାର, ବିଶ୍ୱ ହିମୋଫିଲିଆ ଦିବସ, ବାସନ୍ତୀକ ମୃଣ୍ମୟୀ ଦେବୀଙ୍କ ମହାନବମୀ, ପୀଠେ ବାସନ୍ତୀକ ଦଶହରା, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୦ମି. ଗତେ ଘ.୦୭.୧୦ମି. ମଧ୍ୟେ, ଘ.୧୦.୧୨ମି. ଗତେ ଘ.୧୧.୨୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୬ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁକାଳ।

# ୟୁପିଏସ୍‌ସି କୃତୀଙ୍କ ମୁହଁରୁ...

## ପ୍ରଥମ ପ୍ରୟାସରେ ଦ୍ୱିତୀୟ ର୍‍ୟାଙ୍କ



ମା'ବାପାଙ୍କୁ ହରାଇଥିଲେ ମଧ୍ୟ କଠିନ ପରିଶ୍ରମ ତାଙ୍କୁ ସଫଳତା ଆଣିଦେଇଛି। ନିଷ୍ଠାର ସହ କଠିନ ପରିଶ୍ରମ କଲେ ଯେ ସଫଳତା ପାଇହେବ ତାହା ସେ ପ୍ରମାଣ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛନ୍ତି। ଏମିତି ଜଣେ ସଫଳ ବ୍ୟକ୍ତି ହେଉଛନ୍ତି ୟୁପିଏସ୍‌ସି-୨୦୨୩ ପରୀକ୍ଷାରେ ଦ୍ୱିତୀୟ ର୍‍ୟାଙ୍କ ପାଇଥିବା ଅନୁଗୋଳର ଅନିମେଶ ପ୍ରଧାନ। ଦିଲ୍ଲୀରେ ଆଇଓସିଏଲରେ କାର୍ଯ୍ୟରତ ଅନିମେଶଙ୍କ ବାପା ସ୍ୱର୍ଗତ ପ୍ରଭାକର ପ୍ରଧାନ ହିଙ୍ଗୁଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ। ୨୦୧୭ରେ ତାଙ୍କର ପରଲୋକ ଘଟିଥିଲା। ସେହିପରି ଅନିମେଶଙ୍କ ମା'ଙ୍କର ଗତ ଜାନୁଆରୀରେ ପରଲୋକ ହୋଇଯାଇଥିଲା। ଅନିମେଶ ତାଳଚେରସ୍ଥିତ ଏକ ଘରୋଇ ସ୍କୁଲରେ ଯୁକ୍ତ୨ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ଯୁକ୍ତ ୨ରେ ସେ ୯୮.୪ ପ୍ରତିଶତ ନମ୍ବର ରଖିଥିଲେ। ଏହାପରେ ସେ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ଏନ୍‌ଆଇଟି)ରୁ କମ୍ପ୍ୟୁଟର ସାଇନ୍ସରେ ବିଟେକ ପାସ୍ କଲା ପରେ ଦିଲ୍ଲୀରେ ଆଇଓସିଏଲରେ ଚାକିରି କରୁଛନ୍ତି। ପ୍ରତିକୂଳ ପରିସ୍ଥିତିରେ ରହି ମଧ୍ୟ ଅନିମେଶ ପ୍ରଥମ ପ୍ରୟାସ(ଆଟେମ୍ପ୍ଟ)ରୁ ସଫଳତା ପାଇଛନ୍ତି। ରେଜଲ୍ଟ ପ୍ରକାଶ ପାଇବା ପରେ ନିଜ ସଫଳତାକୁ ନେଇ ଅନିମେଶ କହିଛନ୍ତି, ମୋ ପରିସ୍ଥିତି କଷ୍ଟକର ଥିଲା। ମୁଁ ୟୁପିଏସ୍‌ସି ପ୍ରସ୍ତୁତ ହେବା ସମୟରେ ମା' କ୍ୟାନ୍‌ସରରେ ପୀଡ଼ିତ ଥିଲେ, ଯାହାଙ୍କର ଗତ ଜାନୁଆରୀରେ ଦେହାନ୍ତ ହୋଇଛି। ଆଉ ଏଭଳି ପରିସ୍ଥିତିରେ ଯଦି ମୁଁ ୟୁପିଏସ୍‌ସି ପାସ୍ କରିପାରୁଛି, ତେବେ ନିଷ୍ଠାର ସହ ପରିଶ୍ରମ କଲେ କେହି ବି ପାସ୍ କରିପାରିବେ। ସେ ଆହୁରି ମଧ୍ୟ କହିଛନ୍ତି, ଚାକିରି କରୁଥିବାରୁ ପାଠ ପଢ଼ିବାକୁ ମୋ ପାଖରେ ବିଶେଷ ସମୟ ନ ଥାଏ। କିନ୍ତୁ ମୁଁ ବିଭିନ୍ନ କୋଚିଂ ସେଣ୍ଟର ଯାଏ ଆଉ ସେମାନଙ୍କର ମେଣ୍ଟରଶିପ୍ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରାକ୍ଟିସ୍ କରେ। କଠିନ ପରିଶ୍ରମର ବିକଳ୍ପ ନାହିଁ। କିଛି ପାଇବାକୁ ହେଲେ କଠିନ ପରିଶ୍ରମ ହିଁ ଏକମାତ୍ର ରାସ୍ତା। ମୋ ପାଇଁ ୟୁପିଏସ୍‌ସି ପ୍ରସ୍ତୁତି କରିବା ବଡ଼ ଚ୍ୟାଲେଞ୍ଜିଂ ଥିଲା। ମା'ଙ୍କ ଶରୀର ଅସୁସ୍ଥ ଥିବାରୁ ମୋ ପାଠରେ ଧ୍ୟାନକେନ୍ଦ୍ରିତ କରିବାକୁ ପରିସ୍ଥିତି ସାଥ୍ ଦେଉ ନ ଥିଲା। ଏବେ ମା' ନାହାନ୍ତି। ସେ ଥିଲେ ମୋ ସଫଳତା ଦେଖି ବହୁତ ଖୁସି ହୋଇଥାନ୍ତେ।

## 'ବଡ଼ଭାଇ ମୋ ପାଇଁ ଗୁରୁ'



ମୟୂରଭଞ୍ଜ ଜିଲା ପ୍ରଶାସନରେ ସହକାରୀ ଜିଲାପାଳ(ଡେପୁଟୀ କଲେକ୍ଟର) ଭାବେ କାର୍ଯ୍ୟରତ ବିଶ୍ୱଜିତ ପଣ୍ଡା ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷା(ୟୁପିଏସ୍‌ସି)ରେ ୩୪୩ ର୍‍ୟାଙ୍କ ରଖି ଜିଲା ତଥା ଅଞ୍ଚଳ ପାଇଁ ଗୌରବ ଆଣିପାରିଛନ୍ତି। ଲୋକଙ୍କ ସେବା କରି ଭବିଷ୍ୟତରେ କଲେକ୍ଟର ହେବା ନେଇ ଦେଖିଥିବା ସ୍ୱପ୍ନ ତାଙ୍କର ପୂରଣ ହେବାକୁ ଯାଉଛି। ତାଙ୍କ ବଡ଼ଭାଇ ଆଶିଷ କୁମାର ପଣ୍ଡା ଭାରତୀୟ ଆୟକର ବିଭାଗର ଅଧିକାରୀ(ଆଇଆର୍‌ଏସ୍) ଓ ମଝିଆ ଭାଇ ଦେବାଶିଷ ପଣ୍ଡା ବିଏସ୍‌ଏଫ୍‌ରେ ଆସିଷ୍ଟାଣ୍ଟ କମାଣ୍ଡର ଭାବେ ଦେଶ ସେବାରେ ନିୟୋଜିତ ଅଛନ୍ତି। ବିଶ୍ୱଜିତଙ୍କ ଘର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରାଉତରାୟପୁର ଗ୍ରାମରେ। ବାପା ବୈକୁଣ୍ଠନାଥ ପଣ୍ଡା ଶିକ୍ଷକ ଥିବା ବେଳେ ମା' ରେବତୀ ଜଣେ ଗୃହିଣୀ। ବାପା ଶିକ୍ଷକତା କରୁଥିବା ମୟୂରଭଞ୍ଜ ଜିଲା ଶରତସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସ୍କୁଲରୁ ବିଶ୍ୱଜିତ୍ ପାଠପଢା ଆରମ୍ଭ କରିଥିଲେ। ପରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୬ନଂ. ର୍‍ୟାଙ୍କରେ ରହି ଚାକିରି ଆରମ୍ଭ କରିଥିଲେ। ମୟୂରଭଞ୍ଜ ଜିଲାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟାରମ୍ଭ କରି ନିଜର ଲକ୍ଷ୍ୟ ପୂରଣ ଦିଗରେ ପ୍ରଚେଷ୍ଟା ଜାରି ରଖିଥିଲେ। ବଡ଼ଭାଇ ଆଶିଷ ତାଙ୍କୁ ଗାଇଡ୍ କରୁଥିଲେ। ସାହସ ଓ ମନୋବଳ ଦୃଢ କରିବାରେ ତାଙ୍କର ଭୂମିକା ଅନନ୍ୟ। ତେଣୁ ବଡ଼ଭାଇ ହିଁ ତାଙ୍କର ଗୁରୁ ବୋଲି ବିଶ୍ୱଜିତ କହିଛନ୍ତି।

## ୨୩୧ରୁ ୩୬ ର୍‍ୟାଙ୍କ



୨୦୨୧ରୁ ସିଭିଲ ସର୍ଭିସ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲି। ମୋର ବିଷୟ ବାଛିବା ପରେ ମୁଁ ଅନ୍‌ଲାଇନ କୋଚିଂ ନେଇଥିଲି। ଘରେ ଥିବାବେଳେ ଏହି କୋଚିଂ ନେଇଥିଲି। ବର୍ତ୍ତମାନ ମୁଁ ଚାକିରି କରୁଛି। ୟୁପିଏସ୍‌ସି ୨୦୨୨ରେ ମୁଁ ୨୩୧ ର୍‍ୟାଙ୍କ ପାଇଥିଲି। କିନ୍ତୁ ଆହୁରି ଭଲ ର୍‍ୟାଙ୍କ ପାଇବା ପାଇଁ ପୁଣି ଏଥର ଚେଷ୍ଟା କରିଥିଲି। ଏହା ମୋର ତୃତୀୟ ପ୍ରଚେଷ୍ଟା ଥିଲା। ମୁଁ ବହୁତ ଖୁସି ଯେ, ଏଥର ମୁଁ ୩୬ ର୍‍ୟାଙ୍କ ପାଇଛି। ଏଥିପାଇଁ ଭଗବାନଙ୍କୁ ଧନ୍ୟବାଦ ଦେବା ସହ ସଫଳତାର ଶ୍ରେୟ ମୋ' ଅଭିଭାବକଙ୍କୁ ଦେବାକୁ ଚାହୁଁଛି ବୋଲି ଆୟୁଷୀ ପ୍ରଧାନ କହିଛନ୍ତି।

## ସଫଳତାରେ ସାହାଯ୍ୟ କଲା ପୂର୍ବ ପ୍ରୟାସ

### ର୍‍ୟାଙ୍କ ୨୪ରେ ପ୍ରଜ୍ଞାନନ୍ଦନ ଗିରି



ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟରଭାବେ କାର୍ଯ୍ୟରତ ପ୍ରଜ୍ଞାନନ୍ଦନ ଗିରି ସର୍ବଭାରତୀୟ ପ୍ରଶାସନିକ ସେବା(ୟୁପିଏସ୍‌ସି)ରେ ୨୪ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୟୂରଭଞ୍ଜ ଜିଲା କରଞ୍ଜିଆ ନିବାସୀ ମୀରାବାଲା ଗିରି ଓ ବିକ୍ରମ ଗିରିଙ୍କ ପୁଅ ପ୍ରଜ୍ଞାନନ୍ଦନ ଗତ ୨୦୨୦ ଓଡ଼ିଶା ପ୍ରଶାସନିକ ସେବାରେ ଉତ୍ତୀର୍ଣ୍ଣ ହେବା ପରେ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟରଭାବେ ଯୋଗଦାନ କରି ଜରୁରିକାଳୀନ ବିଭାଗରେ କାର୍ଯ୍ୟରତ ଅଛନ୍ତି। ମା, ବାପା, ଗୁରୁଜନ, ସାଙ୍ଗସାଥୀଙ୍କୁ ସେ ସଫଳତାର ଶ୍ରେୟ ଦେଇଛନ୍ତି। ନିଜ ଗ୍ରାମ କରଞ୍ଜିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ପାଠପଢ଼ା ଆରମ୍ଭ କରିଥିବାବେଳେ ଭୁବନେଶ୍ୱରସ୍ଥିତ ନାଇଜର୍‌ରେ ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି କରିଥିଲେ। ପୂର୍ବରୁ ପ୍ରଜ୍ଞାନନ୍ଦନ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି ପାଠ ସମାପନ ପରେ ପ୍ରଶାସନିକ ସେବା ପ୍ରତି ତାଙ୍କର ଆଗ୍ରହ ହୋଇଥିଲା ଏବଂ ଏଥିପ୍ରତି ସେ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲେ ବୋଲି କହିଛନ୍ତି। ଚତୁର୍ଥ ପ୍ରୟାସରେ ସେ ୟୁପିଏସସିରେ ସଫଳତା ହାସଲ କରିଛନ୍ତି। କିନ୍ତୁ ଏହି ସଫଳତାରେ ପୂର୍ବରୁ ସେ କରିଥିବା ୩ ପ୍ରୟାସ ବହୁତ ସାହାଯ୍ୟ କରିଛି ଏବଂ ସେଥିପାଇଁ ସେ ସଫଳ ହୋଇଥିବା କହିଛନ୍ତି। ୨୦୦ ର୍‍ୟାଙ୍କ ମଧ୍ୟରେ ରହିବେ ବୋଲି ଆଶା ରଖିଥିଲେ। ମାତ୍ର ୨୪ର୍‍ୟାଙ୍କରେ ରହି ନିଜେ ବହୁତ ଖୁସି ଅନୁଭବ କରୁଛନ୍ତି ବୋଲି ପ୍ରଜ୍ଞାନନ୍ଦନ କହିଛନ୍ତି।

## ଭଲ ର୍‍ୟାଙ୍କ୍ ପାଇଁ ଆଉ ଥରେ ଚେଷ୍ଟା କରିବି



ୟୁପିଏସ୍‌ସି ପାଇଁ ପୂର୍ବରୁ କୋଚିଂ ନେଇଥିଲି। କିନ୍ତୁ କୋଭିଡ୍ ପରେ ନିଜେ ପ୍ରସ୍ତୁତ ହେଉଥିଲି। ପାଠ୍ୟକ୍ରମ, ପୂର୍ବବର୍ଷର ପ୍ରଶ୍ନପତ୍ର ମୋର ମୁଖ୍ୟ ମନ୍ତ୍ର ଥିଲା, ଯାହାକି ମୋତେ ସଫଳତା ଦେଇଛି। ଦିନକୁ ୬ ରୁ ୮ଘଣ୍ଟା ପଢ଼ିବାକୁ ପଡୁଥିଲା। ଭବିଷ୍ୟତରେ କିଛି କରିବାର ଅଛି ବୋଲି ମନରେ ରଖି ପ୍ରତିଦିନ ନିଜକୁ ଅନୁପ୍ରେରିତ(ମୋଟିଭେଟ) କରୁଥିଲି। ଏହା ମୋର ଚତୁର୍ଥ ପ୍ରଚେଷ୍ଟା ଥିଲା। ଗତଥର ମୋତେ ୪୦୫ ର୍‍ୟାଙ୍କ ମିଳିଥିଲା। ମୁଁ ରେଳ ବିଭାଗରେ ଯୋଗ ଦେଇଥିଲି। କିନ୍ତୁ ଆଉ ଟିକିଏ ଭଲ ର୍‍ୟାଙ୍କ ପାଇବା ଏବଂ ମୋ ସ୍ୱପ୍ନ ପୂରଣ କରିବା ପାଇଁ ଏଥର ପୁଣି ମୁଁ ଆଟେମ୍ପ୍ଟ ନେଇଥିଲି। ମୋର ୩୧୯ ର୍‍ୟାଙ୍କ ଆସିଛି, ଯାହାକି ମୋର ଆଶା ଠାରୁ କମ୍। ତେବେ ର୍‍ୟାଙ୍କ ଯାହାବି ଆସିଛି ସେଥିରେ ମୁଁ ବହୁତ ଖୁସି ଅଛି। ସେଥିପାଇଁ ଭଗବାନଙ୍କୁ ଧନ୍ୟବାଦ ଦେବି। କିନ୍ତୁ ଭଲ ର୍‍ୟାଙ୍କ ରଖିବାକୁ ଆଉଥରେ ମୁଁ ଚେଷ୍ଟା କରିବି ବୋଲି ଭୁବନେଶ୍ୱରରେ ରହୁଥିବା ରଶ୍ମି ପ୍ରଧାନ କହିଛନ୍ତି।

## ଓଏଏସ୍ ଟପ୍ପର ସୌରଭ ଏବେ ୟୁପିଏସ୍‌ସି କୃତୀ



ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷା(ୟୁପିଏସ୍‌ସି)ରେ ମୟୂରଭଞ୍ଜ ଜିଲା ବେତନଟୀର ସୌରଭ ଦାସ ୪୬୬ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କ ଘର ବେତନଟୀ ବ୍ଲକ ଅଧୀନ ଭୋଗବାଟୀର ମଠସାହିରେ। ପିତା ମୀନକେତନ ଦାସ ଓ ମାତା ସଞ୍ଜୁକ୍ତାଙ୍କ ପୁଅ ସୌରଭ ବେତନଟୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରୁ ପ୍ରାଥମିକ ଶିକ୍ଷା ଆରମ୍ଭ କରି ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଆଇଟିଆରରୁ ୨୦୧୩ରେ ବିଟେକ୍‌ରେ କୃତକାର୍ଯ୍ୟ ହୋଇଥିଲେ। ୨୦୧୫ରେ ଓଏଏସ୍ ପରୀକ୍ଷାରେ ରାଜ୍ୟରେ ଟପ୍ପର ହୋଇ ବେତନଟୀ ଅଞ୍ଚଳକୁ ଗୌରାବାନ୍ୱିତ କରିଥିଲେ। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ନିମନ୍ତେ ସେ ଅଭିଳାଷ ରଖିଥିବା ବେଳେ ଆଇଏଏସ୍ ପାଇଁ କୋଚିଂ ମଧ୍ୟ ନେଉଥିଲେ। ଲକ୍ଷ୍ୟ ପୂରଣ ପାଇଁ ଓଡ଼ିଶା ପ୍ରଶାସନିକ ସେବାରେ ଚାକିରି ଆସିଥିଲେ ମଧ୍ୟ ଚାକିରି ଛାଡି ଆଇଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ସେ ଏଥିପାଇଁ ୫ଥର ପ୍ରବେଶିକା ପରୀକ୍ଷା ଦେବା ପରେ ୬ଷ୍ଠ ଥର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୌରଭ ପ୍ରକାଶ କରିଛନ୍ତି।

# ଏସ୍‌ସିବିରେ ଆହତଙ୍କୁ ଭେଟିଲେ ପାଣ୍ଡିଆନ

**କଟକ,୧୬।୪(ଶିଳ୍ପା ପ୍ରିୟଦର୍ଶିନୀ)**

### ଯାଜପୁର ବସ୍ ଦୁର୍ଘଟଣା

ଯାଜପୁର ଜିଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବାରବାଟୀ ଛକ ନିକଟ ଓଭରବ୍ରିଜ୍‌ରୁ ସୋମବାର ରାତିରେ ଯାତ୍ରୀବାହୀ ବସ୍ ତଳକୁ ଖସିପଡିବାରୁ ୫ ଜଣଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଗୁରୁତର ହୋଇଥିବା ୪୬ ଜଣଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମଙ୍ଗଳବାର ଏସ୍‌ସିବି ମେଡିକାଲରେ ପହଞ୍ଚି ଗୁରୁତର ଆହତମାନଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ଉନ୍ନତମାନର ଚିକିତ୍ସା ସେବା ଯୋଗାଇଦେବାକୁ ସେ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେବା ସହ ଧନ୍ୟବାଦ ଜଣାଇଥିଲେ। ପାଣ୍ଡିଆନ୍‌ଙ୍କ ଗସ୍ତ ସମୟରେ କଟକ ଜିଲାପାଳ ଅରିନ୍ଦମ ଡାକୁଆ, ଯାଜପୁର ଜିଲାପାଳ ନିଖିଲ ପୱନ କଲ୍ୟାଣ, ପରିବହନ ବିଭାଗ କମିଶନର ଅମିତାଭ ଠାକୁର, ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ଡିସିପି ପ୍ରକାଶ ଆର୍, ଏସ୍‌ସିବି ଅଧ୍ୟକ୍ଷ ପ୍ରଫେସର ସୁଧାଂଶୁ ଶେଖର ମିଶ୍ର, ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।



ଏସ୍‌ସିବି ମେଡିକାଲରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିବା ୪୬ ଜଣଙ୍କ ମଧ୍ୟରୁ ୨୮ ଜଣଙ୍କୁ ମଙ୍ଗଳବାର ଡିସ୍‌ଚାର୍ଜ କରାଯାଇଛି। ଅନ୍ୟ ୧୮ ଜଣ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଆଇସିୟୁରେ ରଖାଯାଇଥିବାବେଳେ ଅନ୍ୟମାନଙ୍କୁ ଅର୍ଥୋପେଡିକ୍, ନ୍ୟୁରୋସର୍ଜରି, ସିଟିଭିଏସ୍ ୱାର୍ଡରେ ଚିକିତ୍ସା କରାଯାଉଛି। ଅପରପକ୍ଷରେ ଡିସ୍‌ଚାର୍ଜ ହୋଇଥିବା ପଶ୍ଚିମବଙ୍ଗ ଯାତ୍ରୀଙ୍କୁ ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସ ଯୋଗେ ଗନ୍ତବ୍ୟସ୍ଥଳକୁ ନିଆଯାଇଛି। ଏନେଇ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ମେଡିକାଲ ପକ୍ଷରୁ ଆହତଙ୍କ ପରୀକ୍ଷା ନିରୀକ୍ଷା କରାଯାଇଛି। ସିଟିଭିଏସ୍‌ରେ ଜଣଙ୍କ ଅସ୍ତ୍ରୋପଚାର କରାଯାଇଛି। ଆହତମାନେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ମେଡିକାଲ ପକ୍ଷରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯିବ।

# ୨୫ ଯାଏ ତାତିରୁ ନିସ୍ତାର ନାହିଁ

**ଭୁବନେଶ୍ୱର,୧୬।୪(ଅନିଲ ଦାସ)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରଚଣ୍ଡ ଖରାରେ ଦେହମୁଣ୍ଡ ଜଳିପୋଡ଼ି ଗଲାଭଳି ଲାଗୁଛି। ସକାଳ ୮ଟା ହେବା ମାତ୍ରେ ତାତି ମାଡ଼ିଆସୁଛି। ମଙ୍ଗଳବାର ୨୯ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଅଥବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ବାରିପଦାରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡି ୪୨.୪, ନୂଆପଡ଼ା ୪୨.୪, ବୌଦ୍ଧ ୪୨, ତାଳଚେର ୪୨, ଭୁବନେଶ୍ୱର ୪୧.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୫ ତାରିଖ ଯାଏ ଗ୍ରୀଷ୍ମ ପ୍ରବାହରୁ ନିସ୍ତାର ମିଳିବ ନାହିଁ। ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ପାରଦ ୪୫ଡିଗ୍ରୀକୁ ଛୁଇଁବା ବେଳେ ଉପକୂଳରେ ପ୍ରବଳ ଗରମ ସହ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବର୍ତ୍ତମାନ ରାଜ୍ୟକୁ ଉତ୍ତର-ପଶ୍ଚିମ ତଥା ପଶ୍ଚିମ ଦିଗରୁ ଶୁଷ୍କବାୟୁ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ଆସନ୍ତା ୩ ଦିନ ମଧ୍ୟରେ ଦିନର ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ଯାଏ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୨୧ ତାରିଖ ଯାଏ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୮ ଓ ୧୯ ତାରିଖରେ ପ୍ରବଳ ଖରା ହେବା ସହିତ କେତେକ ଜିଲାରେ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ଛୁଇଁବା ସମ୍ଭାବନା ରହିଛି। ୨୧ ଏବଂ ୨୨ ତାରିଖରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ କାଳବୈଶାଖୀଜନିତ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି। ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ, ବୁଧବାର କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଯାଜପୁର, ନୟାଗଡ଼, କନ୍ଧମାଳ, କୋରାପୁଟ ଏବଂ ମାଲକାନଗିରି ଜିଲାରେ ଗ୍ରୀଷ୍ମ ପ୍ରବାହ ହେବ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାରେ ଗରମ ସହିତ ଗୁଳୁଗୁଳି ଅନୁଭୂତ ହେବ। ଏ ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୮ ତାରିଖରେ ଟିଟିଲାଗଡ଼, ବଲାଙ୍ଗୀର, ବୌଦ୍ଧ, ଝାରସୁଗୁଡ଼ା, ମାଲକାନଗିରି, ସୋନପୁର, ଭବାନୀପାଟଣା, ନୟାଗଡ଼, ବାରିପଦା, ପାରଳାଖେମୁଣ୍ଡି, ଭୁବନେଶ୍ୱର, ଅନୁଗୋଳ ଓ ନୂଆପଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀକୁ ଟପିବା ସମ୍ଭାବନା ରହିଛି। ସେହିପରି ୧୯ ତାରିଖରେ ଟିଟିଲାଗଡ଼, ଭବାନୀପାଟଣା, ମାଲକାନଗିରି, ବଲାଙ୍ଗୀର, ବୌଦ୍ଧ, ନୟାଗଡ଼, ଝାରସୁଗୁଡ଼ା ଓ ଅନୁଗୋଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବା ସମ୍ଭାବନା ରହିଛି। ଏହି ସବୁ ଜିଲାରେ ଗ୍ରୀଷ୍ମ ପ୍ରବାହ ହେବ। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।




# ୨ ଜଣଙ୍କ ଉପରେ ଚଢ଼ିଗଲା ଟ୍ରକ୍

**କେନ୍ଦୁଝର,୧୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସହରର ଧୃପଦା ନିକଟ ଏନ୍‌ଏଚ୍-୨୦ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ରାସ୍ତା କଡ଼ରେ ଛିଡ଼ାହୋଇଥିବା ୨ ଜଣଙ୍କ ଉପରେ ଏକ ଟ୍ରକ୍ ମାଡ଼ିଯିବାରୁ ଘଟଣା ସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଛି। ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ଦ୍ୱୟ ହେଲେ କେନ୍ଦୁଝର ଟାଉନର ତାପସ ନାୟକ ଓ ଲାଲମୋହନ ବେହେରା। ଗୁରୁତର ବାପି ବେହେରାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସୋମବାର ରାତିରେ ଧୃପଦା ନିକଟ ରାସ୍ତାଗଡ଼ରେ ତାପସ ବାଇକ୍ ଉପରେ ବସିଥିଲେ। ସେହି ସମୟରେ ଦ୍ରୁତଗତିରେ ଟ୍ରକ୍ ଆସି ତାପସଙ୍କୁ ପ୍ରଥମେ ଧକ୍କାଦେଇ ଚଢ଼ିଯାଇଥିଲା। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଟ୍ରକ୍ ଖସି ପଳାଇବାକୁ ଉଦ୍ୟମ କରି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ବାଇକ୍‌କୁ ଧକ୍କାଦେଇ ମାଡ଼ିଯାଇଥିଲା। ଫଳରେ ବାଇକ ଆରୋହୀ ଲାଲମୋହନଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ବାଇକ୍‌ରେ ଥିବା ବାପି ଗୁରୁତର ହୋଇଥିଲେ। ଦୁର୍ଘଟଣାରେ ଏକ ବାଇକ ଚୂର୍‌ମାର ହୋଇ ଜଳିଯାଇଥିଲା। ଟାଉନ ଥାନା ପୋଲିସ ପହଞ୍ଚି ଦମକଳ ବାହିନୀ ସହାୟତାରେ ନିଆଁ ଲିଭାଇବା ସହ ମୃତାହତଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତକରି ପୋଲିସ ତଦନ୍ତ କରୁଛି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରସିକ ପଣକୁ କୁଆ।**
**ରୂପ ଦିଶେ ବଣଭୁଆ।।**
**ଛେଳି ପାଟି ପରି ପାଟି ବୁଲୁଥିବ**
**କଲେ ଥିବ ପାନ ଗୁଆ।।**

ରସିକ ପଣକୁ ଠିକ୍, ପରନ୍ତୁ ଦୃଷ୍ଟିଭଙ୍ଗୀ ଖୁବ୍ ନିରସ। ଗାଉଁଲି ଯୁବକଟିର ତୁଚ୍ଛା ରସିକ ପଣକୁ ଏଠାରେ ବର୍ଣ୍ଣନା କରାଯିବା ସହ ତା'ର ରୂପ ତଥା ପାନଖିଆ ଭଙ୍ଗୀକୁ ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ରାତିରେ ଦହି, ଦିନରେ ଖଇ**
**ଏହା କେବେ ଖାଇବ ନାହିଁ।**

ସାଧାରଣତଃ ରାତିରେ ଦହି ଓ ଦିନରେ ଖଇ ଖାଇବା ନେଇ ବାରଣ କରାଯାଇଥାଏ। ଏପରି ଖାଇବା ସ୍ୱାସ୍ଥ୍ୟ ପାଇଁ ଅହିତକର ହୁଏ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି। -ଶ୍ରୀମା

-ଶ୍ରୀରାମ ନବମୀ ଓ ଶ୍ରୀ ଦୁର୍ଗାଦେବ୍ୟାଃ ବିଶ୍ରାମ



# ସଙ୍କଟରେ ନ୍ୟାୟାଳୟ

ନ୍ୟାୟପାଳିକା ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ନାଗରିକଙ୍କ ସ୍ୱାର୍ଥରକ୍ଷା ନିଶ୍ଚିତ କରେ। ଭାରତର ନ୍ୟାୟିକ ବ୍ୟବସ୍ଥା ସୁବ୍ୟସ୍ଥିତ ଓ ଏହାର ଶୀର୍ଷରେ ରହିଛି ସୁପ୍ରିମକୋର୍ଟ। ଏହା ପରେ ରାଜ୍ୟସ୍ତରରେ ଉଚ୍ଚ ନ୍ୟାୟାଳୟ ଏବଂ ଜିଲା ସ୍ତରରେ ଜିଲା କୋର୍ଟଗୁଡ଼ିକ ଅଛି। ଗଣତନ୍ତ୍ରର ଅନ୍ୟ ଦୁଇ ସ୍ତମ୍ଭ ବ୍ୟବସ୍ଥାପକ ଓ କାର୍ଯ୍ୟପାଳିକା ତୁଳନାରେ ଭାରତରେ ନ୍ୟାୟପାଳିକା ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ରକ୍ଷା କରିବାରେ ନାଗରିକଙ୍କ ଅଧିକାରକୁ ସୁରକ୍ଷିତ କରିବା କଥା। ଭାରତରେ ବ୍ୟବସ୍ଥାପକ ଓ କାର୍ଯ୍ୟପାଳିକା ମଧ୍ୟ ସମ୍ବିଧାନ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ସ୍ପଷ୍ଟ କରିବାକୁ ନ୍ୟାୟପାଳିକାର ସହାୟତା ଲୋଡ଼ିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନ୍ୟାୟପାଳିକା ନାଗରିକମାନଙ୍କର ମୌଳିକ ଅଧିକାରର ସୁରକ୍ଷାକାରୀ। କିନ୍ତୁ ଦେଖାଯାଉଛି ଭାରତରେ ନ୍ୟାୟପାଳିକାର କାର୍ଯ୍ୟ ଉପରେ ପ୍ରଶ୍ନ ଉଠୁଛି। ନିକଟରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ୨୧ ଜଣ ଅବସରପ୍ରାପ୍ତ ବିଚାରପତି ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ ଯୋଜନାବଦ୍ଧ ଚାପ, ଭୁଲ୍ ତଥ୍ୟ ଓ ସାର୍ବଜନୀନ ନିନ୍ଦା ଜରିଆରେ ବିଚାର ବ୍ୟବସ୍ଥାକୁ ଦୁର୍ବଳ କରିଦେବା ପାଇଁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଚେଷ୍ଟାକରୁଛନ୍ତି। ଏହି ଗୋଷ୍ଠୀ ରାଜନୈତିକ ସ୍ୱାର୍ଥ ଦ୍ୱାରା ପ୍ରଭାବିତ ହୋଇ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାକୁ ନ୍ୟାୟିକ ବ୍ୟବସ୍ଥା ଉପରେ ଥିବା ଲୋକଙ୍କ ଆସ୍ଥାରେ ଆଞ୍ଚ ଆଣିବା ପାଇଁ ଉଦ୍ୟମ କରୁଛନ୍ତି। ଏହା ଗଣତନ୍ତ୍ର ପାଇଁ ଅଶୁଭ ସଙ୍କେତ। ଏହି ପରିପ୍ରେକ୍ଷୀରେ ନ୍ୟାୟପାଳିକାକୁ ସୁରକ୍ଷା ଦେବା ଜରୁରୀ ବୋଲି ଅବସରପ୍ରାପ୍ତ ବିଚାରପତିମାନେ ସିଜେଆଇଙ୍କୁ ଜଣାଇଛନ୍ତି। ଏଠାରେ ସ୍ମରଣଯୋଗ୍ୟ, କିଛିଦିନ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୬୦୦ ଆଇନଜୀବୀ ଅନୁରୂପ ପତ୍ର ଲେଖିଥିଲେ। ସେମାନେ ଦର୍ଶାଇଥିଲେ ଯେ, ଏକ ଗୋଷ୍ଠୀର ରାଜନେତା ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ବିଚାର ବ୍ୟବସ୍ଥାକୁ କଳୁଷିତ କରୁଛନ୍ତି। କୌତୂହଳର ବିଷୟ ହେଉଛି ଯେ, ଉଭୟ ଗୋଷ୍ଠୀ କୌଣସି ରାଜନୈତିକ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରିନାହାନ୍ତି। ଏହିଭଳି ଅସ୍ପଷ୍ଟ ମତ ସାଧାରଣତଃ ଅଶାନ୍ତ ସାମାଜିକ ପରିସ୍ଥିତିରେ ସହାୟକ ହୁଏ ନାହିଁ।

> **ଅବସରପ୍ରାପ୍ତ ବିଚାରପତିମାନେ ଆଜି ଯେଉଁ ପରିସ୍ଥିତିକୁ ସମାଲୋଚନା କରୁଛନ୍ତି ତାହାର ମୂଳଦୁଆ ସେମାନେ ନିଜେ ପକାଇଛନ୍ତି। ଆସନରେ ବସିଥିବାବେଳେ ଅଧସ୍ତନ ନ୍ୟାୟାଳୟରେ ପରିବର୍ତ୍ତନ ଓ ସଚେତନତା ଆଣିବାରେ ସେମାନେ କୌଣସି ଚେଷ୍ଟା କରି ନ ଥିବାରୁ ଆଜି ରାଜନୈତିକ ବ୍ୟକ୍ତିମାନେ ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରେ ଚାପ ପକାଇବାକୁ ଆସ୍ପର୍ଦ୍ଧା କରିପାରୁଛନ୍ତି।**

ଦେଖିବାକୁ ଗଲେ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନ୍ୟାୟପାଳିକା ଉପରେ ଲୋକଙ୍କର ଭରସା ରହିଛି। ହେଲେ ବିଚାରପତିମାନଙ୍କର ପତ୍ର ସ୍ପଷ୍ଟ କରୁଛି ଯେ, କିଛି ନେତା ନ୍ୟାୟପାଳିକାକୁ ଦୁର୍ବଳ ହୋଇଯିବା ଚାହାନ୍ତି, ଯାହାଦ୍ୱାରା ସେମାନେ ନାଗରିକଙ୍କ ସ୍ୱାର୍ଥକୁ ଅଣଦେଖା କରି ଯାହା ଚାହିଁବେ ତାହା ଅନାୟାସରେ କରିପାରିବେ। ଅତୀତରେ ବିଲ୍‌କିସ୍ ବାନୋଙ୍କ ମାମଲାରେ ଦୋଷୀମାନେ ଦଣ୍ଡମୁକ୍ତ ହେବା ଓ ପୁନର୍ବାର ସୁପ୍ରିମକୋର୍ଟଙ୍କ ଦ୍ୱାରା ସେମାନଙ୍କୁ ଜେଲ ପଠାଯିବା ତଥା ମହାରାଷ୍ଟ୍ରର ଭୀମା କୋରେଗାଁଓ ଘଟଣାରେ ସରକାରଙ୍କ ଆଭିମୁଖ୍ୟ ଓ ବିଚାରରେ ମନ୍ଥରତାକୁ ଲକ୍ଷ୍ୟକଲେ ବିଚାରପତିମାନଙ୍କର ସାମ୍ପ୍ରତିକ ଚିଠିର ଗୁରୁତ୍ୱ ଅନୁଭବ କରିହୁଏ। ଗୋଟିଏ ପଟେ ଅବସରପ୍ରାପ୍ତ ବିଚାରପତିମାନେ ନ୍ୟାୟପାଳିକା ପ୍ରତି ଉପୁଜୁଥିବା ବିପଦ ସମ୍ପର୍କରେ ସୂଚାଇଛନ୍ତି। ଅନ୍ୟପଟେ ଶାସକ ଦଳ ତରଫରୁ କୁହାଯାଇଛି, ୨୦୨୪ ନିର୍ବାଚନରେ ଅଧିକ ସଂଖ୍ୟା ଜିତିଲେ ଦେଶର ସମ୍ବିଧାନକୁ ବଦଳାଇ ଦିଆଯିବ। ଉଲ୍ଲେଖନୀୟ ଯେ, କୌଣସି ଦେଶରେ ନ୍ୟାୟପାଳିକାକୁ ଦୁର୍ବଳ କରିଦିଆଗଲେ ସେଠାରେ ଏକଚ୍ଛତ୍ରବାଦ ମୁଣ୍ଡ ଟେକେ, ଯାହା ପାକିସ୍ତାନ, ତୁର୍କୀ ଓ ଇରାନରେ ଦେଖାଯାଇଛି। ଭାରତରେ ସେଭଳି ସ୍ଥିତି ଉପୁଜିବାକୁ ଯାଉଥିବା ମନେହୁଏ। ଭାଜପା ଆଗକୁ ୧୦୦୦ ବର୍ଷ ଶାସନ କରିବାକୁ ସକ୍ଷମ ହେବା ଦରକାର ବୋଲି ଦଳ ପକ୍ଷରୁ ଯେଉଁ ମତବ୍ୟକ୍ତ କରାଯାଉଛି ତାହା ଏକଚ୍ଛତ୍ରବାଦ ମନୋଭାବକୁ ସ୍ପଷ୍ଟ କରୁଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଅବସରପ୍ରାପ୍ତ ବିଚାରପତିମାନେ ଆଜି ଯେଉଁ ପରିସ୍ଥିତିକୁ ସମାଲୋଚନା କରୁଛନ୍ତି ତାହାର ମୂଳଦୁଆ ସେମାନେ ନିଜେ ପକାଇଛନ୍ତି। ଆସନରେ ବସିଥିବାବେଳେ ଅଧସ୍ତନ ନ୍ୟାୟାଳୟରେ ପରିବର୍ତ୍ତନ ଓ ସଚେତନତା ଆଣିବାରେ ସେମାନେ କୌଣସି ଚେଷ୍ଟା କରି ନ ଥିବାରୁ ଆଜି ରାଜନୈତିକ ବ୍ୟକ୍ତିମାନେ ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରେ ଚାପ ପକାଇବାକୁ ଆସ୍ପର୍ଦ୍ଧା କରିପାରୁଛନ୍ତି।

# ଉତ୍ତର ପିଢ଼ିର ବ୍ୟାଘ୍ରାରୋହଣ



ଛାୟାକାନ୍ତ ଷଡ଼ଙ୍ଗୀ

ଗୋଦାବରୀଶ ମହାପାତ୍ରଙ୍କ କ୍ଷୁଦ୍ରଗଳ୍ପ 'ଏବେ ବି ବଞ୍ଚିଛି'ର ଦୁର୍ଭିକ୍ଷ ପ୍ରପୀଡ଼ିତ ନାୟକ ବେଣୁଧର ସରକାରୀ ସାହାଯ୍ୟ କେନ୍ଦ୍ରକୁ ଚାଉଳ ଆଣିବା ପାଇଁ ଯାଇଛି ସିନା, ସେ ଚାଉଳ ଗ୍ରହଣ କରିନାହିଁ। ତା'ର ମନେପଡ଼ିଯାଇଛି ସତ୍ୟବାଦୀ ବନ ବିଦ୍ୟାଳୟରେ ପଢ଼ାଯାଉଥିବା ସେହି ପଦ: ''ଜୀବନ ଥିଲେ ଭାଇ ପାତିବା ନାହିଁ ହାତ, ମଣିଷ ପରି ଦିନେ ମଣିଷ ହୋଇବା ତ।'' ଏତିକି କହି ସେ ସେଠି ଟଳିପଡ଼ିଛି। ବୋଧହୁଏ ସେହିଦିନ ଏହି ମହାନ୍ ସ୍ୱାଭିମାନୀ ଓଡ଼ିଆ ଜାତିର ମୃତ୍ୟୁ ଘଟିଛି। ଆଜି ସମସ୍ତେ ହାତ ଟେକି କହୁଛନ୍ତି, 'ଚାଉଳ ଦିଅ, ଗହମ ଦିଅ, ଛତା ଦିଅ, ସାଇକେଲ ଦିଅ, ଭତ୍ତା ଦିଅ' ଇତ୍ୟାଦି। ଦରିଦ୍ର ଜନତାର ବିକଳ ଚିତ୍କାର ଶୁଣି ସରକାର ବହୁମୁଖୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୧ ଟଙ୍କିଆ ଚାଉଳ, ୫ ଟଙ୍କିଆ ଆହାର, ବେକାରି ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, କଳାକାର ଭତ୍ତା ଆଦି ଅନେକ ଯୋଜନା କାର୍ଯ୍ୟକାରୀ ହେଲାଣି। ନିର୍ବାଚନ ସମୟ ଆସିଲେ ଲୋକେ ମାଗଣାରେ ଅନେକ ଦ୍ରବ୍ୟ ପାଇବା ପାଇଁ ଚାହିଁ ବସୁଛନ୍ତି। ସରକାର ଆଶା କରୁଥିଲେ ସହାୟତା ପାଇଲେ ଲୋକେ ପ୍ରୋତ୍ସାହିତ ହେବେ ଓ ତା'ର ସଦୁପଯୋଗକରି ସ୍ୱାବଲମ୍ବୀ ହେବେ। ମାତ୍ର ସେହି ଆଶା ନିରାଶାରେ ପରିଣତ ହୋଇଛି। ରାଜ୍ୟରେ ଯେମିତି କେହି ଖାଇବାକୁ ନ ପାଇ ଜୀବନ ନ ହାରେ, ସେଥିପାଇଁ ଟଙ୍କିକିଆ ଚାଉଳ ଯୋଗାଣ ହେଲା। ମାତ୍ର ଆଜି ଏହି ଯୋଜନା ମଣିଷକୁ ଶ୍ରମ ବିମୁଖ କରିଛି। ଗୋଟିଏ ଦିନ ଶ୍ରମ କଲେ ସେହି ପାରିଶ୍ରମିକରେ ଗୋଟିଏ ମାସ ପାଇଁ ଚାଉଳ ମିଳିଯାଉଥିବାରୁ ଲୋକେ ବାକି ଦିନ ଘରେ ବସି ରହୁଛନ୍ତି। ପଛୁଆ ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ଅନେକ ଯୋଜନା କଲେ। ରାଜ୍ୟରେ କେହି ଗରିବ ଗୃହଶୂନ୍ୟ ନ ରୁହନ୍ତି ଚିନ୍ତାକରି ସରକାର ଇନ୍ଦିରା ନିବାସ, ବିଜୁ ପକ୍କାଘର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେହି ଗରିବମାନଙ୍କୁ ବିଭିନ୍ନ ସରକାରୀ ଯୋଜନାର ଉପଯୋଗ କରିବା ପାଇଁ ବିପିଏଲ୍ କାର୍ଡ ଦେଉଛନ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ସମର୍ଥମାନେ ମଧ୍ୟ ଯୋଜନାଗୁଡ଼ିକ ହାତେଇବା ପାଇଁ ବିପିଏଲ୍ କାର୍ଡଧାରୀ ହେବା ପାଇଁ ଚେଷ୍ଟା କରୁଛନ୍ତି। ଏବେ ଗରିବ ହେବା ପାଇଁ ପ୍ରତିଯୋଗିତା ଚାଲିଛି। ଏଇ ବୀର ଓଡ଼ିଆ ଜାତି ଆଜି ମାନସିକତାରେ କାଙ୍ଗାଳ।

ଆଜିର ଓଡ଼ିଆମାନଙ୍କର ଏହି ମାନସିକତା ମନେପକାଇଦିଏ ଏକ ପ୍ରାଚୀନ କାହାଣୀ। ଥିଲେ ଜଣେ ରାଜା। ଦିନେ ସେ ରାସ୍ତାରେ ଯାଉ ଯାଉ ଦେଖିଲେ ଜଣେ ପିଲା ପକ୍ଷୀଟିଏ ଧରି ପିଞ୍ଜରାରେ ଭର୍ତ୍ତି କରୁଛି। ପକ୍ଷୀଟି ଛଟପଟ ହୋଇ ପିଲାଟି ହାତରୁ ଖସିଯିବା ପାଇଁ ଚେଷ୍ଟା କରୁଛି ଓ କ୍ଷତାକ୍ତ ହେଉଛି। ଏହି ଘଟଣାଟି ରାଜାଙ୍କ ହୃଦୟରେ ଦୟାଭାବ



ଜାଗ୍ରତ କଲା। ରାଜା ସେହି ପିଲାଟିକୁ କିଛି ଅର୍ଥ ଦେଇ ପକ୍ଷୀଟିକୁ ମୁକ୍ତ କରିବା ପାଇଁ କହିଲେ। ପିଲାଟି କିଛି ଅର୍ଥ ପାଇ ପକ୍ଷୀଟିକୁ ନୀଳ ଆକାଶକୁ ଉଡ଼ାଇଦେଲା। ଏହା ଦେଖି ସେଠି ଉପସ୍ଥିତ ଥିବା ଜନସାଧାରଣ ରାଜାଙ୍କୁ ପ୍ରଶଂସାକଲେ। ତା' ପରଦିନ ରାଜା ଘୋଷଣାକଲେ ଯିଏ ଘରେ ଚଢ଼େଇ ରଖିଛି ତାକୁ ଆଣି ରାଜାଙ୍କୁ ଦେଲେ ରାଜା ପକ୍ଷୀଟିକୁ ମୁକ୍ତ କରିବା ସଙ୍ଗେ ସଙ୍ଗେ ତା'ର ପାଳକକୁ ପୁରସ୍କାର ଦେବେ। ଦେଖାଗଲା, ବହୁ ଲୋକ ପକ୍ଷୀ ଧରି ଆସୁଛନ୍ତି ଓ ପକ୍ଷୀକୁ ମୁକ୍ତକରି ପୁରସ୍କାର ଧରି ଫେରୁଛନ୍ତି। ଏହାର ସଂଖ୍ୟା ବଢ଼ି ବସିବାରୁ ରାଜାଙ୍କ ମନରେ ସନ୍ଦେହ ଆସିଲା। ଏହାର ରହସ୍ୟ ଜାଣିବା ପାଇଁ ସେ ରାଜ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଲେ। ଶେଷରେ ରହସ୍ୟ ଉଦ୍‌ଘାଟିତ ହେଲା। ଯେଉଁମାନେ ଚଢ଼େଇ ପାଳନକରି ନ ଥିଲେ ସେମାନେ ବି ପୁରସ୍କାର ପାଇବା ପାଇଁ ଚଢ଼େଇ ଧରୁଥିଲେ ଓ ରାଜାଙ୍କ ପାଖରେ ପହଞ୍ଚୁଥିଲେ। ଠିକ୍ ସେପରି ଆଜି ଯେଉଁମାନେ ସମର୍ଥ ସେମାନେ ମାଗଣା ଜିନିଷ ପାଇବା ପାଇଁ ନିଜକୁ ଗରିବ ତାଲିକାରେ ସାମିଲ କରିବା ପାଇଁ ପଛାଉନାହାନ୍ତି। ସମସ୍ତେ ଚିତ୍କାର କରୁଛନ୍ତି- ଆମେ ଦରିଦ୍ର, ଆମକୁ ଦିଅ। ଏହି ମାନସିକତାର ସୁଯୋଗ ନେଉଛନ୍ତି ରାଜନୈତିକ ନେତାମାନେ। ଚାଉଳ କିଲୋ ୧ ଟଙ୍କାରେ ଯୋଗାଇଦେଲେ ସେମାନେ ଭାବୁଛନ୍ତି ତାଙ୍କ ଦଳ ଗରିବ ହିତୈଷୀ। ପ୍ରତ୍ୟେକ ଦଳ ଭାବୁଛନ୍ତି ସେମାନେ ହିଁ କେବଳ ଗରିବୀ ହଟାଅ ଯୋଜନାରେ ସଫଳ ପ୍ରଯୋଜକ। ଏହି ଅହଂକାର ଓ ଆସ୍ଫାଳନ ଭିତରେ ସେମାନେ ଭୁଲିଯାଉଛନ୍ତି ଯେ ଏହାଦ୍ୱାରା ସେମାନେ ଆଗାମୀ ପିଢ଼ିର ସର୍ବନାଶ କରିବାକୁ ଯାଉଛନ୍ତି।

ଏହି ପ୍ରସଙ୍ଗରେ ମନେପଡ଼େ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଏକ କାହାଣୀ। ରାଜାଙ୍କ ଉଦ୍ୟାନକୁ ନଷ୍ଟ କରୁଥାଏ ଏକ ପଶୁ। ଏଣୁ ରାଜାଙ୍କ ୨ ମାଳୀ ସେହି ପଶୁକୁ ଧରିବା ପାଇଁ ଏକ ଫାଶ ଜାଲ ବିଛେଇଦେଲେ। ପରଦିନ ଦେଖାଗଲା ସେହି ପଶୁଟି ଧରା ନ ପଡ଼ି ଧରା ପଡ଼ିଛି ଏକ ବ୍ୟାଘ୍ର। ଜାଲ ଭିତରେ ବନ୍ଦୀ ଥିବା ବାଘ କାହାରି କ୍ଷତି କରିପାରିବ ନାହିଁ ଭାବି ଜଣେ ମାଳୀ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ଯାଇ କହିଲା, ସେ ବାଘ ପିଠିରେ ବସିବ। ଅନ୍ୟ ମାଳୀଟି କହିଲା, ତା'ର ଶକ୍ତି ବି କମ୍ ନୁହେଁ, ସେ ବି ବସିପାରିବ। ଉଭୟଙ୍କ ମଧ୍ୟରେ ଆସ୍ଫାଳନର ପ୍ରତିଯୋଗିତା ଚାଲିଲା। ଏହା ଭିତରେ ସେଠି ଅନେକ ଲୋକ ରୁଣ୍ଡ ହୋଇଗଲେ। ଦୈବାତ୍ ପହଞ୍ଚିଲେ ରାଜାଙ୍କ ୨ଜଣ ହାକିମ। ସେମାନେ ବି ଜାଲବନ୍ଦୀ ବାଘ ଉପରେ ବସି ଶକ୍ତି ପ୍ରଦର୍ଶନ କରିବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁଲେ ନାହିଁ। ଉଭୟ ହାକିମ ମଧ୍ୟରେ ଆସ୍ଫାଳନର ପ୍ରତିଯୋଗିତା ଚାଲିଥିବା ବେଳେ ପହଞ୍ଚିଲେ ରାଜା ଓ ରାଜପୁତ୍ର। ରାଜା ପୃଥୁଳ ଥିବାରୁ ଅସମର୍ଥ ଭାବି ରାଜକୁମାରଙ୍କୁ ବ୍ୟାଘ୍ରାରୋହଣ କରି ଶକ୍ତି ପ୍ରଦର୍ଶନ କରିବା ପାଇଁ କହିଲେ। ଶେଷରେ ରାଜପୁତ୍ର ବ୍ୟାଘ୍ରାରୋହଣ କଲେ। ଜାଲଟିକୁ କାଟି ଦିଆଗଲା। ବାଘ ରାଜପୁତ୍ରକୁ ପିଠିରେ ବସାଇ ଅରଣ୍ୟ ମଧ୍ୟକୁ ଚାଲିଗଲା। ଲୋକେ କରତାଳି ଦେଲେ। ହଠାତ୍ ରାଜା ଚିନ୍ତିତ ଜଣାପଡ଼ିଲେ। ଚିନ୍ତାର କାରଣ ଥିଲା ରାଜପୁତ୍ର ତ ବ୍ୟାଘ୍ରାରୋହଣ କଲେ, କିନ୍ତୁ ଫେରିବେ କେମିତି? ରାଜାଙ୍କ ଆଦେଶରେ ତତ୍‌କ୍ଷଣାତ୍ ରାଜ କର୍ମଚାରୀମାନେ ରାଜକୁମାରଙ୍କ ସନ୍ଧାନରେ ବାହାରିଲେ, ମାତ୍ର ଫେରିଲେ ତାଙ୍କ ରକ୍ତାକ୍ତ ଉତ୍ତରୀୟଟି ଧରି। ଆଜି ରାଜନୈତିକ ଜନତାମାନେ ଆସ୍ଫାଳନର ବାଘ ଉପରେ ଦେଶର ଉତ୍ତରାଧିକାରୀଙ୍କୁ ବସାଇ ଦେଉଛନ୍ତି ଓ ସର୍ବନାଶ କରୁଛନ୍ତି।

ସମ୍ପ୍ରତି ରାଜନେତାମାନେ ନିଜକୁ ଗରିବମାନଙ୍କ ତ୍ରାଣକର୍ତ୍ତା ବୋଲି ଘୋଷଣା କରୁଛନ୍ତି। ଏହାର ଅର୍ଥ ନୁହେଁ ଯେ ଗରିବଙ୍କ ପ୍ରତି ସେମାନଙ୍କ ଦୟାଭାବ ଅଛି। ସେମାନେ ଏହି ସାମୟିକ ତଥାକଥିତ ଦୟାଭାବ ଦେଖାନ୍ତି କେବଳ ଭୋଟ ହାତେଇବା ପାଇଁ। ପ୍ରକୃତରେ ଗରିବମାନଙ୍କୁ ଦୟା ପ୍ରଦର୍ଶନକରି ସେମାନଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିହେବ ନାହିଁ। ଏଣୁ ଯୋଗୀ ଅରବିନ୍ଦ କହିଥିଲେ, ''ଯେ ପର୍ଯ୍ୟନ୍ତ ତୁମ ଅନ୍ତରାତ୍ମା ଭିନ୍ନତା ଦେଖୁଛି, ସେ ପର୍ଯ୍ୟନ୍ତ ତୁମ ଅନୁକମ୍ପା ଭାବ ପଶୁମାନଙ୍କ ପ୍ରତି ଦେଖାଇପାର। କିନ୍ତୁ ତୁମଠୁ ମଣିଷର ପ୍ରାପ୍ୟ ମହତ୍ତର କିଛି। ତା'ର ଲୋଡ଼ା ପ୍ରେମ, ସହାନୁଭୂତି, ମିତ୍ରତା ଓ ଭ୍ରାତୃଭାବ ସମ୍ମତ ସହାୟତା।'' ମଣିଷ ସହ ମଣିଷର ସମ୍ପର୍କ ଅନୁକମ୍ପା ଭିତ୍ତିରେ ପ୍ରତିଷ୍ଠା ହେବା କଥା ନୁହେଁ। ଯଦି ସେମିତି ହେଉଥାଏ ତେବେ ସେ ସମ୍ପର୍କ ସୂଚନା ଦିଏ ଯେ ସତେ ଅବା ଜଣେ ଭାଗ୍ୟବାନ୍ ଓ ଆଉ ଅନ୍ୟ ଜଣେ ହତଭାଗା। ମାତ୍ର ଏହା ଏକ ଭ୍ରାନ୍ତ ଧାରଣା। ପ୍ରତ୍ୟେକଙ୍କ ବିକାଶ ନିମନ୍ତେ ଆବଶ୍ୟକ ଅଭିଜ୍ଞତା ଓ ସଂଗ୍ରାମ। ମଣିଷ ଆଳସ୍ୟ କବଳିତ ହେଲେ ବିକାଶ ହୁଏ ନାହିଁ। ଆଜି ବିଭିନ୍ନ ସରକାରୀ ଯୋଜନା ମଣିଷକୁ ପଙ୍ଗୁ କରିଦେଇଛି। ବିକାଶ ପାଇଁ ଲୋଡ଼ା କଠିନ ପରିଶ୍ରମ ଓ ସଂଗ୍ରାମ। ଅନ୍ୟର ଦୟାକୁ ଅପେକ୍ଷାକରି ରହିଲେ ବିକାଶ ସମ୍ଭବ ନୁହେଁ। ସେଦିନ ବିକାଶ ସମ୍ଭବ ହେବ, ଯେଉଁଦିନ ଗୋଦାବରୀଶ ମହାପାତ୍ରଙ୍କ ବେଣୁଧରର ହେବ ପୁନର୍ଜନ୍ମ।

ମୋ: ୯୪୩୭୩୨୯୨୬୩

# ଦିବ୍ୟାଙ୍ଗ ଓ ନିଯୁକ୍ତି



ମିନତି ପ୍ରଧାନ

ଗତ କେଇ ଦଶନ୍ଧି ତଳେ ଦିବ୍ୟାଙ୍ଗଙ୍କୁ କେବଳ ଛୋଟମୋଟ ବ୍ୟବସାୟ କରିବାକୁ ସୁଯୋଗ ମିଳୁଥିଲା। ମାତ୍ର ଅନ୍ତଃରାଷ୍ଟ୍ରୀୟ ଓ ରାଷ୍ଟ୍ରୀୟ ସଂସ୍ଥା, ଏନ୍‌ଜିଓ ଏବଂ କିଛି ଲୋକଙ୍କ ପ୍ରୟାସ ଭିନ୍ନକ୍ଷମ ସଂରକ୍ଷଣକୁ ଆଇନ ସ୍ୱୀକୃତ କରାଇଲେ। ପ୍ରତିଟି ପିଲା ବା ବ୍ୟକ୍ତିବିଶେଷର ସ୍ୱତନ୍ତ୍ର କ୍ଷମତାକୁ ଚିହ୍ନି, ତାକୁ ବିକଶିତ କରି ଦୁନିଆ ସମ୍ମୁଖକୁ ଆଣିବାକୁ ଇଚ୍ଛାଶକ୍ତିକୁ ଅଧିକ କରିବାକୁ ପଡ଼େ ଅନୁଷ୍ଠାନ ଓ ମାତାପିତା ବା ଯତ୍ନ ନେଉଥିବା ବ୍ୟକ୍ତିମାନଙ୍କୁ। ତା'ହେଲେ ଯାଇ ଦିବ୍ୟାଙ୍ଗ ବ୍ୟକ୍ତିର କ୍ଷମତା ଦୃଶ୍ୟମାନ ହୁଏ।

ଆମ ଦେଶରେ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଦିବ୍ୟାଙ୍ଗଙ୍କ ପାଇଁ ୩% ସଂରକ୍ଷଣ ବ୍ୟବସ୍ଥା ଥିଲାବେଳେ ଉଚ୍ଚଶିକ୍ଷା ଓ କର୍ମନିଯୁକ୍ତି କ୍ଷେତ୍ରରେ ୫%ର ବ୍ୟବସ୍ଥା ଅଛି। ମାତ୍ର ଦୁର୍ଭାଗ୍ୟ,ଏହାର ସଦୁପଯୋଗ ହେଉନାହିଁ ଓ ବିଭାଗୀୟ କର୍ମଚାରୀ ସମ୍ପୂର୍ଣ୍ଣ ବୀତସ୍ପୃହ। ଦିବ୍ୟାଙ୍ଗ ନିଯୁକ୍ତିମେଳାର ଆୟୋଜନ ହେଉଛି। କମ୍ପାନୀର ମାନବ ସମ୍ବଳ ଅଧିକାରୀମାନେ ନିଜର ଇନ୍‌କ୍ଲୁସିଭ୍ ଏମ୍ପ୍ଲୟର କାର୍ଡ ଝୁଲାଇ, ମିଡିଆ ସାମ୍ନାରେ ଭାଷଣ ଦେଇ କର୍ପୋରେଟ୍ ସାମାଜିକ ଦାୟିତ୍ୱର କୋଟା ପୂରଣ ହୋଇଗଲା ବୋଲି ଭାବନ୍ତି।

ଏବେ ଦିବ୍ୟାଙ୍ଗତାର ପରିସରକୁ ବ୍ୟାପକ କରାଯାଇଛି। ଏହାଦ୍ୱାରା ବିଭିନ୍ନ ବର୍ଗର ଦିବ୍ୟାଙ୍ଗ ସଂରକ୍ଷଣର ଲାଭ ଉଠାଇପାରିବେ। କିନ୍ତୁ ଦୁଃଖର ବିଷୟ ଯେ, କେତେକ ସକ୍ଷମ ବ୍ୟକ୍ତି ହସ୍ପିଟାଲ ଓ କିଛି ନୀତିବିହୀନ କର୍ମଚାରୀଙ୍କୁ ଅର୍ଥଲାଳସା ଦେଇ ଭିନ୍ନକ୍ଷମ ସାର୍ଟିଫିକେଟ ହାସଲ କରନ୍ତି ଓ ବିଭିନ୍ନ ଯୋଜନାର ଲାଭ ଉଠାନ୍ତି। ପ୍ରକୃତ ଦିବ୍ୟାଙ୍ଗମାନେ ଏ ଦୁଆର ସେ ଦୁଆର ହୁଅନ୍ତି।

ସରକାରୀ ଯୋଜନାରେ କର୍ମନିଯୁକ୍ତି ପର୍ଯ୍ୟାପ୍ତ ନୁହେଁ। ଦେଶରେ ବଢ଼ିଚାଲିଥିବା ବେକାରି ହାର ହିଁ ଏହାର ପ୍ରମାଣ। ଆମ ଜନସଂଖ୍ୟାର ସିଂହଭାଗ ପ୍ରାୟ ପ୍ରାଇଭେଟ୍ କମ୍ପାନୀରେ କାମ କରନ୍ତି, ଯେଉଁଠି କର୍ମନିରାପତ୍ତା ପ୍ରାୟ ସାରୁପତ୍ରରେ ଜଳ ଭଳି। ତଥାକଥିତ ସମ୍ପୂର୍ଣ୍ଣ ଦିବ୍ୟାଙ୍ଗମାନେ ନିଜର କମ୍ ନିରାପତ୍ତାକୁ ନେଇ ବିବ୍ରତ ହୋଇପଡ଼ନ୍ତି। ନିଜର ସମସ୍ତ ଆବଶ୍ୟକତାକୁ ନେଇ ଦୈନନ୍ଦିନ ଜୀବନରେ ସଂଘର୍ଷ କରୁଥିବା ଦିବ୍ୟାଙ୍ଗ କେତେ ମାନସିକ ଚାପ ମଧ୍ୟରେ ରହୁଥିବେ, ତାହା ସହଜରେ ଅନୁମେୟ। ସରକାରୀ, ବେସରକାରୀ ତଥା ସୁରକ୍ଷିତ ନିଯୁକ୍ତି ଦିବ୍ୟାଙ୍ଗଙ୍କ ପାଇଁ ପ୍ରଥମ ଆବଶ୍ୟକ।

ଭାରତରେ ଦିବ୍ୟାଙ୍ଗଙ୍କୁଅଣଦେଖା କରାଯିବା ଉଚିତ୍ ନୁହେଁ। ଦିବ୍ୟାଙ୍ଗ ନିଯୁକ୍ତି ଅର୍ଥନୀତିର ମୋଟ ଘରୋଇ ଉତ୍ପାଦ(ଜିଡିପି) ବଢ଼ାଇବାରେ ଯୋଗଦାନର ସମ୍ଭାବନା ରହିଛି। ଏପରି ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଥିବା ହାତଗଣତି କମ୍ପାନୀଗୁଡ଼ିକର ଅଭିଜ୍ଞତାରୁ ଏହା ପ୍ରମାଣିତ ହୋଇସାରିଛି ଯେ ଦିବ୍ୟାଙ୍ଗ ନିଯୁକ୍ତି ସକାରାତ୍ମକ ଆର୍ଥିକ ପ୍ରଭାବ ପ୍ରଦାନକରେ। ଅନୁସନ୍ଧାନ ମୁତାବକ, ଦିବ୍ୟାଙ୍ଗ ନିଯୁକ୍ତିରୁ ଉଭୟ ଦିବ୍ୟାଙ୍ଗ ଓ ନିଯୁକ୍ତିଦାତା ଲାଭ ପାଇଥାନ୍ତି। ଦିବ୍ୟାଙ୍ଗ କର୍ମଚାରୀମାନେ ସାଧାରଣତଃ ନିଯୁକ୍ତିଦାତା ପ୍ରତି



ବିଶ୍ୱସ୍ତ ଥାଆନ୍ତି। ସେମାନେ ନିଜର କାର୍ଯ୍ୟକୁଶଳତାକୁ ପ୍ରମାଣ କରିବା ପାଇଁ ଅଧିକ ତତ୍ପର ହୋଇଥାନ୍ତି। ସାଧାରଣ ଲୋକେ ନିଜର ପେସାଗତ ଜୀବନକୁ ନେଇ ଅସନ୍ତୁଷ୍ଟ ଥିବାବେଳେ ଦିବ୍ୟାଙ୍ଗମାନେ ନିଜ କାମରେ ସନ୍ତୁଷ୍ଟ ଥିବାର ଉଦାହରଣ ମିଳେ। ତାଙ୍କ ଭିତରେ ଅଧିକ ସ୍ଥିରତା ଓ ସୃଜନଶୀଳତା ଥାଏ। ଦିବ୍ୟାଙ୍ଗଙ୍କ ଅନୁପସ୍ଥିତିର ନିମ୍ନହାର, ନିଯୁକ୍ତିଦାତା ପ୍ରତି ବିଶ୍ୱସ୍ତତା, ଅଧିକ ସକାରାତ୍ମକ କାର୍ଯ୍ୟ ପରିବେଶ ସହ ଉଚ୍ଚ ଉତ୍ପାଦନ ତଥା ଉଦ୍ଭାବନ ସ୍ତର ସୃଷ୍ଟି କରିଥାଏ। ଫଳରେ ନିଯୁକ୍ତି ଏବଂ ପ୍ରଶିକ୍ଷଣଜନିତ ବ୍ୟୟ ହ୍ରାସ ପାଇଥାଏ ଓ କମ୍ପାନୀର ଉଚ୍ଚ ବଜାର ଅଂଶ ଏବଂ ଅଂଶଧନକାରୀଙ୍କ ମୂଲ୍ୟ ବୃଦ୍ଧି ପାଇଥାଏ। ଆସନ୍ତୁ, ଦିବ୍ୟାଙ୍ଗଙ୍କ ନିଯୁକ୍ତି ବିଷୟରେ ଅଧିକ ଜାଣିବା :

ପ୍ରଥମରେ ଦିବ୍ୟାଙ୍ଗମାନେ ଦକ୍ଷ କର୍ମଚାରୀ ହୋଇପାରିବେ। କିଛି କାମ ଅଛି, ଯାହା ଦିବ୍ୟାଙ୍ଗଙ୍କ ପାଇଁ ଉପଯୁକ୍ତ। ଉଦାହରଣ ସ୍ୱରୂପ, ଜଣେ ଡାଉନ୍ସ ସିଣ୍ଡ୍ରମ କିମ୍ବା ଅଟିଜମ୍ ଆକ୍ରାନ୍ତ ବ୍ୟକ୍ତି ଏକ ଅଧିକ ଏକାଗ୍ରତାପୂର୍ଣ୍ଣ କାମକୁ ସୁଚାରୁରୂପେ କରନ୍ତି। ଜଣେ ଶ୍ରବଣବାଧିତ ଦୃଶ୍ୟମାନ ତ୍ରୁଟି ସହଜରେ ଧରିପାରିବେ ଓ ଦୃଷ୍ଟିବାଧିତ ସୁଗନ୍ଧ ଏବଂ ସ୍ୱାଦ ପରୀକ୍ଷାରେ ବିଶେଷଜ୍ଞ ହୋଇପାରିବେ। ଦ୍ୱିତୀୟରେ, ଦିବ୍ୟାଙ୍ଗ ତାଲିମ ଉପରେ ବାସ୍ତବରେ ବହୁତ କମ୍ ଖର୍ଚ୍ଚ ହୁଏ ଏବଂ ସେମାନଙ୍କୁ ନିୟୋଜିତ କରିବାର ଦୀର୍ଘମିଆଦୀ ଲାଭ ବହୁତ ଅଧିକ। ତୃତୀୟରେ, ନିଯୁକ୍ତି ସେମାନଙ୍କୁ ବିତ୍ତୀୟ ସ୍ୱାଧୀନତା ଦିଏ । ସେମାନଙ୍କ ପରିବାର ମଧ୍ୟ ଆର୍ଥିକଦୃଷ୍ଟିରୁ ଲାଭବାନ୍ ହୁଅନ୍ତି ଏବଂ ସେମାନଙ୍କୁ ବୋଝ ଭାବେ ଦେଖନ୍ତି ନାହିଁ। ଚତୁର୍ଥରେ, ସହକର୍ମୀମାନେ ସେମାନଙ୍କ ଆବଶ୍ୟକତା ବିଷୟରେ ସମ୍ବେଦନଶୀଳ ହୁଅନ୍ତି। ପ୍ରଥମେ ହୁଏତ ଅନ୍ୟ କର୍ମଚାରୀଙ୍କୁ ଅତିରିକ୍ତ କିଛି କରିବାକୁ ପଡ଼େ (ଯେପରି ସାଙ୍କେତିକ ଭାଷା), କିନ୍ତୁ ଶେଷରେ ତାହା ସେମାନଙ୍କର ବାୟୋଡାଟାକୁ ଉନ୍ନତ କରେ। ପଞ୍ଚମରେ, ଦିବ୍ୟାଙ୍ଗମାନେ ପ୍ରାୟତଃ ଅଧିକ ବିଶ୍ୱସ୍ତ ଏବଂ ପରିଶ୍ରମୀ। ଏହା କମ୍ପାନୀ ପାଇଁ ଏକ ଉତ୍ତମ ପ୍ରତିଛବି ସୃଷ୍ଟିକରେ। ଷଷ୍ଠରେ, ଭାରତୀୟ ପ୍ରସଙ୍ଗରେ ଅକ୍ଷମତା ସମାନତା ସୂଚକାଙ୍କ ପରି ଏକ ସୂଚକାଙ୍କର ଆବଶ୍ୟକତା ଅଛି। ଏହା ସେମାନଙ୍କୁ ବିଶ୍ୱସ୍ତରୀୟ ମାନ୍ୟତା ଦେବ । ସପ୍ତମରେ, କର୍ପୋରେଟ୍ ସାମାଜିକ ଦାୟିତ୍ୱର ଏକ ଅଂଶଭାବରେ ଦିବ୍ୟାଙ୍ଗମାନଙ୍କୁ ନିଯୁକ୍ତି ପ୍ରଦାନ କରିବା କମ୍ପାନୀ, ସମ୍ପ୍ରଦାୟ ଏବଂ ଅର୍ଥନୀତି ତଥା ସମାଜ ପାଇଁ ଲାଭଦାୟକ ହେବ।

ଜନଗଣନା ତଥ୍ୟ, ବିଶେଷକରି ବିଭିନ୍ନ ଅକ୍ଷମତା ସ୍ଥିତି ଉପରେ ନିଯୁକ୍ତି ତଥ୍ୟ ସଂରକ୍ଷଣ, ନୀତି ଏବଂ ବଜେଟ ଆବଣ୍ଟନ ଇତ୍ୟାଦିକୁ ସରକାର ସଂଶୋଧନ ଓ କାର୍ଯ୍ୟକ୍ଷମ କରିବା ଉଚିତ୍। ଦିବ୍ୟାଙ୍ଗଙ୍କୁ ନିୟୋଜିତ କରୁଥିବା କମ୍ପାନୀଗୁଡ଼ିକୁ ସରକାର ପ୍ରୋତ୍ସାହନ ଯୋଗାଇବା ଉଚିତ୍।

ମୋ: ୮୩୧୦୭୮୧୫୨୪

## ଏଇ ଭାରତରେ

ସମୟ କ୍ରମେ ମଣିଷର ଖାଦ୍ୟ ରୁଚି ବଦଳୁଛି। ସେଫ୍‌ମାନେ ନୂଆ ପ୍ରକାରର ତଥା ସ୍ୱାଦର ଖାଦ୍ୟ ସାମ୍ନାକୁ ଆଣୁଛନ୍ତି। ସେଥି ମଧ୍ୟରୁ ଏବେ ମୋମୋ ବେଶ୍ ଲୋକପ୍ରିୟ ହୋଇପାରିଛି। ଏହି ଖାଦ୍ୟର ଲୋକପ୍ରିୟତାକୁ ଲକ୍ଷ୍ୟକରି ସୌଭିକ୍ ଧର୍ ଏକ ସ୍ୱୟଂଚାଳିତ ମୋମୋ ମେକିଂ ମେଶିନ ତିଆରି କରିଛନ୍ତି। ଏହି ମେଶିନରେ ଦିନକୁ ୧ ଲକ୍ଷ ମୋମୋ ତିଆରି କରାଯାଇପାରୁଛି। ସୌଭିକ ଏନ୍‌ଆଇଟିରୁ ଡିଗ୍ରୀ ହାସଲ କରିବା ପରେ ଡିଆର୍‌ଡିଓରେ ବୈଜ୍ଞାନିକ ଭାବେ ନିଯୁକ୍ତି ପାଇଥିଲେ। କିନ୍ତୁ ଚାକିରି ଛାଡ଼ି ସେ ମୋମୋ ମେଶିନ ତିଆରି କରିବାକୁ ଉତ୍ସାହୀ ହୋଇଥିଲେ। ପରେ ଚାଇନା ଓ କୋରିଆକୁ ବହୁଥର ଗସ୍ତକରି ଏ ସମ୍ପର୍କରେ ଜ୍ଞାନକୌଶଳ ହାସଲ କରିବାକୁ ସକ୍ଷମ ହୋଇଥିଲେ। ଏହି ମୋମୋ ମେଶିନରେ ତିନିଟି ଭିନ୍ନ ୟୁନିଟ୍ ରହିଛି ଓ ପ୍ରତ୍ୟେକ ୟୁନିଟ ୧ ଘଣ୍ଟାରେ ୮,୦୦୦ ମୋମୋ ତିଆରି କରିପାରୁଛି। ସୌଭିକ ତାଙ୍କ ହାତ ତିଆରି ମୋମୋ ମେଶିନ ବିକ୍ରି କରି ବର୍ଷକୁ ୨୫ କୋଟି ଟଙ୍କା ରୋଜଗାର କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ଏପ୍ରିଲ ୧୯୭୫**

- ରାଉରକେଲା ଇସ୍ପାତ କାରଖାନା ମେକାନିକାଲ ବିଭାଗର ଆସିଷ୍ଟାଣ୍ଟ ଫୋରମ୍ୟାନ୍ କେ.ପି. ଅଭିଚନ୍ଦାନିଙ୍କୁ ଜାତୀୟ ଶ୍ରମବୀର ପୁରସ୍କାର ପ୍ରଦାନ।
- ସିକିମକୁ ଭାରତର ଅନ୍ୟତମ ରାଜ୍ୟ ପାହ୍ୟା ଦେବା ପାଇଁ ସିକିମର ଅନୁରୋଧକୁ ଭାରତ ସରକାର ଗ୍ରହଣ କରିଛନ୍ତି।
- ବଙ୍ଗଳାଦେଶରେ ବସନ୍ତ ରୋଗ ନିରାକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସକାଶେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଜରିଆରେ ଭାରତର ଏକ ଲକ୍ଷ ୨୫ ହଜାର ଏମ୍ପଲସ ବସନ୍ତ ଟିକା ଦାନ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | | 7 |
| 9 | | | | 4 | 3 | | | |
| 4 | | | | 2 | 1 | | | |
| | 7 | 8 | | | | 1 | 2 | |
| | | | | | | 6 | | |
| | 3 | 5 | 2 | | | | 7 | |
| | 9 | | | 1 | | | | |
| | | | 8 | | 6 | 2 | | |
| | | | | | | 9 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 6 | 5 | 3 | 2 | 4 | 9 | 1 |
| 2 | 1 | 9 | 4 | 6 | 7 | 8 | 3 | 5 |
| 5 | 3 | 4 | 8 | 9 | 1 | 2 | 7 | 6 |
| 9 | 5 | 3 | 1 | 2 | 8 | 6 | 4 | 7 |
| 1 | 2 | 7 | 6 | 5 | 4 | 9 | 8 | 3 |
| 6 | 4 | 8 | 3 | 7 | 9 | 1 | 5 | 2 |
| 7 | 6 | 1 | 9 | 8 | 5 | 3 | 2 | 4 |
| 3 | 9 | 5 | 2 | 4 | 6 | 7 | 1 | 8 |
| 4 | 8 | 2 | 7 | 1 | 3 | 5 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ପୂର୍ବରୁ ଓ ପରେ

ମହାଶୟ,

ବର୍ତ୍ତମାନ ଆମ ରାଜ୍ୟସାରା ଭୋଟ ପ୍ରଚାର ଚାଲିଛି। ପ୍ରାର୍ଥୀମାନେ ସାଂସଦ ଓ ବିଧାୟକ ହେବା ପାଇଁ ବିଭିନ୍ନ ଉପାୟରେ ଭୋଟ ହାତେଇବାକୁ କଳବଳ କୌଶଳ ପ୍ରୟୋଗ କରୁଛନ୍ତି। ଲୋକଙ୍କୁ ଟଙ୍କା, ମଦ ଓ ମାଂସ ଦିଆଯାଉଛି। ସେମାନଙ୍କୁ ଘର, ସରକାରୀ ଚାକିରି, ସବ୍‌ସିଡ଼ିଯୁକ୍ତ ଋଣ ଓ ଅନେକ ପ୍ରକାରର ସୁବିଧାସୁଯୋଗ ଦିଆଯିବ ବୋଲି ନେତାମାନେ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି । କିନ୍ତୁ ବାସ୍ତବରେ ନିର୍ବାଚନ ପରେ ଭୋଟରମାନଙ୍କୁ ଆଉ କେହି ପଚାରୁ ନାହାନ୍ତି। ପ୍ରତି ପଞ୍ଚାୟତର ୫/୭ ଜଣ କୁଜିନେତା ଏହି ନିର୍ବାଚନୀ ଋତୁରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିନେବେ। ପଞ୍ଚାୟତର ସବୁ କାମ ଅତ୍ୟନ୍ତ ନିମ୍ନମାନର ହେବ ଓ ସବୁ ଉନ୍ନୟନମୂଳକ କାର୍ଯ୍ୟକ୍ରମର ୫୦ ପ୍ରତିଶତରୁ ଅଧିକ ଅର୍ଥ କୁଜିନେତାମାନଙ୍କ ଦ୍ୱାରା ବାଟମାରଣା ହେବ। ସବୁ ସାଧାରଣ ନିର୍ବାଚନ ପୂର୍ବରୁ ଓ ପରେ ଏସବୁ ଘଟଣା ହେଉଛି। ଏଥର ଯାହା ଜଣାପଡୁଛି, ବହୁ କୋଟି ଟଙ୍କାର କଳାଧନ ଖର୍ଚ୍ଚ କରି ପ୍ରାର୍ଥୀମାନେ ସାଂସଦ ଓ ବିଧାୟକ ଭାବରେ ନିର୍ବାଚିତ ହେବେ। ପରେ ଲୋକେ ଶୋଷିତ ଓ ନିର୍ଯାତିତ ହେବେ। ଦେଶର ସର୍ବନାଶ ହେବ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଳ ଚଳ ଚିତ୍ରୋତ୍ପଳା ହସ ହସ ମୁଖ
ତରଳ ଅନ୍ତରେ ତୋର ନଚାଇ ମୟୂଖ,
ନୀଳ ହେଲା ତୋର ଜଳ
ଧୋଇ ସେ କାହା କୁନ୍ତଳ ?
ସେ ମୋର ପ୍ରେୟସୀ ମୋର ଚିର ଦୁଃଖସୁଖ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଲଢ଼େଇ ଅଭିଜ୍ଞ ବନାମ ନୂଆ ମୁହଁ

## ସୋନପୁର ବିଧାନସଭା କ୍ଷେତ୍ର


ନିରଞ୍ଜନ ପୂଜାରୀ


ପ୍ରମୋଦ ମହାପାତ୍ର


ସୋନାଲି ବିଶି


ପ୍ରିୟବ୍ରତ ସାହୁ

**ସୋନପୁର, ୧୬।୪ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସୋନପୁର ବିଧାନସଭା ଆସନ ପାଇଁ ସର୍ବପ୍ରଥମେ ନବନିର୍ମାଣ କୃଷକ ସଂଗଠନ ସୋନାଲି ବିଶିଙ୍କ ନାମ ଘୋଷଣା କରିଥିଲା। କିଛିଦିନ ପରେ ବିଜେଡି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ନାମ ଘୋଷଣା କଲା। ପରେ ଭାଜପା ପ୍ରାକ୍ତନ ନଗରପାଳ ତଥା ଜିଲା ଶାଖା ସଭାପତି ପ୍ରମୋଦ ମହାପାତ୍ରଙ୍କୁ ପ୍ରାର୍ଥୀ କରିଥିବା ବେଳେ ରବିବାର କଂଗ୍ରେସ ପ୍ରିୟବ୍ରତ ସାହୁଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଛି। ଫଳରେ ଏହି ଆସନରେ ଅଭିଜ୍ଞ ବନାମ ନୂଆ ମୁହଁ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ଆଲୋଚନା ହେଉଛି।

ଏହି ଚାରି ପ୍ରାର୍ଥୀଙ୍କ ମଧ୍ୟରୁ ଉଭୟ ପୂଜାରୀ ଓ ମହାପାତ୍ରଙ୍କ ପୂର୍ବରୁ ନିର୍ବାଚନ ଲଢ଼ିବା ନେଇ ବହୁ ଅଭିଜ୍ଞତା ଅଛି। ପୂର୍ବରୁ ପୂଜାରୀ ବିନିକାରୁ ୨୦୦୦ ଓ ୨୦୦୪ରେ ବିଜେଡି-ଭାଜପା ମେଣ୍ଟ ଏବଂ ସୋନପୁରରେ ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ଟିକେଟରୁ କ୍ରମାଗତ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଉପରେ ବିଜେଡି ଆସ୍ଥା ପ୍ରକଟ କରି ଚଳିତ ଥରକୁ ମିଶାଇ କ୍ରମାଗତ ଷଷ୍ଠ ଥର ଦଳୀୟ ପ୍ରାର୍ଥୀ କରିଛି। ବିଧାନସଭାର ବାଚସ୍ପତିଠାରୁ ଆରମ୍ଭ କରି ନବୀନଙ୍କ ମନ୍ତ୍ରିମଣ୍ଡଳରେ ଏକାଧିକ ବିଭାଗରେ ସେ ମନ୍ତ୍ରୀ ରହି ଆସିଛନ୍ତି। ଅଞ୍ଚଳରେ କରିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ହିସାବ ନେଇ ନବୀନଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ସକାଶେ ଭୋଟରଙ୍କ ନିକଟକୁ ଯିବେ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି।

ଅପରପକ୍ଷରେ ଭାଜପା ନେତା ଶ୍ରୀ ମହାପାତ୍ର ୨୦୧୪ରେ ନିର୍ବାଚନ ଲଢ଼ିଥିଲେ ହେଁ ବିଜେଡିର ନିରଞ୍ଜନ ପୂଜାରୀଙ୍କ ନିକଟରୁ ପରାସ୍ତ ହୋଇଥିଲେ। ପୂର୍ବରୁ ଥରେ ନିର୍ବାଚନ ଲଢ଼ିଥିବାରୁ ଓ ଦଳର ସଂଗଠନ ସହିତ ୧୯୯୫ ମସିହାରୁ ଜଡିତ ଥିବାରୁ ନିର୍ବାଚନମଣ୍ଡଳୀରେ ତାଙ୍କର ସଂଗଠନ ଅଛି। ୧୯୯୩ରେ ସୁବର୍ଣ୍ଣପୁର ପୌର ପରିଷଦ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ସେ ପୌରାଧ୍ୟକ୍ଷ ହୋଇଥିଲେ। ଚଳିତ ନିର୍ବାଚନରେ ଭାଜପା ସୋନପୁରରେ ଖାତା ଖୋଲିବା ଲକ୍ଷ୍ୟରେ ରହିଛି। ଅଭିଜ୍ଞ ପ୍ରମୋଦ ଦଳୀୟ ସଂଗଠନ ଆଧାରରେ ମୋଦି ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ନେଇ ଲୋକଙ୍କ ନିକଟକୁ ଯିବେ ବୋଲି କହିଛନ୍ତି।

ଏହି ଦୁଇ ଅଭିଜ୍ଞ ନେତାଙ୍କୁ ଟକ୍କର ଦେବା ପାଇଁ ନବ ନିର୍ମାଣ କୃଷକ ସଂଗଠନ ପ୍ରଥମ ଥର ପାଇଁ ସୋନାଲିଙ୍କୁ ପ୍ରାର୍ଥୀ କରିଛି। ସେ ଚାଷୀ ସରକାର ସ୍ଲୋଗାନ ଦେଇ ଗାଁରୁ ଗାଁକୁ ବୁଲି ସଙ୍ଗଠନ କରୁଛନ୍ତି। ନିଜେ ଟ୍ରାକ୍ଟର ଚଲାଇ ସମର୍ଥକଙ୍କ ସହିତ ମିଶି ଭୋଟ ଭିକ୍ଷା କରିବା ସହ ମହିଳା ସଶକ୍ତୀକରଣର ବାର୍ତ୍ତା ପ୍ରଚାର କରୁଛନ୍ତି। ଚାଷୀ ସମସ୍ୟାକୁ ଇସ୍ୟୁ କରି ସେ ନୂଆ ମୁହଁ ଭାବେ ଚର୍ଚ୍ଚାରେ ରହିଛନ୍ତି।

ସେହିପରି କଂଗ୍ରେସ ଯୁବ ଚେହେରା ତଥା ନବାଗତ ପ୍ରିୟବ୍ରତ ସାହୁଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ସଂଗଠନ ସହିତ ସେ ଛାତ୍ର ସମୟରୁ ଜଡିତ ଅଛନ୍ତି। ଶ୍ରମିକ ସଂଗଠନ ଓ ଯୁବ କଂଗ୍ରେସ ଜିଲା ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ଏବେ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଛନ୍ତି। ବିଜେଡି ଓ ଭାଜପା ସରକାରର ଜନବିରୋଧୀ ନୀତିକୁ ସେ ଭୋଟରଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବେ। କଂଗ୍ରେସ ସରକାର ସମୟରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ନେଇ ଭୋଟ ଭିକ୍ଷା କରିବେ ବୋଲି କହିଛନ୍ତି।

# ୨୮ରେ ଓଡ଼ିଶା ଆସିବେ ରାହୁଲ



କଂଗ୍ରେସ ଭବନଠାରେ ଅନୁଷ୍ଠିତ ପ୍ରଚାର କମିଟି ବୈଠକରେ ଉପସ୍ଥିତ ନେତୃବୃନ୍ଦ।

**ଭୁବନେଶ୍ୱର, ୧୬।୪(ସୁନିତ୍ ମିଶ୍ର)**

- ମଧୁବାବୁଙ୍କ ଜନ୍ମସ୍ଥାନରେ ଆୟୋଜିତ ପ୍ରସ୍ତାବିତ ଜନସଭାକୁ ସମ୍ବୋଧିତ କରିବେ
- ଶ୍ରୀକ୍ଷେତ୍ରରୁ କଂଗ୍ରେସ ଆରମ୍ଭ କରିବ ପ୍ରଚାର

ପୂର୍ବତନ ମନ୍ତ୍ରୀ ଭକ୍ତଚରଣ ଦାସ ରାଜ୍ୟ କଂଗ୍ରେସ ପ୍ରଚାର କମିଟିର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ମଙ୍ଗଳବାର ପ୍ରଥମ ଥର ରାଜ୍ୟ ପ୍ରଚାର କମିଟି ବୈଠକ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଭକ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଲୋକ ସଭା ଏବଂ ବିଧାନସଭା କ୍ଷେତ୍ରରେ କିପରି ପ୍ରଭାବୀ ଢଙ୍ଗରେ ପ୍ରଚାର କରାଯିବ ତା'ର ରଣକୌଶଳ ସ୍ଥିର କରାଯାଇଛି। ଜାତୀୟ କଂଗ୍ରେସର ୫ଟି ନ୍ୟାୟ ଓ ୨୫ଟି ଗ୍ୟାରେଣ୍ଟି ଏବଂ ରାଜ୍ୟ କଂଗ୍ରେସର ୯ଟି ଗ୍ୟାରେଣ୍ଟି କିପରି ସାଧାରଣ ମତଦାତାଙ୍କ ନିକଟରେ ପହଞ୍ଚିବ ସେନେଇ ବିଶଦ ଚର୍ଚ୍ଚା ହୋଇଛି। ଶ୍ରୀକ୍ଷେତ୍ର ଧାମରୁ ରାଜ୍ୟର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ପ୍ରଚାର ଆରମ୍ଭ କରାଯିବ। ଏହି ପ୍ରଚାର ଅଭିଯାନ ୧୪୭ ବିଧାନସଭା ଓ ୨୧ ଲୋକ ସଭା କ୍ଷେତ୍ରରେ ପହଞ୍ଚିବ। ଆସନ୍ତା ୨୮ରେ ମଧୁବାବୁଙ୍କ ଜନ୍ମସ୍ଥାନରେ ପ୍ରସ୍ତାବିତ ଜନସଭାରେ ଏମ୍‌ପି ରାହୁଲ ଗାନ୍ଧୀ ସମ୍ବୋଧନ କରିବେ। ବୁଥ୍‌ସ୍ତରରେ ଓଡ଼ିଶା କଂଗ୍ରେସ ୯ଟି ଗ୍ୟାରେଣ୍ଟିକୁ ଘରେ ଘରେ ପହଞ୍ଚାଇବା ପାଇଁ ରଣକୌଶଳ ପ୍ରସ୍ତୁତ କରିଛି। ରାଜ୍ୟ କଂଗ୍ରେସର ଏହି ୯ଟି ଗ୍ୟାରେଣ୍ଟି ଯଦି ଜନସାଧାରଣଙ୍କ ନିକଟରେ ଠିକ୍ ଭାବେ ପହଞ୍ଚେ ତେବେ ଓଡ଼ିଶା ଲୋକେ କଂଗ୍ରେସକୁ ରାଜ୍ୟରେ ସରକାର ଗଠନ କରିବା ପାଇଁ ନିଶ୍ଚିତ ନିର୍ବାଚନୀ ଆଶୀର୍ବାଦ ଦେବେ ବୋଲି ଭକ୍ତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବୈଠକରେ ପ୍ରଚାର କମିଟିର ଉପାଧ୍ୟକ୍ଷ ନବଜ୍ୟୋତି ପଟ୍ଟନାୟକ, ପ୍ରଚାର କମିଟି ଆବାହକ ସୁଧାଂଶୁ ଶେଖର ଦେଓ, ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅମିୟ ପାଣ୍ଡବ, ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଜିଆଉଲ୍ ହକ୍, ଇସ୍ତାହାର କମିଟି ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ, ଅନୁସୂଚିତ ଜାତି ଅଧ୍ୟକ୍ଷ ବାଙ୍କନିଧି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ତାପସଙ୍କ ବଦଳରେ ସୁରମା

**ନୟାଗଡ଼/ରଣପୁର, ୧୬।୪ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**


ସୁରମା ପାଢ଼ୀ

- ରଣପୁରରେ ପ୍ରାର୍ଥୀ ବଦଳାଇଲା ଭାଜପା
- ସୁରମା ଟିକେଟ୍ ହାତେଇବା ପରେ କୁହୁଳୁଛି ବିବାଦ
- ଜିଲା ସଭାପତି ତାପସଙ୍କୁ ଅଣଦେଖା ପରେ ତେଜିଲା ଅସନ୍ତୋଷ

ନୟାଗଡ଼ ଜିଲା ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ବିଧାନସଭା ପ୍ରାର୍ଥୀ ପରିବର୍ତ୍ତନ କରିବା ପରେ ରାଜନୈତିକ ହଟଚମଟ ଦେଖା ଦେଇଛି। ଦଳ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀଙ୍କୁ ଟିକେଟ୍ ଦେବା ପରେ ଭାଜପାରେ ବିବାଦ କୁହୁଳିବାରେ ଲାଗିଛି। ଅନ୍ୟପକ୍ଷେ ଭାଜପାର ଜିଲା ସଭାପତି ତାପସ ରଞ୍ଜନ ମାର୍ଥାଙ୍କୁ ହଟାଇବା ପରେ ଭୋଟରଙ୍କ ପସନ୍ଦକୁ ଦଳ ଅଣଦେଖା କରିଥିବା ଚର୍ଚ୍ଚା ହେଉଛି। ଏ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଭୋଟର ପୁରୁଣା ମୁହଁ ନୂଆଁ ମୁହଁ ଚାହୁଁଥିବାବେଳେ ଦଳ ପ୍ରାର୍ଥୀ ପରିବର୍ତ୍ତନ କରାଇବା ବହୁ ମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ଆଲୋଚନା ଜୋର ଧରିଛି।

ନୟାଗଡ଼ ଜିଲାରେ ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଥିବାବେଳେ ଭାଜପା ୨୦୨୪ ନିର୍ବାଚନ ପାଇଁ ୪ ନୂଆ ମୁହଁକୁ ପ୍ରାର୍ଥୀ କରିଥିଲା। ରଣପୁରରେ ବରିଷ୍ଠ ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀଙ୍କ ବଦଳରେ ଜିଲା ସଭାପତି ତାପସ ରଞ୍ଜନ ମାର୍ଥାଙ୍କୁ ଭରସାକୁ ନେଇ ଟିକେଟ୍ ଦେଇଥିଲା। ଯଦିଓ ତାପସଙ୍କ ସଙ୍ଗଠନ ନ ଥିଲା ତେବେ ସେ ଅଳ୍ପଦିନ ଭିତରେ ସଙ୍ଗଠନ କରିବାରେ ସମର୍ଥ ହୋଇଥିଲେ। ସୁରମା ଭାଜପା ବିଜେଡି ମେଣ୍ଟ ସମୟରେ ୨୦୦୪ ନିର୍ବାଚନରେ ବିଜୟୀ ହୋଇ ସମବାୟ ମନ୍ତ୍ରୀ ହୋଇଥିଲେ। ତେବେ ୨୦୦୯, ୨୦୧୪, ୨୦୧୯ ନିର୍ବାଚନରେ ସୁରମା ପରାସ୍ତ ହୋଇଥିଲେ। ଭାଜପା ପକ୍ଷରୁ ସୁରମାଙ୍କୁ ୩ ଥର ସୁଯୋଗ ଦିଆଯାଇଥିଲେ ମଧ୍ୟ ସେ ବିଜୟୀ ହୋଇ ପାରି ନ ଥିଲେ। ୩ଟି ନିର୍ବାଚନର ଫଳାଫଳକୁ ଦେଖିଲେ ରଣପୁର ଭୋଟର ସୁରମାଙ୍କୁ ଚାହୁଁ ନ ଥିବା ସ୍ପଷ୍ଟ ହୋଇଥିଲା। ୨୦୨୪ ନିର୍ବାଚନରେ ସୁରମା ଟିକେଟ୍ ପାଇବା ଦୌଡରେ ସର୍ବାଗ୍ରେ ଥିବାବେଳେ ତାପସ ଟିକେଟ୍ ହାତେଇ ନେଇଥିଲେ। ତାପସ ଟିକେଟ୍ ପାଇବା ପରେ ସୁରମାଙ୍କ କେତେଜଣ ସମର୍ଥକ ଟିକେଟ୍ ବଣ୍ଟନ ଠିକ୍‌ରେ ହୋଇ ନ ଥିବା ଦର୍ଶାଇ ବିରୋଧ କରିଥିଲେ। ଏପରି କି ତାପସଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ସୁରମାଙ୍କୁ ଟିକେଟ୍ ଦେବାକୁ ଦାବି କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସୁରମା ଚାପ ପକାଇ ପ୍ରାର୍ଥୀ ବଦଳାଇବାରେ ସକ୍ଷମ ହୋଇଛନ୍ତି। ପ୍ରାର୍ଥୀ ବଦଳିବା ପରେ ତାପସଙ୍କ ଗୋଷ୍ଠୀ ପକ୍ଷରୁ ଏଯାବତ ପ୍ରତିବାଦ ଉଠି ନାହିଁ। ଦଳର ନିଷ୍ପତ୍ତିକୁ ତାପସ ମାନି ନେବେ ବୋଲି ପ୍ରକାଶ କରିଛନ୍ତି। ତେବେ ସୁରମା ଟିକେଟ୍ ପାଇବା ପରେ ଅଧିକାଂଶ ଭୋଟର ପ୍ରଶ୍ନ କରୁଛନ୍ତି ତାପସଙ୍କୁ ଟିକେଟ୍ ଦିଆଯାଇଥିଲା କାହିଁକି। ପୁଣି ତାଙ୍କୁ ହଟାଇ ସୁରମାଙ୍କୁ କାହିଁକି ଟିକେଟ୍ ଦିଆଗଲା। ଯଦି ସୁରମା ଯୋଗ୍ୟ ଥିଲେ ତାପସ କିପରି ଟିକେଟ୍ ପାଇଲେ। ଭାଜପାର ଟିକେଟ୍ ପରିବର୍ତ୍ତନ ଚିନ୍ତାଧାରା ୨୦୨୪ ନିର୍ବାଚନରେ ଭାରି ମହଙ୍ଗା ପଡ଼ିପାରେ ବୋଲି କେତେଜଣ ଭୋଟର, ଭାଜପା କର୍ମୀ, ସମର୍ଥକ ଓ ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

# ପଟ୍ଟାଙ୍ଗୀ: ଚୈତନ୍ୟ ହନ୍ତାଳଙ୍କ ପରିବର୍ତ୍ତେ ଚୈତନ୍ୟ ନନ୍ଦିବାଲି

**ପଟ୍ଟାଙ୍ଗୀ/ସୁନାବେଡା/ ସେମିଳିଗୁଡା, ୧୬।୪ (ଶରତ ଧଳ/ କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼)**


ଚୈତନ୍ୟ ନନ୍ଦିବାଲି

କୋରାପୁଟ ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ପଟ୍ଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ମଙ୍ଗଳବାର ପ୍ରାର୍ଥୀ ବଦଳାଇଛି। ଚୈତନ୍ୟ ହନ୍ତାଳଙ୍କୁ ପରିବର୍ତ୍ତନ କରି ତାଙ୍କ ସ୍ଥାନରେ ଚୈତନ୍ୟ ନନ୍ଦିବାଲିଙ୍କୁ ନୂତନ ପ୍ରାର୍ଥୀ ଘୋଷଣା କରିଛି।

ଭାଜପା ଚୈତନ୍ୟ ହନ୍ତାଳଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଥିବା ବେଳେ ଏହାକୁ ନେଇ ଦଳୀୟ କର୍ମୀଙ୍କଠାରୁ ଆରମ୍ଭକରି ବିଭିନ୍ନ ଆଦିବାସୀ ସଙ୍ଗଠନଗୁଡ଼ିକ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଯାହାକି ଦଳ ପକ୍ଷରୁ ଘୋଷଣା କରାଯାଇଥିବା ପ୍ରାର୍ଥୀ ପ୍ରକୃତରେ ଆଦିବାସୀ ନୁହନ୍ତି, ଅଣ ଆଦିବାସୀ ହୋଇ ମିଥ୍ୟା ଆଦିବାସୀ ଜାତିଗତ ପ୍ରମାଣପତ୍ର ଦର୍ଶାଇ ବିଧାୟକ ପ୍ରାର୍ଥୀ ହୋଇଥିଲେ। ହନ୍ତାଳଙ୍କୁ ପରିବର୍ତ୍ତନକରି ଯିଏ ପ୍ରକୃତ ଆଦିବାସୀ ତାଙ୍କୁ ପ୍ରାର୍ଥୀ କରିବାକୁ ଦାବି ଉଠିଥିଲା। ଏହାକୁ ନେଇ ରାଜ୍ୟ ଭାଜପା ଉଚ୍ଚ ପଦାଧିକାରୀ ଅଡୁଆରେ ପଡିଥିଲେ। ଉଠିଥିବା ଦାବି ଓ ବିରୋଧର ସ୍ୱରକୁ ତର୍ଜମାକରି ଦଳ ପକ୍ଷରୁ କମିଟି ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ରିପୋର୍ଟକୁ ଆଧାରକରି ଚୈତନ୍ୟ ହନ୍ତାଳଙ୍କ ପରିବର୍ତ୍ତେ ତାଙ୍କ ସ୍ଥାନରେ ପରଜା ସମ୍ପ୍ରଦାୟର ଉଚ୍ଚ ଶିକ୍ଷିତ ଯୁବକ ଚୈତନ୍ୟ ନନ୍ଦିବାଲିଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।

ଏଭଳି ସ୍ଥିତିରେ ଉକ୍ତ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ, ବିଜେଡି ଏବଂ ଭାଜପା ନିଜ ଦଳୀୟ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଏଥିରେ କିଛିଟା ପରିବର୍ତ୍ତନକୁ ନେଇ ବର୍ତ୍ତମାନ ଦଳୀୟ କର୍ମୀଙ୍କଠାରୁ ଆରମ୍ଭ କରି ଭୋଟରଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବର୍ତ୍ତମାନ ଏହି ନିର୍ବାଚନମଣ୍ଡଳୀରେ ୩ ଦଳ ପ୍ରାର୍ଥୀଙ୍କୁ ନେଇ ପ୍ରକୃତ ଖେଳ ଆରମ୍ଭ ହୋଇଛି।

ସୂଚନା ମୁତାବକ, ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀ ପାଇଁ ଭୋଟରଙ୍କଠାରୁ ଆରମ୍ଭକରି ଦଳୀୟ କର୍ମୀଙ୍କ କ୍ଷେତ୍ରରେ ନୂତନ ଚେହେରା ପାଇଁ ଦାବିହୋଇ ଆସୁଥିବା ବେଳେ କଂଗ୍ରେସ ଓ ବିଜେଡି ତା'ର ପୁରୁଣା ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ି ପ୍ରଚାରକୁ ଜୋର୍‌ଦାର କରିଛି। ସୂଚନାଯୋଗ୍ୟ, ଚୈତନ୍ୟ ନନ୍ଦିବାଲି ୨୦୧୯ରେ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୮,୨୩୮ଖଣ୍ଡ ଭୋଟ ପାଇଥିଲେ।

# ବିଜେଡି ଶାସନରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ନଷ୍ଟ ହୋଇଛି: ଭାଜପା

**ଭୁବନେଶ୍ୱର, ୧୬।୪(ସୁନିତ୍ ମିଶ୍ର)**

ବିଜେଡି ଶାସନରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ନବ ଦାସ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏୟାର ଆମ୍ବୁଲାନ୍ସରେ ଅଣାଯାଇ ଭୁବନେଶ୍ୱରଠାରେ ଚିକିତ୍ସିତ କରାଯାଇଥିଲା। ସେହିପରି ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦାମୋଦର ରାଉତଙ୍କୁ ଚିକିତ୍ସା ଅବହେଳା କାରଣରୁ କ୍ୟାପିଟାଲ ହସ୍ପିଟାଲରୁ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ତାଙ୍କ ପୁଅ ଅଭିଯୋଗ କରିଥିଲେ। ଯଦି ବଡ଼ ଲୋକଙ୍କ ଅବସ୍ଥା ସରକାରୀ ମେଡିକାଲରେ ଏମିତି, ତା'ହେଲେ ସାଧାରଣ ଲୋକଙ୍କ ଅବସ୍ଥା କ'ଣ ତାହା ସ୍ପଷ୍ଟ ଅନୁମେୟ ବୋଲି ଭାଜପା ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଜ୍ଜନ କହିଛନ୍ତି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ଏହାଠୁ ବଡ଼ ଉଦାହରଣ ଆଉ କିଛି ନାହିଁ।

# ବିଏସ୍‌କେୱାଇକୁ ନେଇ ରାଜନୀତି କରୁଛନ୍ତି ଧର୍ମେନ୍ଦ୍ର: ବିଜେଡି

**ଭୁବନେଶ୍ୱର, ୧୬।୪(ଅନିଲ ଦାସ)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ସ୍ୱାସ୍ଥ୍ୟ କାର୍ଡ ଓଡ଼ିଶାବାସୀଙ୍କୁ ସଶକ୍ତ କରିଛି ଏବଂ ଆତ୍ମବିଶ୍ୱାସ ଓ ଗ୍ୟାରେଣ୍ଟି ଦେଇଛି। ଲୋକେ ସରକାରୀ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ସୁବିଧା ପାଉଛନ୍ତି, ଯାହାର କୌଣସି ସୀମା ନାହିଁ। ବିଏସ୍‌କେୱାଇରେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କା ରହିଛି। ହେଲେ ଗରିବ ଲୋକଙ୍କୁ ମିଳୁଥିବା ଏହି ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜନୀତି କରୁଛନ୍ତି ବୋଲି ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ସସ୍ମିତ ପାତ୍ର କହିଛନ୍ତି।

ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ସରକାରୀ ଡାକ୍ତରଖାନାରେ କୌଣସି ସୀମା ନ ଥାଇ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ବିଏସ୍‌କେୱାଇ ପାଇଁ ଓଡ଼ିଶାରେ ୬୫୨ ଡାକ୍ତରଖାନା ଏବଂ ୧୬ ରାଜ୍ୟର ୧୬୪ ପ୍ରମୁଖ ଡାକ୍ତରଖାନା ତାଲିକାଭୁକ୍ତ ହୋଇଛି। ଗତ ବର୍ଷକ ମଧ୍ୟରେ ଓଡ଼ିଶାରେ ୩୬ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସିତ ହୋଇଛନ୍ତି। ବିଏସ୍‌କେୱାଇ ଯୋଗୁ ଓଡ଼ିଶା ଲୋକଙ୍କର ଗୋଟିଏ ବର୍ଷରେ ୩ ହଜାର କୋଟିରୁ ଅଧିକ ଟଙ୍କା ସଞ୍ଚୟ ହୋଇପାରିଛି, ଯାହାକୁ ସେମାନେ ନିଜର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ବ୍ୟବହାର କରିପାରିବେ।

ଗତ ୧ ବର୍ଷ ମଧ୍ୟରେ ବିଏସ୍‌କେୱାଇ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟରେ ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କୁ ଚିକିତ୍ସା କରାଯାଇଛି। ବିଏସ୍‌କେୱାଇ କାରଣରୁ ସେମାନେ ଗତ ୧ ବର୍ଷ ମଧ୍ୟରେ ପ୍ରାୟ ୩୮୫ କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। କିନ୍ତୁ ଓଡ଼ିଶା ଭାଜପା ବିଧାୟକ ଏବଂ ବିଶେଷକରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଯଦି ଓଡ଼ିଶାବାସୀ ବିଏସ୍‌କେୱାଇ ସ୍ୱାସ୍ଥ୍ୟ କାର୍ଡରୁ ଉପକୃତ ହେଉଛନ୍ତି, ତେବେ କେନ୍ଦ୍ରମନ୍ତ୍ରୀଙ୍କୁ କାହିଁକି କଷ୍ଟ ହେଉଛି ବୋଲି ସସ୍ମିତ ପ୍ରଶ୍ନ କରିଛନ୍ତି। ଓଡ଼ିଶାରେ ପ୍ରାୟ ୩୬ ଲକ୍ଷ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ରାଜ୍ୟ ବାହାରେ ଦେଢ଼ ଲକ୍ଷ ରୋଗୀ ଚିକିତ୍ସିତ ହୋଇଛନ୍ତି। ଧର୍ମେନ୍ଦ୍ର କ'ଣ ଚାହୁଁଛନ୍ତି ଏହି ଲକ୍ଷ ଲକ୍ଷ ଓଡ଼ିଆ ବିଏସ୍‌କେୱାଇ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଯେଉଁ ଚିକିତ୍ସା ସୁବିଧା ପାଉଛନ୍ତି, ତାହା ନ ପାଆନ୍ତୁ। ଯଦି ବିଏସ୍‌କେୱାଇ ଏକ ଖରାପ କାର୍ଯ୍ୟକ୍ରମ, ତେବେ ତାଙ୍କ ଦଳର ଇସ୍ତାହାରର ଏକ ନମ୍ବରରେ ସେ କୁହନ୍ତୁ ଯେ ସେମାନେ ବିଏସ୍‌କେୱାଇ ସ୍ୱାସ୍ଥ୍ୟ କାର୍ଡକୁ ବନ୍ଦ କରିଦେବେ।

# ହିଟ୍ ଟ୍ରାକ୍‌ରେ ନିର୍ବାଚନୀ ଗୀତ ରେକର୍ଡିଂ

## ଷ୍ଟୁଡ଼ିଓ ଚଳଚଞ୍ଚଳ

**କଟକ, ୧୬।୪ (କାର୍ତ୍ତିକ ସାହୁ)**




ଜିନ୍ଦାବାଦ୍, ଜିନ୍ଦାବାଦ୍..., ଆମର ଭାଇ, ତମର ଭାଇ..., ଭୋଟ ଦବ କୋଉଠି... ଆଦି ଚିର ପରିଚିତ ସ୍ଲୋଗାନ। ଡାକବାଜି ଯନ୍ତ୍ରରେ ମନମତାଣିଆ ଗୀତର ତାଳରେ ଜିନ୍ଦାବାଦ୍ ଧ୍ୱନି ବାଜି ଉଠିଲେ ଲୋକେ କାନ ପାରି ଶୁଣନ୍ତି। ପଚାରିବାକୁ ପଡ଼େନା ଇଏ କେଉଁ ଦଳର ବୋଲି। ଆଉ କିଛିଦିନ ପରେ ଦୁଲୁକିବ ଗାଁରୁ ସହର। ଡାକବାଜି ଯନ୍ତ୍ରରେ ବାଜିବ ନିର୍ବାଚନୀ ଗୀତ ଓ ପ୍ରାର୍ଥୀଙ୍କ ଜିନ୍ଦାବାଦ ଧ୍ୱନି। ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ପ୍ରାର୍ଥୀଙ୍କ ପ୍ରଚାର ଏକ ଅମୋଘ ଅସ୍ତ୍ର। ଏହି ନିର୍ବାଚନୀ ସଙ୍ଗୀତ ପ୍ରସ୍ତୁତି ପାଇଁ କଟକର ବିଭିନ୍ନ ରେକର୍ଡିଂ ଷ୍ଟୁଡିଓରେ ଭିଡ଼ ଜମିଲାଣି। ହିଟ୍ ହୋଇଥିବା ନୂଆ ସିନେମା ବା ଆଲବମ୍ ସଙ୍ଗୀତର ଧୂନ୍‌କୁ ଅଗ୍ରାଧିକାର ଦିଆଯାଉଛି।

ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ପ୍ରାର୍ଥୀମାନେ ପ୍ରଚାର ପାଇଁ ପୂରାଦମ୍‌ରେ ପ୍ରସ୍ତୁତ ହେଲେଣି। ପ୍ରାର୍ଥୀଙ୍କ ଅପେକ୍ଷା ଦଳୀୟ କର୍ମୀମାନେ ନିଜ ଅଞ୍ଚଳ ତଥା ଭୋଟରଙ୍କ ମାନସିକତାକୁ ଦେଖି କେଉଁଭଳି ସଙ୍ଗୀତ ଉପଯୁକ୍ତ ହେବ ତାହା ଚୟନ କରୁଛନ୍ତି। ଜଣେ ପ୍ରାର୍ଥୀ ପାଇଁ ୫ଟି ସଙ୍ଗୀତର ପ୍ୟାକେଜ୍ ରହୁଛି। ସଙ୍ଗୀତ ମଝିରେ ଜିନ୍ଦାବାଦ ସହ ପ୍ରାର୍ଥୀଙ୍କ ଜୟ ଜୟକାର ବି ରହୁଛି। ସାଧାରଣ ଭାବେ ଏଭଳି ପ୍ୟାକେଜ୍ ପାଇଁ ୪୦ ହଜାର ଟଙ୍କା ଷ୍ଟୁଡିଓମାନେ ଦାବି କରୁଛନ୍ତି। ଆଗଧାଡ଼ିର ପ୍ରଚ୍ଛଦପଟ ଗାୟିକା, ଗାୟକଙ୍କ ସାଙ୍ଗକୁ ଅନ୍ୟ କଣ୍ଠଶିଳ୍ପୀଙ୍କୁ ସାମିଲ କରାଯାଉଛି। ପ୍ରଚ୍ଛଦପଟ ଗାୟିକା, ଗାୟକମାନେ ଅଧିକ ପ୍ରାପ୍ୟ ନେଉଥିବାବେଳେ ଅନ୍ୟମାନଙ୍କୁ କମ୍ ଦେଲେ ଗୋଟିଏ ପ୍ୟାକେଜ୍‌ର ବଜେଟ୍ ଠିକ୍ ହୋଇଯାଉଛି। ଏହି ନିର୍ବାଚନ ସଙ୍ଗୀତ ପ୍ରସ୍ତୁତି ପାଇଁ ଗୀତିକାର, କଣ୍ଠଶିଳ୍ପୀ, ରେକର୍ଡିଷ୍ଟ ଓ ଷ୍ଟୁଡିଓ ଦେୟ ଭିନ୍ନ ଭିନ୍ନ ରହୁଛି। ପୁଣି ଜିନ୍ଦାବାଦ୍ ପକାଇବା ଅଥବା ପ୍ରାର୍ଥୀଙ୍କ ନିର୍ବାଚନୀ ଇସ୍ତାହାର ବଖାଣିବା ପାଇଁ ଆଉ କେଇ ଜଣଙ୍କର ଆବଶ୍ୟକତା ପଡୁଛି। ଏଭଳି ମୋଟାମୋଟି ୧୮ରୁ ୨୦ ଜଣକୁ ନେଇ ଷ୍ଟୁଡିଓରେ କାମ ଚାଲୁଛି। କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ପୁରୀ, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଆଦି ଜିଲାରୁ ପ୍ରାର୍ଥୀମାନେ କଟକରେ ଆସି ଗୀତ ରେକର୍ଡିଂ କରାଉଛନ୍ତି। ଅକ୍ଷୟ ମହାନ୍ତିଙ୍କ ଗୀତ ସକାଳୁ ଉଠି ସାହିର ପିଲେ କରିଲେ କବାଟ ଖଟ୍, ତୁ କାହାକୁ ଦେବୁ ଭୋଟ୍... ଭଳି ପୁରୁଣା ଗୀତ ବି ବେଳେବେଳେ ଏଥିରେ ସାମିଲ କରାଯାଉଛି।

ବିଶେଷକରି ହୁନୁହୁନୁ, ଚାଙ୍ଗୁମାଡ଼, ଚକୋବାର, ଝଲମଲ, କୁଟୁକୁଟା, ରସିଆ ଆଦି ହିଟ୍ ଗୀତର ଟ୍ରାକ୍‌ରେ ନିର୍ବାଚନ ସଙ୍ଗୀତ ପ୍ରସ୍ତୁତ ହେଉଛି। କଟକ ଲିଙ୍କ୍‌ରୋଡ୍‌ର ପି.ଏମ୍. ଷ୍ଟୁଡିଓ, ବାଦାମବାଡ଼ିର ପବିତ୍ର ଷ୍ଟୁଡିଓ, ମହତାବ ରୋଡ୍‌ର ମା' ଷ୍ଟୁଡିଓ, ସିଡିଏ ସେକ୍ଟର-୯ରେ ଥିବା ପ୍ରତିଭା ଷ୍ଟୁଡିଓ ନିର୍ବାଚନ ଗୀତ ରେକର୍ଡିଂ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏନେଇ ମା' ଷ୍ଟୁଡିଓର ସ୍ୱତ୍ୱାଧିକାରୀ ଦିଲୀପ ଜେନା କହିଛନ୍ତି, ଗୋଟିଏ ପ୍ୟାକେଜ ଗୀତ ଲେଖାଠାରୁ ରେକର୍ଡିଂ ପର୍ଯ୍ୟନ୍ତ ଅନ୍ୟୂନ ୨ ଦିନ ସମୟ ଲାଗିଯାଏ। ଡୁଏଟ୍, ଏକକ ଗୀତ ଆଦି ପ୍ରସ୍ତୁତ ହେଉଛି। ଗୋଟିଏ ଗୀତ ଲେଖିବା ପାଇଁ ପ୍ରାୟ ୪ରୁ ୫ଘଣ୍ଟା ସମୟ ଲାଗିଥାଏ। ଗୀତଟି ଲେଖା ସରିବା ପରେ ନିର୍ଦ୍ଧାରିତ ଟ୍ରାକ୍‌ରେ ତାକୁ କଣ୍ଠଶିଳ୍ପୀ ଗାଇବା ପରେ ରେକର୍ଡିଂ କରାଯାଏ। ବର୍ତ୍ତମାନ ଅଳ୍ପ ଅଳ୍ପ ଗୀତ ରେକର୍ଡିଂ ହେଉଛି। ପ୍ରାର୍ଥିପତ୍ର ଦାଖଲ ପରେ ଗୀତ ରେକର୍ଡିଂ ଜୋରସୋର୍‌ରେ ହେବ।

**ପୂର୍ବ ତଟ ରେଳପଥ**
e-Tender Notice No.: 04-KUR-TRD-OT-2024-25, ତାରିଖ : 09.04.2024
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ ମଣ୍ଡଳର ସାଉଥ ସେକ୍ସନର ୬ଟି ଷ୍ଟେସନ୍ (ତାପଙ୍ଗ, ରମ୍ଭା, ଗଞ୍ଜାମ, ଗଙ୍ଗାଧରପୁର, କାଇପଦା ରୋଡ ଏବଂ ଜଗନ୍ନାଥପୁର) ସେଣ୍ଟ୍ରାଲ ସେକ୍ସନର ୩ଟି ଷ୍ଟେସନ୍ (ହିନ୍ଦୋଳ ରୋଡ, ମେରାମଣ୍ଡଳି ଏବଂ ଲିଙ୍ଗରାଜଟେମ୍ପଲ ରୋଡ) କୁ ନିମ୍ନ ସ୍ତରରୁ ଉଚ୍ଚ ସ୍ତର ପ୍ଲାଟଫର୍ମରେ ପରିଣତ ସହିତ OHE ଆଧୁନିକିକରଣ।
ବିଜ୍ଞାପିତ ମୂଲ୍ୟ : ଟ.1,20,99,779.15, EMD: ଟ. 2,10,500/-
କାର୍ଯ୍ୟସମାପ୍ତିର ଅବଧି: 180 ଦିନ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.01.05.2024 ରିଖ 1300 ଘଟିକାରେ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ଟିଆରଡି) ଖୋର୍ଦ୍ଧା ରୋଡ
PR-20/P/24-25

**IN THE HIGH COURT OF ORISSA, CUTTACK**
**MACA NO. 560 OF 2023**
Oriental Insurance Co. Ltd. ....Appellant
-VERSUS-
Bhani Samal and others ....Respdts.
NOTICE UNDER ORDER-5 RULE-20 C.P.C
To,
Respondent No. 7
**Bamadev Swain**, S/o- Uttam Swain, resident of Village- Baitangi, PO- Dandamakundapur, PS: Pipili, Dist.: Puri.
Take notice that the above appeal has been presented in this Court by M/s. Prasanta Kumar Mahali, Advocate and Associates against the order / judgment dt.23.12.2022 of the learned 3rd MACT, Puri in MAC Case No. 235/225 of 2007.
You are hereby directed to appear before this Hon'ble Court in the above noted case on **01.05.2024** At **10.30 A.M.** either in person or through your Advocate/ representative and participate in the hearing of the above appeal. in case of failure to appear in the case on the date and time as above, the Hon'ble Court will decide the matter on its own merit in your absence exparte in accordance with law.
Signed and sealed by order of this Hon'ble Court this **3rd day of April, 2024.**
By the order of this Court
Sd/- Registrar Judicial,
Orissa High Court, Cuttack

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଗଣେଷ ଷ୍ଟୋର, ରସୁଲଗଡ଼ ଛକ, ଡାଲିଗ୍ରଉଲ ଓ ଷ୍ଟେସନାରୀ ଗୋଦାମ ପାଇଁ ୪ ଅଭିଜ୍ଞ ପିଲା ଆବଶ୍ୟକ। ଦରମା ୧୦,୦୦୦ ରୁ ୧୩,୦୦୦ ପର୍ଯ୍ୟନ୍ତ। ରହିବା ଖାଇବା ସବୁ ମାଗଣା।
Mob. - 9938540795

**REQUIREMENT**
For a Construction Site (Experienced Only)
- Site Engineer
- Site Supervisor
- Data Entry Operator
Ph - 7873907777
sitekhorda@gmail.com

Metso
**METSO OUTOTEC INDIA Pvt. Ltd.**
www.metso.com
**WALK IN INTERVIEWS**
on Friday, 26th April, 2024 (9-5 PM)
at Hotel Park Prime, Near Morabadi Maidan
Lane No 4, Anandgram, Ranchi
Need Go - Getters to work in a Multinational Company which is World leader in Aggregates & Mining Industry.
Requirement
SITE ENGINEER – OPERATIONS & MAINTENANCE, AGGREGATES
No of Position - 20
Job Profile: To take care of Operation & Maintenance of Metso Outotec crushing & screening equipment anywhere in India
Experience: Minimum 2+Years of Experience on operation and Maintenance of Crushing & Screening equipment
Education: Diploma/B.tech in Mechanical/Electrical
Compensation: Best in the industry with attractive site allowances and other benefits
Looking forward to meet you during the Walk in interview day
For any queries, please call on 09667214442
or email at : kapil.sharma@metso.com

## ସଂକ୍ଷେପରେ

### ୮୦୦ ର୍ୟାଙ୍କ ରଖି ବ୍ଲକ ପାଇଁ ଗୌରବ ଆଣିଲେ ସିଦ୍ଧାନ୍ତ ବେଶ୍ରା

କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)



କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍ସି)-୨୦୨୩ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ଗ୍ରାମର ଇଂ.ରାଜେନ୍ଦ୍ର ବେଶ୍ରା ଓ ଅଞ୍ଜନା ନାଗଙ୍କ ପୁଅ ସିଦ୍ଧାନ୍ତ ବେଶ୍ରା ୮୦୦ ର୍ୟାଙ୍କରେ କୃତକାର୍ଯ୍ୟ ହୋଇ ଜିଲା ଓ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସେ ପୂର୍ବରୁ ଟାଟା ଷ୍ଟିଲରେ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ବେଳେ ଗତବର୍ଷ ୨୩/୦୫/୨୦୨୩ରେ ସର୍ବଭାରତୀୟ ପ୍ରଶାସନିକ ପରୀକ୍ଷାରେ ୮୮୭ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିଲେ। ପୁଣିଥରେ ସେ ଆଇଏଏସ ପରୀକ୍ଷା ଦେଇ ସଫଳତା ପାଇଛନ୍ତି। ଏହି ଖବର ମିଳିବା ପରେ ଜିଲା, ବ୍ଲକ ସମେତ ସିଦ୍ଧାର୍ଥ ବେଶ୍ରାଙ୍କ ପୈତୃକ ଗ୍ରାମ କାଉଡୋଲାରେ ଖୁସିର ଲହରୀ ଖେଳିଯାଇଛି। ସିଦ୍ଧାନ୍ତ ବର୍ତ୍ତମାନ ପରିବାର ସହ ଭୁବନେଶ୍ୱରରେ ରହୁଛନ୍ତି। ଦ୍ୱିତୀୟ ଥର ପାଇଁ କୋକସରା ବ୍ଲକର ପୁଅ ଆଇଏଏସ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବେଳେ ତାଙ୍କ ସଫଳତା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛୁଙ୍କ ଶୁଭେଚ୍ଛା ଜଣାଇଛନ୍ତି।

### ଘର ଭୁଶୁଡ଼ି ଚାପି ହୋଇ ଜଣେ ମୃତ

କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ସାଗରପଡା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ମାଟି କୁଡ଼ିଆ ଘରେ ଶୋଇଥିବା ସମୟରେ ଘର ଭୁଶୁଡି ପଡିବାରୁ ଚାପି ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାଗରପଡା ଗ୍ରାମର ଘାସିରାମ ହଂସ (୪୨)। ତାଙ୍କ ନିଜ ଗାଁ ପୋ ହୋଇଥିବା ବେଳେ ସେ ସିଉନି ସାଗରପଡା ଗ୍ରାମରେ ନିଜ ମାମୁଁ ଘରେ ଏକ ଦୋକାନ ଦେଇ ନିଜର ପରିବାର ଚଳାଉ ଥିଲେ। ରାତିରେ ଶୋଇଥିବା ସମୟରେ ଘର ଭୁଶୁଡି ଚାପି ହୋଇ ତାଙ୍କର ମୃତ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ସକାଳୁ ପୋଲିସ ଖବର ପାଇ ପହଞ୍ଚି ମୃତଦେହ ଜବତ କରି କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଘର ଏକ ମାତ୍ର ରୋଜଗାରିଆ ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ଓ ପରିବାର ଭାଙ୍ଗି ପଡିଛନ୍ତି। ସରକାରୀସ୍ତରରେ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମାରୱାଡି ସମାଜର ନୂତନ କମିଟି ଗଠିତ

କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଲଡୁଗାଁ ମାରୱାଡ଼ି ସମାଜ ପକ୍ଷରୁ ଲଡୁଗାଁସ୍ଥିତ ମାମୋଦେବୀ ସ୍ମୃତି ଭବନଠାରେ ସମାଜର କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମାରୱାଡି ସମାଜର ନୂତନ କମିଟି ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ନୂତନ କମିଟି ସଭାପତି ଭାବେ ଦୁର୍ଗା ପ୍ରସାଦ ଅଗ୍ରୱାଲ, ଉପସଭାପତି ଭାବେ ଅଶୋକ ଅଗ୍ରୱାଲ, ସାଧାରଣ ସମ୍ପାଦକ ବିଜୟ ଅଗ୍ରୱାଲ, ସହ ସମ୍ପାଦକ ଗୋପାଳ ଅଗ୍ରୱାଲ, କେସିୟର ମନୋଜ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଛି। କମିଟି ସଦସ୍ୟ ଭାବେ ରମେଶ ଅଗ୍ରୱାଲ, ପବନ ସିଂଘଲ, ପ୍ରହଲ୍ଲାଦ ଅଗ୍ରୱାଲ, ବଜରଙ୍ଗ ଅଗ୍ରୱାଲ, ପ୍ରବୀଣ ଅଗ୍ରୱାଲ, ମନୋଜ ଶର୍ମା, ସୁରେଶ ଶର୍ମା, ମନୋଜ ଅଗ୍ରୱାଲ (ମଂଜୁଭାଇ), ବାଲମୁକୁନ୍ଦ ଅଗ୍ରୱାଲ ମନୋନୀତ ହୋଇଥିଲେ। ଏହି ଅବସରରେ ସଭାପତି ଦୁର୍ଗା ପ୍ରସାଦ ଅଗ୍ରୱାଲ ଆଗାମୀ ଦିନରେ ସମାଜର ସମସ୍ତ ସାଙ୍ଗଠନିକ କାର୍ଯ୍ୟରେ ସମାଜର ସମସ୍ତ ସଦସ୍ୟ ନିଜର ଦାୟିତ୍ୱ ନିର୍ବାହ କରି ସୁଚାରୁରୂପେ ତୁଲାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନୂତନ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରି ସମାଜ ପ୍ରତି ସବୁବେଳେ ଅଙ୍ଗୀକାର ବଦ୍ଧ ଭାବେ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ କରିଥିଲେ।

# ରାସ୍ତା ପାଇଁ ଭୋଟ ବର୍ଜନ ଚେତାବନୀ

ଲାଞ୍ଜିଗଡ଼,୧୬।୪(ରମେଶ ଚନ୍ଦ୍ର ନାୟକ)



ବାରଗୁଡା ସମେତ ୭ଟି ଗ୍ରାମବାସୀ ଏକତ୍ର ହୋଇଛନ୍ତି।

- ରାସ୍ତା ନାହିଁ ତ ଭୋଟ ନାହିଁ
- ବାରଗୁଡା ସମେତ ୭ଟି ଗ୍ରାମ

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଖବାହଲି ପଞ୍ଚାୟତ ବାରଗୁଡା ସମେତ ୭ଟି ଗ୍ରାମର ଲୋକେ ସୋମବାର ବାରଗୁଡା ଆମ୍ବ ତଟାଠାରେ ରାସ୍ତା ପାଇଁ ଏକ ବୈଠକ କରିଥିଲେ। ରାସ୍ତା ନ ହେଲେ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନର ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ ବାରଗୁଡା ଗାଁ ଗ୍ରାମପଞ୍ଚାୟତ ମୁଖ୍ୟାଳୟଠାରୁ ୨ କି.ମି. ଦୂରରେ ଥିବା ବେଳେ ଆଜି ପର୍ଯ୍ୟନ୍ତ ଭଲ ରାସ୍ତା ହୋଇପାରିନାହିଁ। ଗାଁରୁ ଥୁଆନାଲ ୨ କି.ମି., ପଣଷଗୁଡ଼ା ଦେଢ଼ କି.ମି., ଶୋରଗୁଡ଼ା ଅଢେଇ କି.ମି., ପଟାଙ୍ଗପଦର ୨ କି.ମି., ସାନଖାଲଗୁ ୩ କି.ମି. ଏବଂ ସିକୀଝୁଲକୁ ୨ କି.ମି. ଥିବାବେଳେ ଏହି ଗ୍ରାମଗୁଡିକୁ ପାଦଚଲା ରାସ୍ତା ଛଡା ଭଲ ରାସ୍ତା ନାହିଁ। ଏହି ଗ୍ରାମଗୁଡିକ ଦୁଇଟି ୱାର୍ଡରେ ବାରଗୁଡ଼ାରେ ୯୫ ପରିବାର, ପଣଷଗୁଡ଼ାରେ ୨୦ ପରିବାର, ପଟାଙ୍ଗପଦରରେ ୫୦ ପରିବାର, ଶୋରଗୁଡ଼ାରେ ୨୫ ପରିବାର, ସାନଖାଲଗୁ ୨୦ ପରିବାର ସମେତ ୨ ଶହରୁ ଅଧିକ ପରିବାର ଥିବାବେଳେ ୧ ହଜାରରୁ ଊର୍ଦ୍ଧ୍ୱ ଭୋଟର ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଯୋଜନା ସ୍ୱତ୍ତ୍ୱେ ମଧ୍ୟ ଏବେବି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଅନେକ ଗାଁକୁ ମାଟି ରାସ୍ତା ମଧ୍ୟ ପହଞ୍ଚି ପାରିନାହିଁ। ଫଳରେ ଅଞ୍ଚଳରେ ଅସନ୍ତୋଷ ଦେଖାଯିବା ସହ ସାଧାରଣ ନିର୍ବାଚନକୁ ନେଇ ଏବେ ଠାରୁ ରାସ୍ତା ନାଇଁ ତୋ ଭୋଟ ନାଇଁ ନାରା ଶୁଭିଲାଣି। ରାସ୍ତା ପାଇଁ ପଞ୍ଚାୟତ, ବ୍ଲକ ଓ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ପରେ ମଧ୍ୟ ଏବେ ଯାଏଁ କୌଣସି ସୁଫଳ ମିଳି ନାହିଁ। ଏହି ଅଞ୍ଚଳର ମୁଖ୍ୟ ରାସ୍ତା ସମସ୍ୟା ପାଇଁ ବାରମ୍ବାର ଅଭିଯୋଗ ପରେ ବି ଭଲ ମାଟି ରାସ୍ତା ମଧ୍ୟ ହୋଇ ପାରିନାହିଁ। ଫଳରେ ଏହି ରାସ୍ତା ସମସ୍ୟା ନେଇଁ ସୋମବାର ବାରଗୁଡା ଆମ୍ବ ତଟାଠାରେ ୫ଟି ଗାଁର ଶତାଧିକ ମହିଳା ଓ ପୁରୁଷ ଭୋଟର ଏକତ୍ରି ହୋଇ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ରାସ୍ତା ନାଇଁ ତୋ ଭୋଟ ନାଇଁ । ପ୍ରଥମେ ରାସ୍ତା ନିର୍ମାଣ ପରେ ଭୋଟ ମାଗ ନ ଚେତ କୌଣସି ନେତାଙ୍କୁ ବାରୀଗୁଡା ଗାଁ ତଥା ୭ ଖଣ୍ଡ ଗାଁକୁ ପୂରାଇ ଦେବୁ ନାଇଁ ବୋଲି ଅଞ୍ଚଳବାସୀ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ୟା ସମାଧାନ କରା ନ'ଯାଏ ତାହାହେଲେ ବିଜେପୁର ବିଶ୍ୱନାଥପୁର ସଂଯୋଜନା କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବୁ ବୋଲି ଅଞ୍ଚଳର ବକୁଳ ମାଝି, ଭୁବନି ମାଝି, ଘାଷି ମାଝି, ମଦନ ମାଝି, ଅଭି ମାଝି, ଲିକଟା ମାଝି, ତରଣୀ ହରିଜନ, ଜିତ ହରିଜନ, ବିଘ୍ନ ମାଝି, ଲାଇ ମାଝି, ଧନିଆ ମାଝି, ବିଜୁ ମାଝି, କିରଗା ମାଝି, ତାରା ମାଝି, ଶିବ ମାଝି, ଶଶି ମାଝି, ସନାରା ମାଝି, ବିଜୟ ମାଝିଙ୍କ ସମେତ ୭ଟି ଗ୍ରାମର ଗ୍ରାମବାସୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

## ମତଦାନ କେନ୍ଦ୍ର ଦାବି ପୂରଣ ହେଲାନି

କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

**ଭୋଟ ବର୍ଜନ ନିଷ୍ପତ୍ତି ନେଲେ ସିର୍ଲିଗୁଡା ଗ୍ରାମବାସୀ**

କଳାହାଣ୍ଡି ଜିଲା ଧର୍ମଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ଗ୍ରାମରେ ମତଦାନ କେନ୍ଦ୍ର ପାଇଁ ପୂର୍ବରୁ ଦାବି କରିଥିଲେ। ଦାବି ପରେ ଜିଲା ପ୍ରଶାସନ ପକ୍ଷରୁ ସିର୍ଲିଗୁଡା ପ୍ରାଥମିକ ବିଦ୍ୟାଳୟରେ ମତଦାନ କେନ୍ଦ୍ର ପାଇଁ ଆବଶ୍ୟକ ଭିତ୍ତିଭୂମି ଥାଇ ମଧ୍ୟ ନ ଥିବା ଦର୍ଶାଇ ନିକଟସ୍ଥ ଅଁଳାଗୁଡା ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର କରିଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କରି ସୋମବାର ସନ୍ଧ୍ୟାରେ ଗ୍ରାମରେ ଏକ ସଭା କରି ପ୍ରଶାସନ ଗ୍ରାମବାସୀଙ୍କ ଦାବିକୁ ଅଣଦେଖା ପ୍ରତିବାଦ କରି ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରଶାସନର ଅବହେଳା ପ୍ରତିବାଦ କରି ପୁନର୍ବାର ବିଚାର ନେଇ ସିର୍ଲିଗୁଡା ଗ୍ରାମରେ ମତଦାନ କେନ୍ଦ୍ର ପାଇଁ ମୁଖ୍ୟ ନିର୍ବାଚନ ଆୟୋଗ ଓଡିଶାଙ୍କୁ ଦାବିପତ୍ର ପ୍ରେରଣ କରିବାକୁ ନିଷ୍ପତ୍ତି ନେଇଥିବା ନେଇ ଗ୍ରାମବାସୀ କହିଛନ୍ତି। କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ରାଜସ୍ୱ ଗ୍ରାମ ମାନ୍ୟତା ପାଇ ସାରିଥିବା ବେଳେ ଦୀର୍ଘବର୍ଷ ହେବ ଗ୍ରାମବାସୀ ମତଦାନ କେନ୍ଦ୍ର ପାଇଁ ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି। ହେଲେ ଦୀର୍ଘ ଦଶନ୍ଧି ଧରି ଗ୍ରାମରୁ ୮ କି.ମି. ଦୂର ବଙ୍ଗୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ବୁଥ କେନ୍ଦ୍ରକୁ ମତଦାନ ପାଇଁ ଯାଉଥିଲେ। ସିର୍ଲିଗୁଡା ରାଜସ୍ୱ ଗ୍ରାମର ସିର୍ଲିଗୁଡା ଓ ଅଁଳାଗୁଡାରେ ୭୮୪ ଭୋଟର ରହିଛନ୍ତି। ମତଦାନ କେନ୍ଦ୍ର ୮ କି.ମି. ଦୂରରେ ରହିଥିବାରୁ ସିର୍ଲିଗୁଡା ଗ୍ରାମର ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଭୋଟରମାନେ ମତଦାନରୁ ବଞ୍ଚିତ ରହୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବୈଠକରେ ପଞ୍ଚାୟତର ନାଏବ ସରପଞ୍ଚ ନନ୍ଦିନୀ ନାଗ, ଚନ୍ଦ୍ରଶେଖର ସୁନାନୀ, ଧନେଶ୍ୱର ମହାନନ୍ଦ, ବସନ୍ତ ନାଗ, ପୁରୁଷୋତ୍ତମ ସୁନାନୀ, ଭୂଷଣ ମହାନନ୍ଦଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା, ପୁରୁଷମାନେ ଉପସ୍ଥିତ ରହିଥିଲେ। ଫଟୋ: ଗ୍ରାମବାସୀ ଭୋଟ ବର୍ଜନ ପାଇଁ ବୈଠକ କରୁଛନ୍ତି।



## ବିଜେଡିରେ ଶତାଧିକ ଭାଜପା, କଂଗ୍ରେସ କର୍ମୀ




ମିଶ୍ରଣପର୍ବରେ ସାମିଲ ଭାଜପା ଓ କଂଗ୍ରେସ କର୍ମୀମାନେ।

ଲାଞ୍ଜିଗଡ଼,୧୬।୪(ରମେଶ ଚନ୍ଦ୍ର ନାୟକ)

**୨ ଆଦିବାସୀ ନେତା ଟାଙ୍କେର ମାଝି, ପରମାନନ୍ଦ ମାଝି**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବସନ୍ତପଡା ପଞ୍ଚାୟତ ଲାଞ୍ଜିଗଡ ବିଧାନସଭା ଟିକେଟ ଆଶାୟୀ ଥିବା ଭାଜପା ନେତା ଟାଙ୍କେର ମାଝି ବିଜେଡିରେ ସାମିଲ ହେଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଶଙ୍ଖଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ଲାଞ୍ଜିଗଡ ବିଧାନସଭା ଟିକେଟ ଆଶାୟୀ ଥିବା ଭାଜପା ନେତା ଟାଙ୍କେର ମାଝି, ଯୁବନେତା ରାଜେନ୍ଦ୍ର ମାଳୀ, ହରିହର କୁମାରଙ୍କ ସମେତ ଅନେକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଟାଙ୍କେର ଲାଞ୍ଜିଗଡ ବିଧାନସଭା ଆସନରେ କଂଗ୍ରେସ ଦଳକୁ ସଙ୍ଗଠିତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ଦଳ ତାଙ୍କୁ ଟିକେଟ ନ ଦେବାରୁ ନିଜ ସମର୍ଥକଙ୍କୁ ନେଇ ସେ ଭାଜପାରେ ଯୋଗଦେଇଥିଲେ। କିନ୍ତୁ ଭାଜପା ମଧ୍ୟ ନିରାଶ କରିବାରୁ ସେ ଦଳ ଛାଡି ବିଜେଡିରେ ୭୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ନେଇ ସାମିଲ ହୋଇଛନ୍ତି। ମାସକ ମଧ୍ୟରେ କଂଗ୍ରେସ, ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି ଟାଙ୍କେର ମାଝି। ସେହିପରି କଂଗ୍ରେସର ଆଦିବାସୀ ନେତା ପରମାନନ୍ଦ ମାଝି ମଧ୍ୟ ଏଥର ଲାଞ୍ଜିଗଡ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଦଳରୁ ଆଶାୟୀ ଥିଲେ। କିନ୍ତୁ ଦଳ ତାଙ୍କୁ ନିରାଶ କରିବା ଅଭିଯୋଗ କରି ସେ ଦଳ ଛାଡିଛନ୍ତି। ସେହିପରି କଂଗ୍ରେସର ନେତା ଓ ଯୁବ ସଂଗଠକ ତ୍ରିଲୋଚନ ପାଣିଗ୍ରାହୀ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଶଙ୍ଖ ଭବନଠାରେ ଅୟୋଜିତ ମିଶ୍ରଣ ପର୍ବରେ ରାଜ୍ୟ ସଭା ସଦସ୍ୟ ଡ. ସସ୍ମିତ ପାତ୍ର ଓ କଳାହାଣ୍ଡି ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ ଦଳରେ ସାମିଲ ହୋଇଥିବା ସମସ୍ତ କର୍ମୀଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୋମନା,୧୬।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା ଖଡ଼ିଆଳ ସହରରେ କିଛି ଦିନ ତଳେ ଭାଲୁ ଆତଙ୍କ ଖେଳାଇଥିବା ବେଳେ ମଙ୍ଗଳବାର ସକାଳେ କୋମନା ବ୍ଲକ ସାନବାହାଲି ଗାଁରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ତ୍ରିଲୋଚନ ମାଝି (୫୦)। ସେ ନିଜ ଜମିକୁ ମହୁଲ ଫୁଲ ଗୋଟାଇବାକୁ ଯାଇ ଭାଲୁର ଶିକାର ହୋଇଛନ୍ତି। ତ୍ରିଲୋଚନ ସବୁଦିନ ଭଳି ମହୁଳ ଫୁଲ ଗୋଟାଇବା ପାଇଁ ଜମିକୁ ଯାଇଥିଲେ। ଏହି ସମୟରେ ନିକଟସ୍ଥ ଜଙ୍ଗଲରୁ ମହୁଲ ଫୁଲ ଖାଇବା ପାଇଁ ଆସି ଥିବା ଭାଲୁ ତ୍ରିଲୋଚନଙ୍କୁ ଆକ୍ରମଣ କରିଥିଲା। ସେ ଜୀବନ ବଞ୍ଚାଇବା ପାଇଁ ଜୋରରେ ଚିତ୍କାର କରିଥିଲେ। କିଛି ଲୋକ ଶୁଣି ଠେଙ୍ଗା, ବାଡ଼ି ଧରି ଦୌଡ଼ି ଆସିବାରୁ ଭାଲୁ ଜଙ୍ଗଲ ଭିତରକୁ ପଳାଇଥିଲା। ପରିବାର ଲୋକେ ତ୍ରିଲୋଚନଙ୍କୁ କୋମନା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୂଆପଡ଼ା ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବନ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା।

## ବୁଢ଼ାରଜା ଦେବତାଙ୍କ ବିହନ ଛିନା ଯାତ୍ରା



ବିହନ ଛିନିବା ପାଇଁ ଯାଇଥିବା ଚାଷୀମାନେ।

ନୂଆପଡ଼ା,୧୬।୪(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ଗାଁରେ ବିହନ ଛିନା ଯାତ୍ରା ପାଳିତ ହୋଇଯାଇଛି। ଉକ୍ତ ଯାତ୍ରାରେ ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ଛୋଟ ବଡ ୫୨ଟି ଗାଁ ଓ ଗୋଡାପାହାଡ ପାଦଦେଶରେ ଥିବା ୩୨ଟି ଗାଁ ମୋଟ ୮୪ଖଣ୍ଡ ଗାଁର ଲୋକେ ଯାଇ ବିହନ ଛିନିଥାନ୍ତି। ଗ୍ରାମ ଝାକର ବାଦ ଧରୁଆ ପୂଝାରୀମାନଙ୍କ ସହ ଏକ ଦିନ ପୂର୍ବରୁ ଉପବାସ ରହି ରାତ୍ରି ସମୟରେ ବିହନ ଛିନା ଗୁଡି ବା ବୁଢାରଜା ଦେବତାଠାରେ ଯାଇ ପୂଜା ଅର୍ଚ୍ଚନା କରି ଅଧିଆ ପଡି ସମସ୍ତଙ୍କ ମନସ୍କାମନା ପୂର୍ଣ୍ଣ କରିବ ବୋଲି କହିବା ସହ ଭଲ ଭାବରେ ବର୍ଷା ହୋଇ ଅଧିକ ଫସଲ ଉତ୍ପାଦନ ହେବ ବୋଲି ଗୁହାରି କରିଥାନ୍ତି। ରାତ୍ରି ପାହିଲେ ୮୪ ଖଣ୍ଡ ଗାଁ ଲୋକେ ବୋଦା, କୁକୁଡା ଧରି ଯାଇ ପୁଣି ବୁଢାରଜା ଦେବତାଙ୍କୁ ପୂଜା ଅର୍ଚ୍ଚନା କରି ବୋଦା ବଳି ଦେଇ ବିହନ ଛିନା ପର୍ବ ପାଳିତ ହୋଇଥାଏ। ଲୋକେ ନୂତନ ବସ୍ତ୍ରରେ ଝାକର ଦେଇଥିବା ଧାନକୁ ଆଣି ଘରେ ପୂଜା କରି ରଖିଥାନ୍ତି। ଅକ୍ଷୟ ତୃତୀୟା ଦିନ ସେହି ଧାନକୁ ନେଇ ନିଜ ଜମିରେ ପୂଜା ଅର୍ଚ୍ଚନା କରି ଅଖିମୁଠୀ କରିଥାନ୍ତି। ଝାକର ବାଦ ଧରୁଆ ସମେତ ବୁଢାରଜା ବରୁଆ କୁମ ମାଝି, ପୂଝାରୀ ତୁଳସିଂ ଧରୁଆ, ହରି ମାଝି, ତୁଳସିଂ ମାଝି, କୋକିଲ ମାଝି, ଶିବ ଶଙ୍କର ମାଝି, ଉଦେସିଂ ମାଝି, ଚନ୍ଦର ମାଝି, ଗୁରୁବାରୁ ମାଝି, ବିରସିଂ ମାଝି, ଅମର ମାଝି, ଜଗମୋହନ ମାଝି, ଅମୃ ମାଝି, ମାନସିଂ ମାଝି, ସବନ ମାଝି, ସିୟକ ମାଝି, ଅର୍ଜୁନ ମାଝି, ଅତବଲ ମାଝି ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଏଓଏସ୍‌ସିଏଫ୍ ପକ୍ଷରୁ ଆମ୍ବେଡକର ଜୟନ୍ତୀ

କର୍ଲାମୁଣ୍ଡା,୧୬।୪(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡାଠାରେ ଅଲ ଓଡିଶା ସିଡ୍ୟୁଲକାଷ୍ଟ ଫେଡେରେଶନ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଫେଡେରେଶନ ସଭାପତି ବରୁଣ କୁମାର ସୁନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜେଲ ଅଧୀକ୍ଷକ ପ୍ରେମାନନ୍ଦ ବାଗ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ବିଇଓ ବିଜୟଲକ୍ଷ୍ମୀ ନାଗ, ଅବସରପ୍ରାପ୍ତ ବିଇଓ ଦଇତରାମ ସୁନା, ଏସ.ମାଲପଡା ସରପଞ୍ଚ ବରୁଣ ଛତ୍ରିଆ, ରେଗେଡା ସରପଞ୍ଚ ଦିପ୍ତିରାଣୀ ସାହୁ, ରିଞ୍ଜା ସମିତିସଭ୍ୟ ଆନନ୍ଦ ନାଗ, ଅଧାପକ ସୁଶାନ୍ତ ସୁନା, ପୂର୍ବତନ ସମିତିସଭ୍ୟ ଦୀପା ବାଗ, ରେଗେଡା ନାଏବ ସରପଞ୍ଚ ସନ୍ଧ୍ୟାରାଣୀ ବାଗ, ଉପଦେଷ୍ଟା ରଜନୀକାନ୍ତ ସରପଲିଆ, କେସିଙ୍ଗା ବ୍ଲକ ସଭାପତି କ୍ଷେତ୍ରମଣି ସେନାପତି, ଏମ୍. ରାମପୁର ବ୍ଲକ ସମ୍ପାଦକ ଗୁପ୍ତେଶ୍ୱର ବିଭାର ପ୍ରମୁଖ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଫେଡେରେଶନ ଜିଲା ସମ୍ପାଦକ ସୂର୍ଯ୍ୟନାରାୟଣ କୁମାର ଯୋଗଦେଇ ଆମ୍ବେଡକରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ବ୍ଲକ ସଂଯୋଜକ ମଧୁସୂଦନ ବାଗ ସଭା ସଂଯୋଜନା କରିଥିବାବେଳେ ବ୍ଲକ ସଂପାଦକ ତ୍ରିଭୁବନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଇଓ ବିଜୟଲକ୍ଷ୍ମୀ ନାଗ ଓ ପ୍ରକାଶ ସାଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ମେ ୨୪ରୁ ରବିଧାନ ସଂଗ୍ରହ ଆରମ୍ଭ

ନୂଆପଡ଼ା,୧୬।୪(ମକାରୁ ବେମାଲ)




ଧାନ କ୍ରୟ ପାଇଁ ବୈଠକରେ ଆଲୋଚନା କରାଯାଉଛି।

**ଜିଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ**

ନୂଆପଡା ଜିଲାପାଳଙ୍କ ସଦଭାବନା ସଭାଗୃହରେ ମଙ୍ଗଳବାର ଜିଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମେ ୨୪ରୁ ଜିଲା ବିଭିନ୍ନ ମଣ୍ଡିରୁ ଧାନ କ୍ରୟ କରିବା ପାଇଁ ସ୍ଥିର କରାଯାଇ ପଦକ୍ଷେପ ଉପରେ ବିଶେଷ ଆଲୋଚନା ହୋଇଥିଲା। ସିଏସଓଙ୍କ ସୂଚନା ଅନୁସାରେ ୨୦୨୩-୨୪ ଖରିଫରେ ୧୭ ଲକ୍ଷ ୮ ହଜାର ୭୬୮.୯୭୦ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିବାବେଳେ ରବି ୨୦୨୨-୨୩ ରେ ୩ ଲକ୍ଷ ୭୪ ହଜାର ୬୪.୦୦୯ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା। ଚଳିତ ରବିରେ ୯ ହଜାର ୮ ଶହ ୪୦ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ଧାନ ସଂଗ୍ରହ ୪ ଲକ୍ଷ ୨୦ ହଜାର ମେଟ୍ରିକ ଟନରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଗତ ଖରିଫ ଋତୁରେ ୭୬ଟି ଧାନ ବିକ୍ରୟ ପାଇଁ ମଣ୍ଡି ଖୋଲା ଯାଇଥିବା ବେଳେ ଚଳିତ ରବିରେ ୨୬ଟି ପାକ୍ସ, ୬ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠି, ୧୩ଟି ପିପିସି ମୋଟ ୪୫ଟି ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ଚାଷୀଙ୍କଠାରୁ ମେ ୨୪ରୁ ଧାନ କ୍ରୟ ଆରମ୍ଭ ହେବ। ରବି ଧାନ ବିକ୍ରୟ ପାଇଁ ଜିଲାରେ ୧୦ ହଜାର ୩୫୩ ଜଣ ଚାଷୀ ପଞ୍ଜୀକୃତ କରିଥିବା ବେଳେ ଏକ ହଜାର ୩୧୭ଜଣ ଚାଷୀଙ୍କ ପଞ୍ଜୀକୃତ ଭେରିଫିକେଶନ ହୋଇସାରିଛି। ବାକି ଚାଷୀଙ୍କ ପଞ୍ଜୀକୃତ ଭେରିଫିକେଶନ ଚାଲିଛି। ବୈଧ ଟୋକନ ଥିବା ଚାଷୀ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ମଣ୍ଡିକୁ ଯାଇ ଧାନ ବିକ୍ରୟ କରି ପାରିବେ। ସାଧାରଣ ଧାନ ଏଫ ଏକ୍ୟୁ ମାନର ଏମଏସପି ମୂଲ୍ୟ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ରହିଛି। ବର୍ତ୍ତମାନ ୧୭ଟି ଉଷୁନା ମିଲର୍ସ ଓ ୧୪ଟି ଅରୁଆ ମିଲର୍ସ ମୋଟ ୩୧ଟି ମିଲର୍ସ ଭାଗ ନେବେ। ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ପିଇବା ପାଣି, ପ୍ରତ୍ୟେକ ଦିନ ଖୋଳିବା, ବିଜୁଳି, ତାରପୋଲିନ, ଆଶ୍ରୟ ସ୍ଥଳ, ଓଜନ ମେଶିନ ଓ ଅନ୍ୟାନ୍ୟ ପଦକ୍ଷେପ ଉପରେ ଗୁରୁତ୍ୱ ଦେବା ପାଇଁ ଆରଏମସି ଓ ସିଏସଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଆରଏମସି ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି, ଜିଲ୍ଲା ମୁଖ୍ୟ କୃଷୀ ଅଧିକାରୀ ହିମାଂଶୁ ମହାପାତ୍ର, ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତ ରାୟ, ଜିଲାପାଳ ପ୍ରତିନିଧି ଆଲୋକ କୁମାର ଅନଗୁଳିଆ, ଜିଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ମିଲର୍ସ, ଚାଷୀ ପ୍ରତିନିଧି, ଆରଏମସି, ପାକ୍ସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମେ ୧୦ରୁ ବରଗଡ଼ ଜିଲ୍ଲାରେ ରବିଧାନ ସଂଗ୍ରହ

ବରଗଡ଼,୧୬।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ରବି ଋତୁ ଧାନ ସଂଗ୍ରହ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଆଦିତ୍ୟ ଗୋୟଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ସଂହିତା ଲାଗୁ ହୋଇଥିଲେ ମଧ୍ୟ ଚାଷୀଙ୍କୁ ଯେଭଳି କୌଣସି ଅସୁବିଧା ନହୁଏ ସେଥିପ୍ରତି ବିଶେଷ ଧ୍ୟାନ ଦେବା ସହିତ ଧାନ ସଂଗ୍ରହ କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନ ପାଇଁ ଜିଲାପାଳ ଗୋୟଲ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥର ମଧ୍ୟ ଟୋକନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ ତାହା ନିର୍ଦ୍ଧାରିତ ହୋଇ ପାରିନାହିଁ। ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟିରେ ସେ ନେଇ ନିଷ୍ପତ୍ତି ହେବ ବୋଲି ସୂଚନା ଦିଆଯାଇଛି। ଏଥର ଗ୍ରେଡ଼-ଏ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୨୦୩ ଟଙ୍କା ଏବଂ ସାଧାରଣ ଧାନ ଦର କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ରହିଛି।

ଜିଲାପାଳଙ୍କ ଅନୁମୋଦନକ୍ରମେ ଆସନ୍ତା ମେ ୧୦ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଅତାବିରା ବ୍ଲକରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ପର୍ଯ୍ୟାୟକ୍ରମେ ଅନ୍ୟ ବ୍ଲକରେ ଧାନ କିଣାବିକା ଚାଲିବ ବୋଲି ସୂଚନା ଦିଆଯାଇଥିଲା। ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ଆରଏମସି ଅଧିନରେ ଥିବା ୧୯୭ମଣ୍ଡିରେ ଧାନ କିଣାବିକା ଚାଲିବ। ଜିଲାର ୧୧୨ ମିଲର୍ସ ଯୋଗ୍ୟତା ଭିତ୍ତିରେ ଏଥିରେ ସାମିଲ ହେବେ । ସେହିପରି ସପ୍ତାହକ ୬ଦିନ ମଣ୍ଡିରେ ଧାନ କିଣାବିକା ଚାଲିବ ଏବଂ ସକାଳ ୬ଟାରୁ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

ଚାଷୀଙ୍କ ସୁବିଧା ତଥା ଧାନ ସଂଗ୍ରହ ପ୍ରକ୍ରିୟାର ବିକେନ୍ଦ୍ରୀକରଣ ନିମନ୍ତେ ୩୪ଜାଗାରେ ସବ୍‌ମାର୍କେଟ୍ ଖୋଲିବ। ସମସ୍ତ ଧାନ ସଂଗ୍ରହ କେନ୍ଦ୍ରରେ ଆର୍ଦ୍ରତା ମିଟର, ତାରପୋଲିନ, ୱେବ୍ରିଜ, ବିଶ୍ଳେଷଣ କିଟ୍ସ ଆଦି ଯୋଗାଇବା ସହିତ ପ୍ରତୀକ୍ଷା କକ୍ଷ, ଛାଇ, ପାନୀୟଜଳ, ଲାଇଟ୍, ପାଇଖାନା, ସିସିଟିଭି, ମୂଲ୍ୟ ପ୍ରଦର୍ଶନ ବୋର୍ଡ଼ ଆଦି ସୁବିଧା ଥିବା ମଡ଼େଲ ମଣ୍ଡିର ବ୍ୟବସ୍ଥା କରାଯାଇଛି। ଚାଷୀଙ୍କ ପୂର୍ବ ସମସ୍ୟାଗୁଡ଼ିକର ଆଲୋଚନା ତଥା ପରାମର୍ଶ ଆଧାରରେ




ରବି ଧାନ ସଂଗ୍ରହ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଅଧିକାରୀମାନେ।

- ଏଥର ବି ଟୋକନ ବାଧ୍ୟତାମୂଳକ
- ଧାନ ସଂଗ୍ରହ ପାଇଁ ୧୯୭ ମଣ୍ଡି
- ଅଭିଯୋଗ ପାଇଁ ଟୋଲ ଫ୍ରି ନମ୍ବର, ଠକେଇ କଲେ ଥାନାରେ ଏତଲା

ଏବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ନିମନ୍ତେ କୌଣସି ମିଲର୍, ସ୍ୱୟଂ ସହାୟକ ଗୋଷ୍ଠି, ଆରଏମସି ଅଧିକାରୀ, ଯୋଗାଣ ଅଧିକାରୀ ଠକେଇ କଲେ ତୁରନ୍ତ ଥାନାରେ ଏତଲା ଦେବା କିମ୍ବା ଟୋଲ ଫ୍ରି ନମ୍ବର ୧୯୬୭ କିମ୍ବା ୦୬୬୪୬ ୨୪୬୦୪୧ରେ ଅଭିଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅଭିଯୋଗ ପାଇବାର ୪୮ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୋଲି ଜିଲାପାଳ ଗୋୟଲ କହିଥିଲେ। ଭିତ୍ତିଭୂମିର ସୁବିଧା ନିମନ୍ତେ ପ୍ରଶାସନ ତରଫରୁ ମଡ଼େଲ ମଣ୍ଡି ବ୍ୟବସ୍ଥା କରିବା ସହିତ ଚାଷୀଙ୍କୁ ଗ୍ରାମପଞ୍ଚାୟତ ସ୍ତରରେ ଜୁଟ ବ୍ୟାଗ ଯୋଗାଇବା କିମ୍ବା ଚାଷୀ ଦେଇଥିବା ବ୍ୟାଗର ଉଚିତ ମୂଲ୍ୟ ମିଲର ବହନ କରିବେ ଏବଂ ଏହାର ତଦାରଖ ନିମନ୍ତେ ସ୍ୱତନ୍ତ୍ର ଅଧିକାରୀଙ୍କୁ ଦିଆଯିବ। ସମ୍ପୃକ୍ତ ଅଧିକାରୀ ମଣ୍ଡିସ୍ତରରେ ଚାଷୀମାନେ କିଭଳି ସଠିକ୍‌ଭାବେ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟ ପାଇବେ ତାର ବ୍ୟବସ୍ଥା କରିବେ ବୋଲି ଜିଲାପାଳ କହିଥିଲେ।

ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀଙ୍କ ଅଭିଯୋଗ ଗ୍ରହଣ ନିମନ୍ତେ ସ୍ୱତନ୍ତ୍ର ରେଜିଷ୍ଟର କରାଯିବା ସହିତ ମୁଖ୍ୟାଳୟରେ ଅଭିଯୋଗ ଗ୍ରହଣ ନିମନ୍ତେ ଏକ ଟୋଲ ଫ୍ରି ନମ୍ବର ଜାରି କରାଯିବ। ରେଜିଷ୍ଟ୍ରେଶନ ପରେ ଚାଷୀଙ୍କ ମୋବାଇଲରେ ମଣ୍ଡିକୁ ଧାନ ନେଇ ଯିବା ତାରିଖର ସୂଚନା ଆସିବ ଏବଂ ଗୋଟିଏ ଟୋକନର ଅବଧି ୩୦ଦିନ ପର୍ଯ୍ୟନ୍ତ ରହିବ। ଧାନ ଦେବାର ୪୪ରୁ ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କଖାତାରେ ଡିଏଫଟି(ଡାଇରେକ୍ଟ ଫଣ୍ଡ ଟ୍ରାନ୍ସଫର) ମାଧ୍ୟମରେ ପ୍ରାପ୍ୟ ଟଙ୍କା ପଠାଯିବ। ପ୍ରତ୍ୟେକ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଡାକବାଜି ଯନ୍ତ୍ରରେ ଧାନ ସଂଗ୍ରହ ତାରିଖ ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସଚେତନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ । ଧାନ ସଂଗ୍ରହ ପ୍ରକ୍ରିୟାକୁ ସଫଳ କରିବା ପାଇଁ ପ୍ରତ୍ୟେକ ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷମାନଙ୍କୁ ଗାଁ ଗାଁ ବୁଲି ଚାଷୀଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା, ମଣ୍ଡିକୁ ଧାନ ଆସିବାର ଯଥାସମୟ ପୂର୍ବରୁ ଚାଷୀଙ୍କ ଟୋକନ ଦେବା ବ୍ୟବସ୍ଥା କରିବା, କଳାବଜାର କିମ୍ବା ଆବଶ୍ୟକ ଧାନ ପଡ଼ୋଶୀ ଜିଲାକୁ ସ୍ଥାନାନ୍ତରଣ ଭଳି ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ଜିଲାର ସମସ୍ତ ସୀମାରେଖାରେ ପୋଲିସ ମୁତୟନ ସହିତ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଏସ୍‌ପି ପି.ଏସ ମୀନା, ପଦ୍ମପୁର ଅତିରିକ୍ତ ଜିଲାପାଳ କୃଣାଳ ମୋତିରାମ ଚୌହାନ, ବରଗଡ଼ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣ, ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀଙ୍କ ସମେତ ଚାଷୀ, ମିଲର୍ସ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମତଦାନ କେନ୍ଦ୍ର ଦାବି ପୂରଣ ହେଲାନି

କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ଗ୍ରାମରେ ମତଦାନ କେନ୍ଦ୍ର ପାଇଁ ପୂର୍ବରୁ ଦାବି କରିଥିଲେ। ଦାବି ପରେ ଜିଲା ପ୍ରଶାସନ ପକ୍ଷରୁ ସିର୍ଲିଗୁଡା ପ୍ରାଥମିକ ବିଦ୍ୟାଳୟରେ ମତଦାନ କେନ୍ଦ୍ର ପାଇଁ ଆବଶ୍ୟକ ଭିତ୍ତିଭୂମି ଥାଇ ମଧ ନ ଥିବା ଦର୍ଶାଇ ନିକଟସ୍ଥ ଅଁଳାଗୁଡା ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର କରିଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କରି ସୋମବାର ସନ୍ଧ୍ୟାରେ ଗ୍ରାମରେ ଏକ ସଭା କରି ପ୍ରଶାସନ ଗ୍ରାମବାସୀଙ୍କ ଦାବିକୁ ଅଣଦେଖା ପ୍ରତିବାଦ କରି ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରଶାସନର ଅବହେଳା ପ୍ରତିବାଦ କରି ପୁନର୍ବାର ବିଚାର ନେଇ ସିର୍ଲିଗୁଡା ଗ୍ରାମରେ ମତଦାନ କେନ୍ଦ୍ର ପାଇଁ ମୁଖ୍ୟ ନିର୍ବାଚନ ଆୟୋଗ ଓଡିଶାଙ୍କୁ ଦାବିପତ୍ର ପ୍ରେରଣ କରିବାକୁ ନିଷ୍ପତ୍ତି ନେଇଥିବା ନେଇ ଗ୍ରାମବାସୀ କହିଛନ୍ତି। କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ରାଜସ୍ୱ ଗ୍ରାମ ମାନ୍ୟତା ପାଇ ସାରିଥିବା ବେଳେ ଦୀର୍ଘବର୍ଷ ହେବ ଗ୍ରାମବାସୀ ମତଦାନ କେନ୍ଦ୍ର ପାଇଁ ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି। ହେଲେ ଦୀର୍ଘ ଦଶନ୍ଧି ଧରି ଗ୍ରାମରୁ ୮ କି.ମି. ଦୂର ବଙ୍ଗୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ବୁଥ କେନ୍ଦ୍ରକୁ ମତଦାନ ପାଇଁ ଯାଉଥିଲେ। ସିର୍ଲିଗୁଡା ରାଜସ୍ୱ ଗ୍ରାମର ସିର୍ଲିଗୁଡା ଓ ଅଁଳାଗୁଡାରେ ୭୮୪ ଭୋଟର ରହିଛନ୍ତି। ମତଦାନ କେନ୍ଦ୍ର ୮ କି.ମି. ଦୂରରେ ରହିଥିବାରୁ ସିର୍ଲିଗୁଡା ଗ୍ରାମର ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଭୋଟରମାନେ ମତଦାନରୁ ବଞ୍ଚିତ ରହୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

## ସଂକ୍ଷେପରେ

### ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି

ପାଇକମାଳ, ୧୬।୪(ବଢ ଶତପଥୀ): ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଭୂଇଁଖାର ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ଅବସରରେ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି ସହ ଶେଷ ହୋଇଛି। ମନ୍ଦିର ପ୍ରତିଷ୍ଠା ଓ ନାମ ସଂକୀର୍ତ୍ତନ ଯଜ୍ଞରେ ପୂଜା କର୍ତ୍ତାଭାବେ ରାଜାରାମ ଦାଉ ଓ ଧର୍ମପତ୍ନୀ ଯମୁନା ଦାଉ ଓ ପର୍ଶୁରାମ ସାହୁ ଓ ଧର୍ମପତ୍ନୀ ବିଳାସିନୀ ସାହୁ ଦାୟିତ୍ୱ ତୁଲାଇଥିଲେ। ମାସନାକୁଡ଼ା, ଲିମ୍ବଡିହି, ସାନକୁଞ୍ଚାରି, ଗଠିଆପାଲି, ଡୁମେରବାହାଲ ଗ୍ରାମର ନାମ ସଂକୀର୍ତ୍ତନ ଦଳ ଏଥିରେ ଯୋଗଦେଇଥିଲେ।

### ଘର ଭୁଶୁଡ଼ି ଚାପି ହୋଇ ଜଣେ ମୃତ

କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ସାଗରପଡା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ମାଟି କୁଡ଼ିଆ ଘରେ ଶୋଇଥିବା ସମୟରେ ଘର ଭୁଶୁଡି ପଡିବାରୁ ଚାପି ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାଗରପଡା ଗ୍ରାମର ଘାସିରାମ ହଂସ (୪୨)। ତାଙ୍କ ନିଜ ଗାଁ ପୋ ହୋଇଥିବା ବେଳେ ସେ ସିଉନି ସାଗରପଡା ଗ୍ରାମରେ ନିଜ ମାମୁଁ ଘରେ ଏକ ଦୋକାନ ଦେଇ ନିଜର ପରିବାର ଚଳାଉ ଥିଲେ। ରାତିରେ ଶୋଇଥିବା ସମୟରେ ଘର ଭୁଶୁଡି ଚାପି ହୋଇ ତାଙ୍କର ମୃତ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ସକାଳୁ ପୋଲିସ ଖବର ପାଇ ପହଞ୍ଚି ମୃତଦେହ ଜବତ କରି କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଘର ଏକ ମାତ୍ର ରୋଜଗାରିଆ ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ଓ ପରିବାର ଭାଙ୍ଗି ପଡିଛନ୍ତି। ସରକାରୀସ୍ତରରେ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆମ୍ବେଦକର ଜୟନ୍ତୀରେ ଶୋଭାଯାତ୍ରା

ବରଗଡ଼,୧୬।୪(ପ୍ରେମାନନ୍ଦ ଖମାରୀ): ବରଗଡ଼ର ଡଃ ଆମ୍ବେଡ଼କର ଯୁବାସଂଘ ପରୁ ଆମ୍ବେଡ଼କର ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ବାଇକ୍ ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ ଆମ୍ବେଡ଼କର ଛକରୁ ବାଇକ ଶୋଭାଯାତ୍ରା ବାହାରି ତୋରା, ହାଟପଦା, ଅମ୍ବାପାଲି ଆଦି ଅଞ୍ଚଳ ପରିକ୍ରମା କରିଥିଲା। ବରଗଡ଼ କଚେରୀ ସମ୍ମୁଖରେ ରହିଥିବା ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ପଦଯାତ୍ରା ମଧ୍ୟ ସହର ପରିକ୍ରମା କରିଥିଲା। ପଦଯାତ୍ରାରେ ସମତା ସୈନିକ ଦଳର ସଦସ୍ୟଙ୍କ ସମେତ ବହୁ ସଚେତନ ନାଗରିକ ସାମିଲ ହୋଇଥିଲେ।

### ମାରୱାଡି ସମାଜର ନୂତନ କମିଟି ଗଠିତ

କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଲଡୁଗାଁ ମାରୱାଡ଼ି ସମାଜ ପକ୍ଷରୁ ଲଡୁଗାଁସ୍ଥିତ ମାମୋଦେବୀ ସ୍ମୃତି ଭବନଠାରେ ସମାଜର କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମାରୱାଡି ସମାଜର ନୂତନ କମିଟି ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ନୂତନ କମିଟି ସଭାପତି ଭାବେ ଦୁର୍ଗା ପ୍ରସାଦ ଅଗ୍ରୱାଲ, ଉପସଭାପତି ଭାବେ ଅଶୋକ ଅଗ୍ରୱାଲ, ସାଧାରଣ ସମ୍ପାଦକ ବିଜୟ ଅଗ୍ରୱାଲ, ସହ ସମ୍ପାଦକ ଗୋପାଳ ଅଗ୍ରୱାଲ, କେସିୟର ମନୋଜ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଛି। କମିଟି ସଦସ୍ୟ ଭାବେ ରମେଶ ଅଗ୍ରୱାଲ, ପବନ ସିଂଘଲ, ପ୍ରହଲ୍ଲାଦ ଅଗ୍ରୱାଲ, ବଜରଙ୍ଗ ଅଗ୍ରୱାଲ, ପ୍ରବୀଣ ଅଗ୍ରୱାଲ, ମନୋଜ ଶର୍ମା, ସୁରେଶ ଶର୍ମା, ମନୋଜ ଅଗ୍ରୱାଲ (ମଂଜୁଭାଇ), ବାଳମୁକୁନ୍ଦ ଅଗ୍ରୱାଲ ମନୋନୀତ ହୋଇଥିଲେ। ଏହି ଅବସରରେ ସଭାପତି ଦୁର୍ଗା ପ୍ରସାଦ ଅଗ୍ରୱାଲ ଆଗାମୀ ଦିନରେ ସମାଜର ସମସ୍ତ ସାଙ୍ଗଠନିକ କାର୍ଯ୍ୟରେ ସମାଜର ସମସ୍ତ ସଦସ୍ୟ ନିଜର ଦାୟିତ୍ୱ ନିର୍ବାହ କରି ସୁଚାରୁରୂପେ ତୁଲାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନୂତନ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରି ସମାଜ ପ୍ରତି ସବୁବେଳେ ଅଙ୍ଗୀକାର ବଦ୍ଧ ଭାବେ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ କରିଥିଲେ।

## ପରିବେଶ ସଚେତନତା କାର୍ଯ୍ୟକ୍ରମ

ସୋହେଲା, ୧୬।୪(ଅଶ୍ୱିନୀ କୁମାର ପାତ୍ର)

ବରଗଡ ଜିଲା ସୋହେଲା ବ୍ଲକ ଘେଁସ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିବେଶ ସୁରକ୍ଷା ମଞ୍ଚ ସମ୍ପାଦକ ତଥା ପ୍ରକୃତିବନ୍ଧୁ ମୀନକେତନ ସାହୁ ଯୋଗଦେଇ ବୃକ୍ଷ ରୋପଣ, ଜଙ୍ଗଲ ସୁରକ୍ଷା, ବିଶ୍ୱ ଉତ୍ତାପନ, ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଜନ ସାଧାରଣ ଏକ ହୋଇ ବିଶ୍ୱ ଉତ୍ତାପନ ନିରାକରଣ ନିମନ୍ତେ ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରକୃତିବନ୍ଧୁ ପ୍ରଦୀପ କୁମାର ବେହେରା ଅଂଶଗ୍ରହଣ କରି ରାଷ୍ଟ୍ରର ସୁରକ୍ଷା ପାଇଁ ସେନା ବାହିନୀ ସହିତ ବୃକ୍ଷର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରକୃତିବନ୍ଧୁ ମୀନକେତନ ସାହୁ ଘେଁସ ହାଇସ୍କୁଲ ଶିକ୍ଷକତା ସମୟରେ ଦେହତ୍ୟାଗ




ପରିବେଶ ସଚେତନତା କାର୍ଯ୍ୟକ୍ରମ ମଞ୍ଚାସୀନ ଅତିଥି।

କରିଥିବା ଦୁଃଶାସନ ସେନାପତି ଓ କେଶବଲାଲ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ରୋପଣ ପାଇଁ ଦୁଇଟି ଅଶୋକ ଚାରା ପ୍ରଧାନଶିକ୍ଷକଙ୍କୁ ପ୍ରଦାନ କରିଥିଲେ। ଏହା ସହିତ ଶିକ୍ଷକ ତେଜରାଜ ପାଣ୍ଡେଙ୍କୁ ତାଙ୍କର ଜନ୍ମ ଦିନ ଉପଲକ୍ଷେ ଏକ ଅଶୋକ ଚାରା ପ୍ରଦାନ କରିଥିଲେ। ଅମିତ ପଧାନ, ପ୍ରଶାନ୍ତ ପଧାନ, ଗୀତାଞ୍ଜଳି ଗଡତିଆ, କାମିନି ରାଉତ, ଦୀପାଳୀ ଲୁହା, ସୁକେଶୀ ସାହୁ, ସ୍ନିଗ୍ଧା ବେହେରା, ନିରୂପମା ଭୋଇ, ସୁଜାତା ସାହୁ, ମାଣିକ ସାହୁ, ଉମାକାନ୍ତି ମେହେର ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ । ବିଜ୍ଞାନ ଶିକ୍ଷକ ପ୍ରକୃତିବନ୍ଧୁ ଲକ୍ଷ୍ମୀନାରାୟଣ ସାହା ସଭା ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ତେଜରାଜ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୋମନା,୧୬।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା ଖଡ଼ିଆଳ ସହରରେ କିଛି ଦିନ ତଳେ ଭାଲୁ ଆତଙ୍କ ଖେଳାଇଥିବା ବେଳେ ମଙ୍ଗଳବାର ସକାଳେ କୋମନା ବ୍ଲକ ସାନବାହାଲି ଗାଁରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ତ୍ରିଲୋଚନ ମାଝି (୫୦)। ସେ ନିଜ ଜମିକୁ ମହୁଲ ଫୁଲ ଗୋଟାଇବାକୁ ଯାଇ ଭାଲୁର ଶିକାର ହୋଇଛନ୍ତି। ତ୍ରିଲୋଚନ ସବୁଦିନ ଭଳି ମହୁଲ ଫୁଲ ଗୋଟାଇବା ପାଇଁ ଜମିକୁ ଯାଇଥିଲେ। ଏହି ସମୟରେ ନିକଟସ୍ଥ ଜଙ୍ଗଲରୁ ମହୁଲ ଫୁଲ ଖାଇବା ପାଇଁ ଆସି ଥିବା ଭାଲୁ ତ୍ରିଲୋଚନଙ୍କୁ ଆକ୍ରମଣ କରିଥିଲା। ସେ ଜୀବନ ବଞ୍ଚାଇବା ପାଇଁ ଜୋରରେ ଚିତ୍କାର କରିଥିଲେ। କିଛି ଲୋକ ଶୁଣି ଠେଙ୍ଗା, ବାଡ଼ି ଧରି ଦୌଡ଼ି ଆସିବାରୁ ଭାଲୁ ଜଙ୍ଗଲ ଭିତରକୁ ପଳାଇଥିଲା। ପରିବାର ଲୋକେ ତ୍ରିଲୋଚନଙ୍କୁ କୋମନା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୂଆପଡ଼ା ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବନ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା।

## ବରପାଲି ମହାବିଦ୍ୟାଳୟରେ ନିର୍ବାଚନ ସଚେତନତା କାର୍ଯ୍ୟକ୍ରମ

ବରପାଲି,୧୬।୪ (ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ମହାବିଦ୍ୟାଳୟରେ ନିର୍ବାଚନ ସାକ୍ଷରତା କ୍ଲବ ଦ୍ୱାରା ନିର୍ବାଚନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଜୟନ୍ତୀ ଦାଶ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ନିର୍ବାଚନ ସାକ୍ଷରତା କ୍ଲବର ମୁଖ୍ୟ ଅଧାପକ ଅଲେଖ କୁମାର ମହାନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧାପିକା ଦେବାଙ୍ଗିନୀ ସାହୁ, ଅଧାପିକା ସୀମା ଭୋଇ ଓ ଇତିହାସ ବିଭାଗ ଅଧାପକ କାହ୍ନୁ ମେହେର ମଞ୍ଚାସୀନ ଥିଲେ। ନିର୍ବାଚନ ପ୍ରକ୍ରିୟାରେ ମତଦାତାମାନଙ୍କର ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ, ଇଲୋକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବ୍ୟବହାର, ମତଦାନ, ପ୍ରତିନିଧି ଚୟନ, ନାଗରିକର ରାଜନୈତିକ ଅଧିକାର ସମ୍ବନ୍ଧରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ।




ସଚେତନତା ବୈଠକରେ ଅତିଥିମାନେ।

## ବିଜେଡିର ମିଶ୍ରଣ ପର୍ବ

ବରଗଡ଼,୧୬।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ତୋରା ପଞ୍ଚାୟତରେ ବିଜେଡ଼ିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୧୫ୱାର୍ଡ଼ସଭ୍ୟ ଯୋଗଦାନ କରିଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ କାର୍ଯ୍ୟାଳୟକୁ ଆସି ସେମାନେ ଦଳରେ ମିଶିଥିଲେ। ବିଧାୟକ ଆଚାର୍ଯ୍ୟଙ୍କ ବିକାଶଧାରା ତଥା ତାଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ସେମାନେ ଯୋଗଦାନ କରିଥିବା କହିଛନ୍ତି। ସେହିପରି ବରଗଡ଼ର ମହମ୍ମଦ ୟୁସୁଫ ବିଧାୟକ କାର୍ଯ୍ୟାଳୟକୁ ଆସି ବିଜେଡ଼ିରେ ଯୋଗଦାନ କରିଥିଲେ। ମିଶ୍ରଣ ପର୍ବରେ ବିଧାୟକ ଆଚାର୍ଯ୍ୟଙ୍କ ସମେତ ବିଜେଡ଼ି ବରଗଡ଼ ଟାଉନ ସଭାପତି କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ତୋରା ପଞ୍ଚାୟତର ୱାର୍ଡ଼ସଭ୍ୟମାନେ ବିଜେଡିରେ ଯୋଗଦାନ କରୁଛନ୍ତି ।

## ତୁଷୁରା ମା' ସମଲେଶ୍ୱରୀଙ୍କ ଅଷ୍ଟମଙ୍ଗଳା ଯାତ୍ରା

ଗୁଡଭେଲା,୧୬୪(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହରର ଇଷ୍ଟଦେବୀ ମା' ସମଲେଶ୍ୱରୀ ମନ୍ଦିର ପରିସରରେ ମଙ୍ଗଳବାର ଅଷ୍ଟମଙ୍ଗଳା ଯାତ୍ରା ପାଳିତ ହୋଇଯାଇଛି। ବରୁଆ ଦେହର ମା' ଆବିର୍ଭାବ ହୋଇ ଭକ୍ତଙ୍କୁ ବିଭିନ୍ନ ସମସ୍ୟାର ବାଟ ଦେଖାଇଥିଲେ। ଅଷ୍ଟମଙ୍ଗଳା ଯାତ୍ରା ସମ୍ପନ୍ନ ପରେ ପୂଜକଙ୍କ ଘରକୁ ଛତ୍ର ଫେରିଥିଲା। ଛତ୍ରର ଦର୍ଶନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା।

## ବୁଢ଼ାରଜା ଦେବତାଙ୍କ ବିହନ ଛିନା ଯାତ୍ରା

ନୂଆପଡ଼ା,୧୬।୪(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ଗାଁରେ ବିହନ ଛିନା ଯାତ୍ରା ପାଳିତ ହୋଇଯାଇଛି। ଉକ୍ତ ଯାତ୍ରାରେ ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ଛୋଟ ବଡ ୫୨ଟି ଗାଁ ଓ ଗୋଡାପାହାଡ ପାଦଦେଶରେ ଥିବା ୩୨ଟି ଗାଁ ମୋଟ ୮୪ଖଣ୍ଡ ଗାଁର ଲୋକେ ଯାଇ ବିହନ ଛିନିଥାନ୍ତି। ଗ୍ରାମ ଝାକର ବାଦ ଧରୁଆ ପୂଝାରୀମାନଙ୍କ ସହ ଏକ ଦିନ ପୂର୍ବରୁ ଉପବାସ ରହି ରାତ୍ରି ସମୟରେ ବିହନ ଛିନା ଗୁଡି ବା ବୁଢାରଜା ଦେବତାଠାରେ ଯାଇ ପୂଜା ଅର୍ଚ୍ଚନା କରି ଅଧିଆ ପଡି ସମସ୍ତଙ୍କ ମନସ୍କାମନା ପୂର୍ଣ୍ଣ କରିବ ବୋଲି କହିବା ସହ ଭଲ ଭାବରେ ବର୍ଷା ହୋଇ ଅଧିକ ଫସଲ ଉତ୍ପାଦନ ହେବ ବୋଲି ଗୁହାରି କରିଥାନ୍ତି। ରାତ୍ରି ପାହିଲେ ୮୪ ଖଣ୍ଡ ଗାଁ ଲୋକେ ବୋଦା, କୁକୁଡା ଧରି ଯାଇ ପୁଣି ବୁଢାରଜା ଦେବତାଙ୍କୁ ପୂଜା ଅର୍ଚ୍ଚନା କରି ବୋଦା ବଳି ଦେଇ ବିହନ ଛିନା ପର୍ବ ପାଳିତ ହୋଇଥାଏ। ଲୋକେ ନୂତନ ବସ୍ତ୍ରରେ ଝାକର ଦେଇଥିବା ଧାନକୁ ଆଣି ଘରେ ପୂଜା କରି ରଖିଥାନ୍ତି। ଅକ୍ଷୟ ତୃତୀୟା ଦିନ ସେହି ଧାନକୁ ନେଇ ନିଜ ଜମିରେ ପୂଜା ଅର୍ଚ୍ଚନା କରି ଅଖିମୁଠୀ କରିଥାନ୍ତି। ଝାକର ବାଦ ଧରୁଆ ସମେତ ବୁଢାରଜା ବରୁଆ କୁମ ମାଝି, ପୂଝାରୀ ତୁଲସିଂ ଧରୁଆ, ହରି ମାଝି, ତୁଲସିଂ ମାଝି, କୋକିଲ ମାଝି, ଶିବ ଶଙ୍କର ମାଝି, ଉଦେସିଂ ମାଝି, ଚନ୍ଦର ମାଝି, ଅମୃ ମାଝି, ମାନସିଂ ମାଝି, ସବନ ମାଝି, ସିୟକ ମାଝି, ଅର୍ଜୁନ ମାଝି, ଅତବଲ ମାଝି ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବାଦିବାହାଲରେ ହାତୀ ଉପଦ୍ରବ

ଲୋଇସିଂହା,୧୬।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳ ଅନ୍ତର୍ଗତ ବାଦିବାହାଲରେ ସୋମବାର ରାତିରେ ହାତୀ ଉପଦ୍ରବ ଦେଖାଦେଇଛି। ବାଦିବାହାଲ ଆମ୍ବ ବଗିଚାରେ ଜଗିଥିବା ୨ଜଣ ବ୍ୟକ୍ତି ହାତୀଙ୍କ ଆକ୍ରମଣରୁ କୌଣସିମତେ ବର୍ତ୍ତି ଯାଇଛନ୍ତି। ଖବର ପାଇ ମଙ୍ଗଳବାର ସ୍ଥାନୀୟ ବନ କର୍ମଚାରୀ କ୍ଷେତ୍ର ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ପଲରେ ଥିବା ୩ଟି ହାତୀ ଗାଇଖାଇ ଅଞ୍ଚଳରେ ଥିବା ଜଣାପଡିଛି। ହାତୀପଲ ଆସିଥିବା ରାସ୍ତାରେ ନ ଫେରି ଆଗକୁ ଯାଉଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ଏହି ହାତୀପଲ ପ୍ରତି ତୀକ୍ଷଣ ନଜର ରଖାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ହାତୀମାନେ ସୋନପୁର ରେଞ୍ଜରୁ ସୋମବାର ବଳମ୍ବିତ ରାତିରେ ପଶି ଆସିଥିଲେ। କଦଳୀପାଲି, ଭାଲୁପାଲି, ବାଦିବାହାଲ ଦେଇ ଆଗଲପୁର ବ୍ଲକର ମନୁପାଲିକୁ ରାତିରେ ଚାଲି ଯାଇଥିଲେ। ହାତୀପଲ ପ୍ରାୟ ୨୦ କିମି ରାସ୍ତା ରାତିରେ ଅତିକ୍ରମ କରିଥିବା ବନ କର୍ମଚାରୀମାନେ କହିଛନ୍ତି। ରାତିରେ ଆସିଲା ସମୟରେ ବାଦିବାହାଲ ଗ୍ରାମର ଆମ୍ବଚାଷୀ ଋଷଭ ଧରୁଆଙ୍କ ବଗିଚାର ତାରଜାଲି ପାଚେରି ମାଡି ବଗିଚାରେ ପଶିଥିଲେ । ବଗିଚାର କେତେକ ଗଛର ଡାଳ ଭାଙ୍ଗି ଦେଇଥିବାରୁ ଆମ୍ବ କ୍ଷତିଗ୍ରସ୍ତ ହୋଇଛି।

## ଭାଜପାକୁ ଅଡୁଆ ପ୍ରସ୍ତାବିତ ଅଙ୍ଗ ନଦୀବନ୍ଧ ପ୍ରକଳ୍ପ

ପଦ୍ମପୁର ୧୬।୪ (ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁର ଲଖମରାଠାରେ ଅଙ୍ଗନଦୀ ବନ୍ଧ ପ୍ରତିରୋଧ କମିଟି ଆହ୍ୱାନକ୍ରମେ ପୂଝାରୀପାଲି ଅଙ୍ଗ ନଦୀବନ୍ଧ ଯୋଜନାରେ ପ୍ରଭାବିତ ୨୮ମୌଜା ଜନ ସାଧାରଣଙ୍କ ଏକ ବୈଠକ ମଙ୍ଗଳବାର ବସିଥିଲା। ଏଥିରେ ମଧୁସୂଦନ ଦାସ ଅଧକ୍ଷତା କରିଥିଲେ। ଅଙ୍ଗନଦୀ ବନ୍ଧ ସପକ୍ଷରେ ଆନ୍ଦୋଳନ କରୁଥିବା ଗୋବର୍ଦ୍ଧନ ଭୁଏ ଚଳିତ ନିର୍ବାଚନର ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ନିର୍ବାଚନରେ ସେ ଓ ତାଙ୍କ ସହ ଯିଏ ପ୍ରଚାରରେ ଆସିବେ ତୀବ୍ର ବିରୋଧର ସମ୍ମୁଖୀନ ହେବେ ବୋଲି ବୈଠକରେ




ବୈଠକରେ ଉପସ୍ଥିତ ଅଙ୍ଗ ନଦୀବନ୍ଧ ପ୍ରତିରୋଧ କମିଟି କର୍ମକର୍ତ୍ତା ଓ ଜନସାଧାରଣ।

ଆଲୋଚନା ହୋଇଥିଲା। କୌଣସି ଗ୍ରାମରେ ସେ ଏଜେଣ୍ଟ ଦେଇପାରିବେ ନାହିଁ। ଭିଟାମାଟି ଓ ବିସ୍ଥାପନ ଦୁଃଖ ଦେବାକୁ ଚେଷ୍ଟା କରୁଥିବାରୁ ତାଙ୍କର ପ୍ରାର୍ଥୀତ୍ୱକୁ ବିରୋଧ କରି ଭୋଟ ମାଧମରେ ଅଞ୍ଚଳବାସୀ ସଂଗଠନର ଏକତା ପ୍ରମାଣିତ କରିବେ। ପୂଝାରୀପାଲି ଗ୍ରାମରେ ଆବଳ ବୃଦ୍ଧବନିତା ଏକ

**୨୮ମୌଜା ଜନସାଧାରଣଙ୍କ ବୈଠକ**

ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରା ଓ ବିରୋଧ କ୍ରମାଗତ ଭାବରେ ୨୮ଖଣ୍ଡ ମୌଜାରେ କରାଯିବ ବୋଲି କମିଟି ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି। ଆବଶ୍ୟକ ସ୍ଥଳେ ନିକଟସ୍ଥ ଅନ୍ୟ ଗ୍ରାମକୁ ଯାଇ ତାଙ୍କ ବିରୁଦ୍ଧରେ ପ୍ରଚାର କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଜିର ବୈଠକରେ ତାଙ୍କୁ ବିରୋଧ କରାଯିବା ନେଇ ଭାଜପା ପ୍ରାର୍ଥୀ ଭୁଏଙ୍କୁ ତାଙ୍କ ମୋବାଇଲ ନଂ୯୯୩୭୪୯୯୬୭୬ରେ ଯୋଗଯୋଗ କରାଯାଇଥିଲା। ରିଙ୍ଗ ହୋଇଥିଲେ ସୁଦ୍ଧା ସେ ରିସଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସଂକ୍ଷେପରେ

### ଓଲଟିଲା ପିକ୍‌ଅପ୍ ଭ୍ୟାନ, ଖଲାସି ମୃତ

**ଲହୁଣୀପଡା,୧୬।୪(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଫୁଲଝର ପଞ୍ଚାୟତ ମେଲାଣିଠାରେ ସୋମବାର ବିଳମ୍ବିତ ରାତିରେ ଏକ ବୋଇତାଲୁ ବୋଝେଇ ପିକ୍‌ଅପ୍ ଭ୍ୟାନଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ଚାପି ହୋଇ ଖଲାସିଙ୍କ ମୃତ୍ୟୁ ଘଟିଛି। ମୃତ ଖଲାସୀ ହେଲେ ମନୋଜ ପାତ୍ର। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ମହୁଲ ପଦା ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଓ -୦୯ଡବ୍ଲ୍ୟୁ-୬୮୭୬ ପିକ୍‌ଅପ୍ ଭ୍ୟାନଟି କେନ୍ଦୁଝର ଜିଲା ସିଂପୁର ଠାରୁ ବୋଇତାଲୁ ବୋଝେଇ କରି ଲହୁଣୀପଡା ପଟେ ଅସୁଥିବା ବେଳେ ମେଲାଣି ଘାଟିରେ ଭାରସାମ୍ୟ ହରାଇ ରାସ୍ତା କଡ଼ ଡ୍ରେନରେ ଓଲଟି ପଡିଥିଲା। ଖବରପାଇ ମହୁଲ ପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପିକ୍‌ଅପ୍ ଭ୍ୟାନକୁ ଉଠାଇ ଖଲାସୀକୁ ଉଦ୍ଧାର କରିଥିଲେ।

### ୟୁପିଏସ୍‌ସି ମେନରେ ଅଙ୍କିତ ପାଇଲେ ୨୯୭ ର୍‍ୟାଙ୍କ



**ରାଜଗାଙ୍ଗପୁର,୧୬।୪(ଅଶୋକ ପାଣି):** ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ପ୍ରଶାସନିକ ସେବା ପରୀକ୍ଷା (ୟୁପିଏସସି)ର ମେନ ପରୀକ୍ଷା ୨୦୨୩ର ଫଳାଫଳ ମଙ୍ଗଳବାର ଘୋଷଣା ହୋଇଛି। ଏଥିରେ ରାଜଗାଙ୍ଗପୁର ସହରର ବ୍ୟବସାୟୀ କମଲ ଅଗ୍ରୱାଲ ଓ ବେବିଙ୍କ ବଡ଼ପୁଅ ଅଙ୍କିତ ଅଗ୍ରୱାଲ ୨୯୭ ରାଙ୍କ ରଖି କୃତକାର୍ଯ୍ୟ ହୋଇ ରାଜଗାଙ୍ଗପୁର ତଥା ସୁନ୍ଦରଗଡ ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ହାସଲ ପରେ ବିଭିନ୍ନ ମହଲରୁ ଅଙ୍କିତ ତଥା ତାଙ୍କ ମାତା ପିତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।

### ରକ୍ତଦାନ ଶିବିର: ୫୫ୟୁନିଟ ସଂଗ୍ରହ

**ସୁନ୍ଦରଗଡ,୧୬।୪(ଜୟନାରାୟଣ ମେଣ୍ଡୁଲି):** ଜୟବିଜୟ ଗ୍ରୁପ ପକ୍ଷରୁ ସୋମବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କାହ୍ନୁଚରଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୫୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ମନୋଜ ଆଚାର୍ଯ୍ୟ, ଜୟବିଜୟ ଗ୍ରୁପର ଚେୟାରମ୍ୟାନ ବେଣୁମାଧବ ତ୍ରିପାଠୀ, ରକ୍ତଭଣ୍ଡାର ସଂଯୋଜିକା ରତ୍ନପ୍ରଭା ନାୟକ ଓ ଟେକ୍ନିସିଆନମାନେ ଏହି ଶିବିର ପରିଚାଳନା କରିଥିଲେ।



# ଦିଲୀପ, ଯୋଗେଶଙ୍କ ମାରାଥନ ପ୍ରଚାର

## ଓଡ଼ିଶାର ବିକାଶ ବିଜେଡିର ସଂକଳ୍ପ

**ସୁନ୍ଦରଗଡ଼,୧୬।୪(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀର ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଲୋକସଭା ପ୍ରାର୍ଥୀ ଦିଲୀପ ତିର୍କୀ ଓ ବିଧାୟକ ପ୍ରାର୍ଥୀ ଯୋଗେଶ ସିଂହ ମଙ୍ଗଳବାର ମାରାଥନ ପ୍ରଚାର କରିଛନ୍ତି। ସାନ ପତ୍ରାପାଲି ପଞ୍ଚାୟତର ଖୁଣ୍ଟଗାଁ, ଅଲେଇକେରା, ଧେଲକୋବୁଡ଼, ପାତକିଜୋର, ସୁନାଜୋର, ପତ୍ରାପାଲି ଏବଂ ତସଲାଡିହି ପଞ୍ଚାୟତର ଭାଲୁବାହାଲ, ସିଆଁବାହାଲ, ତସଲାଡିହି, କନକଜୋର, ବେଲକିଡିହି, କାଲୋବାହାଲ ଠାରେ ପ୍ରଚାର କରିଥିଲେ। ବିଜୁ ଜନତା ଦଳର ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ପଦ୍ମଶ୍ରୀ ଡ.ଦିଲୀପ ତିର୍କୀ ଏବଂ ସୁନ୍ଦରଗଡ ସଦର ବିଧାନସଭା ପ୍ରାର୍ଥ ଯୋଗେଶ କୁମାର ସିଂହ ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନରେ ଉଭୟ ଲୋକସଭା ଏବଂ ବିଧାନସଭାରେ ଶଙ୍ଖ ଚିହ୍ନରେ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରାଇବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ଏହି ସମୟରେ ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ଜିଲା ପରିଷଦ ଗେଲବତି ପଟେଲ, ବ୍ଲକ ସଭାପତି ଶୋଭନ ଦାସ, ଜଟିଆ ମୁଣ୍ଡା, ବିରେନ୍ଦ୍ର ପଟେଲ, ଯୁବ ନେତା ହିମାଂଶୁ ଶେଖର ଷଡ଼ଙ୍ଗୀ, ତସଲାଡିହି ସରପଞ୍ଚ ଧିରଜ କେରକେଟା, ଯୁବ ବ୍ଲକ ସଭାପତି ଅଜିତ ସିଂହ, ବ୍ଲକ ଯୁବ ସାଧାରଣ ସମ୍ପାଦକ ସୀତାକାନ୍ତ ପଟେଲ, ମହମ୍ମଦ କଲିମ, ସୁମନ୍ତ ସାହୁ, ଅନିଲ ମହାପାତ୍ର, କୃଷ୍ଣ ପଣ୍ଡା, ଦୁର୍ଗେଶ ପଟେଲ, ଅଶୋକ ପ୍ରଧାନ, ପୂର୍ଣ୍ଣ ଗୁରୁ, ଜୁଏଲ ତିର୍କୀ, ମିତ୍ରଭାନୁ ସେଠ, ରିଙ୍କୁ ବହିଦାର ଉପସ୍ଥିତ ଥିଲେ।



ବିଜେଡି ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀ ଓ ବିଧାୟକ ପ୍ରାର୍ଥୀ ଯୋଗେଶ ସିଂହ ପ୍ରଚାର କରୁଛନ୍ତି।

# ଇଣ୍ଡିଆ ମେଣ୍ଟର କର୍ମୀ ସମ୍ମିଳନୀ

**ଲହୁଣୀପଡା,୧୬।୪(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କୁରଡ଼ା ପଞ୍ଚାୟତ ମୁଣ୍ଡା ଗାଁରେ ସୋମବାର କଲେଇପୋଷ, କୁଡେଇକଳା, କୁରଡ଼ା ପଞ୍ଚାୟତକୁ ନେଇ ଇଣ୍ଡିଆ ମେଣ୍ଟର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁର୍ଯ୍ୟୋଧନ ମାହାନ୍ତ ଅଧକ୍ଷତା କରିଥିବା ବେଳେ ପ୍ରାରମ୍ଭରେ ପାରମ୍ପରିକ ଆଦିବାସୀ ବାଦ୍ୟନୃତ୍ୟର ତାଳେ ତାଳେ ନେତୃମଣ୍ଡଳୀଙ୍କୁ ମଞ୍ଚ ଉପରକୁ ପାଛୋଟି ନେବା ସହିତ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଗଠବନ୍ଧନର ସିପିଆଇଏମ ଦଳ ପକ୍ଷରୁ ବର୍ତ୍ତମାନର ବିଧାୟକ ତଥା ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା,ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ ସାମଲ, ଲାଲ ବାହାଦୂର ମାହାନ୍ତ, ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା, ଲହୁଣୀପଡା ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ମୁଣ୍ଡା, କୁରଡ଼ା ସରପଞ୍ଚ ସସ୍ମିତା କିଷାନ, ସୁଧୀର ମାହାନ୍ତ, ସଞ୍ଜୟ ମାହାନ୍ତ, ଓମନ୍ତ ମାହାନ୍ତ,ଯୋଗେଶ୍ୱର କିଷାନ,ବାବୁରାମ ମାହାନ୍ତ,ରାଜୁ ପାତ୍ର ପ୍ରମୁଖ ଯୋଗଦେଇ ଇଣ୍ଡିଆ ମେଣ୍ଟର ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା ଏବଂ ସୁନ୍ଦରଗଡ ଜିଲା ଏମପି ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀଙ୍କୁ ମତ ସାବ୍ୟସ୍ତ କରିବା ପାଇଁ ୩ ପଞ୍ଚାୟତର କର୍ମକର୍ତ୍ତା ଓ କର୍ମୀଙ୍କୁ ଆହ୍ୱାନ ଦେବା ସହିତ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ନେତୃମଣ୍ଡଳୀ ବର୍ଷିଥିଲେ। ଶେଷରେ ସିପିଆଇଏମ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡାଙ୍କ ଦୀର୍ଘ ବର୍ଷ ଧରି ଲୋକପ୍ରିୟତା ଓ କଂଗ୍ରେସ ନେତା ଜନାର୍ଦ୍ଦନ ଦେହୁରୀଙ୍କ ମେଣ୍ଟ ସୁନ୍ଦରଗଡ ଓ ବଣେଇଁ ବିଧାନସଭା ଆସନ ପାଇଁ ନିଶ୍ଚିତ ଫଳପ୍ରଦ ହୋଇ ବିଜୟୀ ହେବେ ବୋଲି ନେତୃବୃନ୍ଦ ମତ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ପୂର୍ଣ୍ଣ ଚନ୍ଦ୍ର ଭୂମିଜ,ଧନେଶ୍ୱର କିଷାନ, ପୂର୍ଣ୍ଣ କିଷାନ, ଲୋକନାଥ ମାହାନ୍ତ, ମହେଶ୍ୱର ମାହାନ୍ତ, ଅରୁଣ ମାହାନ୍ତ, ଦନାର ମାହାନ୍ତ, ବିଜୟ ବାରିକ ନୀଳମ୍ବର ମାହାନ୍ତ, ନବୀନ ମାହାନ୍ତଙ୍କ ନେତୃତ୍ୱରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।



କର୍ମୀ ସମ୍ମିଳନୀରେ ଉପସ୍ଥିତ ଗ୍ରାମବାସୀ।

# ଭାଷା ବ୍ୟକ୍ତି, ଜାତିର ପରିଚୟ ସୃଷ୍ଟି କରିଥାଏ

**ସୁନ୍ଦରଗଡ଼,୧୬।୪(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ଅରଣ୍ୟା' ଆନୁକୂଲ୍ୟରେ ରବିବାର ସ୍ଥାନୀୟ ବୀରମିତ୍ର କ୍ଲବ ପ୍ରାଙ୍ଗଣରେ ବିଷୁବ ମିଳନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସମାରୋହରେ ରାଉରକେଲାର ବିଶିଷ୍ଟ କବି ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷା ବ୍ୟକ୍ତି ଓ ଜାତିର ପରିଚୟ ସୃଷ୍ଟି କରେ ବୋଲି କହିଥିଲେ। ସମ୍ବେଦନଶୀଳତା ସାହିତ୍ୟ ସୃଷ୍ଟିର ମୂଳ ଉତ୍ସ ବୋଲି କହିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ପାଇଁ ନୂତନ ପିଢ଼ିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ। ଆଲୋଚକ ତଥା ଅଧ୍ୟାପକ ନଗେନ ଦାସ ସମ୍ମାନିତ ଅତିଥି ରୂପରେ ଯୋଗ ଦେଇ ଓଡ଼ିଆ ଭାଷାର ପ୍ରାଚୀନତା ଓ ତାର ଶାସ୍ତ୍ରୀୟ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରି ଓଡ଼ିଆ ଅସ୍ମିତା ପାଇଁ ପ୍ରତିବଦ୍ଧତା ରହିବା ଆବଶ୍ୟକ ବୋଲି କହିଥିଲେ।



ଅରଣ୍ୟା ଆନୁକୂଲ୍ୟରେ ବିଷୁବ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଅରଣ୍ୟା ପକ୍ଷରୁ ବିଷୁବ ମିଳନ

ମୁଖ୍ୟବକ୍ତା ଭାବେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର କୂଳମଣି ବେହେରା ଯୋଗଦେଇ ବିଷୁବ ସଂକ୍ରାନ୍ତିର ତାତ୍ପର୍ଯ୍ୟ ଓ ଓଡ଼ିଶାର ଭାଷା ସାହିତ୍ୟର ବିକାଶ ପାଇଁ ନୂତନ ପୀଢ଼ିଙ୍କୁ ସାହିତ୍ୟ ମନସ୍କ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ବକ୍ତା ଭାବରେ କବି ଅଶୋକ ରାଉତ ଯୋଗଦେଇ କବି ଓ ଲେଖକ ସମାଜର ଦ୍ରଷ୍ଟା ବୋଲି କହିଥିଲେ। ଅରଣ୍ୟା ଅନୁଷ୍ଠାନର ସମ୍ପାଦକ ଗାଳ୍ପିକ ରାଜକିଶୋର ଷଡ଼ଙ୍ଗୀ ସମାରୋହରେ ସଭାପତିତ୍ୱ କରି ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଯୁବ ଗାଳ୍ପିକ ବିବିଧ ବିଶ୍ୱ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ମିନତୀ ମିଶ୍ର ସଭା ସଞ୍ଚାଳନ କରିଥିଲେ। ପରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବିକବିୟତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ଅଧ୍ୟାପକ ଗଣେଶ ତ୍ରିପାଠୀ ଓ ଅଧ୍ୟାପିକା ସୁସ୍ମିତା ଭୋଇ କବିତାଗୁଡ଼ିକୁ ସଂଯୋଜନା କରିଥିଲେ।

## ମଦ ଜବତ ବେଳେ ଅବକାରୀ ବିଭାଗ କର୍ମଚାରୀଙ୍କ ସହ ଧସ୍ତାଧସ୍ତି

- ୮୦ ଲିଟର ଦେଶୀ ମଦ ଜବତ, ୩ କୁଇଣ୍ଟାଲ ପୋଚ ନଷ୍ଟ
- ଅଭିଯୁକ୍ତ ମହିଳା ଗିରଫ

**କୁଆଁରମୁଣ୍ଡା,୧୬।୪ (ମହେନ୍ଦ୍ର କୁମାର ସାହୁ)**

ମଙ୍ଗଳବାର ପୂର୍ବାହ୍ନରେ ବୀରମିତ୍ରପୁର ଅବକାରୀ ସବ୍ ଇନ୍ସପେକ୍ଟର ପଦ୍ମାଳୟା ମୁଣ୍ଡାଙ୍କ ନେତୃତ୍ୱରେ ଉଭୟ ଅବକାରୀ ବିଭାଗ ଓ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ ଦେଶୀ ମଦ ରେଡ କରିବା ପାଇଁ ଏକ ଟିମ୍ ଗଠନ କରାଯାଇ କଲୋଶିହିରିଆ ଗ୍ରାମରେ ଚଢ଼ାଉ କରାଯାଇଥିଲା। ଏଥିରେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେ ହେଲେ ଆଶ୍ରିତା କିଷନ(୩୦)। ତାଙ୍କ ଘରୁ ୮୦ ଲିଟର ଦେଶୀ ମଦ ସହ ୩ କୁଇଣ୍ଟାଲ ପୋଚ ଜବତ ହୋଇଛି। ପୋଚକୁ ପୋଲିସ ଘଟଣା ସ୍ଥଳରେ ନଷ୍ଟ କରିଦେଇଥିବା ଜଣାପଡିଛି। ଏନେଇ କୁଆଁରମୁଣ୍ଡା ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି। ଆଶ୍ରିତାଙ୍କ ଘରେ ଚଢ଼ାଉ ସମୟରେ ଅବକାରୀ କର୍ମଚାରୀଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲା। ଏନେଇ କର୍ମଚାରୀମାନେ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

## ରାମନବମୀ ଶୋଭାଯାତ୍ରା ପାଇଁ ୨୫ ପ୍ଲାଟୁନ ଫୋର୍ସ ମୁତୟନ

**ରାଜଗାଙ୍ଗପୁର,୧୬।୪(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ପ୍ରସିଦ୍ଧ ରାମନବମୀ ଶୋଭାଯାତ୍ରା ବୁଧବାର ସହରରେ ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହେବା ସହ, ସହରରେ ୨୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏଥି ସହ ୮ ଜଣ ଡିଏସ୍‌ପି, ୧୭ ଆଇଆଇସି, ୭୦ ଜଣ ଏସଆଇ ଓ ଏଏସଆଇ ଏହି ଶୋଭାଯାତ୍ରାରେ ଉପସ୍ଥିତ ରହିବେ। ସହରର ସମ୍ବେଦନଶୀଳ ଅଞ୍ଚଳରେ ବ୍ୟାରିକେଟ କରାଯାଇଛି। ସୂଚନାଯୋଗ୍ୟ, ଏହି ଶୋଭାଯାତ୍ରାରେ ୨୫ଟି ଆଖାଡା ଦଳ ଅଂଶଗ୍ରହଣ କରିବେ ଓ ହନୁମାନଙ୍କ ଏକ ମୃଣ୍ମୟ ବିଗ୍ରହ ମଧ ଏହି ଶୋଭାଯାତ୍ରାରେ ବାହାରିବ।

# ମାଇଣ୍ଡସ୍ପାର୍କ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା

## ଭାଗ ନେଲେ ୨୫୦ ଛାତ୍ରୀଛାତ୍ର

**ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)**

ମ୍ୟାନେଜମେଣ୍ଟ ଆସୋସିଏଶନ ରାଉରକେଲା ଆନୁକୂଲ୍ୟରେ ଓ ଆର୍‌ଏସପି ସହଭାଗୀ କ୍ରମେ ରାଉରକେଲା କ୍ଲବରେ ମଙ୍ଗଳବାର ମାଇଣ୍ଡସ୍ପାର୍କ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଆର୍‌ଏସପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥିଭାବେ ଯୋଗଦେଇ ବିଜେତା ଏବଂ ରନର୍ସଅପ ଦଳଙ୍କୁ ନଗଦ ଅର୍ଥ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଏ ଅବସରରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତା, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର,ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ତଥା ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କୁଇଜ ପ୍ରତିଯୋଗୀତାରେ ରାଉରକେଲା ଓ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ୨୫୦ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପାରମ୍ପାରିକ ଶିକ୍ଷଣ ସୀମା ଅତିକ୍ରମ କରିବାକୁ ଏକ ଆନ୍ତରିକ ଲକ୍ଷ୍ୟ ସହିତ ମାଇଣ୍ଡସ୍ପାର୍କ ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସେମାନଙ୍କ ଜ୍ଞାନ ଏବଂ ବିଶ୍ଳେଷଣ ଶକ୍ତି ପ୍ରଦର୍ଶନ କରିବାକୁ ଏକ ମଞ୍ଚ ପ୍ରଦାନ କରିଥିଲା। ଦିଲ୍ଲୀର ପ୍ରଖ୍ୟାତ କୁଇଜ ମାଷ୍ଟର ଅଜୟ ପୁନିଆଙ୍କ ଦ୍ୱାରା ପରିଚାଳିତ କୁଇଜ ପ୍ରତିଯୋଗୀତାର ପ୍ରତିଯୋଗୀଙ୍କୁ ଜଟିଳ ରୂପେ ଚିନ୍ତନ ଓ ଶୀଘ୍ର ପ୍ରତିକ୍ରୀୟା ପ୍ରଦାନ ପାଇଁ ଆହ୍ୱାନ ଦେଇଥିଲେ। ପୁନିଆଙ୍କ ଆକର୍ଷଣୀୟ ଶୈଳୀ ଏବଂ ଜ୍ଞାନର ଗଭୀରତା ପ୍ରତିଯୋଗୀତାରେ ଉତ୍ସାହର ଏକ ନୂଆଁ ସ୍ତରକୁ ଯୋଡିଥିଲା। ଅଂଶଗ୍ରହଣକାରୀଙ୍କୁ ନଗଦ ପୁରସ୍କାର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ସେମାନଙ୍କ ବୈଦ୍ଧିକ ଶକ୍ତି ଓ ଦଳଗତ କାର୍ଯ୍ୟ ପ୍ରଦର୍ଶନ କରିବାର ସୁଯୋଗ ମଧ ପ୍ରଦାନ କରାଯାଇଥିଲା। ସମାବେଶକୁ ମ୍ୟାନେଜମେଣ୍ଟ ଆସୋସିଏଶନ ରାଉରକେଲା ସଚିବ ତଥା ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂ ସେବା ବିଭାଗର ଜିଏମ ଇନଚାର୍ଜ ଏସ.ଏସ ପଣ୍ଡା ସମସ୍ତଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଏଜିଏମ ସମ୍ପଦ ମିଶ୍ର ସଂଯୋଜନା କରିଥିଲେ।




ପ୍ରତିଯୋଗିତାରେ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

# ବିଜେଡିର ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ଦଳୀୟ କର୍ମୀ।

**ସବ୍‌ଡେଗା,୧୬।୪(ଅନନ୍ତ ପଟେଲ)**

ତଳସରା ବିଧାନସଭା ପ୍ରାର୍ଥୀ ବିନୟ ଟପ୍ପୋ ଏବଂ ଲୋକସଭା ପ୍ରାର୍ଥୀ ଦିଲ୍ଲୀପ ତିର୍କୀଙ୍କୁ ବିପୁଳ ସଂଖ୍ୟାରେ ବିଜୟୀ କରିବା ଉଦ୍ଦେଶ୍ୟ ନେଇ ସବ୍‌ଡେଗା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ କ ଜୋନର ୭ ପଞ୍ଚାୟତ ଓ ଖ ଜୋନର ୭ ପଞ୍ଚାୟତର ମୁଖ୍ୟ କର୍ମ କର୍ତ୍ତାଙ୍କୁ ନେଇ ୨ଟି ପୃଥକ ପୃଥକ ସାଙ୍ଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ମନୋଜ ବାରୁଆଙ୍କ ସଭାପତିତ୍ୱରେ କ ଜୋନର କିରାଲଗା ଗୋଷ୍ଠୀ କେନ୍ଦ୍ରଠାରେ ଏବଂ ଖ ଜୋନର କୁକୁରିଡିହି ଠାରେ ଅନୁଷ୍ଠିତ ଏହି ବୈଠକରେ ତଳସରା ନିର୍ବାଚନ ମଣ୍ଡଳୀର ସହପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକ ଏବଂ ବିଧାନସଭା ପ୍ରାର୍ଥୀ ବିନୟ ଟପ୍ପୋ ଯୋଗଦେଇ ବୁଥ ଗଠନର ପ୍ରକ୍ରିୟା ବୁଝାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସମ୍ବନ୍ଧରେ ସୋସିଆଲ ମିଡିଆ ମାଧ୍ୟମରେ ଏବଂ ଗ୍ରାମାଞ୍ଚଳରେ ପ୍ରତି ଘରେ ଘରେ ପ୍ରଚାର ପ୍ରସାର କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହି ସଭାରେ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ବ୍ଲକ ଯୁବ ବିଜେଡି ସଭାପତି ଅନନ୍ତ ପଟେଲ, ଜିଲା ପରିଷଦ ସଭ୍ୟା ଜଳନୀ କେରକେଟା,ସୁଦାମ ଭୋଇ, ଗୀତାଞ୍ଜଳି ପଟେଲ,ଡିଲେଶ୍ୱର୍ ସାହୁ, ଧବଳେଶର ନେଗି, ସୁଜିତ ପଟେଲ, ବେଦବ୍ୟାସ ନାଏକ, ରାଜକୁମାର ବାର୍ଲାଙ୍କ ସମେତ ୧୪ଟି ପଞ୍ଚାୟତର ସମସ୍ତ ପଞ୍ଚାୟତ ସଭାପତି,ମହିଳା,ଯୁବ ଓ ଛାତ୍ର କର୍ମକର୍ତ୍ତା ଯୋଗଦେଇ ଥିଲେ।

# ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ

**ରାଉରକେଲା,୧୬।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର କର୍ମଚାରୀ ରାଞ୍ଚି ସ୍ଥିତ ସୁରକ୍ଷା,ସ୍ୱାସ୍ଥ୍ୟ ଏବଂ ପରିବେଶର ଯୁଗ୍ମ କମିଟି ଦ୍ୱାରା ପ୍ରଦତ ଇସ୍ପାତ ସୁରକ୍ଷା ପୁରସ୍କାର ଅଧିନ ପୋଷ୍ଟର ପ୍ରସ୍ତୁତୀରେ ଏକାଧିକ ପୁରସ୍କାର ଲାଭ କରିଛନ୍ତି। ସୁରକ୍ଷା ପୋଷ୍ଟର ପ୍ରସ୍ତୁତୀ ପ୍ରତିଯୋଗୀତାର ବିଭିନ୍ନ ବର୍ଗରେ ଏସଏମଏସ-୧ ବିଭାଗର ସିନିୟର ଟେକ୍ନିସିଆନ ମାନସ ରଞ୍ଜନ ବେହେରା ପ୍ରଥମ ପୁରସ୍କାର ଲାଭ କରିଥିବା ବେଳେ ପାଇପ ପ୍ଲାଣ୍ଟ ବିଭାଗୀୟ ସିନିୟର ଅପରେଟର ବାଦଲ କୁମାର କର ଦ୍ୱିତୀୟ ପୁରସ୍କାର ଅର୍ଜନ କରିଥିଲେ। କାର୍ଯ୍ୟ ବିଭାଗୀୟ ସମ୍ମିଳନୀ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର୍‌ଏସପି କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଭାବେ ଯଥାକ୍ରମେ ୪ ହଜାର ଓ ୩ହଜାର ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ବିଜେତା ଏବଂ ଉପବିଜେତାଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ କାରଖାନାର ବହୁ ମୁଖ୍ୟ ମହାପ୍ରବନ୍ଧକ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୁରକ୍ଷା ବିଭାଗ ଜିଏମ ଇନଚାର୍ଜ ଆଶା କାର୍ଥା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




ଜଣେ କର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି।

# ଖସୁଛି ପ୍ଲାଷ୍ଟର, କାନ୍ଥରେ ଫାଟ

## ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ

- ନିମ୍ନମାନର କାମ ଅଭିଯୋଗ

**ବଡ଼ଗାଁ,୧୬।୪(ଅଶୋକ ଷଡ଼ଙ୍ଗୀ)**

ଶିଶୁଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସୁରକ୍ଷା ପାଇଁ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଥିବା ବେଳେ କିଛି ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁ ବିଭିନ୍ନ ସମୟରେ ଛୋଟ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ ପଞ୍ଚାୟତ ଶଙ୍କରାପୋଷ ବୁଟୁରୁପଡା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ। ମରାମତି ହେବାର ମାତ୍ର ୬ ମାସ ମଧ୍ୟରେ ପ୍ଲାଷ୍ଟର ଖସିବା ସହ ଛାତରେ ଫାଟ ସୃଷ୍ଟି ହୋଇଛି। ଯାହାକି ପିଲାଙ୍କ ସୁରକ୍ଷା ପ୍ରତି ବିପଦ ଦେଖାଦେଇଛି। ଅଙ୍ଗନୱାଡି କେନ୍ଦ୍ରକୁ ଆହୁରି ଉଚ୍ଚକୋଟୀର ଓ ସୁନ୍ଦର ଭାବେ ନିର୍ମାଣ ପାଇଁ ବାଲା ମଡେଲରେ ମରାମତି କରିବାକୁ ଅନୁମୋଦନ ମିଳିବା ସହ ଅର୍ଥ ମଞ୍ଜୁର ହୋଇଥିଲା। ମାତ୍ର ନିମ୍ନମାନର ନିର୍ମାଣ କାର୍ଯ୍ୟ ହୋଇଥିବା ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ନୂତନ ଭାବେ ନିର୍ମାଣ ହୋଇଥିବା ପାଚେରୀ ଅଧିକାଂଶ ସ୍ଥାନରେ ପଲସ୍ତରା ଛାଡି ଯାଇଛି। ଏହି ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରିବାକୁ ଦାବି ହେଉଛି।



ଅଙ୍ଗନୱାଡି କେନ୍ଦ୍ରର ପାଚେରିରୁ ପଲସ୍ତରା ଛାଡିଛି।

## ସଂକ୍ଷେପରେ

### ପ୍ରବୀଣ ସିଂଦେଓ ଓକିଲସଂଘ ସମ୍ପାଦକ ନିର୍ବାଚିତ

ସମ୍ବଲପୁର,୧୬।୪(ବି.ଶଙ୍କର)

ସମ୍ବଲପୁର ଓକିଲ ସଂଘର ସମ୍ପାଦକ ପଦ ପାଇଁ ଅନୁଷ୍ଠିତ ନିର୍ବାଚନରେ ପ୍ରବୀଣ ସିଂଦେଓ ନିର୍ବାଚିତ ହୋଇଛନ୍ତି। ଏଥିସକାଶେ ମୋଟ ୫୬୨ ଜଣ ଆଇନଜୀବୀ ମତଦାନ କରିଥିଲେ। ପ୍ରବୀଣ ୨୭୫ ଖଣ୍ଡ ଭୋଟ ପାଇଥିବା ବେଳେ ରବିରଞ୍ଜନ ପୂଜାରୀ ୨୫୩ ଖଣ୍ଡ ଭୋଟ ପାଇଥିଲେ। ୫ଟି ଭୋଟ ନାକଚ ହୋଇଯାଇଥିବା ଜଣାପଡ଼ିଛି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ଦାଶ ନିର୍ବାଚନ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୩୦ରେ ସାରା ରାଜ୍ୟ ସହିତ ସମ୍ବଲପୁର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗତ ୩୦ ତାରିଖ ନିର୍ବାଚନରେ ସତ୍ୟନାରାୟଣ ପଣ୍ଡା ସଭାପତି, ସିଦ୍ଧାର୍ଥ ଶେଖର ସାହୁ ଉପସଭାପତି, ହିମାଂଶୁ ଶେଖର ପାଣିଗ୍ରାହୀ ଯୁଗ୍ମ ସମ୍ପାଦକ ଓ ଅନୁପ ପଟ୍ଟନାୟକ ସହସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ସମ୍ପାଦକ ପଦ ପାଇଁ ନାମାଙ୍କନ ଦାଖଲ କରିଥିବା ଆଇନଜୀବୀ ସରୋଜ ବିଶ୍ୱାଳଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା।

### ଘର ଭୁଶୁଡ଼ି ଚାପି ହୋଇ ଜଣେ ମୃତ

କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଟଯୋଶୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ସାଗରପଡା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ମାଟି କୁଡ଼ିଆ ଘରେ ଶୋଇଥିବା ସମୟରେ ଘର ଭୁଶୁଡ଼ି ପଡିବାରୁ ଚାପି ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାଗରପଡା ଗ୍ରାମର ଘାସିରାମ ହଂସ (୪୨)। ତାଙ୍କ ନିଜ ଗାଁ ପୋ ହୋଇଥିବା ବେଳେ ସେ ସିଉନି ସାଗରପଡା ଗ୍ରାମରେ ନିଜ ମାମୁଁ ଘରେ ଏକ ଦୋକାନ ଦେଇ ନିଜର ପରିବାର ଚଳାଉ ଥିଲେ। ରାତିରେ ଶୋଇଥିବା ସମୟରେ ଘର ଭୁଶୁଡ଼ି ଚାପି ହୋଇ ତାଙ୍କର ମୃତ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ସକାଳୁ ପୋଲିସ ଖବର ପାଇ ପହଞ୍ଚି ମୃତଦେହ ଜବତ କରି କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଘର ଏକ ମାତ୍ର ରୋଜଗାରିଆ ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ଓ ପରିବାର ଭାଙ୍ଗି ପଡିଛନ୍ତି। ସରକାରୀସ୍ତରରେ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମାରୱାଡି ସମାଜର ନୂତନ କମିଟି ଗଠିତ

କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଟଯୋଶୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଲଡୁଗାଁ ମାରୱାଡ଼ି ସମାଜ ପକ୍ଷରୁ ଲଡୁଗାଁସ୍ଥିତ ମାମୋଦେବୀ ସ୍ମୃତି ଭବନଠାରେ ସମାଜର କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମାରୱାଡି ସମାଜର ନୂତନ କମିଟି ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ନୂତନ କମିଟି ସଭାପତି ଭାବେ ଦୁର୍ଗା ପ୍ରସାଦ ଅଗ୍ରୱାଲ, ଉପସଭାପତି ଭାବେ ଅଶୋକ ଅଗ୍ରୱାଲ, ସାଧାରଣ ସମ୍ପାଦକ ବିଜୟ ଅଗ୍ରୱାଲ, ସହ ସମ୍ପାଦକ ଗୋପାଳ ଅଗ୍ରୱାଲ, କେସିୟର ମନୋଜ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଛି। କମିଟି ସଦସ୍ୟ ଭାବେ ରମେଶ ଅଗ୍ରୱାଲ, ପବନ ସିଂଘଲ, ପ୍ରହଲ୍ଲାଦ ଅଗ୍ରୱାଲ, ବଜରଙ୍ଗ ଅଗ୍ରୱାଲ, ପ୍ରବୀଣ ଅଗ୍ରୱାଲ, ମନୋଜ ଶର୍ମା, ସୁରେଶ ଶର୍ମା, ମନୋଜ ଅଗ୍ରୱାଲ (ମଂଜୁଭାଇ), ବାଲମୁକୁନ୍ଦ ଅଗ୍ରୱାଲ ମନୋନୀତ ହୋଇଥିଲେ। ଏହି ଅବସରରେ ସଭାପତି ଦୁର୍ଗା ପ୍ରସାଦ ଅଗ୍ରୱାଲ ଆଗାମୀ ଦିନରେ ସମାଜର ସମସ୍ତ ସାଙ୍ଗଠନିକ କାର୍ଯ୍ୟରେ ସମାଜର ସମସ୍ତ ସଦସ୍ୟ ନିଜର ଦାୟିତ୍ୱ ନିର୍ବାହ କରି ସୁଚାରୁରୂପେ ତୁଲାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନୂତନ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରି ସମାଜ ପ୍ରତି ସବୁବେଳେ ଅଙ୍ଗୀକାର ବଦ୍ଧ ଭାବେ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ କରିଥିଲେ।

# ମେ ୧୦ରୁ ବରଗଡ଼ ଜିଲାରେ ରବିଧାନ ସଂଗ୍ରହ

ବରଗଡ଼,୧୬।୪(ପ୍ରେମାନନ୍ଦ ଖମାରୀ)



ରବି ଧାନ ସଂଗ୍ରହ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଅଧିକାରୀମାନେ।

- ଏଥର ବି ଟୋକନ ବାଧ୍ୟତାମୂଳକ
- ଧାନ ସଂଗ୍ରହ ପାଇଁ ୧୯୭ ମଣ୍ଡି
- ଅଭିଯୋଗ ପାଇଁ ଟୋଲ ଫ୍ରି ନମ୍ବର, ଠକେଇ କଲେ ଥାନାରେ ଏତଲା

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ରବି ଋତୁ ଧାନ ସଂଗ୍ରହ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଆଦିତ୍ୟ ଗୋୟଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ସଂହିତା ଲାଗୁ ହୋଇଥିଲେ ମଧ୍ୟ ଚାଷୀଙ୍କୁ ଯେଭଳି କୌଣସି ଅସୁବିଧା ନହୁଏ ସେଥିପ୍ରତି ବିଶେଷ ଧ୍ୟାନ ଦେବା ସହିତ ଧାନ ସଂଗ୍ରହ କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନ ପାଇଁ ଜିଲାପାଳ ଗୋୟଲ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥର ମଧ୍ୟ ଟୋକନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ ତାହା ନିର୍ଦ୍ଧାରିତ ହୋଇ ପାରିନାହିଁ। ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟିରେ ସେ ନେଇ ନିଷ୍ପତ୍ତି ହେବ ବୋଲି ସୂଚନା ଦିଆଯାଇଛି। ଏଥର ଗ୍ରେଡ୍-ଏ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୨୦୩ ଟଙ୍କା ଏବଂ ସାଧାରଣ ଧାନ ଦର କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ରହିଛି।

ଜିଲାପାଳଙ୍କ ଅନୁମୋଦନକ୍ରମେ ଆସନ୍ତା ମେ ୧୦ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଅତାବିରା ବ୍ଲକରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ପର୍ଯ୍ୟାୟକ୍ରମେ ଅନ୍ୟ ବ୍ଲକରେ ଧାନ କିଣାବିକା ଚାଲିବ ବୋଲି ସୂଚନା ଦିଆଯାଇଥିଲା। ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ଆରଏମସି ଅଧିନରେ ଥିବା ୧୯୭ମଣ୍ଡିରେ ଧାନ କିଣାବିକା ଚାଲିବ। ଜିଲାର ୧୧୨ ମିଲର୍ସ ଯୋଗ୍ୟତା ଭିତ୍ତିରେ ଏଥିରେ ସାମିଲ ହେବେ । ସେହିପରି ସପ୍ତାହକ ୬ଦିନ ମଣ୍ଡିରେ ଧାନ କିଣାବିକା ଚାଲିବ ଏବଂ ସକାଳ ୬ଟାରୁ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

ଚାଷୀଙ୍କ ସୁବିଧା ତଥା ଧାନ ସଂଗ୍ରହ ପ୍ରକ୍ରିୟାର ବିକେନ୍ଦ୍ରୀକରଣ ନିମନ୍ତେ ୩୪ଜାଗାରେ ସବ୍‌ମାର୍କେଟ୍ ଖୋଲିବ। ସମସ୍ତ ଧାନ ସଂଗ୍ରହ କେନ୍ଦ୍ରରେ ଆର୍ଦ୍ରତା ମିଟର, ତାରପୋଲିନ, ୱେବ୍ରିଜ, ବିଶ୍ଲେଷଣ କିଟ୍ସ ଆଦି ଯୋଗାଇବା ସହିତ ପ୍ରତୀକ୍ଷା କକ୍ଷ, ଛାଇ, ପାନୀୟଜଳ, ଲାଇଟ୍, ପାଇଖାନା, ସିସିଟିଭି, ମୂଲ୍ୟ ପ୍ରଦର୍ଶନ ବୋର୍ଡ଼ ଆଦି ସୁବିଧା ଥିବା ମଡ଼େଲ ମଣ୍ଡିର ବ୍ୟବସ୍ଥା କରାଯାଇଛି। ଚାଷୀଙ୍କ ପୂର୍ବ ସମସ୍ୟାଗୁଡ଼ିକର ଆଲୋଚନା ତଥା ପରାମର୍ଶ ଆଧାରରେ ଏବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ନିମନ୍ତେ କୌଣସି ମିଲର୍, ସ୍ୱୟଂ ସହାୟକ ଗୋଷ୍ଠି, ଆରଏମସି ଅଧିକାରୀ, ଯୋଗାଣ ଅଧିକାରୀ ଠକେଇ କଲେ ତୁରନ୍ତ ଥାନାରେ ଏତଲା ଦେବା କିମ୍ବା ଟୋଲ ଫ୍ରି ନମ୍ବର ୧୯୬୭ କିମ୍ବା ୦୬୬୪୬ ୨୪୬୦୪୧ରେ ଅଭିଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅଭିଯୋଗ ପାଇବାର ୪୮ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୋଲି ଜିଲାପାଳ ଗୋୟଲ କହିଥିଲେ।

ଭିତ୍ତିଭୂମିର ସୁବିଧା ନିମନ୍ତେ ପ୍ରଶାସନ ତରଫରୁ ମଡ଼େଲ ମଣ୍ଡି ବ୍ୟବସ୍ଥା କରିବା ସହିତ ଚାଷୀଙ୍କୁ ଗ୍ରାମପଞ୍ଚାୟତ ସ୍ତରରେ ଜୁଟ ବ୍ୟାଗ ଯୋଗାଇବା କିମ୍ବା ଚାଷୀ ଦେଇଥିବା ବ୍ୟାଗର ଉଚିତ ମୂଲ୍ୟ ମିଲର ବହନ କରିବେ ଏବଂ ଏହାର ତଦାରଖ ନିମନ୍ତେ ସ୍ୱତନ୍ତ୍ର ଅଧିକାରୀଙ୍କୁ ଦିଆଯିବ। ସମ୍ପୃକ୍ତ ଅଧିକାରୀ ମଣ୍ଡିସ୍ତରରେ ଚାଷୀମାନେ କିଭଳି ସଠିକ୍‌ଭାବେ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟ ପାଇବେ ତାର ବ୍ୟବସ୍ଥା କରିବେ ବୋଲି ଜିଲାପାଳ କହିଥିଲେ।

ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀଙ୍କ ଅଭିଯୋଗ ଗ୍ରହଣ ନିମନ୍ତେ ସ୍ୱତନ୍ତ୍ର ରେଜିଷ୍ଟର କରାଯିବା ସହିତ ମୁଖ୍ୟାଳୟରେ ଅଭିଯୋଗ ଗ୍ରହଣ ନିମନ୍ତେ ଏକ ଟୋଲ ଫ୍ରି ନମ୍ବର ଜାରି କରାଯିବ। ରେଜିଷ୍ଟ୍ରେଶନ ପରେ ଚାଷୀଙ୍କ ମୋବାଇଲରେ ମଣ୍ଡିକୁ ଧାନ ନେଇ ଯିବା ତାରିଖର ସୂଚନା ଆସିବ ଏବଂ ଗୋଟିଏ ଟୋକନର ଅବଧି ୩୦ଦିନ ପର୍ଯ୍ୟନ୍ତ ରହିବ। ଧାନ ଦେବାର ୪୪ରୁ ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କଖାତାରେ ଡିଏଫଟି(ଡାଇରେକ୍ଟ ଫଣ୍ଡ ଟ୍ରାନ୍ସଫର) ମାଧ୍ୟମରେ ପ୍ରାପ୍ୟ ଟଙ୍କା ପଠାଯିବ। ପ୍ରତ୍ୟେକ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଡାକବାଜି ଯନ୍ତ୍ରରେ ଧାନ ସଂଗ୍ରହ ତାରିଖ ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସଚେତନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ । ଧାନ ସଂଗ୍ରହ ପ୍ରକ୍ରିୟାକୁ ସଫଳ କରିବା ପାଇଁ ପ୍ରତ୍ୟେକ ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷମାନଙ୍କୁ ଗାଁ ଗାଁ ବୁଲି ଚାଷୀଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା, ମଣ୍ଡିକୁ ଧାନ ଆସିବାର ଯଥାସମୟ ପୂର୍ବରୁ ଚାଷୀଙ୍କ ଟୋକନ ଦେବା ବ୍ୟବସ୍ଥା କରିବା, କଳାବଜାର କିମ୍ବା ଆବଶ୍ୟକ ଧାନ ପଡ଼ୋଶୀ ଜିଲାକୁ ସ୍ଥାନାନ୍ତରଣ ଭଳି ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ଜିଲାର ସମସ୍ତ ସୀମାରେଖାରେ ପୋଲିସ ମୁତୟନ ସହିତ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଏସ୍‌ପି ପି.ଏସ ମୀନା, ପଦ୍ମପୁର ଅତିରିକ୍ତ ଜିଲାପାଳ କୃଣାଳ ମୋତିରାମ ଚୌହାନ, ବରଗଡ଼ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣ, ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀଙ୍କ ସମେତ ଚାଷୀ, ମିଲର୍ସ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମତଦାନ କେନ୍ଦ୍ର ଦାବି ପୂରଣ ହେଲାନି

କୋକସରା,୧୬।୪(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ଗ୍ରାମରେ ମତଦାନ କେନ୍ଦ୍ର ପାଇଁ ପୂର୍ବରୁ ଦାବି କରିଥିଲେ। ଦାବି ପରେ ଜିଲା ପ୍ରଶାସନ ପକ୍ଷରୁ ସିର୍ଲିଗୁଡା ପ୍ରାଥମିକ ବିଦ୍ୟାଳୟରେ ମତଦାନ କେନ୍ଦ୍ର ପାଇଁ ଆବଶ୍ୟକ ଭିତ୍ତିଭୂମି ଥାଇ ମଧ ନ ଥିବା ଦର୍ଶାଇ ନିକଟସ୍ଥ ଅଁଳାଗୁଡା ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର କରିଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କରି ସୋମବାର ସନ୍ଧ୍ୟାରେ ଗ୍ରାମରେ ଏକ ସଭା କରି ପ୍ରଶାସନ ଗ୍ରାମବାସୀଙ୍କ ଦାବିକୁ ଅଣଦେଖା ପ୍ରତିବାଦ କରି ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରଶାସନର ଅବହେଳା ପ୍ରତିବାଦ କରି ପୁନର୍ବାର ବିଚାର ନେଇ ସିର୍ଲିଗୁଡା ଗ୍ରାମରେ ମତଦାନ କେନ୍ଦ୍ର ପାଇଁ ମୁଖ୍ୟ ନିର୍ବାଚନ ଆୟୋଗ ଓଡିଶାଙ୍କୁ ଦାବିପତ୍ର ପ୍ରେରଣ କରିବାକୁ ନିଷ୍ପତ୍ତି ନେଇଥିବା ନେଇ ଗ୍ରାମବାସୀ କହିଛନ୍ତି। କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ରାଜସ୍ୱ ଗ୍ରାମ ମାନ୍ୟତା ପାଇ ସାରିଥିବା ବେଳେ ଦୀର୍ଘବର୍ଷ ହେବ ଗ୍ରାମବାସୀ ମତଦାନ କେନ୍ଦ୍ର ପାଇଁ ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି। ହେଲେ ଦୀର୍ଘ ଦଶନ୍ଧି ଧରି ଗ୍ରାମରୁ ୮ କି.ମି. ଦୂର ବଙ୍ଗୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ବୁଥ କେନ୍ଦ୍ରକୁ ମତଦାନ ପାଇଁ ଯାଉଥିଲେ। ସିର୍ଲିଗୁଡା ରାଜସ୍ୱ ଗ୍ରାମର ସିର୍ଲିଗୁଡା ଓ ଅଁଳାଗୁଡାରେ ୭୮୪ ଭୋଟର ରହିଛନ୍ତି। ମତଦାନ କେନ୍ଦ୍ର ୮ କି.ମି. ଦୂରରେ ରହିଥିବାରୁ ସିର୍ଲିଗୁଡା ଗ୍ରାମର ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଭୋଟରମାନେ ମତଦାନରୁ ବଞ୍ଚିତ ରହୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

## ହିଣ୍ଡାଲ୍‌କୋ ପକ୍ଷରୁ ମେଧାବୃତ୍ତି ପ୍ରଦାନ ସମାରୋହ



ହିଣ୍ଡାଲକୋ ପକ୍ଷରୁ ମେଧାବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ।

ସମ୍ବଲପୁର,୧୬।୪(ବି.ଶଙ୍କର)

ହୀରାକୁଦସ୍ଥିତ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ମେଧାବୃତ୍ତି ପ୍ରଦାନ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ଅଞ୍ଚଳର ୨୦୨୩ରେ ମାଟ୍ରିକ ପରୀକ୍ଷାରେ ପାସ୍ କରିଥିବା ୧୦ କୃତୀ ଛାତ୍ରୀଛାତ୍ରଙ୍କୁ ମେଧା ବୃତ୍ତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହୀରାକୁଦ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ମୁଖ୍ୟଅତିଥି ଓ ଓଡିଶା କ୍ଲଷ୍ଟର ସିଏସ୍‌ଆର୍ ମୁଖ୍ୟ ଶିବ ମହାପାତ୍ର ସାମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମହମ୍ମଦପୁରର ସତ୍ୟନାରାୟଣ ବିଶ୍ୱାଳ, କାଲୁପଡାର ଜ୍ୟୋତିର୍ମୟୀ ପାଢ଼ିହାରୀ, ଡେଙ୍ଗୀମଚାର ଚିନ୍ମୟ କୁମାର ପ୍ରଧାନ, ତାରାସିଂପଡାର ସ୍ମୃତି ରଞ୍ଜନ ଦାଶ, ଲକ୍ଷ୍ମୀନଗରର ନିରଜ କୁମ୍ଭାର, ଗୁଣ୍ଡରୁପଡ଼ାର ପ୍ରଗତି ପଟ୍ଟନାୟକ, ଭେଜେରାପାଲିର ଜୟନ୍ତ ମିର୍ଦ୍ଧା, ଝାଙ୍କରପଡ଼ାର ରାଜଲକ୍ଷ୍ମୀ ରାଜ, ଗୁଜାତଳର ଅନୁଷ୍କା ଡାକୁଆ ଓ ଗୌଡପଡାର ଅଲିଶା ପୁଟେଲ ଏହି ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇ ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀଙ୍କଠାରୁ ମାନପତ୍ର ଓ ବୃତ୍ତି ଗ୍ରହଣ କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ୧୨୦୦୦ ଟଙ୍କା ଦୁଇଟି କିସ୍ତିରେ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ସିଏସ୍‌ଆର୍ ବିଭାଗର ସରୋଜ କୁମାର ଆଚାର୍ଯ୍ୟ, ମିଳନ କୁମାର ସାହୁ, ସନ୍ତୋଷ କୁମାର ତ୍ରିପାଠୀ ସହଯୋଗ କରିଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୋମନା,୧୬।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା ଖଡ଼ିଆଳ ସହରରେ କିଛି ଦିନ ତଳେ ଭାଲୁ ଆତଙ୍କ ଖେଳାଇଥିବା ବେଳେ ମଙ୍ଗଳବାର ସକାଳେ କୋମନା ବ୍ଲକ ସାନବାହାଲି ଗାଁରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ତ୍ରିଲୋଚନ ମାଝି (୫୦)। ସେ ନିଜ ଜମିକୁ ମହୁଲ ଫୁଲ ଗୋଟାଇବାକୁ ଯାଇ ଭାଲୁର ଶିକାର ହୋଇଛନ୍ତି। ତ୍ରିଲୋଚନ ସବୁଦିନ ଭଳି ମହୁଲ ଫୁଲ ଗୋଟାଇବା ପାଇଁ ଜମିକୁ ଯାଇଥିଲେ। ଏହି ସମୟରେ ନିକଟସ୍ଥ ଜଙ୍ଗଲରୁ ମହୁଲ ଫୁଲ ଖାଇବା ପାଇଁ ଆସି ଥିବା ଭାଲୁ ତ୍ରିଲୋଚନଙ୍କୁ ଆକ୍ରମଣ କରିଥିଲା। ସେ ଜୀବନ ବଞ୍ଚାଇବା ପାଇଁ ଜୋରରେ ଚିତ୍କାର କରିଥିଲେ। କିଛି ଲୋକ ଶୁଣି ଠେଙ୍ଗା, ବାଡ଼ି ଧରି ଦୌଡ଼ି ଆସିବାରୁ ଭାଲୁ ଜଙ୍ଗଲ ଭିତରକୁ ପଳାଇଥିଲା। ପରିବାର ଲୋକେ ତ୍ରିଲୋଚନଙ୍କୁ କୋମନା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୂଆପଡ଼ା ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବନ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା।

## ଗୋ ସୁରକ୍ଷା କମିଟି ବୈଠକ




ବୈଠକରେ ଗୋ ସୁରକ୍ଷା କମିଟିର କର୍ମକର୍ତ୍ତା।

ଦେବଗଡ଼,୧୬।୪(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ କାଳିଆପାଳ ପଞ୍ଚାୟତ ଅନ୍ତର୍ଗତ ଟାଖୁଣ୍ଡା ଚେକ୍‌ଡ୍ୟାମ ନିକଟରେ ଗୋ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋ ପ୍ରେମୀ ମାୟାଧର ଗଡନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଲା, ସଇଡା, ବମ୍ପରଡା, କାଳିଆପାଳ ଓ ମଧ୍ୟପୁର ଗ୍ରାମ ପଞ୍ଚାୟତର ବହୁ ଗୋ ପ୍ରେମୀ ଯୋଗଦେଇ ଗୋ ସୁରକ୍ଷା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହାସହ ଦେବଗଡ ଜିଲାରୁ ବେଆଇନ ଗୋ ଚାଲାଣ କରାଯାଉଥିବା ଦର୍ଶାଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ଗୋ ସୁରକ୍ଷା କମିଟି ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ମାୟାଧର ଗଡନାୟକ ଓ ସମ୍ପାଦକ ଭାବେ ମନୋଜ କୁମାର ସାହୁଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ ସ୍ୱେଚ୍ଛାସେବୀ ହୀରାଧର ସାହୁଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ସମ୍ପାଦକ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ରୋହିତଙ୍କ ନାମରେ ଭାଜପାର ଅଭିଯୋଗ

ସମ୍ବଲପୁର,୧୬।୪(ଭବାନୀ ଶଙ୍କର ଭୋଇ)



ଅଭିଯୋଗପତ୍ର ଦେବା ଅବସରରେ ଭାଜପା ନେତା।

ଗତ ୧୩ ତାରିଖରେ ସମଲେଇ ମନ୍ଦିର ଦର୍ଶନ ପାଇଁ ଯାଇଥିବା ବେଳେ ବିଧାୟକ ରୋହିତ ପୂଜାରୀ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ଭାଜପାର ବରିଷ୍ଠ ନେତା ଦାମୋଦର କରଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୋଗ କରିଛି। ଏ ନେଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ସମଲେଇ ମନ୍ଦିରରେ ରୋହିତ ପୂଜାରୀଙ୍କୁ ସ୍ୱାଗତ କରିବା ପାଇଁ ମନ୍ଦିର କାନ୍ଥରେ ବିଜେଡିର ପତାକା ବନ୍ଧା ଯାଇଥିବା ବେଳେ ମନ୍ଦିର ସମ୍ମୁଖରେ ବିଜେଡିର ପ୍ରତୀକ 'ଶଙ୍ଖ' ଏବଂ ନେତାଙ୍କ ନାମ ଅଙ୍କାଯାଇଥିଲା। ନିର୍ବାଚନ ଆଚରଣ ସଂହିତାରେ ଧାର୍ଯ୍ୟ ହୋଇଥିବା ସାଧାରଣ ଆଚରଣର ଧାରା ୩ର ଏହା ଉଲ୍ଲଂଘନ କରୁଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଅଭିଯୋଗର ପ୍ରମାଣ ସ୍ୱରୂପ ଘଟଣା ଦିନର ଫଟୋ ପ୍ରଶାସନକୁ ପ୍ରଦାନ କରାଯାଇଥିବା ନେଇ ଭାଜପାର ବରିଷ୍ଠ ନେତା ଦାମୋଦର କର ଓ ମିଳନ ମହାରଣା ସୂଚନା ଦେଇଛନ୍ତି।

## ରେଳ ନିରାପତ୍ତା କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ଅଧୀନ ବିଭିନ୍ନ ବିଭାଗରେ କର୍ଯ୍ୟରତ ନିରାପତ୍ତା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଟିଟିଲାଗଡ଼ ରେଳ ଷ୍ଟେଶନର ଗୁଡ୍‌ସ ଟ୍ରେନ୍ ମ୍ୟାନେଜର ବିଜୈନ୍ଦ୍ର ସେନାପତି, ପଏଣ୍ଟସ ମ୍ୟାନ୍ ଏ ସୁଶାନ୍ତ ମେହେର, ମୁନିଗୁଡ଼ା ରେଳଷ୍ଟଶନର ଟେକ୍ନିସିଆନ୍-୧ ଆର୍ ରବି ତେଜେଶ୍ୱର ଓ କଣ୍ଟାବାଞ୍ଜି ରେଳ ଷ୍ଟେଶନର ଟେକ୍ନିସିଆନ୍-୩ ବଳଦେବ ପ୍ରଧାନୀ ନିରାପତ୍ତା ପ୍ରତି ସଜାଗ, କର୍ତ୍ତବ୍ୟନିଷ୍ଠା ପାଇଁ ପୁରସ୍କୃତ ହୋଇଛନ୍ତି। ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାର କାନ୍ତ ପାଣ୍ଡେ ସମସ୍ତଙ୍କୁ ପ୍ରମାଣପତ୍ର ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଛନ୍ତି। ଏଥିରେ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ବରିଷ୍ଠ ପରିଚାଳନା ପ୍ରବନ୍ଧକ ତନ୍ମୟ ମୁଖୋପାଧ୍ୟାୟ, ବରିଷ୍ଠ ସଙ୍କେତ ଓ ଦୂରସଞ୍ଚାର ଯନ୍ତ୍ରୀ ପ୍ରଭାତ କୁମର ଓ ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଦିବାହାଲରେ ହାତୀ ଉପଦ୍ରବ

ଲୋଇସିଂହା,୧୬।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳ ଅନ୍ତର୍ଗତ ବାଦିବାହାଲରେ ସୋମବାର ରାତିରେ ହାତୀ ଉପଦ୍ରବ ଦେଖାଦେଇଛି। ବାଦିବାହାଲ ଆମ୍ବ ବଗିଚାରେ ଜଗିଥିବା ୨ଜଣ ବ୍ୟକ୍ତି ହାତୀଙ୍କ ଆକ୍ରମଣରୁ କୌଣସିମତେ ବର୍ତ୍ତି ଯାଇଛନ୍ତି। ଖବର ପାଇ ମଙ୍ଗଳବାର ସ୍ଥାନୀୟ ବନ କର୍ମଚାରୀ କ୍ଷେତ୍ର ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ପଲରେ ଥିବା ୩ଟି ହାତୀ ଗାଇଖାଇ ଅଞ୍ଚଳରେ ଥିବା ଜଣାପଡିଛି। ହାତୀପଲ ଆସିଥିବା ରାସ୍ତାରେ ନ ଫେରି ଆଗକୁ ଯାଉଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ଏହି ହାତୀପଲ ପ୍ରତି ତୀକ୍ଷଣ ନଜର ରଖାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ହାତୀମାନେ ସୋନପୁର ରେଞ୍ଜରୁ ସୋମବାର ବଳମ୍ବିତ ରାତିରେ ପଶି ଆସିଥିଲେ। କଦଳୀପାଲି, ଭାଲୁପାଲି, ବାଦିବାହାଲ ଦେଇ ଆଗଲପୁର ବ୍ଲକର ମନୁପାଲିକୁ ରାତିରେ ଚାଲି ଯାଇଥିଲେ। ହାତୀପଲ ପ୍ରାୟ ୨୦ କିମି ରାସ୍ତା ରାତିରେ ଅତିକ୍ରମ କରିଥିବା ବନ କର୍ମଚାରୀମାନେ କହିଛନ୍ତି। ରାତିରେ ଆସିଲା ସମୟରେ ବାଦିବାହାଲ ଗ୍ରାମର ଆମ୍ବଚାଷୀ ଋଷଭ ଧରୁଆଙ୍କ ବଗିଚାର ତାରଜାଲି ପାଚେରି ମାଡି ବଗିଚାରେ ପଶିଥିଲେ । ବଗିଚାର କେତେକ ଗଛର ଡାଳ ଭାଙ୍ଗି ଦେଇଥିବାରୁ ଆମ୍ବ କ୍ଷତିଗ୍ରସ୍ତ ହୋଇଛି।

## ଭାଜପାକୁ ଅଡୁଆ ପ୍ରସ୍ତାବିତ ଅଙ୍ଗ ନଦୀବନ୍ଧ ପ୍ରକଳ୍ପ

ପଦ୍ମପୁର ୧୬।୪ (ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁର ଲଖମରାଠାରେ ଅଙ୍ଗନଦୀ ବନ୍ଧ ପ୍ରତିରୋଧ କମିଟି ଆହ୍ୱାନକ୍ରମେ ପୂଝାରୀପାଲି ଅଙ୍ଗ ନଦୀବନ୍ଧ ଯୋଜନାରେ ପ୍ରଭାବିତ ୨୮ମୌଜା ଜନ ସାଧାରଣଙ୍କ ଏକ ବୈଠକ ମଙ୍ଗଳବାର ବସିଥିଲା। ଏଥିରେ ମଧୁସୂଦନ ଦାସ ଅଧକ୍ଷତା କରିଥିଲେ। ଅଙ୍ଗନଦୀ ବନ୍ଧ ସପକ୍ଷରେ ଆନ୍ଦୋଳନ କରୁଥିବା ଗୋବର୍ଦ୍ଧନ ଭୁଏ ଚଳିତ ନିର୍ବାଚନର ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ନିର୍ବାଚନରେ ସେ ଓ ତାଙ୍କ ସହ ଯିଏ ପ୍ରଚାରରେ ଆସିବେ ତୀବ୍ର ବିରୋଧର ସମ୍ମୁଖୀନ ହେବେ ବୋଲି ବୈଠକରେ



ବୈଠକରେ ଉପସ୍ଥିତ ଅଙ୍ଗ ନଦୀବନ୍ଧ ପ୍ରତିରୋଧ କମିଟି କର୍ମକର୍ତ୍ତା ଓ ଜନସାଧାରଣ।

ଆଲୋଚନା ହୋଇଥିଲା। କୌଣସି ଗ୍ରାମରେ ସେ ଏଜେଣ୍ଟ ଦେଇପାରିବେ ନାହିଁ। ଭିଟାମାଟି ଓ ବିସ୍ଥାପନ ଦୁଃଖ ଦେବାକୁ ଚେଷ୍ଟା କରୁଥିବାରୁ ତାଙ୍କର ପ୍ରାର୍ଥୀତ୍ୱକୁ ବିରୋଧ କରି ଭୋଟ ମାଧ୍ୟମରେ ଅଞ୍ଚଳବାସୀ ସଂଗଠନର ଏକତା ପ୍ରମାଣିତ କରିବେ। ପୂଝାରୀପାଲି ଗ୍ରାମରେ ଆବଳ ବୃଦ୍ଧବନିତା ଏକ

### ୨୮ମୌଜା ଜନସାଧାରଣଙ୍କ ବୈଠକ

ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରା ଓ ବିରୋଧ କ୍ରମାଗତ ଭାବରେ ୨୮ଖଣ୍ଡ ମୌଜାରେ କରାଯିବ ବୋଲି କମିଟି ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି। ଆବଶ୍ୟକ ସ୍ଥଳେ ନିକଟସ୍ଥ ଅନ୍ୟ ଗ୍ରାମକୁ ଯାଇ ତାଙ୍କ ବିରୁଦ୍ଧରେ ପ୍ରଚାର କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଜିର ବୈଠକରେ ତାଙ୍କୁ ବିରୋଧ କରାଯିବା ନେଇ ଭାଜପା ପ୍ରାର୍ଥୀ ଭୁଏଙ୍କୁ ତାଙ୍କ ମୋବାଇଲ ନଂ୯୯୩୭୪୯୯୬୭୬ରେ ଯୋଗଯୋଗ କରାଯାଇଥିଲା। ରିଙ୍ଗ ହୋଇଥିଲେ ସୁଦ୍ଧା ସେ ରିସଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ ଧୁମାଭଟା ସରପଞ୍ଚ

ପାଟଣାଗଡ଼,୧୬।୪(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟରେ ମଙ୍ଗଳବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲପଡା ବ୍ଲକ ଧୁମାଭଟା ସରପଞ୍ଚ ତଥା କୋଶଳବାଦୀ ନେତା ବନମାଳୀ ନାଏକ ତାଙ୍କ ସମର୍ଥକମାନଙ୍କ ସହ ବିଧାୟକ ସରୋଜ କୁମାର ମେହେରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ନାଏକ ଦୀର୍ଘବର୍ଷ ହେଲା କୋଶଳମୁକ୍ତି ମୋର୍ଚ୍ଚା ସଙ୍ଗଠନର ବିଭିନ୍ନ ପଦପଦବୀରେ ରହି ସରକାର ଓ ସ୍ଥାନୀୟ ବିଧାୟକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିଲେ। ମିଶ୍ରଣ ପର୍ବରେ ବେଲପଡା ବ୍ଲକ ବାଗଦୋର ପଞ୍ଚାୟତ ସରପଞ୍ଚ ପ୍ରଦୀପ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଅନନ୍ତ ପାଣିଗ୍ରାହୀ, ବେଲପଡା ବ୍ଲକ ବିଜେଡି ଉପସଭାପତି କୁନା ମହାକୁଡ, ଶଙ୍କୁ ସାହୁ ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ତୁଷୁରା ମା' ସମଲେଶ୍ୱରୀଙ୍କ ଅଷ୍ଟମଙ୍ଗଳା ଯାତ୍ରା

ଗୁଡଭେଲା,୧୬।୪(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହରର ଇଷ୍ଟଦେବୀ ମା' ସମଲେଶ୍ୱରୀ ମନ୍ଦିର ପରିସରରେ ମଙ୍ଗଳବାର ଅଷ୍ଟମଙ୍ଗଳା ଯାତ୍ରା ପାଳିତ ହୋଇଯାଇଛି। ବରୁଆ ଦେହର ମା' ଆବିର୍ଭାବ ହୋଇ ଭକ୍ତଙ୍କୁ ବିଭିନ୍ନ ସମସ୍ୟାର ବାଟ ଦେଖାଇଥିଲେ। ଅଷ୍ଟମଙ୍ଗଳା ଯାତ୍ରା ସମ୍ପନ୍ନ ପରେ ପୂଜକଙ୍କ ଘରକୁ ଛତ୍ର ଫେରିଥିଲା। ଛତ୍ରର ଦର୍ଶନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା।

### ୨ମାସ ହେଲା ଭତ୍ତା ମିଳିନି

ଲାଠୋର, ୧୬।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତରେ ଦୁଇ ମାସ ହେବ ହିତାଧିକାରୀଙ୍କୁ ମିଳିନି ଭତ୍ତା। ଳିତ ବର୍ଷ ମାର୍ଚ୍ଚ ଏବଂ ଏପ୍ରିଲ ମାସର ଭତ୍ତା ମିଳିନ ଥିବାରୁ ହିତାଧିକାରୀମାନେ ସମସ୍ୟାରେ ପଡିଛନ୍ତି। ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ସାହୁଙ୍କୁ ପଚାରିବାରେ ଆମର ଚେକବୁକ ସରି ଯାଇଛି। ନୂତନ ଚେକ୍‌ବୁକ ପ୍ରଦାନ ପାଇଁ କଣ୍ଟାବାଞ୍ଜି ଏକ୍ସିସ ବ୍ୟାଙ୍କରେ ଆବେଦନ କରାଯାଇଛି। ସେମାନେ ଆଜିଯାଏ ଆମକୁ ତାହା ପ୍ରଦାନ କରିନାହାନ୍ତି। ଏଥିଯୋଗୁ ଟଙ୍କା ଉଠାଣ ହୋଇ ନପାରିବାରୁ ଭତ୍ତା ପ୍ରଦାନରେ ବିଳମ୍ବ ହୋଇଛି ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ପଞ୍ଚାୟତ ଅଧିନ କରୁଆଁଝର, ସାନଗୁର୍ଜିଭଟା, ଚାଉଲଡ଼ିଆ, ଝଲିଆଲିଟି ଏବଂ ମସିଣା ଗ୍ରାମରେ ଶତାଧିକ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଏବଂ ବିଧବାଙ୍କୁ ମାସକୁ ୪ଲକ୍ଷ ୭୫ହଜାର ଟଙ୍କା ଭତ୍ତା ଟଙ୍କା ପ୍ରଦାନ କରାଯାଏ। ପ୍ରତି ମାସର ୧୫ ତାରିଖରେ ଭତ୍ତା ପ୍ରଦାନ କରିବାର ସରକାରୀ ନିୟମ ରହିଛି। ଅନ୍ୟାନ୍ୟ ପଞ୍ଚାୟତମାନଙ୍କୁ ନିୟମିତ ଭତା ପ୍ରଦାନ କରାଯାଉଥିଲେ ମଧ୍ୟ କରୁଆଁଝର ପଞ୍ଚାୟତରେ ତାର ବ୍ୟତିକ୍ରମ ଦେଖାଯାଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

### ବିଜେଡିର କର୍ମୀ ସମାବେଶ

ଦେଓଗାଁ,୧୬।୪(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲାଦେଓଗାଁ ବ୍ଲକ ଅନ୍ତର୍ଗତ କଛାରପାଲି ସୋନଗଡ ନଦୀଖଣ୍ଡିରେ ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବଲାଙ୍ଗୀର ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କ ଭାଇ ମନ୍ମଥ ବିଜୟ ସିଂଦେଓ ଯୋଗଦେଇ ବିଜେଡିକୁ ଦେଇ ବିଜୟୀ କରିବାପାଇଁ ଅନୁରୋଧ କରିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର ବକ୍ତବ୍ୟ ରଖି ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଏଠାକାର ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦେଓଗାଁ, କଛାରପାଲିର କେତେକ ଯୁବକ ବିଜେଡିରେ ସାମିଲ ହୋଇଥିଲେ।

# କଠୋର ଆଭିମୁଖ୍ୟ ଗ୍ରହଣକଲେ ଚାଷୀ

ଲୋଇସିଂହା,୧୬।୪(ସୁଶାନ୍ତ ବାରିକ)



ବୈଠକରେ ଉପସ୍ଥିତ ଚାଷୀ ଓ ଜନପ୍ରତିନିଧି।

**ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନ ବାଦ୍ ପଡିବା ଘଟଣା**

- ଭୋଟ ବର୍ଜନ, ପ୍ରଚାର ଗାଡିକୁ ବିରୋଧ ନିଷ୍ପତ୍ତି
- ୧୯ରେ ଜିଲାପାଳ,ଏସ୍‌ପିଙ୍କୁ ଭେଟିବ ମିଳିତ କୃଷକ ସଂଘର୍ଷ ସମିତି

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକର ୧୦ପଞ୍ଚାୟତ ଲୋୟର ସୁକତେଲ ପ୍ରକଳ୍ପ ଜଳସେଚନରୁ ବାଦ୍ ପଡିଛି। ଜଳସେଚନ ଦାବିରେ ସମ୍ପୃକ୍ତ ପଞ୍ଚାୟତ ଅଞ୍ଚଳର ଚାଷୀ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ରୁଗଡିଖାଲରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଚାଷୀଙ୍କ ବୈଠକରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ରାସ୍ତାରୋକୋ ଏବଂ ଚଳିତ ସାଧାରଣ ନିର୍ବାଚନକୁ ବର୍ଜନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଆସନ୍ତା ୧୯ ତାରିଖରେ ଜିଲାପାଳ ଏବଂ ଏସ୍‌ପିଙ୍କୁ ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତି କର୍ମକର୍ତ୍ତା ଫେରାଦ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ରଗୁଡିଖାଲ ସାପ୍ତାହିକ ବଜାର ପ୍ରାଙ୍ଗରେ ଆୟୋଜିତ ବୈଠକରେ ରତ୍ନାକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଆଗଲପୁର ବ୍ଲକ ଝରଣୀପାଲି, ନୁନିଆପାଲି, ବଡଟିକା, ନଅଗାଁ(ଖ), ବେନ୍ଦ୍ରା ଏବଂ ଲୋଇସିଂହା ବ୍ଲକର ବୁଢୀପଦର, ବୁର୍ଡା, ବାଦିବାହାଲ, ଯୋଗୀସର୍ଡା ଆଦି ପଞ୍ଚାୟତର ଚାଷୀ ଉପସ୍ଥିତ ଥିଲେ। ଆଗଲପୁର ବ୍ଲକର ୫ଟି ପଞ୍ଚାୟତ ପକ୍ଷରୁ ଆଗଲପୁର କୃଷକ ସଂଘର୍ଷ ସମିତି ଗଠନ କରି ଜଳସେଚନ ପାଇଁ ଅନେକ ସମୟରେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯାଇଛି। ଏହି ବୈଠକରେ ଲୋଇସିଂହା ବ୍ଲକର ସମ୍ପୃକ୍ତ ପଞ୍ଚାୟତ ଚାଷୀ ସାମିଲ ହୋଇଥିଲେ । ବୈଠକର ପ୍ରଥମ ଦଫାରେ ଉଭୟ ବ୍ଲକରୁ ୧୦ ଜଣ ସଦସ୍ୟଙ୍କୁ ନେଇ ନେଇ ମିଳିତ କୃଷକ ସଂଘର୍ଷ ସମିତି ଗଠନ କରାଯାଇଥିଲା। ଏହାପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ ହୋଇଥିଲେ ସୁଦ୍ଧା ନିର୍ବାଚନ ମଣ୍ଡଳୀର ଲୋଇସିଂହା ଓ ଆଗଲପୁର ବ୍ଲକର ବୃହତ ଅଞ୍ଚଳକୁ ଜଳସେଚନରୁ କରାଯାଇଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ସରକାର ଏବଂ ଜିଲା ପ୍ରଶାସନ ଚାଷୀଙ୍କ ଦାବିକୁ ଟାଳି ଦେଉଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପ୍ରତିବାଦରେ ଦୃଢ଼ ଜବାବ ଦେବା ପାଇଁ ଚଳିତ ନିର୍ବାଚନକୁ ବର୍ଜନ କରିବା ପାଇଁ ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ଗାଁକୁ ଯିବାକୁ ଥିବା ପ୍ରଚାର ଗାଡିକୁ ଫେରାଇ ଦେବା ଏବଂ ଗାଁରେ ବୁଥ୍ ବସାଇ ନ ଦେବା ଭଳି କଠୋର ନିଷ୍ପତ୍ତି ଏହି ବୈଠକରେ ନିଆଯାଇଛି। ମିଳିତ କୃଷକ ସଂଘର୍ଷ ସମିତି ପଞ୍ଚାୟତସ୍ତରରେ ବୁଲି ଲୋକଙ୍କୁ ସଚେତନ କରି ଜନଜାଗରଣ କରିବ ବୋଲି ବୈଠକରେ ସିଦ୍ଧାନ୍ତ ନିଆଯାଇଛି। ଏହି ବୈଠକରେ ବହୁ ଚାଷୀଙ୍କ ସମେତ ବେନ୍ଦ୍ରା ସରପଞ୍ଚ ରବୀନ୍ଦ୍ର ସାହୁ, ନଅଗାଁ(ଖ) ସରପଞ୍ଚ ବୃନ୍ଦାବନ ସେଠ, ଯୋଗୀସର୍ଡା ସରପଞ୍ଚ ବିଜୁଳି ପଧାନ, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା, ବୁଢୀପଦର ସରପଞ୍ଚଙ୍କ ପ୍ରତିନିଧି ତଥା ମିଳିତ କୃଷକ ସଂଘର୍ଷ ସମିତିର ଉପଦେଷ୍ଟା ଯୁଧିଷ୍ଠିର ପଧାନ ଉପସ୍ଥିତ ଥିଲେ।

# ମତଦାନ ପାଇଁ ମାଠିଆରେ ସଚେତନତା



ଆଗାମୀ ନିର୍ବାଚନ ସଂକ୍ରାନ୍ତରେ ଉଲ୍ଲେଖ ଥିବା ମାଟିପାତ୍ରକୁ ମିଶନ ଶକ୍ତି ସଦସ୍ୟାମାନେ ପ୍ରଦର୍ଶିତ କରୁଛନ୍ତି।

ବଲାଙ୍ଗୀର,୧୬।୪(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଅଭିନବ ଉଦ୍ୟମ**

ବଲାଙ୍ଗୀର ଜିଲାର ସମସ୍ତ ଭୋଟର କିଭଳି ଆଗାମୀ ସାଧାରଣ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରି ଶତପ୍ରତିଶତ ମତଦାନ କରିବେ ସେନେଇ ଜିଲା ପ୍ରଶାସନ ପକ୍ଷରୁ ଅଭିନବ ଉଦ୍ୟମରେ ମତଦାତାଙ୍କୁ ସଚେତନ କରାଯାଉଛି। ଆସନ୍ତା ମେ ୨୦ରେ ମତଦାନ କେନ୍ଦ୍ରକୁ ଆସି ଭୋଟ ଦେବାକୁ ମାଟିପାତ୍ର ବା ମାଠିଆରେ ଉଲ୍ଲେଖ କରାଯାଇଛି। ଖରାଦିନରେ ମାଠିପାତ୍ରର ଚାହିଦା ବୃଦ୍ଧି ହୋଇଥାଏ। ଏହାକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ମାଟିପାତ୍ରରେ ମତଦାନ ସଂକ୍ରାନ୍ତୀୟ ସଚେତନତା ବାର୍ତ୍ତା ଉଲ୍ଲେଖକରି ଭୋଟରଙ୍କୁ ଆକୃଷ୍ଟ କରିଛନ୍ତି। ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ଘୋଷଣା ଅନୁସାରେ ଆସନ୍ତା ମେ ୨୦ରେ ବଲାଙ୍ଗୀର ଜିଲାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଜିଲାର ସମସ୍ତ ଭୋଟର କିପରି ନିର୍ବାଚନରେ ଭାଗ ନେବେ ତଥା ବୁଥକୁ ଆସି ମତଦାନ ସାବ୍ୟସ୍ତ କରିବେ ସେ ଦିଗରେ ସଚେତନତା ପାଇଁ ବଲାଙ୍ଗୀର ଜିଲା ପ୍ରଶାସନ ଅଭିନବ ଢଙ୍ଗରେ ଭୋଟରଙ୍କୁ ସଚେତନ କରିଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ନିର୍ଦ୍ଦେଶାନୁସାରେ ଏହି କାର୍ଯ୍ୟକ୍ରମ କରାଯାଉଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ନିର୍ବାଚନରେ ସମସ୍ତ ମତଦାତା ସାମିଲ ହୋଇ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଭାବେ ମତଦାନ କରିବାକୁ ପ୍ରଶାସନର ପ୍ରଶାସନର ଲକ୍ଷ୍ୟ ରହିଥିବା କହିଛନ୍ତି। ମଙ୍ଗଳବାର ସକାଳ ସାଢ଼େ ୯ଟାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଓରମାସ ସିଏଇଓ କମଳେନ୍ଦୁ ପାଲ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜିକା ସୁମନ ଦ୍ୱିବେଦୀ, ଜିଲା ପରିଷଦ ଅଫିସର ଓ କର୍ମଚାରୀମାନେ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବାଦିବାହାଲରେ ହାତୀ ଉପଦ୍ରବ

ଲୋଇସିଂହା,୧୬।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳ ଅନ୍ତର୍ଗତ ବାଦିବାହାଲରେ ସୋମବାର ରାତିରେ ହାତୀ ଉପଦ୍ରବ ଦେଖାଦେଇଛି। ବାଦିବାହାଲ ଆମ୍ବ ବଗିଚାରେ ଜଗିଥିବା ୨ଜଣ ବ୍ୟକ୍ତି ହାତୀଙ୍କ ଆକ୍ରମଣରୁ କୌଣସିମତେ ବର୍ତ୍ତି ଯାଇଛନ୍ତି। ଖବର ପାଇ ମଙ୍ଗଳବାର ସ୍ଥାନୀୟ ବନ କର୍ମଚାରୀ କ୍ଷେତ୍ର ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ପଲରେ ଥିବା ୩ଟି ହାତୀ ଗାଇଖାଇ ଅଞ୍ଚଳରେ ଥିବା ଜଣାପଡିଛି। ହାତୀପଲ ଆସିଥିବା ରାସ୍ତାରେ ନ ଫେରି ଆଗକୁ ଯାଉଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ଏହି ହାତୀପଲ ପ୍ରତି ତୀକ୍ଷଣ ନଜର ରଖାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ହାତୀମାନେ ସୋନପୁର ରେଞ୍ଜରୁ ସୋମବାର ବଳମ୍ବିତ ରାତିରେ ପଶି ଆସିଥିଲେ। କଦଳୀପାଲି, ଭାଲୁପାଲି, ବାଦିବାହାଲ ଦେଇ ଆଗଲପୁର ବ୍ଲକର ମନୁପାଲିକୁ ରାତିରେ ଚାଲି ଯାଇଥିଲେ। ହାତୀପଲ ପ୍ରାୟ ୨୦ କିମି ରାସ୍ତା ରାତିରେ ଅତିକ୍ରମ କରିଥିବା ବନ କର୍ମଚାରୀମାନେ କହିଛନ୍ତି। ରାତିରେ ଆସିଲା ସମୟରେ ବାଦିବାହାଲ ଗ୍ରାମର ଆମ୍ବଚାଷୀ ଋଷଭ ଧରୁଆଙ୍କ ବଗିଚାର ତାରଜାଲି ପାଚେରି ମାଡି ବଗିଚାରେ ପଶିଥିଲେ । ବଗିଚାର କେତେକ ଗଛର ଡାଳ ଭାଙ୍ଗି ଦେଇଥିବାରୁ ଆମ୍ବ କ୍ଷତିଗ୍ରସ୍ତ ହୋଇଛି।

# ଯୁବକଙ୍କ ଗଳିତ ମୃତଦେହ ଜବତ

ବଲାଙ୍ଗୀର,୧୬।୪ (ବୀରେନ୍ଦ୍ର କୁମାର ଝାଙ୍କର)



ସ୍ୱେଚ୍ଛାସେବୀମାନେ ପିପିଇ କିଟ୍ ପିନ୍ଧି ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରୁଛନ୍ତି।

- ଅନାହାର ମୃତ୍ୟୁ ଅଭିଯୋଗ ଆଣିଲେ ସ୍ୱେଚ୍ଛାସେବୀ
- ପିପିଇ କିଟ୍ ପିନ୍ଧି ମୃତଦେହ ବାହାର କଲେ ସ୍ୱେଚ୍ଛାସେବୀ ସଙ୍ଗଠନ

ବଲାଙ୍ଗୀର ରେଲୱେ ଷ୍ଟେଶନ-ଖୁଜେନପାଲି-ସାଲେପାଲି ରାସ୍ତା ମଠଖାଇ ଛକ ନିକଟ ଏକ ପରିତ୍ୟକ୍ତ ଘରୁ ଜଣେ ଅସହାୟ ଯୁବକଙ୍କ ଗଳିତ ମୃତଦେହ ମଙ୍ଗଳବାର ଜବତ କରାଯାଇଛି। ଯୁବକ ଜଣକ ଅନାହାରରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ପ୍ରାୟ ୪/୫ ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲେ ମଧ୍ୟ ଦୁର୍ଗନ୍ଧ ବାହାରିବାରୁ ମଙ୍ଗଳବାର ଘଟଣା ଲୋକଲୋଚନକୁ ଆସିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତ ଯୁବକ ସାଲେପାଲି ନିବାସୀ ଗଣେଶ ବେହେରା (୨୭)ବୋଲି ଜଣାପଡିଛି। ପୂର୍ବରୁ ତାଙ୍କର ମା'ଙ୍କ ମୃତ୍ୟୁ ହୋଇସାରିଛି। ବାପା ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ଗଣେଶ ଦିନ ମଜୁରିଆଭାବେ କାମ କରୁଥିଲେ। ତେବେ ଅସୁସ୍ଥ ହୋଇପଡିବାରୁ ସେହି ପରିତ୍ୟକ୍ତ ଘରେ ପଡିରହିଥିଲେ। ପ୍ରାୟ ୨୦ ଦିନ ଧରି କିଛି ଖାଇବାକୁ ନ ପାଇ ସେ ଆହୁରି ଅସୁସ୍ଥ ହୋଇପଡିଥିଲେ। ଗତ ଏପ୍ରିଲ ୪ତାରିଖରେ ପରିତ୍ୟକ୍ତ ଘରେ ନିର୍ବସ୍ତ୍ର ପଡି ରହିଥିବା ଏହି ଯୁବକଙ୍କୁ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ କିଛି ଦିନ ଚିକିତ୍ସିତ ହେବା ପରେ ସେଠାରୁ ପୁଣି ସେଇ ଘରକୁ ଚାଲି ଆସିଥିବା କୁହାଯାଉଛି। ଖବର ପାଇ ପୋଲିସ ଟିମ୍ ଓ ମାଜିଷ୍ଟ୍ରେଟ ତଥା ତହସିଲଦାର ସୁନୀଲ ମେହେର ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଗଳିତ ହୋଇଯାଇଥିବାରୁ ଉଦ୍ଧାର ପାଇଁ ପୋଲିସ ଅଧିକାରୀ ପୌର ପ୍ରଶାସନର ସହାୟତା ଲୋଡିଥିଲେ। ତେବେ ପୌର କର୍ମଚାରୀ ଘଟଣାସ୍ଥଳକୁ ଆସିଥିଲେ ହେଁ ମୃତଦେହ ଉଦ୍ଧାର ନ କରିବାରୁ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ପିପିଇ କିଟ୍ ପିନ୍ଧି ମୃତଦେହ ଉଦ୍ଧାର କରିଥିଲେ। ସଙ୍ଗଠନର ସ୍ୱେଚ୍ଛାସେବୀ ସୁମିତ ମିଶ୍ର, ରବୀନ୍ଦ୍ର ପ୍ରଧାନ ଓ ଲିଙ୍କନ ସେଠ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ଶ୍ୱେତା ସାହୁ ଓ ଚିନ୍ମୟୀ ବୀର ଗଳିତ ମୃତଦେହକୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି

ଖପ୍ରାଖୋଲ,୧୬।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ମନ୍ଦିର ଝରଣା କୂଳରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା ସବ୍ କମିଟି ସଭାପତି ବିପ୍ର ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସବ୍‌କମିଟି ସଦସ୍ୟ, ସେବାୟତମାନେ ଯୋଗଦେଇଥିଲେ। ଆଗାମୀ ମେଳା ସମୟରେ ସାଧାରଣ ନିର୍ବାଚନ ଥିବାରୁ ମେଳା କିପରି ଶାନ୍ତିଶୃଙ୍ଖଳା ସହିତ ହୋଇପାରିବ, ପରମ୍ପରା ଓ ସଂସ୍କୃତି ବଞ୍ଚି ରହିବ ସେନେଇ ଆଲୋଚନା ହୋଇଥିଲା। ଗତବର୍ଷ ଦେବୋତ୍ତର କଲୋନୀ ଓ ପ୍ରଶାସନର ଉଦ୍ୟମରେ ମେଳା ୫ଦିନ ଆୟୋଜିତ ହୋଇଥିଲା। ପାଞ୍ଚଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢ଼ ଆଦି ପ୍ରଦର୍ଶିତ ହୋଇଥିଲା। ହେଲେ ନିର୍ବାଚନ ପାଇଁ ଚଳିତବର୍ଷ ଏହା ୩ଦିନିଆ କରିବା ସହିତ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କିଭଳି ଆୟୋଜିତ ହୋଇପାରିବ ତାହା ଉପରେ ଆଲେଚନା ହୋଇଥିଲା। ଏଥିସହ ବିଭିନ୍ନ ଜାତି, ଗୋଷ୍ଠୀ ଓ ସଙ୍ଗଠନ ମାଗଣା ଅନ୍ନ ଭୋଗ ବଣ୍ଟନ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରୁଥିବାରୁ ପ୍ରଶାସନ ତୁରନ୍ତ ବିଭିନ୍ନ ଦିଗକୁ ଦୃଷ୍ଟି ଦେଇ ଦେବୋତ୍ତର କମିଟି, ପରିଚାଳନା ସବ୍ କମିଟି, ସେବାୟତ, ବିଭିନ୍ନ ଜାତି, ଗୋଷ୍ଠୀ, ସ୍ଥାନୀୟ ଦୋକାନୀ, ହରିଶଙ୍କର ପ୍ରେମୀ, ସମସ୍ତ ସରକାରୀ ବିଭାଗକୁ ନେଇ ପ୍ରସ୍ତୁତି ବୈଠକ କରିବାକୁ ପାଟଣାଗଡ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜଣାଇବାକୁ ଆଲୋଚନା ହୋଇଥିଲା। ବୈଠକରେ ହରିଶଙ୍କର ମନ୍ଦିର ପୂଜକ ନରସିଂହ ପୂଝାରୀ, ସବ କମିଟି ସଦସ୍ୟ ରୋହିତ ମେହେର, ଅଭୟ ତ୍ରିପାଠୀ, ଶଶି ପୂଝାରୀ, ସୁଶିଲ କୁମାର ଗୁରୁ, ସରୋଜ ପାଣିଗ୍ରାହୀ, ଟିକେଶ୍ୱର ଧରୁଆ, ଶତ୍ରୁଘ୍ନ ନାଏକ, ସଦାନନ ଭୋଇ, ପ୍ରହଲ୍ଲାଦ ଚାନ୍ଦ, କ୍ଷମାନିଧି ଭୋଇ, ଚକ୍ର ଦାସ, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ବୈଶାଖ ଚତୁର୍ଦ୍ଦଶୀ ମେଳା ମେ ୨୨ ତାରିଖରେ ହେବ।

## ନଦୀକୂଳିଆ ଗାଁରେ ମିଳୁନି ପିଇବା ପାଣି



ଧାନଘରାର ଏକ ନଳକୂପ ପାଖରେ ମହିଳାମାନେ ଲାଇନ ଲଗାଇଛନ୍ତି।

ଗୁଡଭେଲା,୧୬।୪(ମନୋଜ କୁମାର ଜୈନ)

ତେଲ ନଦୀକୂଳେ ଗାଁ। ହେଲେ ପିଇବା ପାଣି ପାଇଁ ଆଉଟପାଉଟ ହେଉଛନ୍ତି ବଲାଙ୍ଗୀର ଜିଲା ତୁଷୁରା ଏନଏସିର ୧୧ ନମ୍ବର ୱାର୍ଡ ଅନ୍ତର୍ଗତ ଧାନଘରା ଗ୍ରାମର ତଳିପଡା ବାସିନ୍ଦା । ଗାଁକୁ ପାଇପ ଯୋଗେ ଜଳଯୋଗାଣ ହେଉଥିଲେ ବି ଗତ ପ୍ରାୟ ୧ମାସ ହେଲା ତଳିପଡା ବାସୀଙ୍କ ପାଇଁ ଏହା ଉପଲବ୍ଧ ହେଉନି ବୋଲି ଗ୍ରାମର ଭୂମିସୂତା, ବିରବତୀ ପ୍ରଧାନୀ, ପ୍ରମିଳା ରଣା ଆଦି ମହିଳାମାନେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ସେମାନେ ଦୁଇ କିଲୋମିଟର ଦୂର ଯାଇ ପାଣି ସଂଗ୍ରହ କରୁଥିବା କହିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଜଳଯୋଗାଣ ଠିକ ଚାଲିଥିବା କହିଛନ୍ତି। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଧାନଘରାବାସୀ ଅନୁରୋଧ କରିଛନ୍ତି।

## ବିଜେଡି କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ଟୁକୁନୀ ସାହୁ ବକ୍ତବ୍ୟ ରଖୁଛନ୍ତି।

ଟିଟିଲାଗଡ଼,୧୬।୪(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବିଜେଡି କାର୍ଯ୍ୟାଳୟ ପରିସରରେ ସଇଁତଳା ବ୍ଲକ ଅଞ୍ଚଳର ନେତାକର୍ମୀଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟକ ପ୍ରାର୍ଥିନୀ ଟୁକୁନୀ ସାହୁ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା ନେଇ ଲୋକଙ୍କ ପାଖକୁ ଯିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସଭାରେ ଦଳୀୟ ପର୍ଯ୍ୟବେକ୍ଷକ ଲୋଟସ ଷଡ଼ଙ୍ଗୀ, ମନ୍ତ୍ରୀଙ୍କ ସଇଁତଳା ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ବ୍ଲକ ସଭାପତି ଟୁନୁ ରାଜପାଲିଆ, ତୁଳସୀ ସାହୁ, ରାଜେଶ ପ୍ରଧାନ, ଜ୍ଞାନରଞ୍ଜନ ସରାଫ, ଦିଲୀପ ରାଜପାଲିଆ, ସଇଁତଳା ସରପଞ୍ଚ ସୁବ୍ରତ ନାଗ, ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଢ଼େକ, ବରିଷ୍ଠ ନେତା ଅଖିଳେଶର ରଣା, ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡୁଙ୍ଗୁରିପାଲି ପାକ୍ସ ସଭାପତି ଲକ୍ଷେଶର ସାହୁ, ବ୍ରହ୍ମା ରଣା, ଭାଜପା ନେତା ସୋମନାଥ ନାଏକ, ଦୀପପାଲ ବର୍ଗର୍ତ୍ତି, ଆଦିବାସୀ ନେତା ତ୍ରିନାଥ ମାଝି, ବରିଷ୍ଠ କଂଗ୍ରେସ ନେତା ହିଜକ୍ଷ ନାଗ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ।

## ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



ବାହାରି ଥିବା କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁ।

ଖପ୍ରାଖୋଲ,୧୬।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ ଅନ୍ତର୍ଗତ ବୁଢ଼ିବାହାଲ ଗାଁରେ ଶ୍ରୀରାମ ନବମୀ ଅବସରରେ ହେବାକୁ ଥିବା ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାମ ସଙ୍କୀର୍ତ୍ତନ, ଘଣ୍ଟ ଘଣ୍ଟାର ତାନେତାନେ ଗାଁ ପୋଖରୀରୁ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଆଣି ପ୍ରହରୀ ମଣ୍ଡପରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଗାଁ ଉତ୍ସବ ମୁଖର ହୋଇ ଉଠୁଥିଲା। ବୁଧବାର ନାମ ଆରମ୍ଭ ହେବ। ପୂଜାକର୍ତ୍ତାଭାବେ ହର୍ଷରାମ ଖର୍ସେଲ ସପତ୍ନିକ କାର୍ଯ୍ୟ ସମ୍ପାଦନ କରୁଛନ୍ତି।

# ବୌଦ୍ଧରୁ ମହାରାଷ୍ଟ୍ରକୁ ଚୋରା ଗଞ୍ଜେଇ ଚାଲାଣ

**ସୋନପୁର,୧୬।୪(ମୃତ୍ୟୁଞ୍ଜୟ ଶତପଥୀ)**



ଗିରଫ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ କଣ୍ଟେନର।

■ଧଉରାଖମନରେ ଅବକାରୀ ବିଭାଗର ଚଢ଼ାଉ, ୨ ଗିରଫ
■କଣ୍ଟେନର, ୯୦ କିଲୋ ଗଞ୍ଜେଇ ଜବତ

ସୁବର୍ଣ୍ଣପୁର ଜିଲା ସୋନପୁର-ବିନିକା ରାସ୍ତାର ଧଉରାଖମନ ଛକରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ାଉ ହୋଇଥିଲା। ମହାରାଷ୍ଟ୍ରକୁ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ୨ ଯୁବକଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଗୋଟିଏ କଣ୍ଟେନର ଓ ୯୦ କିଲୋ ଗଞ୍ଜେଇ ଜବତ ହୋଇଛି। ଏ ସମ୍ପର୍କରେ ଅବକାରୀ ବିଭାଗର ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ମହାରାଷ୍ଟ୍ରର ନାଗପୁର ଜିଲା ସକରଦରା ଥାନା ପ୍ଲଟ ନଂ. ୩୦ ଉମରେଡ ରୋଡ ଅଞ୍ଚଳର ଜୁବେଦ ଖାନ୍(୩୬) ଓ ଉମରେଡ ରୋଡର ବିଶ ବାବା ଦରବାର ଅଞ୍ଚଳର ସାଜିଦ୍ ଅଲି(୩୭)ଙ୍କୁ ଗିରଫ କରାଯାଇଛି। ଉଭୟ ଏକ କଣ୍ଟେନର ନଂ.ଏମଏଚ୪୮ ସିବି- ୬୭୪୦ରେ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ଅବକାରୀ ବିଭାଗର କର୍ମଚାରୀମାନେ କଣ୍ଟେନରକୁ ଅଟକ ରଖି ସନ୍ଦେହରେ ତନଖି କରିବା ସମୟରେ ଭିତରୁ ଗଞ୍ଜେଇ ମିଳିଥିଲା। ଅଭିଯୁକ୍ତଦ୍ୱୟ ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳରୁ ଗଞ୍ଜେଇ କିଣି ମହାରାଷ୍ଟ୍ରକୁ ଚୋରାଚାଲାଣ କରୁଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ ସୁବର୍ଣ୍ଣପୁର ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ ଇନିସପେକ୍ଟର ହରପ୍ରସାଦ ରଣା, ସୋନପୁର ରେଞ୍ଜ ଇନିସପେକ୍ଟର ପ୍ରକାଶ ସା, ସବ୍‌ଇନିସପେକ୍ଟର ଶାନ୍ତନୁ କୁମାର ପଟ୍ଟନାୟକ, ସୁମିତ୍ରା ହେମ୍ବ୍ରମ୍, ବଳବୀର ଗଡନାୟକ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ। ପୂର୍ବରୁ ବୌଦ୍ଧ ଜିଲାରୁ ବିଭିନ୍ନ ଅଞ୍ଚଳକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଜଣାପଡ଼ିଥିବାବେଳେ ଏବେ ବୌଦ୍ଧରୁ ମହାରାଷ୍ଟ୍ରକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଧରାପଡ଼ିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ବୌଦ୍ଧରୁ ଦେଶର ବିଭିନ୍ନ ଅଞ୍ଚଳକୁ ଗଞ୍ଜେଇ ଚୋରା ଚାଲାଣ ହେଉଛି।

# ଭାଜପାର ବୁଥ୍ ବିଜୟୀ ଅଭିଯାନ କାର୍ଯ୍ୟକ୍ରମ

**ବୌଦ୍ଧ,୧୬।୪(ଅଜିତ କୁମାର ବାରିକ)**




ବୁଥ ଅଭିଯାନ କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା ଓ ପ୍ରାର୍ଥୀ।

**ବୌଦ୍ଧ ନିର୍ବାଚନମଣ୍ଡଳୀ**

ଆଗାମୀ ସାଧରଣ ନିର୍ବାଚନ ପାଇଁ ବୌଦ୍ଧରେ ତିନି ପ୍ରମୁଖ ରାଜନୈତିକ ଦଳ ଭାଜପା, କଂଗ୍ରେସ ଓ ବିଜେଡି ପକ୍ଷରୁ ପ୍ରଚାର ଜୋରଦାର କରିବା ସହ ଏଥର ବୌଦ୍ଧରେ କଡ ଟକ୍କର ହେବାକୁ ଯାଉଛି। ତିନି ପ୍ରମୁଖ ରାଜନୈତିକ ଦଳଗୁଡିକ ପକ୍ଷରୁ ପ୍ରଚାର ଜୋରଦାର ଆରମ୍ଭ କରାଯାଇଛି। ବିଜେଡି ପକ୍ଷରୁ ମଙ୍ଗଳବାର ବୌଦ୍ଧରେ ବିଧାୟକ ପ୍ରାର୍ଥୀ ପ୍ରଦିପ କୁମାର ଅମାତ ସହରର ୮ ନମ୍ବର ୱାର୍ଡରେ ଘରକୁ ଘରକୁ ବୁଲି ପ୍ରଚାର କରୁଥିବା ବେଳେ ଭାଜପା ପକ୍ଷରୁ ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତ ଅନ୍ତର୍ଗତ ନାଏକପଡ ହାଟପଦାଠାରେ ବୁଥ ବିଜୟୀ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥି ଯୋଗଦେଇଥିବା ବେଳେ କନ୍ଧମାଳ ଲୋକସଭା ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ, ବୌଦ୍ଧ ବିଧାନସଭା ପ୍ରାର୍ଥ ସରୋଜ କୁମାର ପ୍ରଧାନ, ଲୋକସଭା ପ୍ରଭାରୀ ନିରଞ୍ଜନ ମିଶ୍ର, ଲୋକସଭା ବିସ୍ତାରକ ଅଭିମନ୍ୟୁ ସାହୁ, ବିଧାନସଭା ସଂଯୋଜକ ଯୁଗଳ କିଶୋର ସାମଲ, ବିଧାନସଭା ପ୍ରଭାରୀ ରାକେଶ ତ୍ରିପାଠୀ, ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ପ୍ରତି ବୁଥରେ ଦଳ ଯେପରି ଅଧିକରୁ ଅଧିକ ଭୋଟ ପାଇବା ସହ ବିଜୟୀ ହେବ ସେ ନେଇ ବରିଷ୍ଠ କର୍ମକର୍ତ୍ତା ଗୁରୁମନ୍ତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ନିର୍ବାଚନ ମଣ୍ଡଳୀର ହରଭଙ୍ଗା ବ୍ଲକର ୨୨ଟି ଓ ବୌଦ୍ଧ ବ୍ଲକର ୧୧ଟି ପଞ୍ଚାୟତର ୧୯୪ଟି ବୁଥର ସଭାପତି, ମଣ୍ଡଳ ସଭାପତି, ପ୍ରଭାରୀ ଓ ବହୁ ସଂଖ୍ୟାରେ କର୍ମକର୍ତ୍ତା ସାମିଲ ଥିଲେ। ଶେଷରେ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ସଂକଳ୍ପ ନେଇଥିଲେ।

# ବିଶିମୁଣ୍ଡାରେ ବିଜୁ ଯୁବ, ଛାତ୍ର ସମାବେଶ



ମନ୍ତ୍ରୀ ନିରଞ୍ଜନ ପୂଜାରୀ ଭାଜପା ନେତାଙ୍କୁ ଦଳରେ ସ୍ୱାଗତ କରୁଛନ୍ତି।

**ସୋନପୁର,୧୬।୪(ମୃତ୍ୟୁଞ୍ଜୟ ଶତପଥୀ)**

**ବିଜେଡିରେ ଯୋଗଦେଲେ ଭାଜପାର ପ୍ରାକ୍ତନ ମଣ୍ଡଳ ସଭାପତି**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ବିଶିମୁଣ୍ଡା ଖେଳ ପଡ଼ିଆରେ ବିଜୁ ଯୁବ ଓ ଛାତ୍ର ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ଓ ଯୁବ ସମାଜ ଦେଶର ଭବିଷ୍ୟତ। ନବୀନ ସରକାର ଯୁବତୀଯୁବକ ଓ ଛାତ୍ରୀଛାତ୍ରଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। କ୍ରୀଡା ଭିତ୍ତିଭୂମିର ଉନ୍ନତି ସହ କଲେଜ ଗୁଡିକର ରୂପାନ୍ତରଣ କରାଯାଇଛି। ଆଗାମୀ ଦିନରେ ରାଜ୍ୟର ବିକାଶ ପାଇଁ ସେମାନେ ବିନ୍ଧାଣି ସାଜିବେ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ଏହି ଅବସରରେ ନବୀନଙ୍କୁ କ୍ରମାଗତ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରି ଦେଶରେ ରେକର୍ଡ କରିବା ଦିଗରେ ସହଯୋଗ କରିବାକୁ ସେ ଉପସ୍ଥିତ ନେତୃବୃନ୍ଦ ଓ ଯୁବଛାତ୍ରଙ୍କୁ ଅନୁରୋଧ କରିଥିଲେ। ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ସମାବେଶରେ ଯୋଗଦେଇ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଦଳୀୟ ସମର୍ଥକଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଭାଜପାର ପ୍ରାକ୍ତନ ଲଛିପୁର ମଣ୍ଡଳ ସଭାପତି ତଥା ଜିଲା ପରିଷଦ ପ୍ରାର୍ଥୀ ସୁନାଶିର ତରିଆ ବିଜେଡିରେ ଯୋଗଦାନ କରିଥିଲେ। ତାଙ୍କୁ ସୋନପୁର ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ପୂଜାରୀ ଦଳରେ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ବରିଷ୍ଠ ନେତା ଅଭିମନ୍ୟୁ କୁଶଳ, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ମଧୁସୂଦନ ମିଶ୍ର, କରମଚାନ୍ଦ ମହାନ୍ତି, ଆନନ୍ଦ ବିହାରୀ ଶତପଥୀ, ଶଙ୍କର ପ୍ରସାଦ ସା, ପ୍ରମୋଦ ଧରୁଆ, ରାଜ ସୁନା, ଯୁବ ବିଜେଡି ଜିଲା ସଭାପତି ଅଶୋକ କୁମାର ନନ୍ଦ, ଛାତ୍ର ବିଜେଡି ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର ପ୍ରମୁଖ ଦଳୀୟ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।

# ଫଲଶାଗୋରାରେ ଭାଜପାର ପ୍ରସ୍ତୁତି ବୈଠକ

**ଖୁଣ୍ଟିଗୋରା,୧୬।୪(ମକରନ୍ଦ ସାହୁ)**

କନ୍ଧମାଳ ନିର୍ବାଚନ ମଣ୍ଡଳୀର ଫଲଶାଗୋରା ବାଲଯୋରିରେ ଭାଜପାର ପ୍ରସ୍ତୁତି ବୈଠକ ହୋଇଯାଇଛି। ବୈଠକରେ ବିଧାୟକ ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ, ସାଂସଦ ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ସତପଥି, ବରିଷ୍ଠ ଭାଜପା ନେତା ଶେଷ କୁମାର ମେହେର, ଲୋକସଭା ପ୍ରଭାରୀ ନିରଞ୍ଜନ ମିଶ୍ର, ବିଧାନସଭା ପ୍ରଭାରୀ ପ୍ରେମାନନ୍ଦ ମିଶ୍ର,୪ ନମ୍ବର ଜୋନ ଜିଲା ପରିଷଦ ରାକେଶ ତ୍ରିପାଠୀ ମଞ୍ଚାସୀନ ଥିଲେ। ସଭାରେ କେନ୍ଦ୍ରମନ୍ତ୍ରୀଙ୍କ କନ୍ଧମାଳ ଗସ୍ତକୁ ସଫଳ କରିବା ନେଇ ଆଲୋଚନା ହେବା ସହିତ ଉଭୟ ଲୋକସଭା ଓ ବିଧାନସଭା କେମିତି ବିଜୟ ହେବ ସେ ନେଇ ଆଲୋଚନା ହୋଇଥିଲା। ସଭାରେ ୨ ନମ୍ବର ଜୋନ ମଣ୍ଡଳ ସଭାପତି ଅନିଲ ପଧାନ, ୧ ନମ୍ବର ଜୋନ ମଣ୍ଡଳ ସଭାପତି ପିନାକଧର ରଣା, ଖଲିଆପାଲି ସମିତିସଭ୍ୟ କେଦାର ସାହୁ, ଯୁବନେତା ଓମ ପ୍ରକାଶ ମିଶ୍ର, ମୁନା ମିଶ୍ର, ଶଙ୍କର୍ଷଣ ସାହୁ, ନବିନ ମହାପାତ୍ର, ରୁଣ୍ଡିମହୁଲ ଗ୍ରାମ ପଞ୍ଚାୟତର ସରପଞ୍ଚ ପଞ୍ଚାନନ ସାହୁ, ସାନ୍ତନୁଆର୍ଟି ୩ନମ୍ବର ଜୋନ ପୂର୍ବତନ ଜିଲା ପରିଷଦ, ରାମ ତାଣ୍ଡି, ଯଦୁବିହାରୀ ବାଘ, ପ୍ରଦୀପ ସାହୁଙ୍କ ସହ ଅନେକ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଆମ୍ବେଡ଼କରଙ୍କ ମାର୍ଗ ଅନୁସରଣ ଲାଗି ଆହ୍ୱାନ

**ଡୁଙ୍ଗୁରିପାଲି,୧୬।୪(ଦୀନବନ୍ଧୁ ସୁନା)**

**ଆମ୍ବେଡ଼କର ଜୟନ୍ତୀ ପାଳିତ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବସଷ୍ଟାଣ୍ଡ ନିକଟରେ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଛି। ଚଉତୁରା ଦୀପଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୋପାଳ ବାରିକ, ବଦ୍ରୀନାରାୟଣ ପାଣ୍ଡିଆ, ସମାଜସେବୀ ବିପ୍ରଚରଣ ସାହୁ,ଏସଆଇ ଟଙ୍କଧର ଛତ୍ରିଆ, ମହାଦେବ ଗଡତିଆ, ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଯୋଗେନ୍ଦ୍ର ଭୋଇ, ଏଏସଆଇ ଏକାମ୍ର ନାହକ, ଏଏସଆଇ ମୋହନ ବରିହା, ବୀରେନ୍ଦ୍ର ଦଣ୍ଡସେନା, ମନୋହର ଦୀପ, ଜିଲା ଆଦିବାସୀ ସଂଘ ସମ୍ପାଦକ ଲମ୍ବୋଧର ଧରୁଆ, ସହସମ୍ପାଦକ ନରୋତ୍ତମ ଆଡ଼ବାଙ୍କ ଯୋଗ ଦେଇଥିଲେ। ଡୁଙ୍ଗୁରିପାଲି ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ କିଶୋର ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଥମେ ଅତିଥି ବୃନ୍ଦ ବାବାସାହେବ ଡ.ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସଭା କାର୍ଯ୍ୟ ପରିଚାଳନା ଦୀନବନ୍ଧୁ ସୁନା କରିଥିଲେ। କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମୁଖ୍ୟବକ୍ତା ପ୍ରାଧ୍ୟାପକ ମେହେର କହିଥିଲେ ଯେ, ଆମ୍ବେଡ଼କର ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଦର୍ଶନ, ଶିକ୍ଷାରୁ ଆମେ ବାସ୍ତବ ଜୀବନରେ କାର୍ଯ୍ୟରେ ଲଗାଇବାକୁ ପ୍ରୟାସ କରିବା ଉଚିତ। ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୃଢ ଇଚ୍ଛାଶକ୍ତି ଏବଂ ସାମର୍ଥ୍ୟ ବଳରେ ଯେକୌଣସି ବ୍ୟକ୍ତି ସଫଳତାର ଶୀର୍ଷକୁ ପହଞ୍ଚି ପାରିବ। ଆମ୍ବେଡ଼କରଙ୍କ ଜୀବନୀରୁ ଏହା ଆମକୁ ଶିକ୍ଷା ମିଳେ। ଆମ୍ବେଡକରଙ୍କ ବହୁମୁଖୀ ପ୍ରତିଭା ଏବଂ ଘଟଣା ବହୁଳ ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁକରଣ କରିବା। ସମସ୍ତେ ସାମାଜିକ ନ୍ୟାୟ ପ୍ରତି ଅଙ୍ଗିକାର ହେବାକୁ ଆହ୍ବାନ କରିଥିଲେ। ସଭାକୁ ସୁରେନ୍ଦ୍ର ହରିପାଳ ସଂଯୋଜନା କରିଥିଲେ। ସୁନିଲ କୁମ୍ଭାର, ଭରଦ୍ୱାଜ ଦୀପ, ହିମାଂଶୁ ସୁନା, ମହେଶ୍ୱର ସୁନା, ପଦ୍ମନାଭ ବାଗ, ଖରିତ ରବୀନ୍ଦ୍ର କୁମ୍ଭାର, ଧର୍ମେନ୍ଦ୍ର ହରିପାଳ, ଜିତୁ ସୁନା, ସୁଦାମ ସୁନା, ଫକୀର ସୁନା, ସୁଦର୍ଶନ ସୁନା, ମହୀପାଲ ଦୀପ, ବିଦ୍ୟା ତାଣ୍ଡି, ଗରିବ ବାଗ, ସନତ ନାଗ, ପ୍ରେମାନନ୍ଦ ସୁନା, ମନୋଜ ସୁନା, ରାଜେନ୍ଦ୍ର ନାଗ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ଅଭିରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ଓ ଅନ୍ୟ ଅତିଥି ।

# ଅମରପାଲିକୁ ହରାଇ ଘଣ୍ଟପାଲି ଚାମ୍ପିୟନ

**ଅମରପାଲି,୧୬।୪(ପୀତାମ୍ବର ସାହୁ)**

**ଦ୍ୱିତୀୟ ଅମରପାଲି ଫ୍ଲଡ ଲାଇଟ କ୍ରିକେଟ କପ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ହେଉଥିବା ଦ୍ୱିତୀୟ ଅମରପାଲି ଫ୍ଲଡ ଲାଇଟ କ୍ରିକେଟ କପର ଫାଇନାଲରେ ଆୟୋଜକ ଅମରପାଲିକୁ ହରାଇ ଘଣ୍ଟପାଲି ଚାମ୍ପିୟନ ହୋଇଛି। ପ୍ରଥମ ସେମି ଫାଇନାଲ ମ୍ୟାଚ କୋଟସମଲାଇ ଓ ଘଣ୍ଟପାଲି ମଧ୍ୟରେ ହୋଇଥିଲା। ଏଥିରେ ଘଣ୍ଟପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ଓଭରରେ ୭୦ ରନ କରିଥିବାବେଳେ କୋଟସମଲାଇ ଦଳ ୫୦ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅମରପାଲି ଓ ବହଲପଦର ମଧ୍ୟରେ ହୋଇଥିଲା। ଏଥିରେ ଅମରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ଓଭରରେ ୮୯ ରନ କରିଥିବା ବେଳେ ବହଲପଦର ଦଳ ୪୮ ରନ କରି ପରାସ୍ତ ହୋଇଥିଲା। ପ୍ରଥମ ସେମି ଫାଇନାଲର ବିଜେତା ଘଣ୍ଟପାଲି ଓ ଦ୍ୱିତୀୟ ସେମି ଫାଇନାଲର ବିଜେତା ଅମରପାଲି ମଧ୍ୟରେ ଫାଇନାଲ ମ୍ୟାଚ ଖେଳ ହୋଇଥିଲା। ଏଥିରେ ଅମରପାଲି ଦଳ ନିର୍ଦ୍ଧାରିତ ୬ ଓଭରରେ ୪୯ ରନ କରିଥିବା ବେଳେ ଘଣ୍ଟପାଲି ଦଳ ଆବଶ୍ୟକ ୫୦ ରନକୁ ୫.୫ ଓଭରରେ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ଜୟପ୍ରକାଶ ସାହୁ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଘଣ୍ଟପାଲି ଦଳକୁ ନଗଦ ୭ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅଫ ଅମରପାଲି ଦଳକୁ ନଗଦ ୪ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରିଥିଲେ। ମ୍ୟାଚ ଗୁଡିକରେ ମୁକେଶ ସେଠ, ଡେନି ଗୋପାଳ ମାଝୀ, ଦିଲ୍ଲୀପ ପ୍ରଧାନ, ସୁମନ ସାହୁ, ସମ୍ବିତ ମାଝୀ, ଶ୍ରୀତମ ପ୍ରଧାନ, ରିତିକ ସାହୁ ଓ ଜଗବନ୍ଧୁ ସେଠୀ ଅମ୍ପାୟାର,ନିତମ ରଞ୍ଜନ ପ୍ରଧାନ ସ୍କୋରିଂ ଏବଂ ଅମିତ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ଘଣ୍ଟପାଲି ଦଳର ଖେଳାଳି।

# ଆଜିଠୁ ବୌଦ୍ଧର ଗଣପର୍ବ ରାମଲୀଳା ଯାତ୍ରା

**ବୌଦ୍ଧ,୧୬।୪(ଅଜିତ କୁମାର ବାରିକ)**

ବୌଦ୍ଧର ଗଣପର୍ବ ରାମଲୀଳା ଯାତ୍ରା ମହୋତ୍ସବ ବୁଧବାର ଠାରୁ ଆରମ୍ଭ ହେବ। ଏଥିପାଇଁ ବୌଦ୍ଧର ଅଗ୍ରଣୀ ଅନୁଷ୍ଠାନ ଶ୍ରୀଶ୍ରୀ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ଯାତ୍ରାକୁ ଧୁମଧାମରେ କରିବାକୁ ନାଟ୍ୟ ସଂସଦ ପକ୍ଷରୁ ପ୍ରସ୍ତୁତି ଚଳାଇଥିବା ବେଳେ ଏଥର ସାଧାରଣ ନିର୍ବାଚନ ପାଇଁ କିଛି କଟକଣା ହୋଇପାରେ ବୋଲି ମଧ୍ୟ ଚର୍ଚ୍ଚା ଜୋରଧରିଛି। ମଙ୍ଗଳବାର ପ୍ରଶାସନ ପକ୍ଷରୁ ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ କରିବାକୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରୀରାମଲୀଳା ଯାତ୍ରା ମହୋତ୍ସବ ସମୟରେ ପାରମ୍ପରିକ ରିତିନିତିରେ ପୂଜାର୍ଚ୍ଚନା, ମହାନଦୀରୁ ୧୦୮ କଳସ ଶୋଭାଯାତ୍ରା, ଅନୁଷ୍ଠାନର ସଦସ୍ୟମାନଙ୍କ ବ୍ରତଧାରଣ, ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ, ଶ୍ରୀରାମଲୀଳା ପୁରାଣ ପ୍ରକାରେ ନାଟକ ସବୁ ମଞ୍ଚସ୍ଥ ହେବ। ରାମଲୀଳା ଯାତ୍ରର ଅନ୍ତିମ ଦିନରେ ରାମରାବଣ ସମର ଶୋଭାଯାତ୍ରା ଯାତ୍ରାକୁ ବହୁ ଆକର୍ଷଣ କରିଥାଏ । ବିଭିନ୍ନ ପଞ୍ଚାୟତରୁ ୧୦ ଟି ରାବଣ ରଥ ଓ ଶ୍ରୀରାମଙ୍କ ରଥ ସହର ପରିକ୍ରମା କରିବ। ଷ୍ଟାଡିୟମ ପଡିଆଠାରେ ଦୁଇ ସେନା ମଧ୍ୟରେ ସମ୍ମୁଖ ଯୁଦ୍ଧ ସହ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ ଯୋଗୁଁ ପୁରା ସହର କମ୍ପିଉଠିଥାଏ। ଶ୍ରୀରାମ ନବମୀ ବୌଦ୍ଧରେ ଏକ ଭାଇଚାରାର ବାତାବରଣ ସୃଷ୍ଟି କରିଥାଏ। ରାମନବମୀ ଦିନ ସହରର ସମସ୍ତ ମାଛ, ମାଂସ ବଜାର ବନ୍ଦ ରହିବା ସହିତ ସହରବାସୀ ଶ୍ରୀରାମଙ୍କ ଆଗମନ ଯୋଗୁ ସନ୍ଧ୍ୟା ସମୟରେ ସମସ୍ତଙ୍କ ଘର ସମ୍ମୁଖରେ କଳସ ସ୍ଥାପନ କରି ଦ୍ୱୀପ ପ୍ରଜ୍ୱଳନ କରିଥାନ୍ତି। ଏହି ଅବସରରେ ବାଣିଜ୍ୟ ମେଳା ଓ ମୀନାବଜାର ଓ ବିଭିନ୍ନ ସୁସ୍ୱାଦ୍ୟ ଖାଦ୍ୟ ଷ୍ଟଲ ମଧ୍ୟ ଖୋଲାଯାଇଛି।

## ରାମଲୀଳା ଯାତ୍ରା ନେଇ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ

**ବୌଦ୍ଧ, ୧୬।୪(ଅଜିତ କୁମାର ବାରିକ)**



ଶାନ୍ତିକମିଟି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ବୌଦ୍ଧ ଜିଲାର ଗଣପର୍ବ ରାମଲୀଳା ଯାତ୍ରା ବୁଧବାର ଠାରୁ ଆରମ୍ଭ ହେବାକୁ ଥିବା ବେଳେ ଏନେଇ ଜିଲା ପ୍ରଶାସନ ପକ୍ଷରୁ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ ମଙ୍ଗଳବାର ଏକ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପବିତ୍ର ଶ୍ରୀରାମଲୀଳା ଯାତ୍ରା ସଫଳତା ପାଇଁ ସମସ୍ତ ଜନସାଧାରଣ, ସମସ୍ତ ସମ୍ପ୍ରଦାୟଙ୍କ ସହଯୋଗ କାମନା କରିଥିଲେ ଜିଲାପାଳ। ଏଥିସହ ଗଣ୍ଡଗୋଳ ସୃଷ୍ଟି କରୁଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ପ୍ରତି ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦେଇଥିଲେ। ବୌଦ୍ଧ ଏକ ଶାନ୍ତିପୂର୍ଣ୍ଣ ଜିଲା ହୋଇଥିବାରୁ ପବିତ୍ର ଶ୍ରୀରାମଲୀଳା ଯାତ୍ରାରେ କୌଣସି ପ୍ରକାର ଅସୁବିଧା ହେବ ନାହିଁ ବୋଲି କହିଥିଲେ । ଏଥିସହିତ ସମସ୍ତ କମିଟି ନିଜ ନିଜ ସ୍ତରରେ ବୈଠକ କରି କେମିତି ଶାନ୍ତିପୂର୍ଣ୍ଣ ଭାବେ ଏହି ଯାତ୍ରା ସମ୍ପାଦିତ ହେବ ସେଥିପାଇଁ ନିଜନିଜ ସମ୍ପ୍ରଦାୟରେ ଯୁବଗୋଷ୍ଠୀଙ୍କୁ ମଧ ସାମିଲ କରି ନିଜ ନିଜ ସ୍ତରରେ ବୈଠକ ଡାକିବା ପାଇଁ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଆହ୍ୱାନ କରିଥିଲେ। କୌଣସି ଛୋଟ ସମସ୍ୟା ହେଲେ ଆଇନକୁ ହାତକୁ ନ ନେଇ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନକୁ ଜଣାଇବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନମୋହନ ପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ ସମେତ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର କର୍ମକର୍ତ୍ତା ଯୋଗଦେଇଥିଲେ।

## ସଂକ୍ଷେପରେ

### ଛୁରାମାଡ଼ରେ ଗୁରୁତର ଯୁବକ ମୃତ

**ରାଉରକେଲା, ୧୬।୪ (ସଙ୍ଗୀତା ଜେନା):** ସୋମବାର ରାତିରେ ସେକ୍ଟର-୭ ଥାନା ଅଞ୍ଚଳରେ ଘଟିଥିବା ଛୁରାମାଡ଼ ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଯୁବକଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତକ ହେଲେ ଲଲାଟ କେଶରୀ ମହାପାତ୍ର(୫୨)। ଏନେଇ ପୋଲିସ ମାମଲା ନଂ. ୮୦/୨୪ ରୁଜୁ କରି ଘଟଣାର ତଦନ୍ତ କରୁଛି। ଛୁରାମାଡ କରିଥିବା ଦୁର୍ବୃତ୍ତଙ୍କ ପତ୍ତା ବର୍ତ୍ତମାନ ପର୍ଯ୍ୟନ୍ତ ମିଳି ନ ଥିବା ଜୋନ-୧ ଡିଏସପି ପୁଷ୍ପାରାଣୀ ନିନଗୀ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଲଲାଟ ସ୍କୁଟି ଯୋଗେ ସେକ୍ଟର-୪ ମାର୍କେଟକୁ ଯାଇଥିଲେ। ସେକ୍ଟର ଅରବିନ୍ଦ ସ୍କୁଲ ନିକଟରେ ତାଙ୍କୁ ଛୁରାମାଡ଼ ହୋଇଥିବା ଫୋନ୍ ଯୋଗେ ଭଉଣୀଙ୍କୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଭଉଣୀ ଓ ଅନ୍ୟ ମାନେ ପହଞ୍ଚି ପ୍ରଥମେ ଆଇଜିଏଚ୍ ଓ ପରେ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ବୃତ୍ତ ଏକ ଧାରୁଆ ଛୁରୀରେ ବେକକୁ କାଟି ଦେଇଥିବା ଜଣାପଡିଛି। ଅପରପକ୍ଷରେ, ଛୁରାମାଡ ସ୍ଥଳରେ ମଙ୍ଗଳବାର ସକାଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ସମ୍ଭବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଲେ ଶ୍ରମମନ୍ତ୍ରୀ

**ରାଉରକେଲା, ୧୬।୪ (ସଙ୍ଗୀତା ଜେନା):** ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଉପଲକ୍ଷେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ଭବ ପକ୍ଷରୁ କୋଏଲନଗର ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ଶ୍ରମ ଓ ଇଏସ୍ ଆଇସି ମନ୍ତ୍ରୀ ଶାରଦା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଆଇନଜୀବୀ ଆରତୀ ଚୌଧୁରୀ, ସଭାପତି ପଦ୍ମିନୀ ଦାସ, ସମ୍ପାଦକ ସୁବ୍ରତ ମହାନ୍ତି, ଉମା ନାୟକ, ମନୋଜ ଷଡ଼ଙ୍ଗୀ, ଜବା ମାଝି ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଅନୁଷ୍ଠାନର କନିଷ୍ଠ ସଦସ୍ୟା ଶ୍ରୁତିସମ୍ଭବା ଦାସ, ଶ୍ୱେତଲିନା ନାୟକ ଓ ଅନ୍ୟମାନେ ପଥାଚାରୀଙ୍କୁ ପଣା ସରବତ୍ ବଣ୍ଟନ କରିଥିଲେ।

### ପୋଲିଂ ଅଧିକାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ

**ରାଉରକେଲା, ୧୬।୪ (ବିପ୍ଳବ ରଞ୍ଜନ ଦାଶ/ ଦିନେଶ ମିଶ୍ର):** ନିର୍ବାଚନ ପାଇଁ ଜିଲା ପ୍ରଶାସନ ତରଫରୁ ମଙ୍ଗଳବାର ପୋଲିଂ ଏବଂ ପ୍ରିଜାଇଡିଂ ଅଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ରାଜ୍ୟରେ ହେବାକୁ ଥିବା ବିଧାନସଭା ଏବଂ ଲୋକସଭା ନିର୍ବାଚନ-୨୦୨୪ରେ ମତଦାନ ପ୍ରକ୍ରିୟା ସରଳ ଓ ତ୍ରୁଟି ଶୂନ୍ୟ କରିବା ପାଇଁ ନିଯୁକ୍ତ ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ରାଉରକେଲାର ମ୍ୟୁନିସିପାଲ କଲେଜରେ ମଙ୍ଗଳବାର ୬୩୦ପୋଲିଂ ଏବଂ ପ୍ରଜାଇଡିଂ ଅଧିକାରୀଙ୍କୁ ମତଦାନ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ରାଉରକେଲା, ବିରମିତ୍ରପୁର ଓ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ପୋଲିଂ ଅଧିକାରୀଙ୍କୁ ମାଷ୍ଟର ଟ୍ରେନରମାନେ ଇଭିଏମ, ଭିଭିପାଟ ବ୍ୟବହାର, ନିର୍ବାଚନ ସମୟରେ ପୋଲିଂ ଅଧିକାରୀଙ୍କ ପ୍ରମୁଖ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀ ଓ ପାନପୋଷ ଉପ-ଜିଲାପାଳ ବିଜୟ ନାୟକ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରି ପ୍ରଶିକ୍ଷଣ କାର୍ଯ୍ୟ ନିରୀକ୍ଷଣ କରିଥିଲେ।

# ରକ୍ଷଣାବେକ୍ଷଣ ଅଭାବରୁ ପାମ୍, ଶୋ ଗଛ ନଷ୍ଟ

**ରାଉରକେଲା, ୧୬।୪ (ଦିନେଶ ମିଶ୍ର)**

- ଅସନ୍ତୋଷ ପ୍ରକାଶ କଲେ ପ୍ରକୃତିପ୍ରେମୀ
- ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି

ରାଉରକେଲା ସହରକୁ ସବୁଜ ଓ ସୁନ୍ଦର କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚାଲିଛି ବହୁ ଉନ୍ନତି ମୂଳକ କାର୍ଯ୍ୟ। ସହରର ସୌନ୍ଦର୍ଯ୍ୟୀକରଣ ପାଇଁ କେଉଁଠି ପାର୍କ ତିଆରି କରାଯାଉଛି,ତ ଆଉ କେଉଁଠି ରାସ୍ତାକଡ ଡିଭାଇଡର ମଝିରେ ଲକ୍ଷାଧିକ ଟଙ୍କା ବିନିଯୋଗ କରାଯାଇ ପାମ୍ ଓ ବିଭିନ୍ନ ସୋ ଗଛ ଲଗାଯାଉଛି। ହେଲେ ରକ୍ଷଣବେକ୍ଷଣ ଅଭାବ ଯୋଗୁ ଗଛ ଗୁଡିକ ନଷ୍ଟ ହୋଇଯାଉଥିବା ଦେଖିବାକୁ ମିଳୁଛି। ଏଭଳି ଦୃଶ୍ୟ ରାଉରକେଲା ରେଲୱେ କଲୋନୀରୁ ନେଇ ବିଏସ୍‌ନାଲ ଛକକୁ ସଂଯୋଗ କରୁଥିବା ରାସ୍ତା, କୋଏଲନଗର, ଉଦିତନଗର ମୁଖ୍ୟରାସ୍ତାରେ ଦେଖିବାକୁ ମିଳିଛି। ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ରେଲୱେ କଲୋନୀରୁ ବିଏସ୍‌ନାଲ ଛକ ଦେଇ କୋଣାର୍କ ହଲରିଙ୍ଗରୋଡକୁ ସଂଯୋଗ କରୁଥିବା ରାସ୍ତାଟି ୨୦୧୯ରେ ଶେଷ ହୋଇଥିଲା। ଏହି ରାସ୍ତାର ପ୍ରଶସ୍ତୀକରଣ ସାଙ୍ଗକୁ ହକି ବିଶ୍ୱକପ୍ ସମୟରେ ଡିଭାଇଡର ମଝିରେ ଆରଏମ୍‌ସି ପକ୍ଷରୁ ପ୍ରାୟ ୧୨ଶହରୁ ଊର୍ଦ୍ଧ୍ୱ ପାମ୍ ଓ ସୋଗଛ ଲଗା ଯାଇଥିଲା। ପ୍ରତି ୨ଦିନରେ ଥରେ ଆର୍‌ଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ପାଣିଗାଡି ଆସି ପାଣି ଦେବା ସାଙ୍ଗକୁ ଏହାର ଯତ୍ନ ନେଉଥିଲା। ମାତ୍ର ହକି ବିଶ୍ୱକପ ଶେଷ ହେବା ପରେ ସ୍ଥାନୀୟ ଆରଏମ୍‌ସି ପ୍ରଶାସନ ଏହାର ରକ୍ଷଣବେକ୍ଷଣ ନ ନେବାରୁ ଏଠାରେ ଲାଗିଥିବା ଅଧିକାଂଶ ଗଛ ଗୁଡିକ ନଷ୍ଟ ହୋଇଯାଇଛି। ଗଛ ଗୁଡିକ ପାଇଁ କୌଣସି ବ୍ୟାରିକେଟ ବ୍ୟବସ୍ଥା ହୋଇ ନ ଥିବାରୁ ସ୍ଥାନୀୟ ବୁଲାପଶୁ ମାନେ ଏହି ଗଛକୁ ନଷ୍ଟ କରି ଦେଇଥିବାବେଳେ ଆଉ କିଛି ପାଣି ନ ପାଇ ଝାଉଁଳି ମରିଯାଇଛି। ବର୍ତ୍ତମାନ ସ୍ଥିତିରେ ଏହି ରାସ୍ତାରେ ଲାଗିଥିବା ସମସ୍ତ ପାମ୍ ଓ ସୋ ଗଛ ନଷ୍ଟ ହୋଇଯାଇଛି। ସେହିଭଳି କୋଏଲନଗର ମୁଖ୍ୟ ରାସ୍ତାରେ ଲାଗିଥିବା ଗଛ ଗୁଡିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାବେଳେ ଏହି ରାସ୍ତାକୁ ସବୁଜ କରିବା ପାଇଁ ପ୍ରାୟ ୭ଶହ ସୋ ଗଛ ସହିତ ଡିଭାଇଡର ମଝିରେ ପାମଗଛ ଲଗାଯାଇଥିଲା। ଏହି ଗଛ ଗୁଡିକର ମଧ୍ୟ ସମାନ ପରିସ୍ଥିତି। ରକ୍ଷଣାବେକ୍ଷଣା ଅଭାବରୁ କାଳକ୍ରମେ ଏହି ଗଛ ଗୁଡିକ ମଧ୍ୟ ଉକ୍ତ ରାସ୍ତାରୁ ଲୋପ ପାଇ ଯାଇଥିଲା। ଏହି ସ୍ଥାନରେ ଲାଗିଥିବା ସୋ ଗଛ ଗୁଡିକରେ ଦୂରତା ଠିକ ନ ଥିବାବେଳେ ଏହା ମୂଳରେ ପାଣିଦେବା ପାଇଁ ସେହିଭଳି କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ରାଉରକେଲା ଉଦିତନଗରୁ ପାନପୋଷ ଦେଇ ଯାଇଥିବା ମୁଖ୍ୟ ରାସ୍ତା ଡିଭାଇଡର ମଝିରେ ୧୭ଶହରୁ ଊର୍ଦ୍ଧ୍ୱ ସୋଗଛ ଲାଗିଥିବାବେଳେ ଏହା ମଧ୍ୟ ରକ୍ଷଣବେକ୍ଷଣ ଅଭାବରୁ ନଷ୍ଟ ହୋଇଯାଇଛି। ଏହି ଗଛ ଗୁଡିକ ଅଧିକାଂଶ ପାଣି ନ ପାଇ ପତ୍ର ଝାଉଁଳି ଥୁଣ୍ଟା ହୋଇ ପଡି ରହିଥିବାବେଳେ ଆଉ କିଛି ଗଛ ସମ୍ପୂର୍ଣ୍ଣ କ୍ଷୟ ହୋଇଯାଇଛି। ସୂଚନାଯୋଗ୍ୟ, ଏହି ଗଛ ଗୁଡିକୁ ଲଗାଇବା ପାଇଁ କଲିକତାର ଏକ ଠିକା ସଂସ୍ଥା ଦାୟିତ୍ୱ ନେଇଥିବାବେଳେ ଏହାର ରକ୍ଷଣବେକ୍ଷଣ ଦାୟିତ୍ୱ ଆରଏମ୍‌ସିକୁ ଦିଆଯାଇଥିଲା। ମାତ୍ର ଠିକା ସଂସ୍ଥା ଉକ୍ତ ଗଛ ଗୁଡିକ ବାବଦକୁ ଲକ୍ଷାଧିକ ଟଙ୍କା ନେଇଥିବାବେଳେ ବର୍ତ୍ତମାନ ଏକାଧିକ ସୋଗଛ ନଷ୍ଟ ହୋଇଯିବାରୁ ବହୁ ପ୍ରକୃତିପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଆରଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ, ସହରକୁ ସୌନ୍ଦର୍ଯ୍ୟ ଓ ସବୁଜ କରିବା ପାଇଁ ଲାଗଥିବା ଗଛ ଗୁଡିକର ସ୍ଥିତି ବିଷୟରେ ମୋ ପାଖରେ ସେହିଭଳି କୌଣସି ବିଶେଷ ତଥ୍ୟ ନାହିଁ । ବର୍ତ୍ତମାନ ନୂତନ ଭାବେ ଆରଏମସିରେ ଦାୟିତ୍ୱ ଭାର ନେଇଛି। ଏହି ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇ ଯଥାଶୀଘ୍ର ଉଚିତ ପଦକ୍ଷେପ ନେବେ ବୋଲି ଉପଆୟୁକ୍ତ ନାୟକ ମତ ପ୍ରକାଶ କରିଥିଲେ।



ଡିଭାଇଡର ମଝିରେ ଥିବା ଗଛ ଟି ଝାଉଁଳି ପଡିଛି।



ମହିଳା ଓ ଛୋଟ ପିଲାମାନେ ବଙ୍ଗଳା ନୂତନ ବର୍ଷ ପାଳନ କରୁଛନ୍ତି।

# ବଙ୍ଗାଳୀ ସମ୍ପ୍ରଦାୟ ପାଳିଲେ ପୋଇଲା ବୈଶାଖ

**ରାଉରକେଲା/ବନ୍ଧମୁଣ୍ଡା, ୧୬।୪ (ସଙ୍ଗୀତା ଜେନା/ସୁବ୍ରତ ଦେ)**

ରେଲବାଇ କଲୋନିସ୍ଥିତ ବଙ୍ଗାଳୀ ସଙ୍ଗଠନର ସଦସ୍ୟଙ୍କ ଦ୍ୱାରା ରବିବାର ସନ୍ଧ୍ୟାରେ ସ୍ଥାନୀୟ ରେଲବାଇ ଇନ୍‌ଷ୍ଟିଚ୍ୟୁଟରେ ବଙ୍ଗଳା ନୂତନ ବର୍ଷ ପାଳନ କରାଯାଇଛି। ଏଥିରେ ବଙ୍ଗାଳୀ ସମ୍ପ୍ରଦାୟର ମହିଳା, ପୁରୁଷ ଏବଂ ଛୋଟ ପିଲା ଆକର୍ଷଣୀୟ ନୃତ୍ୟ, ଗୀତ ଏବଂ କବିତା ପ୍ରଦର୍ଶନ କରି କାର୍ଯ୍ୟକ୍ରମରେ ଉପସ୍ଥିତ ଦର୍ଶକଙ୍କୁ ଆକର୍ଷିତ କରିଥିଲେ। କଳାକାରମାନେ ରବିନ୍ଦ୍ର ସଂଗୀତ, ନଜରୁଲ ଗୀତି, ବଙ୍ଗାଳୀ ଲୋକନୃତ୍ୟ ସହିତ ବଙ୍ଗୀୟ ଚଳଚ୍ଚିତ୍ରର ମନଛୁଆଁ ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନର ସକ୍ରିୟ ସଦସ୍ୟ ରତନ ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସଂଗଠନର ପ୍ରଦୀପ ମଣ୍ଡଳ କହିଛନ୍ତି, ଓଡ଼ିଶାର ମାଟିରେ ବଙ୍ଗୀୟ ଲୋକଙ୍କ ଭିଡ଼ ଦେଖି ମନରେ ବହୁତ ଖୁସି ଅନୁଭବ ହୁଏ। ସମଗ୍ର ଦେଶରେ ବଙ୍ଗଳା ଏକ ପ୍ରଚଳିତ ଭାଷା । ବଙ୍ଗୀୟମାନେ ଯେଉଁଠି ରୁହନ୍ତି, ସେମାନେ ସେମାନଙ୍କର ସଂସ୍କୃତି ଏବଂ ଭାଷାକୁ ଜୀବନ୍ତ ରଖିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରନ୍ତି। ତେଣୁ ନୂଆ ବର୍ଷ ଅବସରରେ ଆମ ସମସ୍ତଙ୍କୁ ଏକ ଶପଥ ନେବାକୁ ପଡ଼ିବ ଯେ ଆମେ ଏକାଠି ହୋଇ ଆମର ଭାଷା ଏବଂ ସଂସ୍କୃତିକୁ ଅମର ରଖିବୁ। କାର୍ଯ୍ୟକ୍ରମରେ ପ୍ରଦୀପ ମଣ୍ଡଳ, ପ୍ରଦୀପ ପାଲ, ବରୁଣ ଜେନା, ରତନ ପଣ୍ଡା, ଧୀମାନ ହାଲଦାର, ଅରୁଣ ଜେନା, ମାନସ ଚୌଧୁରୀ, ପାର୍ଥୋ ଦାସ, ଜୟା ଜେନା, ଶିଲ୍ପା ସାମନ୍ତ, ଶୁକ୍ଳା ପାଲ, ତନୁଶ୍ରୀ ବୋଷ, ଦୁର୍ଗା ମାଇତୀ, ନୀତୁ ଚୌଧୁରୀ, ଦୀପିକା ସାମନ୍ତ, ମଧୁମିତା ହାଲଦାର, ରୁମ୍ପା ସେନାପତି, ଆଶା ସାମନ୍ତ, ସୁସ୍ମିତା ଦତ୍ତ, ମୋନିକା ଜେନା, ରିଙ୍କୁ ପାଲ, ମିତାଲି ସାମନ୍ତଙ୍କ ସମେତ ଶତାଧିକ ବଙ୍ଗଳା ଭାଷୀ ଉପସ୍ଥିତ ଥିଲେ।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ରାଉରକେଲା, ୧୬।୪ (ସଙ୍ଗୀତା ଜେନା)**

- ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା ମାମଲା

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଦାଣ୍ଡିଆପାଲୀ ଅଞ୍ଚଳରେ ଗୁଣିଗାରେଡ଼ିକୁ ନେଇ ଘଟିଥିବା ଡବଲ ମର୍ଡର ଘଟଣାର ଅଭିଯୁକ୍ତ ଗତ ୧୦ ତାରିଖରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ସୋମବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଏଡିଜେ ମନୋଜ କୁମାର କେସ୍ ନଂ.୧୨୭/୧୫ର ଅଭିଯୁକ୍ତ ରାଜୁ ପାନାଙ୍କୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ୧ ବର୍ଷ ଅଧିକ ଜେଲଦଣ୍ଡ ପାଇଁ ସେ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଗୁଣିଗାରେଡ଼ି ନିରୋଧ ଆଇନ ଅବମାନନାରେ ୩ ବର୍ଷ ଜେଲଦଣ୍ଡ ଓ ଅନାଦାୟରେ ଅତିରିକ୍ତ ୩ମାସ ଜେଲଦଣ୍ଡ ଶୁଣାଣି ହୋଇଛି। ମାମଲା ଅନୁଯାୟୀ, ଦାଣ୍ଡିଆପାଲୀ ଅଞ୍ଚଳରେ ପୁନିଆ ପାନା ଓ କାଳିଆ ପାନା ବୃଦ୍ଧ ଦମ୍ପତି ରହୁଥିଲେ। ସମାନ ଅଞ୍ଚଳରେ ରହୁଥିବା ରାଜୁ ପାନା ୪/୫ ଦିନ ହେବ ଜ୍ୱରରେ ପୀଡ଼ିତ ଥିଲେ। ବୃଦ୍ଧ ଦମ୍ପତି ରାଜୁଙ୍କୁ ଗୁଣିଗାରେଡି କରୁଥିବା ସନ୍ଦେହ କରୁଥିଲେ। ୨୦୧୫ ଜୁନ୍ ୭ ଅପରାହ୍ନରେ ବୃଦ୍ଧ ଦମ୍ପତି ଘର ଅଗଣାରେ ଶୋଇଥିବା ବେଳେ ରାଜୁ ଏକ କୁରାଢ଼ିରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଗୁଣିଗାରେଡି ନିରୋଧ ଆଇନ ଓ ୩୦୨ ଦଫାରେ ମାମଲା ରୁଜୁ କରି ରାଜୁଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ କୈଳାସ ପ୍ରଧାନ କେସ୍ ପରିଚାଳନା କରିଥିଲେ।

# ଜୋର୍‌ଦାର ହେବ ତ୍ରିମୁଖୀ ଲଢ଼େଇ



ଦିଲୀପଙ୍କ ସହ ଦଳୀୟ ନେତା କର୍ମୀ ଓ ତାଙ୍କ ସମର୍ଥକ।

**ରାଉରକେଲା, ୧୬।୪ (ବିପ୍ଳବ ରଞ୍ଜନ ଦାଶ)**

- ବିଧାୟକ ପ୍ରାର୍ଥୀଭାବେ ଦିଲୀପଙ୍କ ନାଁ ଘୋଷଣାକଲା ଭାଜପା
- ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀ

ରାଉରକେଲା ବିଧାନସଭା ଆସନ ପାଇଁ ଭାଜପା ମଙ୍ଗଳବାର ବିଧାୟକ ପ୍ରାର୍ଥୀ ଭାବେ ଦିଲୀପ ରାୟଙ୍କ ନାଁ ଘୋଷଣା କରିଛି। ଏନେଇ ଭାଜପା କର୍ମୀ ଓ ଦିଲୀପଙ୍କ ସମର୍ଥକଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ଯାହା ଆଗକୁ ରାଉରକେଲା ବିଧାନସଭା ଆସନରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢେଇ ଜୋର୍‌ଦାର ହେବା ସାବ୍ୟସ୍ତ କରୁଛି। ଦିଲୀପ ପ୍ରାର୍ଥୀ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ଶାହାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଉରକେଲା ସହରବାସୀଙ୍କ ଅପାର ସ୍ନେହ, ମମତା, ସହରବାସୀଙ୍କ ଅଧୁରା ସ୍ୱପ୍ନ ସାକାର ନିମନ୍ତେ ନିର୍ବାଚନ ଲଢ଼ିବେ ବୋଲି ଦିଲୀପ କହିଛନ୍ତି। ଏଥିସହ ବ୍ରାହ୍ମଣୀ ବ୍ରିଜ୍, ସୁପର ସ୍ପେଶାଲିଟି ହସ୍ପିଟାଲ, ବିମାନବନ୍ଦର ଓ ସ୍ମାର୍ଟ ସିଟି ଉପରେ ନିଜସ୍ୱ ମତପୋଷଣ କରିବା ସହିତ ଜନମତ ମିଳିଲେ ସର୍ବପ୍ରଥମେ ରାଉରକେଲା ଆର୍‌ଏମ୍‌ସି ନିର୍ବାଚନ ଉପରେ ପ୍ରାଥମିକତା ଦେବା ସହିତ ସହରର ସର୍ବାଙ୍ଗୀନ ବିକାଶ ନିମନ୍ତେ ଦୃଢ଼ ପ୍ରତିବଦ୍ଧ ରହିବି ବୋଲି ଦିଲୀପ କହିଥିଲେ।

# ଚୈତ୍ର ଛଟ୍ ପୂଜା ସମ୍ପନ୍ନ

**ରାଉରକେଲା, ୧୬।୪ (ସଙ୍ଗୀତା ଜେନା)**

ଉତ୍ତର ଭାରତୀୟଙ୍କ ପର୍ବ ଦ୍ୱିତୀୟ ଛଟ୍‌ପୂଜା ବା ଚୈତ୍ର ଛଟ୍ ପୂଜା ସୋମବାର ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ରାଉରକେଲା ନିକଟରେ ପ୍ରବାହିତ କୋଏଲ ନଦୀ କୂଳ ତଥା ବିଭିନ୍ନ ଜଳାଶୟ ନିକଟରେ ବ୍ରତୀମାନେ ଅସ୍ତାଚଳଗାମୀ ଓ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ଶୁକ୍ରବାର ନହାୟ ଖାଏ, ଶନିବାର ଖରନା ଓ ରବିବାର ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଓ ସୋମବାର ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ବାଲୁଘାଟ, ବାସନ୍ତୀ କଲୋନି, କୋଏଲ ନଦୀର ବିଭିନ୍ନ ଘାଟରେ ଏହି ପର୍ବ ପାଳନ କରାଯାଇଥିଲା। ବ୍ରତୀ ମାନେ ୩୬ ଘଣ୍ଟା ଉପବାସ ରହି ଏହି ପୂଜା କରିଥିଲେ।



ଛଟ୍ ପୂଜାରେ ମହିଳାମାନେ ଅର୍ଘ୍ୟ ଦେଉଛନ୍ତି।

## ସିଡବ୍ଲ୍ୟୁଏସ୍ ହସ୍ପିଟାଲରେ ମକ୍‌ଡ୍ରିଲ

**ରାଉରକେଲା, ୧୬।୪ (ସଙ୍ଗୀତା ଜେନା)**

ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ଜଗଦା ସ୍ଥିତ ସିଡବ୍ଲ୍ୟୁଏସ୍ ହସ୍ପିଟାଲ୍‌ରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଛି। ଆସିଷ୍ଟାଣ୍ଟ ଫାୟାର ଅଫିସର୍ ସଂଗ୍ରାମ ହାଁସଦା, ହାବିଲଦାର ଚୂଡାମଣି ପିଙ୍ଗ୍, ଗଞ୍ଜୁ କିଷାନ୍, କେଦାର ଭୋଇ, ଅଶୋକ ବେହେରା ସମେତ ଅନ୍ୟମାନେ ହସ୍ପିଟାଲ କର୍ତ୍ତୃପକ୍ଷ ଓ ରୋଗୀଙ୍କୁ ଅଗ୍ନିକାଣ୍ଡ ଘଟିଲେ ବିଭିନ୍ନ ପରିସ୍ଥିତିରେ ଆକଳନ କରି କୌଶଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏଲ୍‌ପିଜି ଓ ଅଗ୍ନିନିର୍ବାପକ ଯନ୍ତ୍ରର ବ୍ୟବହାର ପ୍ରଦର୍ଶନ କରାଯାଇଥିଲା।

# ଆତଙ୍କ ଖେଳାଉଛନ୍ତି ୧୯ ଟିକିଆ ହାତୀପଲ

**ବିଶ୍ରା, ୧୬।୪ (ବଟକୃଷ୍ଣ ସ୍ୱାଇଁ)**

ସୁନ୍ଦରଗଡ଼ ଜିଲା ସୀମାନ୍ତ ବିଶ୍ରା ବନାଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧିପାଇଛି। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପ୍ରକାଶ ଯେ, ଜିଲା ସୀମାନ୍ତ ଓଡ଼ିଶା ଝାରଖଣ୍ଡ ସରଣ୍ଡା ଜଙ୍ଗଲରେ ୧୯ ଟିକିଆ ହାତୀ ପଲ ରହୁଛନ୍ତି। ରାତି ହେଲେ ଗାଁରେ ପଶି ଘର ଭାଙ୍ଗିବା ସହ ଧନ ଜୀବନ ନଷ୍ଟ କରୁଛନ୍ତି। ରବିବାର ରାତି ପ୍ରାୟ ୮ଟାରେ ବିଶ୍ରା ବନାଞ୍ଚଳ ମହିପଣି ଗ୍ରାମ ନକିଟ ଜଙ୍ଗଲରେ ୧୯ ହାତୀ ଗ୍ରାମକୁ ପଶି ଧାନ ଫସଲ ନଷ୍ଟ କରି ଦେଇଛନ୍ତି। ବନ ବିଭାଗ କର୍ମଚାରୀ ହାତୀ ଘଉଡାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ହାତୀ କିପରି ଭାବେ ଗ୍ରାମକୁ ଯାଇ ପାରିବେ ନାହିଁ ବନ ବିଭାଗ କର୍ମଚାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗର ଅଧିକାରୀମାନେ କହିଛନ୍ତି।

# ବାସନ୍ତୀ ପାଠାଗାରରେ ଶିଶୁ ସାହିତ୍ୟ ଆସର

**ରାଉରକେଲା, ୧୬।୪ (ବିପ୍ଳବ ରଞ୍ଜନ ଦାଶ)**



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ।

ଶିଶୁମାନଙ୍କ ଭିତରେ ଓଡିଆ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ତଥା ସେମାନଙ୍କ ବ୍ୟକ୍ତିତ୍ୱର ବିକାଶ ଉଦ୍ଦେଶ୍ୟରେ ବାସନ୍ତୀ ପାଠାଗାର ସଭାଗୃହରେ ଏକ ଶିଶୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଉଦିତ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ଗାୟତ୍ରୀ ସେଠୀ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସାହିତ୍ୟ ଆସରକୁ ୩ ପର୍ଯ୍ୟାୟରେ ବିଭକ୍ତ କରା ଯାଇଥିଲା। ପ୍ରଥମ ପର୍ଯ୍ୟାୟ ମୁକ୍ତମଞ୍ଚ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଶିଶୁ ମଞ୍ଚ ଉପରେ ୩ମିନିଟ୍ ନିଜ ପ୍ରତିଭା ମୁତାବକ ପ୍ରବନ୍ଧ,ଗପ,କବିତା, ମଜା କଥା ଆଦି ସାହିତ୍ୟର ଉପସ୍ଥାପନା ନିମନ୍ତେ ସୁଯୋଗ ପାଇଥିଲେ। ଉଦିତ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପି ପ୍ରିତିଶ୍ରୀ ପାତ୍ର, ଶୁଭସ୍ମିତା ବୟାରୀ, ଡିଏଭି ସ୍କୁଲର ଭାଗ୍ୟଶ୍ରୀ ପଣ୍ଡା ଗଳ୍ପପାଠ କରିଥିବା ବେଳେ,କବିତା ଆବୃତୀ ତଥା ସଙ୍ଗୀତରେ ଉଦିତ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଆଲିଷା ରାୟ, ସୌମଶ୍ରୀ ପାତ୍ର, ଡିଏଭିର କୌଶିକ ଦାସ, ସମୀକ୍ଷା ପାତ୍ର, ରାଜଶ୍ରୀ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛବି, ସାହତ୍ୟ ଦର୍ପଣ କାର୍ଯ୍ୟକ୍ରମରେ ଶିଶୁଙ୍କୁ ପ୍ରେଜେକ୍ଟର ମାଧ୍ୟମରେ ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ଖେମୁଣ୍ଡି ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିବନୀ ଉପସ୍ଥାପନା କରା ଯାଇଥିଲା। ତୃତୀୟ ପର୍ଯ୍ୟାୟରେ କଥାସାହିତ୍ୟ କାର୍ଯ୍ୟକ୍ରମ ମାଧମରେ ପିଲାମାନଙ୍କୁ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ବିଜୟିନୀ ଜେନା ବିଭିନ୍ନ ଶିକ୍ଷଣୀୟ କଥା ଗଳ୍ପ ମାଧମରେ କହିଲା ପରେ କିଛି ମୌଖିକ ପ୍ରଶ୍ନ ପିଲାଙ୍କୁ ପଚାରିଥିଲେ। ସଠିକ ଉତ୍ତର ଦେଇଥିବା ପିଲାଙ୍କୁ ପୁରସ୍କୃତ କରା ଯାଇଥିଲା। ଶେଷରେ କବିତା ଦାଶ ଧନ୍ୟବାଦ ଜ୍ଞାପନ କରିଥିଲେ।

## ସଂକ୍ଷେପରେ

### ପବ୍ଲିକ ଲାଇବ୍ରେରିରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ସମ୍ବଲପୁର,୧୬।୪(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷରେ ସମ୍ପାଦନା କମିଟିର ଏକ ଗୁରତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସମ୍ପ୍ରତି ଲାଇବ୍ରେରି ପକ୍ଷରୁ ଚାଲିଥିବା ଯୁବପ୍ରସ୍ତୁତି କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏହାକୁ ଆହୁରି ଲୋକାଭିମୁଖୀ କରି ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭାବେ ପ୍ରେରିତ କରିବାକୁ ଅଭିଭାବକ ଓ ଦକ୍ଷ ପ୍ରଶିକ୍ଷକଙ୍କ ସହଯୋଗ ପାଇଁ ଉଦ୍ୟମ କରିବାକୁ ସ୍ଥିର ହୋଇଛି । ତେଣୁ ଏପ୍ରିଲ ଓ ମେ ମାସରେ ୬ ସପ୍ତାହ ପାଇଁ ୧୨ଟି କ୍ଲାସର ଖସଡ଼ା ପ୍ରସ୍ତୁତ କରି ବୃତାନ୍ତ କରାଯାଇଛି । ସଭାରେ ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ଗିରିଧାରୀ ହୋତା, ଡ. ପ୍ରମୋଦ କୁମାର ପଣ୍ଡା, ଶିବ ଶଙ୍କର ଷଡଙ୍ଗୀ, ପ୍ରଫେସର ନିରୂପମା ବଡ଼ପଣ୍ଡା, ପ୍ରଫେସର ମୀନକେତନ ପାଠୀ, ଅରବିନ୍ଦ ମହାପାତ୍ର, ପୃଥ୍ୱୀରାଜ ମିଶ୍ର ଓ ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଷୋହଳପ୍ରହର ନାମଯଜ୍ଞ ଉଦ୍‌ଯାପିତ

ସମ୍ବଲପୁର,୧୬।୪ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡନଂ୧ ଜାମପାଲିଠାରେ ଷୋହଳପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିପିନ ବେହେରା ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ତବଡ଼ା, ଲଇଡା, ବନ୍ଦନାପାଲି ଓ ଗୋପାଳପାଲିର ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଅଂଶଗ୍ରହଣ କରିଥିଲେ। ନାମଯଜ୍ଞ ଆୟୋଜନରେ ସଭାପତି ଉମାକାନ୍ତ ମହନ୍ତମ, ସାଧାରଣ ସମ୍ପାଦକ ପ୍ରତାପ ଭୋଇ, କୋଷାଧ୍ୟକ୍ଷ ଅଶ୍ୱିନୀ ଭୋଇ, ସରୋଜ ଭୋଇ, ଅଶ୍ୱିନୀ ବର୍ଗର୍ତ୍ତି ଓ ଗଣେଶ ମହନ୍ତମ ପ୍ରମୁଖ ସହଯୋଗ କରିଥିଲେ।

### ପଶୁପକ୍ଷୀଙ୍କ ପାଇଁ ପାଣିକୁଣ୍ଡ ବ୍ୟବସ୍ଥା

ସମ୍ବଲପୁର,୧୬।୪ (ଭବାନୀ ଶଙ୍କର ଭୋଇ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏଭଳି ପରିସ୍ଥିତିରେ ସହରରେ ଆତଯାତ କରୁଥିବା ପଶୁପକ୍ଷୀ ପିଇବା ପାଣି ନ ପାଇ ଉହଳବିକଳ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ମା' ସମଲେଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପାଣିକୁଣ୍ଡ ବ୍ୟବସ୍ଥା କରାଯାଇଛି। ଅଇଁଠାପାଲି, ପାଞ୍ଚଗଛିଆ, ବରେଇପାଲିର ବିଭିନ୍ନ ସ୍ଥାନରେ ପାଣିକୁଣ୍ଡ ରଖାଯାଇଛି। ପ୍ରତିଦିନ କିପରି କୁଣ୍ଡରେ ପାଣି ଭର୍ତ୍ତିହୋଇ ରହିବ ସେ ନେଇ ସଦସ୍ୟମାନେ ଦାୟିତ୍ୱ ଗ୍ରହଣ କରିଥିବା କହିଛନ୍ତି। କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଦସ୍ୟ ନିଶିକାନ୍ତ ବିଶ୍ୱାଳ, ଆଶିଷ ସାହୁ, ଆଲୋକ ମହାକୁର, କାହ୍ନୁଚରଣ ଷଡଙ୍ଗୀ, ଦୀପିକା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଦେଶୀ ବନ୍ଧୁକ କାରଖାନା ଠାବ

**୨୨ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ, ୩ ଗିରଫ**

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର):

ସମ୍ବଲପୁର ଜିଲା ଜମନକିରା ଥାନା ଅନ୍ତର୍ଗତ ବାସୁପାଲି ଗ୍ରାମରେ ଚାଲୁଥିବା ଏକ ଦେଶୀ ବନ୍ଧୁକ କାରଖାନାକୁ ପୋଲିସ ମଙ୍ଗଳବାର ଠାବ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବାସୁପାଲିର ବିଦ୍ୟାଧର ପ୍ରଧାନ ଓରଫ ଇଲୋ (୫୬), ବଡରମାର ଗଣେଶ ସିଂ(୩୯) ଓ ଅରୁଣ ଭୋଇ(୨୨)। ଏମାନଙ୍କ ନିକଟରୁ ଗୋଟିଏ ଦୁଇନଳିଆ ବନ୍ଧୁକକୁ ମିଶାଇ ମୋଟ ୨୨ ବନ୍ଧୁକ, ୩ କାଠବଟ୍, ୪ ବନ୍ଧୁକ ନଳି ତିଆରି ମେଶିନ ଓ ଭାଇସ୍, ୬ ବୋତଲ ଗନ୍ ପାଉଡର, ୩ଶହଟି ଛର୍ରା, ଛୋଟ ଲୁହାବାଟି, ଅନ୍ୟାନ୍ୟ ବନ୍ଧୁକ ତିଆରି ସାମଗ୍ରୀ ସହିତ ୨ଟି ମୋବାଇଲ ଫୋନକୁ ପୋଲିସ ଜବତ କରିଛି। ଜିଲା ପୋଲିସ ମୁଖ୍ୟାଳୟରେ ମଧ୍ୟାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁସାରେ କୌଣସି ବିଶ୍ୱସ୍ତ ସୂତ୍ରରୁ ଜମନକିରା ଥାନା ଚିର୍ଗୁଣିଖୋଲ ଗ୍ରାମର ଗଣେଶ ସିଂ ଓ ଅରୁଣ ଭୋଇ ବେଆଇନ ଭାବେ ଦେଶୀ ବନ୍ଧୁକ ଗଚ୍ଛିତ ରଖିଥିବା ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା। ତଦନୁସାରେ ଜମନକିରା ପୋଲିସ ଉଭୟଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ବେଆଇନ ଭାବେ ଗଚ୍ଛିତ ଦେଶୀ ବନ୍ଧୁକ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ଉଭୟଙ୍କୁ ଗିରଫ କରିଥିଲା। ଥାନାରେ ଜେରା ବେଳେ ବାସୁପାଲିର ବିଦ୍ୟାଧର ପ୍ରଧାନ ଦେଶୀ ବନ୍ଧୁକ ତିଆରି କରି ସେମାନଙ୍କୁ ବିକ୍ରୟ କରିବାରେ ନିୟୋଜିତ କରୁଥିଲେ ବୋଲି ଉଭୟେ କହିଥିଲେ। ଉଭୟଙ୍କ ସୂଚନା ଅନୁସାରେ ପୋଲିସ ବାସୁପାଲିରେ ବିଦ୍ୟାଧରଙ୍କ ଘରେ ଚଢ଼ାଉ କରି ସେଠାରୁ ଦେଶୀ ବନ୍ଧୁକ ସହିତ ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଥିଲା। ବିଦ୍ୟାଧରଙ୍କୁ ପୋଲିସ ଗିରଫ କରି ପଚରାଉଚରା ପରେ ସେ ଏହାକୁ ସ୍ୱୀକାର କରିଥିବା କହିଛନ୍ତି। ଏହାବ୍ୟତୀତ ସେମାନଙ୍କର ମାଓବାଦୀ ସହ ସମ୍ପର୍କ ରହିଛି କି ନାହିଁ ବା ଏଭଳି ଦେଶୀ ବନ୍ଧୁକ କାହାକୁ ବିକ୍ରୟ କରିଛନ୍ତି ସେ ଦିଗରେ ତଦନ୍ତ ଚାଲିଛି ବୋଲି ଆରକ୍ଷୀ ଅଧୀକ୍ଷକ କହିଛନ୍ତି। ଏହାକୁ ନେଇ ଜମନକିରା ଥାନାରେ ଆଇପିସି ଦଫା ୩୪୧, ୩୫୩, ୩୦୭/୩୪ରେ ମାମଲା (ନଂ.୭୭/୨୦୨୪) ରୁଜୁ କରି ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।



ଗିରଫ ଅଭିଯୁକ୍ତ।


ଜବତ ଦେଶୀ ବନ୍ଧୁକ ଓ ବନ୍ଧୁକ ତିଆରି ସାମଗ୍ରୀ।

### ଭିସୁଟ୍‌ରେ ବୈଦ୍ୟୁତିକ ବିଭାଗର ବାର୍ଷିକ ଉତ୍ସବ ସ୍ପେକ୍ଟ୍ରମ୍

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର):

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଦ୍ୟୁତିକ ଓ ଅଭିବୈଦ୍ୟୁତିକ ବୈଷୟିକ ବିଭାଗର ବାର୍ଷିକ ଉତ୍ସବ ସ୍ପେକ୍ଟ୍ରମ୍-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବଂଶୀଧର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଇଂ ତରୁଣ ବଲ୍ଲଭ ମିଶ୍ର ଯୋଗଦେଇ ବିଦ୍ୟୁତ ବିତରଣ ବ୍ୟବସ୍ଥାରେ ଆର୍ଥିର ଆବଶ୍ୟକତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପରବର୍ତ୍ତୀ ଅଧିବେଶନରେ ଇଂ ଏସ୍.ଏମ୍. ଅଲ୍ଲୀ ଟେଲିମେଟ୍ରି ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏଥିରେ ବିଭାଗୀୟ ମୁଖ୍ୟ ଡ. ଶାନ୍ତି ବେହେରା, ବିଭାଗୀୟ ପରାମର୍ଶଦାତା ଇଂ ପ୍ରଶାନ୍ତ କୁମାର ପରିଡ଼ା, ବୈଦ୍ୟୁତିକ ସ୍କୁଲ ମୁଖ୍ୟ ଡ. ସିଦ୍ଧାର୍ଥ ପଣ୍ଡାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କ କରକମଳରେ ଗବେଷଣାତ୍ମକ ସନ୍ଦର୍ଭ ସଙ୍କଳନ ସ୍ମରଣିକା 'ସ୍ପେକ୍ଟ୍ରମ୍ କନେକ୍ଟ'ର ଦ୍ୱିତୀୟ ଭାଗ ଉନ୍ମୋଚିତ ହୋଇଥିଲା।

# ଦାୟିତ୍ୱ ନେବାକୁ ପ୍ରତିଶ୍ରୁତି ଦେଲେ ଧର୍ମେନ୍ଦ୍ର

**ହାଇକୋର୍ଟ ସ୍ଥାୟୀ ବେଞ୍ଚ, ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରସଙ୍ଗ**


ଓକିଲ ସଂଘ ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି ଧର୍ମେନ୍ଦ୍ର ପ୍ରଧାନ।

ସମ୍ବଲପୁର,୧୬।୪ (ଭବାନୀ ଶଙ୍କର ଭୋଇ)

କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁରର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଜିଲା ଓକିଲ ସଂଘ କାର୍ଯ୍ୟାଳୟ ପରିଦର୍ଶନ କରି ଓକିଲମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଅଞ୍ଚଳର ବିକାଶ ନେଇ ବରିଷ୍ଠ ଓକିଲମାନଙ୍କଠାରୁ ସେ ଉପାଦେୟ ପରାମର୍ଶ ଗ୍ରହଣ କରିଥିଲେ। ଆଲୋଚନା ସମୟରେ ଓକିଲସଂଘର ପୂର୍ବତନ ସଭାପତି ଡ. ପ୍ରମୋଦ ରଥ ହାଇକୋର୍ଟ ବେଞ୍ଚ୍ ଆନ୍ଦୋଳନକୁ ନେଇ ଓକିଲମାନଙ୍କ ନାମରେ ହୋଇଥିବା ମିଥ୍ୟା କେସ୍ ଉପରେ ଆଲୋକପାତ କରିଥିଲେ। ହାଇକୋର୍ଟ ବେଞ୍ଚ ଆନ୍ଦୋଳନକୁ ସମାପ୍ତ କରିଦେବା ପାଇଁ ଷଡଯନ୍ତ୍ର କରାଯାଇ ତୁମୂଳ କାଣ୍ଡ କରାଯାଇଥିବା ନେଇ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇବା ସହ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଓକିଲସଂଘ ପକ୍ଷରୁ କୋର୍ଟ ପରିସରରେ ଏକ ଆଇନ ପାଠାଗାର ନିର୍ମାଣ କରିବା ପାଇଁ ଅନୁରୋଧ କରାଯାଇଥିଲା। ପୂର୍ବତନ ଓକିଲସଂଘ ସଭାପତି ସୁରେଶ୍ୱର ମିଶ୍ର ସମ୍ବଲପୁରରେ ରାଞ୍ଚି ଭଳି କେନ୍ଦ୍ର ସରକାର ଆଇନ ଆଣି ହାଇକୋର୍ଟ ବେଞ୍ଚ ସ୍ଥାପନ କରିବାକୁ ଅନୁରୋଧ କରିଥିଲେ। ଏହାସହ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନ ଦେବା ଦିଗରେ ଦାୟିତ୍ୱ ନେବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଓ ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦିଗରେ ଆଗରୁ ସମର୍ଥନ ଜଣାଇଥିବା ବେଳେ ଆଗକୁ ମଧ୍ୟ ଏଥିପାଇଁ ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସମ୍ବଲପୁର କିପରି ଏକ ଅଗ୍ରଣୀ ଅଞ୍ଚଳରେ ପରିଣତ ହେବ ସେ ନେଇ ଆଗକୁ କାର୍ଯ୍ୟ କରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଜିଲା ସଭାପତି ଗିରିଶ ପଟେଲ, ସାଧାରଣ ସମ୍ପାଦକ ଅନିଲ ବେହେରା, ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖଙ୍କ ସମେତ ଭାଜପାର ବହୁବରିଷ୍ଠ ନେତା ଉପସ୍ଥିତ ଥିଲେ।

# କୁସୁମୀ ରାମଲୀଳା ଉଦ୍‌ଯାପିତ


ରାମଲୀଳାରେ ଅଭିନୟ କରିଥିବା କଳାକାରମାନେ।

କୁଚିଣ୍ଡା,୧୬।୪(ବିରଞ୍ଚି ଦର୍କା)

କୁଚିଣ୍ଡା ବ୍ଲକ କୁସୁମୀରେ ଚାଲିଥିବା ରାମଲୀଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ରାମ ଅଭିଷେକ ଓ ରାମରାଜ୍ୟ ପ୍ରତିଷ୍ଠା ପରେ ଶ୍ରୀରାମ ଧ୍ୱନିରେ ମଞ୍ଚ ପ୍ରକମ୍ପିତ ହୋଇଥିଲା। ୮ ଦିନ ବ୍ୟାପୀ ଚାଲିଥିବା ରାମଲୀଳା ମହୋତ୍ସବରେ ମୋଟ ୧୦୬ କଳାକାରଙ୍କ ନାଟ୍ୟ ଅଭିନୟ ଖୁବ ଚିତ୍ତାକର୍ଷକ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା, କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାଏକ, ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ, ଶିକ୍ଷାବିତ୍ ବିଷ୍ଣୁ ପ୍ରସାଦ ପଟେଲ ରାଜ ଅତିଥିଭାବେ ଯୋଗଦେଇଥିଲେ। ରାମଲୀଳା କମିଟି ସଭାପତି ଦୀପକ ସାହୁ, ସୁଜ୍ଞାନୀ କୁମାର ନାୟକ ପ୍ରମୁଖଙ୍କ ପରିଚାଳନାରେ କଳା ଓ କଳାକାର ସଂଘର ସଭାପତି ବିଭୂତି କଲ୍ୟାଣ ପଟେଲ ସଭାରେ ଅଧ୍ୟକ୍ଷତାରେ କରିଥିଲେ। ଉପଦେଷ୍ଟା ଆଦିତ୍ୟ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ରାମଲୀଳାକୁ ମିତ୍ରଭାନୁ ନାୟକ ନିର୍ଦ୍ଦେଶନା ଦେଇଥିଲେ। ଏହି ଅବସରରେ ରାମଲୀଳାର ସମସ୍ତ କଳାକାର, ପ୍ରଚ୍ଛଦ କଳାକାର, ସଂଗୀତଜ୍ଞ, ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା।

# ମହିଳା କଲେଜରେ ଭୋଟର ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ସହ ଅତିଥିମାନେ।

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର):

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ, ପ୍ରଫେସର ପ୍ରଶାନ୍ତ ପ୍ରଧାନ ଯୋଗଦେଇ ଇଭିଏମ୍‌ରେ ଭୋଟଦାନ ପଦ୍ଧତି ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ଏହାସହ ସେମାନେ ଗଣତନ୍ତ୍ରକୁ ଅକ୍ଷୁଣ୍ଣ ରଖିବା ଦିଗରେ ପ୍ରତ୍ୟେକ ନାଗରିକର ଦାୟିତ୍ୱବୋଧତା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ବରାଳ ପ୍ରାରମ୍ଭିକ ସମ୍ଭାଷଣରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନାରୀଶକ୍ତିର ଆବଶ୍ୟକତା ଓ ସାମୂହିକ ଭୋଟଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ପ୍ରଫେସର ଭୋଜରାଜ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ।

### ବିଦ୍ୟାସାଗର ଜ୍ଞାନମନ୍ଦିରର ବାର୍ଷିକୋତ୍ସବ

ପଡିଆବାହାଲ, ୧୬।୪(ରାଧାମୋହନ ଷଡ଼ଙ୍ଗୀ)

ମାନେଶ୍ୱର ବ୍ଲକ ନୂଆତିହୁରା ପଞ୍ଚାୟତ ମୁରାସ୍ଥିତ ବିଦ୍ୟାସାଗର ଜ୍ଞାନମନ୍ଦିରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ମୁଖ୍ୟ ଅତିଥି, ଗାୟତ୍ରୀ କଲେଜ ଅଧ୍ୟାପକ ପ୍ରଶାନ୍ତ ରାଉତ ମୁଖ୍ୟବକ୍ତା ଓ ନୂଆତିହୁରା ସରପଞ୍ଚ ପ୍ରତିମା ସାହୁ, ପୂର୍ବତନ ସରପଞ୍ଚ ପର୍ଶୁରାମ ଖମାରି, ସମିତିସଭ୍ୟ ସଞ୍ଜୟ କୁମାର ପଣ୍ଡା ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ପୁରୁଷୋତ୍ତମ ପାତ୍ର ଜ୍ଞାନମନ୍ଦିରର ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭାଜପାର ମିଶ୍ରଣ ପର୍ବ

ନାକଟିଦେଉଳ,୧୬।୪(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଘୋଷରାମାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିରିଶୀଳା ଗ୍ରାମରେ ମଙ୍ଗଳବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ମହିଳା ପୁରୁଷ ଭାଜପାରେ ସାମିଲ ହୋଇଥିଲେ। ଶେଷକ ଲୁଗୁନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାନସଭାର ଭାଜପା ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ସସ୍ମିତାରାଣୀ ଦେହୁରି, ନାକଟିଦେଉଳ ମଣ୍ଡଳ ସଭାପତି ପ୍ରମୋଦ କୁମାର ସାହୁ, କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଆଗାମୀ ନିର୍ବାଚନରେ ଭାଜପାର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କୁ ବିଜୟୀ କରାଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭାଜପାରେ ସାମିଲ ହୋଇଥିବା କର୍ମୀମାନଙ୍କୁ ବିଧାୟକ ପ୍ରାର୍ଥୀ ମହାପାତ୍ର ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ।

# କବାଡି ଖେଳାଳିଙ୍କୁ ସମ୍ବର୍ଦ୍ଧନା


ବ୍ରଜମୋହନ ପାର୍କଠାରେ ସମ୍ବର୍ଦ୍ଧିତ କବାଡି ଖେଳାଳିମାନେ।

ସମ୍ବଲପୁର,୧୬।୪(ବି.ଶଙ୍କର)

କୁଞ୍ଜେଲପଡା ବଏଜ୍ ଆସୋସିଏଶନ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କୁଞ୍ଜେଲପଡା ବ୍ରଜମୋହନ ପାର୍କଠାରେ ମଙ୍ଗଳବାର କବାଡି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିହାରର ପାଟଣାଠାରେ ଅନୁଷ୍ଠିତ ୩୩ତମ ଉପକନିଷ୍ଠ ଜାତୀୟ କବାଡି ପ୍ରତିଯୋଗିତାରେ ସମ୍ବଲପୁର ଖେଳାଳିମାନେ ଭାଗ ନେଇ ସଫଳତା ହାସଲ କରିଥିଲେ। ଖେଳାଳି ଅମନ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାଣ୍ଡେ, ଶ୍ରାବଣୀ ମହାକୁର, ଜ୍ୟୋତିର୍ମୟୀ ଭୋଇ, ସ୍ନେହା ଢଙ୍ଗଡ଼ା ମାଝିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଶଙ୍କର ପ୍ରସାଦ ପତି ଯୋଗଦେଇ ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ପ୍ରେମ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ଶୁଭ୍ରାଂଶୁ ପଣ୍ଡା ସଭା ପରିଚାଳନା କରିଥିଲେ। କିରଣ ସେଠ, ଚମାର ମଲ୍ଲିକ, ସୁନୀଲ ମିଶ୍ର, ପ୍ରଦୀପ ପ୍ରଧାନ, ଝରଣା ଡନସନା, ନିତ୍ୟାନନ୍ଦ ମହାନ୍ତି, ପ୍ରୟାସ ଡନସନା ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରେନ୍ ଉପରୁ ଅସ୍ଥାୟୀ ଦୋକାନ ଉଚ୍ଛେଦ

**ରାମସାଗର ଭେଣ୍ଡିଂ ଜୋନ୍‌ରେ ଥଇଥାନ ବ୍ୟବସ୍ଥା**

ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର):

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ସହରର ରାସ୍ତାପାର୍ଶ୍ୱ ଡ୍ରେନ୍ ଉପରେ ଅସ୍ଥାୟୀ ଭାବେ ଗଢ଼ିଉଠିଥିବା ଦୋକନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ମହାନଗର ନିଗମ ପ୍ରବର୍ତ୍ତନ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଲକ୍ଷ୍ମୀ ଟକିଜ ଛକ ଅଞ୍ଚଳ ଓ ଲକ୍ଷ୍ମୀ ଟକିଜ ଛକରୁ ଗୋଲବଜାର ଛକ ଓ ପୌର ପରିଷଦ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ଉପରେ ଥିବା ୨୫ରୁ ଉର୍ଦ୍ଧ୍ୱ ଦୋକାନ ଉଚ୍ଛେଦ କରାଯାଇଛି। ଏଥିପାଇଁ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ମାତ୍ର ଏହାକୁ ଅଣଦେଖା କରିଥିବାରୁ ମଙ୍ଗଳବାର ପ୍ରବର୍ତ୍ତନ ଅଧିକାରୀ ଶ୍ରୀନିବାସ ମିର୍ଦ୍ଧାଙ୍କ ନେତୃତ୍ୱରେ ପ୍ରସନ୍ନ ପାଣ୍ଡେ ଓ କର୍ମଚାରୀମାନେ ପୋଲିସ ଉପସ୍ଥିତିରେ ଅସ୍ଥାୟୀ ଦୋକାନ ଉଚ୍ଛେଦ କରିଥିଲେ। କେତେକ ସ୍ଥାନରେ ମାଲିକ ଦୋକାନ ବନ୍ଦ କରି ଅନୁପସ୍ଥିତ ଥିବାରୁ ସେଗୁଡ଼ିକ ମହାନଗର ନିଗମ ନିଜ ହେପାଜତକୁ ନେଇଛି। ଏହି ସମୟରେ ଡ୍ରେନ୍ ଉପରେ ଜବରଦଖଲକରି ସ୍ଥାୟୀ ଭାବେ ନିର୍ମାଣ ହୋଇଥିବା କେତେକ ଦୋକାନକୁ ମଧ୍ୟ ଭଙ୍ଗାଯାଇଥିବା ସୂଚନା ମିଳିଛି। ଏହି ପ୍ରକ୍ରିୟା ଆଗକୁ ମଧ୍ୟ ଜାରି ରହିବ ବୋଲି ମହାନଗର ନିଗମ କମିଶନର ବେଦଭୂଷଣ କହିଛନ୍ତି।


ମହାନଗର ନିଗମ ପକ୍ଷରୁ ଅସ୍ଥାୟୀ ଦୋକାନ ଉଚ୍ଛେଦ କରାଯାଉଛି।

ସେ କହିଛନ୍ତି, ସମ୍ବଲପୁର ସହରର ରାସ୍ତା ପାର୍ଶ୍ୱସ୍ଥ ଡ୍ରେନ୍ ଉପରେ ଗଢ଼ିଉଠିଥିବା ଅସ୍ଥାୟୀ ଦୋକାନ ହେତୁ ନର୍ଦ୍ଦମା ଜଳ ନିଷ୍କାସନରେ ବାଧକ ସୃଷ୍ଟି ହେଉଛି। ଜବରଦଖଲ ହେତୁ ଡ୍ରେନ୍ ଗୁଡ଼ିକର ସଫେଇ ମଧ୍ୟ ଠିକ୍ ଭାବେ ହୋଇ ପାରୁନାହିଁ। ଏହାବ୍ୟତୀତ କେତେକ ସ୍ଥାନରେ ଡ୍ରେନ୍ ଉପରେ ସ୍ଲାବ ନ ଥିବାରୁ ଯେ କୌଣସି ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନିର ଆଶଙ୍କା ରହିଛି। ତେବେ ଜବରଦଖଲ ହେତୁ ଏଗୁଡ଼ିକର ମରାମତି ମଧ୍ୟ ହୋଇପାରୁନାହିଁ। ତେଣୁ ଡ୍ରେନ୍ ଉପରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହାସହ ଡ୍ରେନ୍ ଉପରେ ସ୍ଲାବ୍ ନ ଥିବା ସ୍ଥାନରେ ଜରୁରିକାଳୀନ ଭିତ୍ତିରେ ସ୍ଲାବ୍ ନିର୍ମାଣ ପାଇଁ ନିର୍ମାଣକାରୀ ସଂସ୍ଥା ପୂର୍ତ୍ତ ବିଭାଗକୁ ସୂଚନା ଦିଆଯାଇଛି। ସେହିପରି ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ରାମସାଗର ପୋଖରୀ ନିକଟ ରାମସାଗର ଭେଣ୍ଡିଂ ଜୋନ୍‌ରେ ଥଇଥାନ ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ଉକ୍ତ ଦୋକାନୀମାନଙ୍କୁ ପୂର୍ବରୁ ନୋଟିସ ସମୟରେ ସୂଚିତ କରାଯାଇଥିଲା ଓ ଅନେକଙ୍କୁ ଏଠାରେ ଥଇଥାନ ମଧ୍ୟ କରାଯାଇଛି ବୋଲି କମିଶନର ବେଦଭୂଷଣ କହିଛନ୍ତି।

## ସଂକ୍ଷେପରେ

### ସିଭିଲ ସର୍ଭିସ୍‌ରେ ବଲାଙ୍ଗୀରର ସାଇରାଜଙ୍କୁ ସଫଳତା


ସାଇରାଜ ମିଶ୍ର।

ବଲାଙ୍ଗୀର,୧୬ା୪(ବୀରେନ୍ଦ୍ର କୁମାର ଝାଙ୍କର)

ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବଲାଙ୍ଗୀର ଯୁବୋଦୟ କଲେଜର ପୂର୍ବତନ ଛାତ୍ର ତଥା ବଲାଙ୍ଗୀର ସାଗରପଡା ନିବାସୀ ସାଇରାଜ ମିଶ୍ରଙ୍କୁ ସଫଳତା ମିଳିଛି। ସେ ୫୯୧ ର୍‍ୟାଙ୍କରେ କୃତିତ୍ୱ ହାସଲ କରିଥିବା ଜଣାପଡିଛି। ଏହି ସଫଳତା ସମ୍ପର୍କରେ ଜଣାପଡିବା ପରେ ସାଇରାଜଙ୍କ ପରିବାର ଓ ବଲାଙ୍ଗୀରରେ ଖୁସି ପ୍ରକାଶ ପାଇଛି। ସାଇରାଜ ବଲାଙ୍ଗୀର ବିଶ୍ୱାତ୍ମ ବିଦ୍ୟାମନ୍ଦିର, ଯୁବୋଦୟ କଲେଜ ଏବଂ ଭୁବନେଶ୍ୱର ବିଜେବି କଲେଜରେ ପାଠ ପଢ଼ିଲା ପରେ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତି କରୁଥିଲେ। ସେ ପ୍ରଥମ ଉଦ୍ୟମରେ ଏହି ସଫଳତା ଲାଭ କରିଛନ୍ତି। ସାଇରାଜଙ୍କ ପିତା ସଞ୍ଜୟ ମିଶ୍ର ଜଣେ ମେଡିକାଲ ସେଲ୍‌ସ ରିପ୍ରେଜେଣ୍ଟେଟିଭ ଏବଂ ମାତା ରେଣୁକା ଶତପଥୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଫଳତା ପାଇଁ ସାଇରାଜ ତାଙ୍କ ମାତାପିତା, ସ୍କୁଲ ଏବଂ କଲେଜ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।

### ଏଟିଏମ୍ କାର୍ଡ ବଦଳ କରି ୪୦ହଜାର ଲୁଟି ଅଭିଯୁକ୍ତ ଗିରଫ

ବଲାଙ୍ଗୀର,୧୬ା୪(ବୀରେନ୍ଦ୍ର କୁମାର ଝାଙ୍କର)

ଜଣେ ବରିଷ୍ଠ ନାଗରିକଙ୍କ ଏଟିଏମ୍ କାର୍ଡ ବଦଳ କରି ୪୦ ହଜାର ୯ ଶହ ଟଙ୍କା ଲୁଟ୍ କରି ନେଇଥିବା ଅଭିଯୁକ୍ତଙ୍କୁ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଟିମ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବରଗଡ ଜିଲା ସଦର ଥାନା ତୋରା ଗାଁର ଜୟ ସରାଫ (୩୩)। ଗତ ୫ ତାରିଖ ରମାଇପଡାର କ୍ଷୀତିଶ ଚନ୍ଦ୍ର ମେହେର (୮୩) ଦିନ ପ୍ରାୟ ୧୨ଟାରେ ଚନ୍ଦ୍ରଶେଖରନଗର ଏଟିଏମ୍‌ରୁ ଟଙ୍କା ଉଠାଇବା ବେଳେ ଅଭିଯୁକ୍ତ ଜଣକ କୌଶଳକ୍ରମେ ତାଙ୍କ ଏଟିଏମ୍ କାର୍ଡକୁ ବଦଳାଇ ଦେଇଥିଲେ। ଏହାପରେ ଭାଗିରଥି ଛକ ଏଟିଏମ୍‌ରୁ ୪୦ ହଜାର ଟଙ୍କା ଉଠାଇ ନେଇଥିଲେ ଓ ୯ ଶହ ଟଙ୍କାର ପେଟ୍ରୋଲ ଭରିଥିଲେ। ଏନେଇ ଟାଉନ୍ ଥାନାରେ ଅଭିଯୋଗ ପରେ ବଲାଙ୍ଗୀର ଏସପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଅଭିଯୁକ୍ତ ସରାଫଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ପାଖରୁ ୪୧,୬୮୫ ଟଙ୍କା, ସୁନାଚେନ୍ ଓ ମଙ୍ଗଳସୂତ୍ର, ହିରୋଡିଲକ୍ସ ବାଇକ୍ (ଓଡି୨୩ଡି ୪୯୮୪), ଏକ ବୁଲେଟ୍ ଗାଡି (ଓଡି୧୭ୱାଇ ୪୫୭୨) ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଟାଉନ୍ ଥାନା ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି।

# ବାଦୀମୁଣ୍ଡା ପୋଲ ନିର୍ମାଣରେ ନିମ୍ନମାନର ଅଭିଯୋଗ

■କାମ ବନ୍ଦ କଲେ ଗ୍ରାମବାସୀ

■ବିନା ନାମ ଫଳକରେ ପୋଲ, ରାସ୍ତା କାମ

ନୂଆପଡ଼ା,୧୬ା୪(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ବାଦୀମୁଣ୍ଡା ପୋଲ ନିର୍ମାଣରେ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ରବିବାର ପୋଲ ନିର୍ମାଣ କାମକୁ ବିରୋଧ କରି ଗ୍ରାମବାସୀ ବନ୍ଦ କରିଛନ୍ତି। ବିଜୁ ଏକ୍ସପ୍ରେସ ଫୋର ୱେଠାରୁ ସିଲେଟପାଣି ରାସ୍ତା ମଧ୍ୟ ଭାଗରେ ବାଦୀମୁଣ୍ଡା ପୋଲ ନିର୍ମାଣ ସହ ରାସ୍ତା ସଂଯୋଗୀକରଣ ପାଇଁ ଦୀର୍ଘ ବର୍ଷ ହେବ ଦାବି କରି ଆସୁଥିଲେ। ବର୍ଷା ଦିନେ ବାଦୀମୁଣ୍ଡାରୁ ବନ୍ୟା ଜଳ ନିଷ୍କାସିତ ହୋଇ ରାସ୍ତାରେ ମାଡି ଯାଉଥିବାରୁ ଦିନ ଦିନ ଧରି ରାସ୍ତା ଯାତାୟାତରେ ବାଧା ହେଉଥିଲା। ଫଳରେ ସିଲେଟପାଣି ଗାଁ ଲୋକେ ଯୋଗାଯୋଗରୁ ବିଚ୍ଛିନ୍ନ ହେଉଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୋଲ ଓ ରାସ୍ତା ସଂଯୋଗୀ କରଣ ପାଇଁ ୧ କୋଟି ୮୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଗତ କିଛି ମାସ ତଳେ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। ସେଠାରେ ସୂଚନା ଫଳକ ଲାଗି ନ ଥିବାରୁ ଲୋକେ କେତେ ମୂଲ୍ୟର କାମ ଜାଣି ପାରୁନାହାନ୍ତି। ଏହି


ପୋଲ କାମକୁ ଗ୍ରାମବାସୀ ବନ୍ଦ କରୁଛନ୍ତି।

କାର୍ଯ୍ୟରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ହାତବାରିସୀ କରି ସମ୍ପୃକ୍ତ ଠିକାଦାର ମନମୁଖୀ କାର୍ଯ୍ୟ ଚଲାଇ ଥିବା ଅଭିଯୋଗ କରିଛନ୍ତି। ମାଟି ତଳକୁ ମାତ୍ର ୨ ଫୁଟ ଖୋଲି କ୍ରଙ୍କିଟ କାମ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ପୋଲରେ ୧୬ ଏମଏମ ବଦଳରେ ୧୦ ଓ ୮ଏମଏମ ଲୁହାରଡ ବ୍ୟବହାର କରୁଛନ୍ତି। ଫଳରେ ପୋଲର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଜି ମଧ୍ୟାହ୍ନରେ ଗ୍ରାମବାସୀ ଆସି ନିମ୍ନମାନର ପୋଲ ଓ ରାସ୍ତା ନିର୍ମାଣ କାମ ବିରୋଧ ବନ୍ଦ କରି ଦେଇଛନ୍ତି। ସେଠାରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ଫୋନରେ ଅଭିଯୋଗ କରିଥିଲେ। କିନ୍ତୁ ଘଟଣାସ୍ଥଳରେ କୌଣସି ବିଭାଗୀ ଅଧିକାରୀ କିମ୍ବା କର୍ମଚାରୀ ଆସି ନ ଥିଲେ। ଏଥିରେ ଗାଁ ଲୋକେ ଅସନ୍ତୋଷ ପ୍ରକାଶ କରି ନିର୍ମାଣ କାମ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଛନ୍ତି। ମାଟି ତଳକୁ ୬ ଫୁଟ ଖୋଳିବା ସହ ତଳରୁ କଂକ୍ରିଟ ଦେବା ଓ ଅଟକଳ ଅନୁସାରେ ଲୁହାରଡ ବ୍ୟବହାର ପାଇଁ ଦାବି କରିଛନ୍ତି, ନଚେତ ପୋଲ କାମ ବନ୍ଦ ରଖିବାକୁ ଜିଲା ପ୍ରଶାସନଙ୍କୁ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ନାୟକଙ୍କୁ ପଚାରିବାରୁ ଯାହା ଅଟକଳରେ ଅଛି, ସେହି ଅନୁସାରେ ନିର୍ମାଣ କାମ ହେବ। ଅଯଥାରେ କାମ ବନ୍ଦ କରିବା ଠିକ ନୁହଁ। ମୁଁ ଜେଇଙ୍କୁ ପଠାଇ ତଦନ୍ତ କରିବି। ଯଦି ଅଟକଳ ଅନୁସାରେ ନିର୍ମାଣ କାମ ଚାଲିଛି। ତାରି ସତ୍ତ୍ୱେ କାମ ବନ୍ଦ କରିଛନ୍ତି। ତାହା ହେଲେ ଆମେ ମଧ୍ୟ କାମ ବନ୍ଦ କରିଦେବୁ ଚଳାଇବୁ ନାହିଁ ବୋଲି କହିଥିଲେ। ଅଟକଳ ଅନୁସାରେ ନିର୍ମାଣ କାମ ଚାଲିଛି। ପୂର୍ବତନ ସରପଞ୍ଚ ରୂପଧର କୁଳଦୀପ, ପ୍ରଭାଷ ଚନ୍ଦ୍ର ଜେନା, ଧନସିଂ ମାଝି, ନେହେରୁ ଲାଲ ଶୋରି, ଜୟ କୁମାର ଭୋଇ, ସରୋଜ ପ୍ରଧାନ, ବୃହସ୍ପତି ତାଣ୍ଡି, ଲଖନ କୁଳଦୀପ, ବଳହରି ପ୍ରଧାନ, ଦିଲୀପ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ଧନଞ୍ଜୟ ନାଏକ, ରସିକ ବାରିକ, ବୃନ୍ଦାବନ ପ୍ରଧାନ, ଛନ୍ନୁରାମ ଅହିର, ଦିଗାମ୍ବରଦ କୁଳଦୀପ, ନେପାଳ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସରେ ଯୋଗଦେଲେ ବହୁ ଯୁବକ


କଂଗ୍ରେସରେ ବଘଲା ଗାଁର ଯୁବକମାନେ ସାମିଲ ହେବା ଅବସରରେ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ସ୍ୱାଗତ କରୁଛନ୍ତି।

ବଲାଙ୍ଗୀର,୧୬ା୪(ବୀରେନ୍ଦ୍ର କୁମାର ଝାଙ୍କର)

କଂଗ୍ରେସ ଦଳର ନୀତି, ଆଦର୍ଶ ଏବଂ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ଦକ୍ଷତା ଓ ନେତୃତ୍ୱ ପ୍ରତି ଆକର୍ଷିତ ହୋଇ ସଦର ବ୍ଲକ୍‌ର ଚନ୍ଦନଭାଟି ପଞ୍ଚାୟତ ଅନ୍ତର୍ଗତ ବଘଲା ଗ୍ରାମର ବହୁ ଯୁବକ କଂଗ୍ରେସରେ ଯୋଗଦାନ କରିଛନ୍ତି। ବବିଧାୟକ ନରସିଂହ ମିଶ୍ରଙ୍କ ବିକାଶମୂଳକ କାର୍ଯ୍ୟକଳାପ, ଅଞ୍ଚଳର ଛାତ୍ର, ଯୁବକଙ୍କ ହକ ପାଇଁ ବିଧାନସଭାରେ ଲଢେଇ, ଅଞ୍ଚଳର ସ୍ୱାସ୍ଥ୍ୟ ଓ କ୍ରୀଡା ଭିତ୍ତିଭୂମି ଉନ୍ନତି ଦିଗରେ ତାଙ୍କର ନିରନ୍ତର କାର୍ଯ୍ୟକ୍ରମକୁ ସେମାନେ ପ୍ରଶଂସା କରିଥିଲେ। ଆଗାମୀ ଦିନରେ କଂଗ୍ରେସ ଛାତ୍ର ଓ ଯୁବକମାନଙ୍କ ମଧ୍ୟରେ ଆହୁରି ଆଦୃତ ହେବ ବୋଲି କହିଥିଲେ। ୨୦୨୪ ପରବର୍ତ୍ତି ସମୟ ଶିକ୍ଷା ଓ ରୋଜଗାର ପାଇଁ ଲଢେଇର ବାଟ ଦେଖାଇବ ବୋଲି ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ଯୁବକ ମାନଙ୍କୁ କହିଥିଲେ।

## ଟିଟିଲାଗଡ଼ରେ କଂଗ୍ରେସର ରୋଡ୍‌ଶୋ

ଟିଟିଲାଗଡ଼,୧୬ା୪ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ କଂଗ୍ରେସ ମଙ୍ଗଳବାର ଏକ ରୋଡ଼ ଶୋରେ ଦଳର ନିର୍ବାଚନ ପ୍ରଚାର ଆରମ୍ଭ କରିଛି। ଏକ ଖୋଲା ଗାଡ଼ିରେ ପିସିସି ସଭ୍ୟ ଆଇନଜୀବୀ ସୁମନ୍ତ ବେହେରା, ପିସିସି ମୁଖପାତ୍ର ଦେବାନନ୍ଦ ସାହୁଙ୍କ ଗହଣରେ ଦଳର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ମନୋଜ ମିଶ୍ର, ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ ବାଇକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ପରେ କର୍ମୀଙ୍କୁ ସମ୍ବୋଧନ କରି ଉଭୟ ପ୍ରାର୍ଥୀ ତଥା ବରିଷ୍ଠ ନେତା କେନ୍ଦ୍ର ଏବଂ ରାଜ୍ୟର ସ୍ୱେଚ୍ଛାଚାରୀ ଶାସନର ଅନ୍ତ ଘଟିବ ବୋଲି କହିଥିଲେ। ଭୋଟର କଂଗ୍ରେସକୁ ପୁଣି ଥରେ କ୍ଷମତାକୁ ଆଣିବେ ବୋଲି ସେମାନେ କହିଥିଲେ। କଂଗ୍ରେସ ଦଳ ପକ୍ଷରୁ ସାଧାରଣ ଜନତା, ଚାଷୀ, ଶ୍ରମିକ, ଛାତ୍ରଙ୍କ ପାଇଁ ବିଭିନ୍ନ ଗ୍ୟାରେଣ୍ଟି ନେଇ ନେତୃବୃନ୍ଦ ସଚେତନ କରିଥିଲେ । ଆଇଏନଟିୟୁସି ଜିଲା ସମ୍ପାଦକ ଜୟସିଂ ତାଣ୍ଡି, କୁନା ସାହୁ, ଅରୁଣ ତାଣ୍ଡି, ପ୍ରକାଶ ସୁନା, ପ୍ରଦୀପ ଭୋଇ, ସୋନୁ କୁମାର, ଜଗଦୀଶ ଟାକ୍ରୀ, ଅଭିଜିତ ବାଗ, ଲାଲୁ କୁମ୍ଭାର, ମାଧବ ତାଣ୍ଡି, ବାଘା ବାଗ, କଲାର ତାଣ୍ଡି, ମଧୁ ନାଗ, ରାହୁଲ ବାଗ, ଭରତ ବାଗ, ସୋନୁ କହଁର, ଜମ୍ମୁ ସୁନା ପ୍ରମୁଖ ରାଲିରେ ଉପସ୍ଥିତ ଥିଲେ ।



କଂଗ୍ରେସ ନେତୃବର୍ଗ ରୋଡ୍ ଶୋରେ ଯାଉଛନ୍ତି।

## ବେଲପଡ଼ାରେ ଚକ୍ଷୁ ପରୀକ୍ଷା ଶିବିର

ବେଲପଡା,୧୬ା୪(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତୋଫାନ ପରିଡ଼ାଙ୍କ ଜନ୍ମଦିନ ଅବସରରେ ବଲାଙ୍ଗୀର ଜିଲା ବେଲପଡା ଜନକଲ୍ୟାଣ ଟ୍ରଷ୍ଟ ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବୀରମହାରାଜପୁରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଡ଼ିଓ ରାଜେଶ ମେହେର ଉଦ୍‌ଘାଟନ କରିଥିଲେ। ଜନକଲ୍ୟାଣ ଟ୍ରଷ୍ଟ ସଭାପତି କାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ମେହେର, ସମ୍ମାନୀତ ଅତିଥି ମେଡିକାଲ ଅଫିସର ଡା ରବୀନ୍ଦ୍ର ମେହେର, ଆଇଆଇସି ସୁଶାନ୍ତ ଦାସ, ତହସିଲଦାର ଜ୍ଞାନେନ୍ଦ୍ର ମାଝି ଯୋଗ ଦେଇଥିଲେ। ଶିବିରରେ ୭୪ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣା ଔଷଧ ସହ ଚଷମା ପ୍ରଦାନ କରାଯାଇଥିଲା। ୨୧ଜଣ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ବୀରମହାରାଜପୁରସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠାଯାଇଥିଲା। ଜନକଲ୍ୟାଣ ଟ୍ରଷ୍ଟ ଉପସଭାପତି ଧନୁର୍ଯ୍ୟ ମେହେର, ସମ୍ପାଦକ କେଦାରନାଥ ଦଣ୍ଡସେନା, ସହସମ୍ପାଦକ ରାହାସ ଦଣ୍ଡସେନା, ନବୀନ ଚଣ୍ଡୀ, ପ୍ରମୋଦ ମେହେର, ଦିଲୀପ ବାଗ, ଆନନ୍ଦ ମେହେର, ଟିକେଚନ ଦଣ୍ଡସେନାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଆଲୋକ ରଞ୍ଜନ


@ ବିବେକାନନ୍ଦ


@ ବିଷ୍ଣୁଚରଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଜେଡିରେ ବସ୍, ଅଟୋ ଚାଳକ, ଦୋକାନୀ ଓ ମଜଦୁର ସଂଘ କର୍ମକର୍ତ୍ତା

ଖଡ଼ିଆଲ,୧୬ା୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବସଷ୍ଟାଣ୍ଡଠାରେ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦାନ କରିଛନ୍ତି ଶତାଧିକ କାର୍ଯ୍ୟକର୍ତ୍ତା। ଖଡ଼ିଆଳ ବସ ମାଲିକ ସଂଘ ସଭାପତି ମୁନ୍ନା ତାଣ୍ଡିଙ୍କ ନେତୃତ୍ୱରେ ଖଡ଼ିଆଳ ବସ ମାଲିକ ସଂଘ, ଅଟୋ ଚାଳକ ସଂଘ, ଦୋକାନୀ ସଂଘ ଏବଂ ମଜଦୁର ସଂଘ ଶତାଧିକ କାର୍ଯ୍ୟକର୍ତ୍ତା ଆନୁଷ୍ଠାନିକ ଭାବେ ବିଜେଡ଼ିରେ ଯୋଗଦାନ କରିଥିଲେ। ଏହି ସମୟରେ ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ନନ୍ଦ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ମନୋଜ ଦୀପ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀରାମ ନବମୀ ମହୋତ୍ସବ ପାଇଁ ଅଧିବାସ

କୋକସରା,୧୬ା୪(ଦୁଷ୍ମନ୍ତ କୁମାର ପାଢଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୁଡ଼ହାଣ୍ଡି ଡୋକରୀଚଞ୍ଚରାରେ ଥିବା ମଧୁ ମାଧବ ତୀର୍ଥରେ ଶ୍ରୀରାମ ନବମୀ ମହୋତ୍ସବ ୫୩ବର୍ଷରେ ପହଞ୍ଚିଥିବା ବେଳେ ମଙ୍ଗଳବାରଠାରୁ ୨୪ ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ଅନୁଷ୍ଠିତ ହେବ। ମଙ୍ଗଳବାର ଅପରାହ୍ନରେ ଅଧିବାସ ସହ ମହୋତ୍ସବ ଆରମ୍ଭ ହୋଇଛି। ବୁଧବାର ସକାଳଠାରୁ ଶ୍ରୀରାମ ନବମୀ ଉତ୍ସବ ପାଳନ ସହ ଶ୍ରୀରାମଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ। ଅଧିବାସ ଅବସରରେ ଗୁଡହାଣ୍ଡି ଉନ୍ନୟନ କମିଟି ପକ୍ଷରୁ ଚଳିତବର୍ଷ ପୂଜାକର୍ତ୍ତା ଭାବେ ଗୋପାଲ ଅଗ୍ରୱାଲ ଓ ରାନୀଦେବୀ ଅଗ୍ରୱାଲ ରହିଛନ୍ତି। ମୁଖ୍ୟ ପୂଜକ ଦିଲୀପ କୁମାର ଯୋଷୀ, ପ୍ରତାପ କିଶୋର ପଣ୍ଡା, ରାଜେନ୍ଦ୍ର ଦାସ, ଶୁକଚନ ପୂଝାରୀ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଅପରାହ୍ନରେ ମଧୁ ମାଧବ ତୀର୍ଥରେ ଥିବା ପୂଣ୍ୟକୁଣ୍ଡରୁ ପବିତ୍ର ଜଳ ଆଣି ମନ୍ଦିରରେ ସ୍ଥାପନ କରାଯାଇଛି। ଉନ୍ନୟନ କମିଟି ସଭାପତି ଭଦ୍ରେଶ୍ୱର ପାତ୍ର, ଉପସଭାପତି ଘନଶ୍ୟାମ ନାଏକ, ସମ୍ପାଦକ ସୁଧୀର ପାତ୍ର, କାର୍ଯ୍ୟକାରୀ ସମ୍ପାଦକ ନିଳାମ୍ବର ନାଏକ, କୋଷାଧ୍ୟକ୍ଷ ସୁରେଶ ଅଗ୍ରୱାଲ, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ଆଦିତ୍ୟ ପଣ୍ଡା, ସଦସ୍ୟ ଦୁଷ୍ମନ୍ତ ପାଢଯୋଷୀ, ଅଇରୀ ନାଶନ ଚିନ୍ଦା, ଅର୍ଜନ ଅଗ୍ରୱାଲ, ଅଜିତ ପଟ୍ଟନାୟକ, ଅନି ମାଝି, ନରେନ୍ଦ୍ର ନାଏକଙ୍କ ସହ ସମସ୍ତ ସଦସ୍ୟ ଓ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ବୁଧବାର ଶ୍ରୀରାମ ନବମୀ ପୂଜା, ରାମ ଚରିତ ମାନସ ପାଠ, ପୂଣ୍ୟକୁଣ୍ଡ ସ୍ନାନ କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି।


ଅଧିବାସ ପାଇଁ କଳସ ଯାତ୍ରା

## ଲୋକକଳା କଳାକାର ସମାରୋହ

ବେଲପଡା,୧୬ା୪ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ମୁନାପାଲିରେ ଚାରିଟେବୁଲ ଟ୍ରଷ୍ଟ ଓଡ଼ିଶା ପକ୍ଷରୁ ମଙ୍ଗଳବାର ଲୋକକଳା କଳାକାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଧର୍ମ ଜାଗରଣ ଚାରିଟେବୁଲ ଟ୍ରଷ୍ଟ ଓଡ଼ିଶା ପ୍ରାନ୍ତ ସଂଯୋଜକ ପଶ୍ଚିମ ଓଡ଼ିଶାର ବିକ୍ରମ ଆଚାର୍ଯ୍ୟ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ପର୍ଲିମାଲ ସରପଞ୍ଚ ପୁଷ୍ପାଞ୍ଜଳି ପାଢ଼ୀ, ବକ୍ତାଭାବେ ଗଗନ ବିହାରୀ ଦାସ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଗଦୋର ସରପଞ୍ଚ ପ୍ରଦୀପ ବେହେରା, ନୁନହାଡ଼ ସରପଞ୍ଚ ବିଲାସିନୀ ମେହେର, ଭରୁଆପାଲି ସରପଞ୍ଚ ପଦ୍ମାବତୀ ବାଗ ଓ ବେଲପଡା ନାଏବ ସରପଞ୍ଚ ଅମ୍ବିକା ମେହେର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ବାହାକ, ପାଲା, ସଂକୀର୍ତ୍ତନ ଓ ଅନ୍ୟ କଳାକାର ଦଳ ଭାଗ ନେଇ କଳା ପ୍ରଦର୍ଶନ କରିଥିଲେ। ପରେ ସମସ୍ତ କଳାକାରମାନଙ୍କୁ ମଞ୍ଚାସୀନ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବେଲପଡା ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ହରେକୃଷ୍ଣ ବାରିକ, ବେଲପଡା କୋଶଲି ଲୋକକଳା ସାଂସ୍କୃତିକ ପରିଷଦ ସଭାପତି ନରେନ୍ଦ୍ର ମେହେର, ସମ୍ପାଦକ ଜବହାରଲାଲ ସାହୁ, କୋଷାଧ୍ୟକ୍ଷ ହଜାରି ମେହେର, ଉପସଭାପତି ଦୁତିବାହାକ ସିଂ, ଉପଦେଷ୍ଟା କପୁର୍ଚନ ଛତ୍ରିଆ ପ୍ରମୁଖ ଯୋଗ ଦେଇଥିଲେ।


ସମାରୋହରେ ସମ୍ବର୍ଦ୍ଧିତ କଳାକାରମାନେ।

## ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

କୋମନା,୧୬ା୪(ସୋବିନ ଛତ୍ରିଆ)

ନୂଆପଡା ଜିଲା କୋମନା ବ୍ଲକ ଜୟ ମା' କାଳୀ ଅଲ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାତ୍ରି କାଳୀନ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ରାତ୍ରିରେ ଉଦଯାପିତ ହୋଇଯାଇଛି। ଘୋଟସର ଓ କୁରେଶ୍ୱର ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଘୋଟସର ବିଜୟୀ ହୋଇଥିଲା। ଘୋଟସର ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଜବାବରେ କୁରେଶ୍ୱର ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୬୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଷୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାଜପା ନୂଆପଡ଼ା ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା, କୌମଣ୍ଡଳ ମାଝି, ମେମିଚନ ଅହୀର ଯୋଗ ଦେଇଥିଲେ। ବିଜେତା ଦଳ ଓ ରନର୍ ଅପ୍ ଦଳକୁ ନଗଦ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁ ବଉକ ଓ ରାକେଶ ଶବର ଖେଳ ପରିଚାଳନା କରିଥିଲେ।

## କଳାହାଣ୍ଡି ଜିଲାରେ ୫ ନୂଆ ବୁଥ୍

**ଚଳିତ ସାଧାରଣ ନିର୍ବାଚନ**

■ଲାଞ୍ଜିଗଡ଼ରେ ୩, ଜୁନାଗଡ଼ରେ ୨

ଭବାନୀପାଟଣା,୧୬ା୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଗତ ନିର୍ବାଚନରେ ୫ ଗ୍ରାମବାସୀ ୩ କି.ମି. ଦୂରକୁ ଯାଇ ଭୋଟ୍ ଦେଉଥିଲେ। ଗାଁରେ ବୁଥ୍ ସ୍ଥାପନ ପାଇଁ ବହୁଦିନ ହେଲା ଗ୍ରାମବାସୀ ଦାବି କରିଆସୁଥିଲେ। ହେଲେ ଚଳିତ ସାଧାରଣ ନିର୍ବାଚନରେ ସେମାନେ ନିଜ ଗାଁରେ ଭୋଟଦେବେ। ଏହାକୁ ନେଇ ଭୋଟରଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଏହି କ୍ରମରେ ଚଳିତ ସାଧାରଣ ନିର୍ବାଚନରେ କଳାହାଣ୍ଡି ଜିଲାରେ ୫ଟି ନୂଆ ବୁଥ୍ ହୋଇଛି। ଏଥିରେ ଜିଲାର ଲାଞ୍ଜିଗଡ ବ୍ଲକରେ ୩ ଓ ଜୁନାଗଡ ବ୍ଲକରେ ୨ଟି ରହିଛି। ଲାଞ୍ଜିଗଡ ବ୍ଲକ୍ ଅଁଲାଭଟ୍ଟା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ନୂଆ ବୁଥ୍ ସ୍ଥାପନ ହେବ। ଏହି ବୁଥ୍‌ରେ ୫୨୬ଜଣ ଭୋଟର ପୂର୍ବରୁ ସେମାନେ ୩ କି.ମି. ଦୂର ଚାଚିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଭୋଟ୍ ଦେଉଥିଲେ। ଲାଞ୍ଜିଗଡ଼ ବ୍ଲକର ସାନପୁଝାରୀଗୁଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ନୂଆ ବୁଥରେ ୪୦୭ ଜଣ ଭୋଟର ମତଦାନ କରିବେ। ପୂର୍ବରୁ ସେମାନେ ୩ କି.ମି.ରୁ ଅଧିକ ଦୂର ଏକତାଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଭୋଟ୍ ଦେଉଥିଲେ। ସେହିପରି କେନ୍ଦୁଗୁଡ଼ା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ନୂଆ ବୁଥ୍ ହେବା ସହିତ ୪୦୭ଜଣ ଭୋଟର ଭୋଟ୍ ଦେବେ। ପୂର୍ବରୁ ୩ କି.ମି. ଦୂର ଶାସ୍ତ୍ରୁଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭୋଟ୍ ଦେଉଥିଲେ। ସେହିପରି ଜୁନାଗଡ଼ ନିର୍ବାଚନମଣ୍ଡଳୀର ଗୋଲାମୁଣ୍ଡା ବ୍ଲକ ଗୋଇନ୍ଦିମୁଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂଆ ବୁଥ୍‌ରେ ୬୨୮ଜଣ ଭୋଟର ମତଦାନ କରିବେ। ପୂର୍ବରୁ ସେମାନେ ୩ କି.ମି. ଦୂର ଖଲିଆକାନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭୋଟ୍ ଦେଉଥିଲେ। ପଣ୍ଡକୁଲ ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ଭୋଟଦାନ କେନ୍ଦ୍ରରେ ୫୩୯ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ଏମାନେ ପୂର୍ବରୁ ୩ କି.ମି.ରୁ ଅଧିକ ଦୂର ଲାକୁରଭଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭୋଟ୍ ଦେଉଥିଲେ। ଏହି ୫ଟି ଗ୍ରାମରେ ନୂତନ ବୁଥ୍ ହୋଇଥିବା ଯୋଗୁ ଗ୍ରାମବାସୀ ଉତ୍ସାହିତ ହୋଇଛନ୍ତି। ମହିଳାମାନେ ନୂଆ ବୁଥକୁ ନେଇ ଖୁସି ଜାହିର କରିଛନ୍ତି। ଏବେ ଅଧିକରୁ ଅଧିକ ମତଦାନ କରିବେ ବୋଲି ଭୋଟରମାନେ କହିଛନ୍ତି।

# କୋଇଡାରେ ଇଣ୍ଡିଆ ମେଣ୍ଟର ରଣ ହୁଙ୍କାର



ଟେନ୍‌ସା,୧୬।୪(ସମୀର କୁମାର ପାଢ଼ୀ)

- ଶକ୍ତି ପ୍ରଦର୍ଶନ ସହ ହେଲା ବିଶାଳ କର୍ମୀ ସମ୍ମିଳନୀ
- କଂଗ୍ରେସ ସିପିଆଇଏମ ମେଣ୍ଟ ପାଇଁ ଜନ ସମୁଦ୍ର ପାଲଟିଲା ସଭା

ବଣାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଶେଷ କରି କୋଇଡା ବ୍ଲକ ଦୀର୍ଘ ବର୍ଷ ଧରି କଂଗ୍ରେସ ଓ ସିପିଆଇଏମର ଗଡ ଭାବେ ପରିଚିତ ଥିବା ବେଳେ ମଙ୍ଗଳବାର କୋଇଡା ଓ ଏମଏମ ଛକ ନିକଟ ଷ୍ଟାଡିୟମ ପଡିଆଠାରେ ଇଣ୍ଡିଆ ମେଣ୍ଟ ଶକ୍ତି ପ୍ରଦର୍ଶନ କରିଥିଲା। ଏଥିସହ ବିଶାଳ କର୍ମୀ ସମ୍ମିଳନୀ କରି ବଣାଇଁ ନିର୍ବାଚନୀ ମାହୋଲକୁ ସରଗରମ କରିଛି। ଉକ୍ତ ସମ୍ମିଳନୀରେ ଇଣ୍ଡିଆ ମେଣ୍ଟର ସୁନ୍ଦରଗଡ଼ ଲୋକସଭା କଂଗ୍ରେସ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ଓ ବଣାଇଁ ବିଧାନସଭା ଆସନ ପାଇଁ ସିପିଆଇଏମ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିପିଆଇଏମ ରାଷ୍ଟ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି, ସିପିଆଇଏମ ରାଜ୍ୟ ସମ୍ପାଦକ ଅଲିକେଶ୍ୱର ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ,କୋଇଡା ବ୍ଲକ ଅଧକ୍ଷ ସୁରେଶ କୁମାର ନାଏକ, ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ପୁରାତନ ସଦସ୍ୟ ବିମାନ ମାଇତି, ଜିଲା ପରିଷଦ ସଭ୍ୟା ସୁଶୀଳା ମୁଣ୍ଡା, ବାଦଲ ବାରିକ, ସରପଞ୍ଚ ଆନନ୍ଦମାସୀ ହର,ବାବୁଲି ମୁଣ୍ଡା ତଥା କଂଗ୍ରେସ ପକ୍ଷରୁ ଜିଲା ଏସସି ସଭାପତି ପରମେଶର ନାଏକ, ବ୍ଲକ କଂଗ୍ରେସ ସଭାପତି ସନାତନ ଘଣା , ଇନ୍ଦ୍ରମଣି ବେହେରା ,କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, ମହିଳା ନେତ୍ରୀ ସନ୍ଧ୍ୟାରାଣୀ ନାଏକ, ବ୍ଲକ ମହିଳା ମୋର୍ଚ୍ଚା ସଭାପତି କୁସୁମିତା ପାତ୍ର, ଯୁବ କଂଗ୍ରେସ ସଭାପତି କେଦାର ଚନ୍ଦ୍ର ପଣ୍ଡା ସମେତ ୫ହଜାରରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ରହି ଜନ ସମୁଦ୍ର ପାଲଟିଥିବା କର୍ମୀଙ୍କ ସହ ଆଦିବାସୀ ପରମ୍ପରା, ଢୋଲ ନୃତ୍ୟ ସହ ପଦଯାତ୍ରା କରି କର୍ମୀ ସମ୍ମିଳନୀ ଅନୁଷ୍ଠିତ ସ୍ଥାନରେ ପହଞ୍ଚି ଥିଲେ। ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ କିପରି ବହୁ ବ୍ୟବଧାନ ସହ ବିଜୟଲାଭ କରିବେ ସେ ନେଇ ବାର୍ତ୍ତା ପ୍ରେରଣ ସହ ରାଜ୍ୟ ଓ କେନ୍ଦ୍ର ସରକାରରେ ଥିବା ନେତୃତ୍ୱ, ନିତି, ଆଦର୍ଶ ଓ ଦଳକୁ କଡା ସମାଲୋଚନା କରିବା ସହିତ ଆଦିବାସୀଙ୍କ ହକ, କି ନିଯୁକ୍ତି ପାଇଁ କେହି ଚିନ୍ତିତ ନୁହଁନ୍ତି ବୋଲି ଭାଷଣ ଜରିଆରେ ପ୍ରକାଶ କରିଥିଲେ। ଏଥି ସହ କୋଇଡା ଖ ଜୋନର ୭ଟି ପଞ୍ଚାୟତରୁ ୫ ଶହରୁ ଉର୍ଦ୍ଧ୍ୱ ଭାଜପା, ବିଜେଡି ବ୍ୟକ୍ତି ବିଧିବଧ ଭାବେ ସିପିଆଇଏମ ଓ କଂଗ୍ରେସ ଦଳରେ ଯୋଗଦେଇଥିଲେ। ସେମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଲୋକସଭା ପାର୍ଥୀ ଦେହୁରୀ ଓ ବିଧାନସଭା ପ୍ରାର୍ଥୀ ମୁଣ୍ଡା ଫୁଲମାଳ ପିନ୍ଧାଇ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଶେଷରେ ସିପିଆଇଏମ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡାଙ୍କ ଦୀର୍ଘ ବର୍ଷ ଧରି ଲୋକପ୍ରିୟତା ଓ ଭେଟେରାନ କଂଗ୍ରେସ ନେତା ତଥା ସାମାଜିକ କର୍ମୀ ଜନାର୍ଦ୍ଦନ ଦେହୁରୀଙ୍କ ମେଣ୍ଟ ସୁନ୍ଦରଗଡ଼ ଓ ବଣାଇଁ ବିଧାନସଭା ଆସନ ପାଇଁ ନିଶ୍ଚିତ ଫଳପ୍ରଦ ହୋଇ ବିଜୟୀ ହେବେ ବୋଲି ନେତୃତ୍ୱ ବୃନ୍ଦ ମତ ପ୍ରକାଶ କରିଥିଲେ। ସିପିଆଇଏମ ବରିଷ୍ଠ କର୍ମୀ ଜନ ଡୁଙ୍ଗଡୁଙ୍ଗ ସଭା ପରିଚାଳନା କରିଥିଲେ ।

## କଂଗ୍ରେସର ପ୍ରାର୍ଥୀ ଘୋଷଣାରେ ବିଳମ୍ବ ନେଇ କଳ୍ପନାଜଳ୍ପନା

ଝାରସୁଗୁଡ଼ା, ୧୬।୪(ସଞ୍ଜୟ ମାଲି)

ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସର ପ୍ରାର୍ଥୀ ଘୋଷଣା ବିଳମ୍ବ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଦୁଇଦିନ ତଳେ କଂଗ୍ରେସ ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶାର ୭୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ହେଲେ ଏଥିରେ ଝାରସୁଗୁଡ଼ାକୁ ବାଦ୍ ଦିଆଯାଇଛି। ଏପଟେ ଅନ୍ୟ ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ଝିଅ ଦୀପାଳି ଦାସ ପ୍ରାର୍ଥୀ ହୋଇଥିବାବେଳେ ଭାଜପା ପକ୍ଷରୁ ପୁଣି ଥରେ ଟଙ୍କଧର ତ୍ରିପାଠୀଙ୍କୁ ଟିକେଟ ଦିଆଯାଇଛି। ଏହି ଦୁଇଦଳ ନିର୍ବାଚନ ପ୍ରଚାର ଆରମ୍ଭ କରିସାରିଲେଣି। କିନ୍ତୁ କଂଗ୍ରେସ କାହାକୁ ଟିକେଟ ଦେବ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଦଳର ଆଶାୟୀଙ୍କ ମଧ୍ୟରେ ରହିଛନ୍ତି ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ଅଗ୍ରୱାଲ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମିତା ବିଶ୍ୱାଳ। ଅମିତା ପୂର୍ବରୁ ସୁନ୍ଦରଗଡ଼ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିସାରିଛନ୍ତି। ଝାରସୁଗୁଡ଼ା ଆସନ ଟିକେଟ ଦୌଡ଼ରେ ତାଙ୍କ ନାଁ ସାମିଲହେବା ଚର୍ଚ୍ଚା ହେଉଛି। ଅନ୍ୟ ଜଣେ ଆଶାୟୀ ତେଜରାଜ ସାହୁ ଏବେ ଦିଲ୍ଲୀରେ ବସି ଟିକେଟ ପାଇଁ ଲବି କରୁଥିବା ଆଲୋଚନା ହେଉଛି।


ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଆଲୋକ ରଞ୍ଜନ



@ ବିବେକାନନ୍ଦ



@ ବିଷ୍ଣୁଚରଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଏଟିଏମ୍ କାର୍ଡ ବଦଳ କରି ୪୦ହଜାର ଲୁଟି ଅଭିଯୁକ୍ତ ଗିରଫ

ବଲାଙ୍ଗୀର,୧୬।୪(ବୀରେନ୍ଦ୍ର କୁମାର ଝାଙ୍କର)

ଜଣେ ବରିଷ୍ଠ ନାଗରିକଙ୍କ ଏଟିଏମ୍ କାର୍ଡ ବଦଳ କରି ୪୦ ହଜାର ୯ ଶହ ଟଙ୍କା ଲୁଟ୍ କରି ନେଇଥିବା ଅଭିଯୁକ୍ତଙ୍କୁ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଟିମ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବରଗଡ ଜିଲା ସଦର ଥାନା ତୋରା ଗାଁର ଜୟ ସରାଫ (୩୩)। ଗତ ୫ ତାରିଖ ରମାଇପଡାର କ୍ଷୀତିଶ ଚନ୍ଦ୍ର ମେହେର (୮୩) ଦିନ ପ୍ରାୟ ୧୨ଟାରେ ଚନ୍ଦ୍ରଶେଖରନଗର ଏଟିଏମ୍‌ରୁ ଟଙ୍କା ଉଠାଇବା ବେଳେ ଅଭିଯୁକ୍ତ ଜଣକ କୌଶଳକ୍ରମେ ତାଙ୍କ ଏଟିଏମ୍ କାର୍ଡକୁ ବଦଳାଇ ଦେଇଥିଲେ। ଏହାପରେ ଭାଗିରଥି ଛକ ଏଟିଏମ୍‌ରୁ ୪୦ ହଜାର ଟଙ୍କା ଉଠାଇ ନେଇଥିଲେ ଓ ୯ ଶହ ଟଙ୍କାର ପେଟ୍ରୋଲ ଭରିଥିଲେ। ଏନେଇ ଟାଉନ୍ ଥାନାରେ ଅଭିଯୋଗ ପରେ ବଲାଙ୍ଗୀର ଏସପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଅଭିଯୁକ୍ତ ସରାଫଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ପାଖରୁ ୪୧,୬୮୫ ଟଙ୍କା, ସୁନାଚେନ୍ ଓ ମଙ୍ଗଳସୂତ୍ର, ହିରୋଡିଲକ୍ସ ବାଇକ୍ (ଓଡ଼ି୨୩ଡି ୪୯୮୪), ଏକ ବୁଲେଟ୍ ଗାଡି (ଓଡ଼ି୧୭ୱାଇ ୪୫୭୨) ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଟାଉନ୍ ଥାନା ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି।



ରାଉରକେଲା ମେନ ରୋଡରେ ଅନୁଷ୍ଠିତ ଫ୍ଲାଗମାର୍ଚ୍ଚରେ ଏସ୍‌ପିଙ୍କ ସମେତ ଅନ୍ୟମାନେ।

## ରାମନବମୀ,ନିର୍ବାଚନ ପାଇଁ ଫ୍ଲାଗମାର୍ଚ୍ଚ

ରାଉରକେଲା,୧୬।୧୪(ସଙ୍ଗୀତା ଜେନା)

ନିର୍ବାଚନ ଓ ରାମନବମୀ ପାଇଁ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ମଙ୍ଗଳବାର ଅପରାହ୍ନରେ ରାଉରକେଲା ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହା ରାଉରକେଲା ମେନ୍ ରୋଡରୁ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଏସ୍‌ପି ବ୍ରଜେଶ ରାୟ, ଆଇପିଏସ୍ ସୋନାଲୀ ସିଂହ ପରମାର,ଅତିରିକ୍ତ ଏସ୍‌ପି ରବିନ୍ଦ୍ର ରାଉତ, ଡିଏସ୍‌ପି ନିର୍ମଳ ମହାପାତ୍ର, ବିଏସ୍‌ଏଫ୍ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ କୁଲଦୀପ୍ ତ୍ରିପାଠୀ, ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ଜୟନାରାୟଣ ଖଣ୍ଡାଇ, ଉଦିତନଗର ଥାନାଧିକାରୀ ନିରଞ୍ଜନ ସେଠୀ ସମେତ ୭ ପ୍ଲାଟୁନ ଫୋର୍ସ, ବିଏସ୍‌ଏଫ୍, ଆଇଆର୍‌ବିଏନ୍, ଡିଭିଏଫ୍, ଏପିଆର୍ ଫୋର୍ସ ସାମିଲ ହୋଇଥିଲେ।

## ଭୋଟର ସଚେତନତା ନେଇ ବୈଠକ

ଝାରସୁଗୁଡ଼ା, ୧୬।୪ (ସଞ୍ଜୟ ମାଲି)

ଆଗାମୀ ସାଧାରଣ ନିର୍ବାଚନରେ ଜିଲାରେ ଭୋଟର ସଚେତନତା ନେଇ ମଙ୍ଗଳବାର ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସଞ୍ଜୀବ ପଟେଲ, ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରସନ୍ନ ପଟେଲଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଜିଲା ନିର୍ବାଚନ ଅଧିକାରୀ ଓ ଜିଲାପାଳଙ୍କ ଆଦେଶକ୍ରମେ ଜିଲାର ସମସ୍ତ ଭୋଟର ବୁଥ୍‌କୁ ଯାଇ ନିଜର ମତାଧିକାର ସାବ୍ୟସ୍ତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଯେଉଁସବୁ ବୁଥ୍‌ରେ ଗତ ନିର୍ବାଚନ ସମୟରେ ମତଦାନ ହାର କମ୍ ଥିଲା ସେଠାରେ ଭୋଟ ହାର ବୃଦ୍ଧି ପାଇଁ ଅଧିକାରୀମାନେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବାକୁ କୁହାଯାଇଥିଲା। ଗଣତନ୍ତ୍ରର ମହାନ୍ ପର୍ବ ନିର୍ବାଚନରେ ସବୁ ଭୋଟର ଯେପରି ଅଂଶ ଗ୍ରହଣ କରିବେ ସେଥିପାଇଁ ସମସ୍ତେ ଉଦ୍ୟମ କରିବାକୁ କୁହାଯାଇଛି। ଶିଳ୍ପାନୁଷ୍ଠାନ, ବ୍ୟାଙ୍କ, କୋଠାବାଡ଼ି ନିର୍ମାଣ ସ୍ଥଳୀରେ କାର୍ଯ୍ୟରତ ଶ୍ରମିକମାନେ ଯେପରି ଆଗାମୀ ମେ ୨୦ରେ ଝାରସୁଗୁଡ଼ାରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ମତଦାନ କରିବେ ସେଥିପାଇଁ ଆଲୋଚନା ହୋଇଥିଲା।

## ସାନଯୋବ ହନୁମାନ ମନ୍ଦିରରେ ନାମଯଜ୍ଞ

ବ୍ରଜରାଜନଗର,୧୬।୪(ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ସାନଯୋବ ହନୁମାନ ମନ୍ଦିରରେ ପଣା ସଂକ୍ରାନ୍ତି ଉପଲକ୍ଷେ ୧୪ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂଜା ଆରମ୍ଭ ହୋଇ କଳସ ସ୍ଥାପନ ସହିତ ନାମଯଜ୍ଞର ଶୁଭ ଅଧିବାସ ହୋଇଥିଲା। ସୋମବାର ନାମଧାରଣ କରି ସନ୍ଧ୍ୟାରେ ଛପନ ଭୋଗ ଅର୍ପଣ କରାଯାଇଥିଲା। ଏଥିରେ ବ୍ରଜରାଜନଗର ବିଧାୟକ ପ୍ରାର୍ଥୀ କଂଗ୍ରେସର କିଶୋର ଚନ୍ଦ୍ର ପଟେଲ ଓ ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ନାମଯଜ୍ଞରେ କର୍ତ୍ତା ଭାବେ ଗୋପବନ୍ଧୁ ସାହୁ ଓ ତାଙ୍କ ସ୍ତ୍ରୀ ରମା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ସିଦ୍ଧାନ୍ତ ସାହୁ, ଟଙ୍କଧର ପ୍ରଧାନ, ରିଙ୍କୁ ପ୍ରଧାନ, ମନୀଷ ପ୍ରଧାନ, ଲକ୍ଷ୍ମୀକାନ୍ତ ସା, ରୋଶନ ପ୍ରଧାନ ଷଡ଼ ବୈଷ୍ଣବ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ପୂଜକ ଭାବେ ଅଶୋକ କୁମାର ଉପାଧ୍ୟାୟ ପୂଜା କାର୍ଯ୍ୟ କରିଥିଲେ। ବଜରଙ୍ଗବଳି କମିଟି ସଭାପତି ନିତ୍ୟାନନ୍ଦ ସିଂହ, ସମ୍ପାଦକ ସୁରଥ ସାହୁ, ସଲିନ୍ଦ୍ର ପ୍ରଧାନ, ନିର୍ମଳ ପ୍ରଧାନ, ଅମର ପାଣ୍ଡେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଚକ୍ଷୁ ପରୀକ୍ଷା ଶିବିର

ବେଲପଡା,୧୬।୪(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତୋଫାନ ପରିଡ଼ାଙ୍କ ଜନ୍ମଦିନ ଅବସରରେ ବଲାଙ୍ଗୀର ଜିଲା ବେଲପଡା ଜନକଲ୍ୟାଣ ଟ୍ରଷ୍ଟ ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବୀରମହାରାଜପୁରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଡ଼ିଓ ରାଜେଶ ମେହେର ଉଦ୍‌ଘାଟନ କରିଥିଲେ।

## ୟୁପିଏସ୍‌ସିରେ ଏନ୍‌ଆଇଟି ରାଉରକେଲା କୃତୀ ଛାତ୍ରଙ୍କୁ ଶୁଭେଚ୍ଛା

ରାଉରକେଲା,୧୬।୪(ସଙ୍ଗୀତା ଜେନା)



ଅନିମେଶ ପ୍ରଧାନ

ୟୁପିଏସ୍‌ସି ସିଭିଲ ସର୍ଭିସ ପରୀକ୍ଷା-୨୦୨୩ର ସର୍ବଭାରତୀୟ ସ୍ତରରେ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ଏନ୍‌ଆଇଟି ରାଉରକେଲାର ୩ ଜଣ ପ୍ରାକ୍ତନ ଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଏନେଇ ଏନ୍‌ଆଇଟି କର୍ତ୍ତୃପକ୍ଷ ଖୁସି ମନାଇବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉକ୍ତ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଅନିମେଶ ପ୍ରଧାନ, ୧୭୬ ସ୍ଥାନ ପଦ୍ମନାଭ ମିଶ୍ର ଓ ୩୪୩ ସ୍ଥାନ ଅଧିକାର କରିଛନ୍ତି ବିଶ୍ୱଜିତ୍ ପଣ୍ଡା। ଅନିମେଶ ଏନ୍‌ଆଇଟି ରାଉରକେଲାରେ ୨୦୧୭-୨୧ରେ କମ୍ପ୍ୟୁଟର ସାଇନ୍ସରେ ବିଟେକ୍ କରିଥିଲେ। ପରେ ପ୍ରଧାନ ନୂଆଦିଲ୍ଲୀ ଇଣ୍ଡିଆନ୍ ଅଏଲ୍ କର୍ପୋରେସନରେ କାମ କରୁଥିଲେ। ସେହିପରି ପଦ୍ମନାଭ ୨୦୧୮ ବ୍ୟାଚ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଛାତ୍ର ଥିବା ବେଳେ ବିଶ୍ୱଜିତ ୨୦୧୬ ବ୍ୟାଚ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଛାତ୍ର ଥିଲେ। ଉକ୍ତ ୩ ଜଣ ଛାତ୍ରଙ୍କ କୃତିତ୍ୱ ପାଇଁ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର୍ କେ. ଉମାମହେଶ୍ୱର ରାଓ, ରେଜିଷ୍ଟ୍ରାର ପ୍ରଫେସର୍ ରୋହନ୍ ଧୀମାନ୍ ସମେତ ଏନ୍‌ଆଇଟି ପରିବାର ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଲଇକେରା ପଞ୍ଚାୟତରେ କୁସୁମଙ୍କ ନିର୍ବାଚନ ପ୍ରଚାର

ସୁନ୍ଦରଗଡ଼,୧୬।୪(ଜୟନାରାୟଣ ମେଣ୍ଡୁଲି)

ନିର୍ବାଚନ ତାରିଖ ଆଉ ମାସେ ରହିଲା, କଂଗ୍ରେସ, ଭାଜପା, ବିଜେଡିର ପ୍ରାର୍ଥୀମାନେ ବିଭିନ୍ନ ସଭା ସମିତି, ସାମାଜିକ କାର୍ଯ୍ୟରେ ଯୋଗଦେବା ସହ ନିର୍ବାଚନୀ ସଭା, ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଲେଣି। ସୁନ୍ଦରଗଡ ବିଧାନସଭା ପ୍ରାର୍ଥୀ ବିଧାୟକ କୁସୁମ ଟେଟେ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି। ମଙ୍ଗଳବାର ହେମଗିରି ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ପ୍ରଚାର କରିବା ସହ ଲଇକେରା ପଞ୍ଚାୟତଠାରେ ଏକ ସଭା କରି ଗ୍ରାମବାସୀଙ୍କୁ ସେ ପାଞ୍ଚ ବର୍ଷ ଭିତରେ ପ୍ରଥମ ଦୁଇ ବର୍ଷ କରୋନା ସମୟ ଭିତରେ ବିଧାୟକ ପାଣ୍ଠି ବନ୍ଦ ହେବା ସତ୍ତ୍ୱେ ନିଜ ନିର୍ବାଚନମଣ୍ଡଳୀର ଜନତାଙ୍କ ପାଇଁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ବାଣ୍ଟିବା ସହ ବାକି ୩ବର୍ଷ ଭିତରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟର ରିପୋର୍ଟ କାର୍ଡ କହିବା ସହ କେନ୍ଦ୍ରରୁ ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ବିଷୟରେ ଅବଗତ କରିବା ସହ ତାଙ୍କର ବାକି ରହି ଯାଇଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଭାଜପାକୁ ଭୋଟ ଦେଇ ସାଂସଦ ଜୁଏଲ ଓରାମ ଓ ତାଙ୍କୁ ବିଜୟୀ କରିବାକୁ ଭୋଟ ଭିକ୍ଷା କରିଛନ୍ତି।



ବିଧାନସଭା ପ୍ରାର୍ଥୀ କୁସୁମ ଟେଟେ ପ୍ରଚାର କରୁଛନ୍ତି।

## କଂଗ୍ରେସ ପ୍ରାର୍ଥୀ ସୁଧାରାଣୀଙ୍କ ଜୋରଦାର ପ୍ରଚାର

ସୁନ୍ଦରଗଡ଼,୧୬।୪(ଜୟନାରାୟଣ ମେଣ୍ଡୁଲି)

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି, ବିଭିନ୍ନ ରାଜନୈତିକ ଦଳ ପ୍ରଚାର ଜୋରଦାର ଆରମ୍ଭ କରିଦେଲେଣି। ନିଜ ସମର୍ଥକଙ୍କୁ ଧରି ନିଜର ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଲେଣି। ଭାଜପା ଓ ବିଜେଡିକୁ ଟକ୍କର ଦେବା ପାଇଁ କଂଗ୍ରେସ ମଧ ପ୍ରସ୍ତୁତ ବୋଲି ସୁନ୍ଦରଗଡ ବିଧାନସଭାର କଂଗ୍ରେସ ପ୍ରାଥୀ ସୁଧାରାଣୀ ରାଉଡ଼ିଆ କହିଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦୁର୍ନୀତିରେ ଲିପ୍ତ ହୋଇ ଜନତାଙ୍କୁ ଠକିବାରେ ଲାଗିଛନ୍ତି। କଂଗ୍ରେସ ଜିତିଲେ କଂଗ୍ରେସ ଦେଇଥିବା ନଅଟି ଗ୍ୟାରେଣ୍ଟି ପୂରଣ କରିବା ସହ ସୁନ୍ଦରଗଡ଼ବାସୀଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବେ ବୋଲି ମଙ୍ଗସପୁର ଠାରେ ଏକ ସାଧାରଣ ସଭାରେ



କଂଗ୍ରେସ ପ୍ରାଥୀ ସୁଧାରାଣୀ ରାଉଡ଼ିଆ ପ୍ରଚାର କରୁଛନ୍ତି।

ରାଉଡ଼ିଆ କହିଛନ୍ତି। ଏହା ବ୍ୟତୀତ ସେ ହେମଗିର ବ୍ଲକ କନିକାଠାରେ ଜନସମ୍ପର୍କ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମଙ୍ଗସପୁର କାର୍ଯ୍ୟକ୍ରମରେ ଟାଙ୍ଗରପାଲି ବ୍ଲକ ସଭାପତି ପ୍ରଦୀପ ଜଗତ ଅଧକ୍ଷତା କରିଥିଲାବେଳେ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେବତୀ ମହାନନ୍ଦିଆ, ସନ୍ତୋଷ ପ୍ରଧାନ, ସୁଭଦ୍ରା ବାଇଗ, ରୋହିତ ପୃଷେଠ, ଗଣେଶରାମ ବେହେରା, ଚୈତନ୍ୟ କଥିୟାଳୀ, ପୁଣ୍ୟବାସୀ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

**ବିଜୁ ମହିଳା ଜନତା ଦଳ ଉପ ସଭାନେତ୍ରୀ ନିଲମ୍ବିତ**

ଭୁବନେଶ୍ୱର, (ଅନିଲ ଦାସ): ବିଜୁ ମହିଳା ଜନତା ଦଳର ଉପ ସଭାନେତ୍ରୀ ତଥା ସମ୍ବଲପୁର ଓ ଦେବଗଡ଼ ଜିଲାର ପର୍ଯ୍ୟବେକ୍ଷକ ମିନତି ଦେବତାଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ନିଲମ୍ବିତ କରାଯାଇଥିବା ବିଜେଡି ପକ୍ଷରୁ ମଙ୍ଗଳବାର ଜାରି ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ତ୍ରିମୁଖୀ ଟକ୍କର ସମ୍ଭାବନା

## ଜୁନାଗଡ଼ ବିଧାନସଭା କ୍ଷେତ୍ର

ଗୋଲାମୁଣ୍ଡା,୧୬।୪
(ବଟକୃଷ୍ଣ ପଣ୍ଡା)


ତୁଲେଶ୍ୱର ନାଏକ


ଦିବ୍ୟଶଙ୍କର ମିଶ୍ର


ମନୋଜ ମେହେର

କଳାହାଣ୍ଡି ଜିଲା ଜୁନାଗଡ଼ ବିଧାନସଭା କ୍ଷେତ୍ରରେ ରାଜନୈତିକ ଉଷ୍ମତା ଦିନକୁ ଦିନ ବୃଦ୍ଧି ପାଉଛି। ଏହି ବିଧାନସଭା କ୍ଷେତ୍ର ପାଇଁ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ନିଜର ପ୍ରାର୍ଥୀ ଘୋଷଣା କରି ସାରିଛନ୍ତି। ଭାଜପାରୁ ମନୋଜ ମେହେର, ବିଜେଡିରୁ ଦିବ୍ୟଶଙ୍କର ମିଶ୍ର, କଂଗ୍ରେସରୁ ତୁଲେଶ୍ୱର ନାଏକଙ୍କ ପ୍ରାର୍ଥୀ ହୋଇଛନ୍ତି। ୨୦୧୯ ନିର୍ବାଚନରେ ଭାଜପାରୁ ମନୋଜ ମେହେର ଓ ବିଜେଡିରୁ ଦିବ୍ୟଶଙ୍କର ମିଶ୍ରଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଏଥିରେ ମନୋଜ ପରାସ୍ତ ହୋଇଥିଲେ ସୁଦ୍ଧା ୫ ବର୍ଷ ଧରି ନିୟମିତ ଭାବେ ତାଙ୍କର ସଙ୍ଗଠନ ଜାରି ରଖିଥିବାରୁ ଦଳ ପୁନର୍ବାର ତାଙ୍କୁ ଭରସା କରି ଟିକେଟ ଦେଇଛି। ଏପଟେ ମୋଦି ଲହରକୁ ନେଇ ନିର୍ବାଚନ ବୈତରଣୀ ଅତିକ୍ରମ କରିବାକୁ ଚେଷ୍ଟା ଜାରି ରହିଛି। ବିଜେଡିରୁ ଦିବ୍ୟଶଙ୍କର ମିଶ୍ର ଦଳରୁ କ୍ରମାଗତ ୨ଥର ବିଧାୟକ ହୋଇ ବର୍ତ୍ତମାନ ହାଟ୍ରିକ ଲକ୍ଷ୍ୟରେ ରହିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ଗତ ୧୦ବର୍ଷର ବିକାଶମୂଳକ କାର୍ଯ୍ୟ ଏବଂ ନିଜର ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ପ୍ରକ୍ରିୟା ଜାରି ରଖିଛନ୍ତି। ଏହା ପୂର୍ବରୁ ମହାଲିଙ୍ଗ ସନ ସାଇନ କଲେଜ ମମିତା ମେହେର ହତ୍ୟା ଘଟଣାରେ ବିବାଦ ଘେରରେ ଆସିଥିଲେ। କିନ୍ତୁ ତାଙ୍କୁ ନିର୍ଦୋଷ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। ଏହିସବୁ ଭିତରେ ଜନ ସାଧାରଣ ଆଗକୁ କିପରି ଭାବେ ତାଙ୍କୁ ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା। ଓଡିଶା ପ୍ରଦେଶ କଂଗ୍ରେସ କମିଟି ପ୍ରଚାର କମିଟି ଅଧ୍ୟକ୍ଷ ତଥା ଭକ୍ତଦାସଙ୍କ ଘନିଷ୍ଠ ଅନୁଗତ ତୁଲେଶ୍ୱର ନାଏକ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସର ପାରମ୍ପରିକ ଆଦିବାସୀ ଭୋଟ, ମହିଳା, ଯୁବକ, ଚାଷୀ ବର୍ଗରଲୋକଙ୍କୁ ଆକୃଷ୍ଟ କରିବା ଲାଗି କଂଗ୍ରେସ ପ୍ରୟାସ ଜାରି ରଖିଛି। ଏଥର ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ରରେ ପ୍ରମୁଖ ଦଳର ୨ ପ୍ରାର୍ଥୀ ପୁରୁଣା ହୋଇଥିବା ବେଳେ କଂଗ୍ରେସରୁ ନୂଆମୁହଁକୁ ଟିକେଟ ଦେଇଛି। ପ୍ରାର୍ଥୀ ଘୋଷଣା ପରେ ସମସ୍ତେ ନିଜର ରଣନୀତି ଆରମ୍ଭ କଲେଣି। ଜୁନାଗଡ଼ ନିର୍ବାଚନମଣ୍ଡଳୀରେ ଦାଦନ ଶ୍ରମିକ, ଧାନ ଅଭାବୀ ବିକ୍ରି, ବେକାରୀ ବୃଦ୍ଧି ସହିତ ଏବେ ବି ଅନେକ ଉପାନ୍ତ ଅଞ୍ଚଳର ମୌଳିକ ସମସ୍ୟା ସମାଧାନ ହୋଇପାରି ନାହିଁ। ଅନେକ ବ୍ଲକ ଅନଗ୍ରସର ଅବସ୍ଥାରେ ରହିଛି। ପ୍ରମୁଖ ଦଳର ୩ ମୁହଁକୁ ନେଇ ବିଧାନସଭା ନିର୍ବାଚନ ରୋଚକ ମୋଡ଼ରେ ପହଞ୍ଚିଛି। ଗତ ନିର୍ବାଚନରେ କଂଗ୍ରେସର ଭଲ ସଙ୍ଗଠନ ନ ଥିଲା। ଫଳରେ ବିଜେଡି ଜିତିଥିଲା। ଏଥର ଗୋଲାମୁଣ୍ଡା ବ୍ଲକରୁ ତିଲେଶ୍ୱର କଂଗ୍ରେସ ଟିକେଟ ପାଇଛନ୍ତି। ତେଣୁ ଏଠାରେ ୩ ରାଜନୈତିକ ଦଳ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ଆଶା କରାଯାଉଛି।

## ଭଣ୍ଡାରିପୋଖରୀରେ ନୂଆ-ପୁରୁଣା

ବନ୍ତ,୧୬।୪ (ହରିନାରାୟଣ ମହାନ୍ତି)

ସାଧାରଣ ନିର୍ବାଚନରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରରେ ଏଥର ହେବ ନୂଆ-ପୁରୁଣା ଲଢ଼େଇ। ବିଜେଡି ପକ୍ଷରୁ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ଏଠାରୁ ପ୍ରାର୍ଥୀ କରାଯାଇଥିବା ବେଳେ କଂଗ୍ରେସ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି। ଭାଜପା ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ସଞ୍ଜୀବ ଏହି ବିଧାନସଭା କ୍ଷେତ୍ର ପାଇଁ ନୂଆ ହୋଇଥିବା ବେଳେ ନିରଞ୍ଜନ ୨ୟ ଥର ଏଠାରୁ ଲଢ଼ିବେ। ସଞ୍ଜୀବ ୨୦୧୯ ସାଧାରଣ ନିର୍ବାଚନରେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀରୁ ଲଢ଼ି ବିଧାୟକ ହୋଇଥିଲେ। ଚଳିତ ନିର୍ବାଚନରେ ଦଳ ତାଙ୍କୁ ଭଣ୍ଡାରିପୋଖରୀରୁ ପ୍ରାର୍ଥୀ କରିଥିବାରୁ ଏହା ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ ରଣକ୍ଷେତ୍ର ହୋଇଛି। କିନ୍ତୁ ପୂର୍ବରୁ ୧୫ବର୍ଷ ଧରି ଏହି ବିଧାନସଭା ଆସନ ବିଜେଡି ଦଖଲରେ ରହିଛି। ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ଏଠାରୁ ୩ ଥର ବିଧାୟକ ହୋଇ ନିଜର ସଙ୍ଗଠନକୁ ଅକ୍ଷୁଣ୍ଣ ରଖିଛନ୍ତି। ଏଣୁ ସଞ୍ଜୀବଙ୍କ ପାଇଁ କୌଣସି ଅସୁବିଧା ହେବ ନାହିଁ ବୋଲି କର୍ମୀମାନେ କହୁଛନ୍ତି।

ଅପରପକ୍ଷେ ନିରଞ୍ଜନ ୨୦୧୯ ନିର୍ବାଚନରେ ଏହି ଆସନରୁ ପ୍ରାର୍ଥୀ ହୋଇଥିଲେ। ସେ ପ୍ରଫୁଲ୍ଲଙ୍କଠାରୁ ମାତ୍ର ୮୮୫୯ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ପ୍ରଫୁଲ୍ଲ ୭୦,୧୮୦ ଖଣ୍ଡ


ସଞ୍ଜୀବ କୁମାର ମଲ୍ଲିକ


ନିରଞ୍ଜନ ପଟ୍ଟନାୟକ

ଭୋଟ ପାଇଥିବା ବେଳେ ନିରଞ୍ଜନଙ୍କୁ ୬୧,୩୨୧ ଭୋଟ୍ ମିଳିଥିଲା। ୨୦୧୯ ନିର୍ବାଚନରେ ନିରଞ୍ଜନଙ୍କ ଭୋଟ ହାର ଯଥେଷ୍ଟ ବୃଦ୍ଧି ପାଇଥିଲା। ୨୦୧୪ ନିର୍ବାଚନରେ ୨୩.୨୮ ପ୍ରତିଶତ ଥିବାବେଳେ ୨୦୧୯ ନିର୍ବାଚନରେ ୩୫.୩୮ ପ୍ରତିଶତ ଥିଲା। ତେବେ ଏଥର ନିର୍ବାଚନରେ ନିରଞ୍ଜନ ଏହି ଆସନରୁ ୨ୟ ଥର ପ୍ରାର୍ଥୀ ହେବା ପରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। କଂଗ୍ରେସ ଏହି ଆସନରୁ ନିଶ୍ଚୟ ବିଜୟୀ ହେବ ବୋଲି କର୍ମୀମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଥିବା ସମ୍ବଲପୁର ଭାଜପା ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ସ୍ତ୍ରୀ ଅରୁନ୍ଧତୀ ଦେବୀ ଓ ତାଙ୍କ ପୁତ୍ର ନମନ ଗଙ୍ଗଦେବ।

## ବିଜେଡିରେ ଯୋଗଦେଲେ ଅରୁନ୍ଧତୀ ଦେବୀ

ଭୁବନେଶ୍ୱର,୧୬।୪
(ଅନିଲ ଦାସ)

ସମ୍ବଲପୁର ଭାଜପା ଏମ୍‌ପି ତଥା ଦେବଗଡ଼ ରାଜା ନୀତେଶ ଗଙ୍ଗଦେବଙ୍କ ସ୍ତ୍ରୀ ଅରୁନ୍ଧତୀ ଦେବୀ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କ ସହ ପୁତ୍ର ନମନ ଗଙ୍ଗଦେବ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସଠାରେ ସେମାନେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ସମୟରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ମଧ୍ୟ ଉପସ୍ଥିତ ଥିଲେ।

## ପ୍ରଚାର କଲେଣି ଭାଜପା, କଂଗ୍ରେସ

### ବିଜେଡି ନୀରବ

ହାଟଡିହୀ,୧୬।୪(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛନ୍ତି। ଭାଜପାରୁ ଆଲୋକ ସେଠୀ ଓ କଂଗ୍ରେସରୁ ଜୟଦେବ ଯେନା ଉଭୟେ ହାଟଡିହୀ ବ୍ଲକ ଅଞ୍ଚଳର ବାସିନ୍ଦା। ସେମାନେ ପ୍ରଚାର ଆରମ୍ଭ କରିଦେଇଥିବା ବେଳେ ବିଜେଡି ନୀରବ ରହିଛି। କାରଣ ଦଳ ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ।

୨୦୧୯ରେ ବିଜେଡିରୁ ବିଧାୟକ ଭାବେ ଭାଗୀରଥି ସେଠୀ ବିଜୟୀ ହୋଇଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନର ଫଳାଫଳକୁ ଦେଖିଲେ ବିଜେଡି ଓ କଂଗ୍ରେସର ଭୋଟ ପରିମାଣ ୨୦୧୯ ବିଧାନସଭା ନିର୍ବାଚନର ଭୋଟ ପରିମାଣଠାରୁ କମ୍ ରହିଛି। ବିଜେଡିର ଭୋଟ ପରିମାଣ କମିବା ପଛରେ ଦୁଇ ପୁରୁଣା ବିଧାୟକ ଭାଗୀରଥି ସେଠୀ ଏବଂ ମାୟାଧର ଯେନାଙ୍କ ପ୍ରତି କର୍ମୀ ଅସନ୍ତୋଷ ବ୍ୟକ୍ତ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଭାଜପାର ଭୋଟ ପରିମାଣ ଇତିମଧ୍ୟରେ ବଢ଼ିଛି। ୨୦୧୯ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ୪୫,୬୫୭, ବିଜେଡିକୁ ୮୯,୮୫୦ ଏବଂ ଭାଜପାକୁ ୩୧, ୫୫୪ ଖଣ୍ଡ ଭୋଟ ମିଳିଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନରେ ୧ ଲକ୍ଷ ୮୪ ହଜାର ୮୯୩ ଜଣ ଭୋଟ ଦେଇଥିଲେ। ମୋଟ ୭ ଜିଲା ପରିଷଦ ଜୋନ୍ ଏବଂ ଆନନ୍ଦପୁର ମ୍ୟୁନିସିପାଲିଟିରୁ କଂଗ୍ରେସକୁ ୧୯, ୫୯୭ ଖଣ୍ଡ, ବିଜେଡିକୁ ୮୯, ୭୧୩ ଖଣ୍ଡ ଏବଂ ଭାଜପାକୁ ୭୦, ୮୧୭ ଖଣ୍ଡ ଭୋଟ ମିଳିଥିଲା। କଂଗ୍ରେସକୁ ପଛରେ ପକାଇ ଭାଜପା ଦ୍ୱିତୀୟ ସ୍ଥାନରେ ରହି ବିଜେଡି ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ତେବେ ଭାଜପାର ଆଲୋକ ଏବେ ମୋଦି ଗ୍ୟାରେଣ୍ଟିକୁ ନେଇ ନିର୍ବାଚନ ପ୍ରଚାରକୁ ଜୋର କରିଛନ୍ତି। ସେ ଏଥର ସେଠାରେ ଭଲ ପ୍ରଦର୍ଶନ କରିବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି।

ପୂର୍ବ ରେକର୍ଡକୁ ଦେଖିଲେ ଏଠାରେ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହୁଏ। ଗତ ୩ ବିଧାନସଭା ନିର୍ବାଚନରେ ଲଗାତର ପରାଜିତ ହୋଇଥିବା କଂଗ୍ରେସର ଜୟଦେବ ଯେନାଙ୍କ ପାଇଁ ଏଥର ନିର୍ବାଚନ କର ବା ମର ସ୍ଥିତି ସୃଷ୍ଟି କରିଛି। ଜୟଦେବ ବିଭିନ୍ନ ଅଞ୍ଚଳ ଗସ୍ତକରି ପ୍ରଚାର କରିଚାଲିଛନ୍ତି। ଦଳ ଛାଡ଼ି ପଳାଇଥିବା କର୍ମୀଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି। ବିଜେଡି କଥା ଦେଖିଲେ ପୁରୁଣା ମୁହଁକୁ ବାଦ୍ ଦେଇ ଖୁବ୍‌ଶୀଘ୍ର ଦଳ ଏଠାରେ ନୂଆ ପ୍ରାର୍ଥୀ ଘୋଷଣା କରିବ ବୋଲି ଦଳୀୟ କର୍ମୀମାନେ ଆଶା ବାନ୍ଧିଛନ୍ତି।


ସମର୍ଥକଙ୍କ ସହ ଭାଜପା ପ୍ରାର୍ଥୀ ଆଲୋକ ସେଠୀ।

## ପଦ୍ମ ଧରିଲେ ପୂର୍ବତନ ବିଜେଡି ବିଧାୟକ ବେଦବ୍ୟାସ ନାୟକ

**କେନ୍ଦୁଝର,୧୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ):** ପୂର୍ବତନ ବିଜେଡି ବିଧାୟକ ବେଦବ୍ୟାସ ନାୟକ ମଙ୍ଗଳବାର ଶଙ୍ଖ ଛାଡ଼ି ପଦ୍ମ ଧରିଛନ୍ତି। ଭୁବନେଶ୍ୱରରେ ଏକ ମିଳନ କାର୍ଯ୍ୟକ୍ରମରେ ସେ ତାଙ୍କ କେତେକ ସମର୍ଥକଙ୍କ ସହିତ ଭାଜପାରେ ଯୋଗ ଦେଇଛନ୍ତି। ୨୦୧୪ ରେ ବିଜେଡି ଟିକେଟରେ ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଲଢ଼ି ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଦଳ ଆଉ ଟିକେଟ ଦେଇ ନ ଥିଲା। ବେଦବ୍ୟାସଙ୍କ ଭାଜପାରେ ଯୋଗଦାନ କରିବା ଦ୍ୱାରା ଦଳ ସୁଦୃଢ଼ ହୋଇଛି ବୋଲି ଭାଜପା ନେତାମାନେ କହିଛନ୍ତି। ବେଦବ୍ୟାସ ପୂର୍ବତନ ଛଅ ଥର ତେଲକୋଇରୁ ବିଧାୟକ ହୋଇଥିବା ନୀଳାଦ୍ରି ନାୟକଙ୍କ ପୁଅ। ଏହାକୁ ନେଇ ତେଲକୋଇ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ମାଧବ ସର୍ଦ୍ଦାର କହିଛନ୍ତ, ଦଳ ତାଙ୍କୁ ଓ ତାଙ୍କ ପରିବାରକୁ ବହୁତ କିଛି ଦେଇଛି। ସେ ଦୀର୍ଘ ବର୍ଷ ହେଲା ଦଳୀୟ କାର୍ଯ୍ୟକ୍ରମରେ ସାମିଲ ନ ଥିଲେ। ଏଣୁ ତାଙ୍କର ଦଳ ଛାଡ଼ିବା କୌଣସି ପ୍ରଭାବ ପଡ଼ିବ ନାହିଁ।

## ୧ ଲୋକ ସଭା, ୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଦେଲା ସିପିଆଇ(ଏମ୍‌ଏଲ୍)

**ଭୁବନେଶ୍ୱର,୧୬।୪(ଅନିଲ ଦାସ)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସିପିଆଇ(ଏମ୍‌ଏଲ) ଲିବରେଶନ କୋରାପୁଟ ଲୋକ ସଭା ଆସନ ସହିତ ୫ଟି ବିଧାନସଭା ଆସନରେ ପ୍ରାର୍ଥୀ ଦେବାକୁ ଘୋଷଣା କରିଛି। ଦଳର ରାଜ୍ୟ କମିଟି ନିଷ୍ପତ୍ତି ଅନୁଯାୟୀ, କୋରାପୁଟ ଲୋକ ସଭା ଆସନ ପାଇଁ ପ୍ରକାଶ ହିକ୍କାଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ଗୁଣପୁର ବିଧାନସଭା ଆସନ ପାଇଁ ଅନାସିମ ଶବର, ଲକ୍ଷ୍ମୀପୁର ପାଇଁ ରାଜେଶ ମାଣ୍ଡିଙ୍ଗି, ବିଷମକଟକ ପାଇଁ ରାମଚନ୍ଦ୍ର ପ୍ରାସ୍କା, ରାୟଗଡ଼ା ପାଇଁ ଜୟନ୍ତ ଜାନି ଏବଂ ସତ୍ୟବାଦୀ ପାଇଁ ଅଶୋକ ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଛି। ଏ ନେଇ ମଙ୍ଗଳବାର ସିପିଆଇ (ଏମ୍‌ଏଲ୍) ଲିବରେଶନ ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟ ସ୍ଥାନରେ ଦଳ ଇଣ୍ଡିଆ ମେଣ୍ଟର ସହଯୋଗୀମାନଙ୍କୁ ସମର୍ଥନ ଦେବାକୁ ଘୋଷଣା କରିଛି।

**ପ୍ରଥମ ପୃଷ୍ଠାରୁ...**

### ବାଦ୍ ପଡ଼ିଲେ...

ବିଶ୍ୱେଶ୍ୱରଙ୍କ ବାର୍ତ୍ତାଳାପକୁ ନେଇ ଜିଲାବାସୀଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଖପ୍ପା ହୋଇ ପଡ଼ିଥିଲେ। ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ଅଣଦେଖା, କୁଡୁମୀ ସମ୍ପ୍ରଦାୟ ବିରୋଧୀ ମନ୍ତବ୍ୟ, ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ଓ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ଭଳି ଆଚରଣ ଯୋଗୁ ସେ ବିଭିନ୍ନ ସମୟରେ ଅଡୁଆରେ ପଡ଼ିଥିଲା। ଲୋକେ ସମସ୍ୟା ନେଇ ତାଙ୍କ ପାଖକୁ ଅଭିଯୋଗ କରିବାକୁ ଯିବା ସମୟରେ ସେ କଟୁ କଥା କହୁଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏହିସବୁ ଘଟଣା ଦଳର ଶୀର୍ଷ ନେତୃବୃନ୍ଦଙ୍କ ନିକଟରେ ପହଞ୍ଚିବା ପରେ ତାଙ୍କୁ ଟିକେଟରୁ ବଞ୍ଚିତ କରାଯାଇଥିବା ନେଇ ଆଲୋଚନା ଜୋର ଧରିଛି। ତେବେ ବିଶ୍ୱେଶ୍ୱର ଦଳରେ ରହି କାର୍ଯ୍ୟ କରିବେ ନା ଦଳ ପରିବର୍ତ୍ତନ କରିବେ ସେନେଇ ମୁହଁ ଖୋଲିନାହାନ୍ତି। ତାଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

ମୟୂରଭଞ୍ଜ ଲୋକ ସଭା ଆସନ ସମେତ ଜିଲାର ୯ଟି ବିଧାନସଭା ଆସନ ସକାଶେ ଭାଜପା ପ୍ରାର୍ଥୀ ଘୋଷଣା ଶେଷ ହୋଇଛି। କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କ ଭଳି ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁ ମଧ୍ୟ ଭାଜପା ପ୍ରାର୍ଥୀ ତାଲିକାରୁ ବାଦ୍ ପଡ଼ିଛନ୍ତି। ତେବେ ଭାଜପା ଟିକେଟରୁ ବଞ୍ଚିତ ଆଶାୟୀମାନେ ଦଳ ପରିବର୍ତ୍ତନ କରିବାକୁ ମସୁଧା ଚଳାଇଥିବା ବେଳେ ବିଜେଡି ଘୋଷଣା କରି ନ ଥିବା ଜିଲାର ୩ ବିଧାନସଭା ଆସନ କରଞ୍ଜିଆ, ସାରସକଣା ଓ ବାଙ୍ଗିରିପୋଷି ଉପରେ ସମସ୍ତଙ୍କ ନଜର ରହିଛି।

ମେ ୨୫ରେ ଜିଲାର କରଞ୍ଜିଆ ବିଧାନସଭା କ୍ଷେତ୍ର ଓ ଜୁନ୍ ୧ରେ ଅବଶିଷ୍ଟ ୮ ବିଧାନସଭା ଆସନ ସମେତ ଏମ୍‌ପି ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ମଙ୍ଗଳବାର ଭାଜପା ପକ୍ଷରୁ ପ୍ରକାଶିତ ତାଲିକାରେ ୨ ନୂଆ ଚେହେରାଙ୍କୁ ଗୁରୁତ୍ୱ ଦିଆଯାଇଛି। ରାଇରଙ୍ଗପୁର ବିଧାନସଭା ଆସନରୁ ଜୋଲେନ ବରଦା, କରଞ୍ଜିଆ ବିଧାନସଭା କ୍ଷେତ୍ରରୁ ପଦ୍ମଚରଣ ହାଇବୁରୁ, ବାଙ୍ଗିରିପୋଷିରୁ ସଞ୍ଜଳି ମୁର୍ମୁ ଓ ସାରସକଣା ବିଧାନସଭା କ୍ଷେତ୍ରରୁ ପୂର୍ବତନ ବିଧାୟକ ଭାଦବ ହାଁସଦାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ୯ ଆସନ ମଧ୍ୟରୁ ବଡ଼ସାହି, ଉଦଳା, ବାରିପଦା, ମୋରଡ଼ା ଓ ଯଶୀପୁରକୁ ମିଶାଇ ୫ ଆସନରେ ପୁରୁଣା ପ୍ରାର୍ଥୀଙ୍କ ଉପରେ ଦଳ ଭରସା କରିଥିବା ବେଳେ ଅବଶିଷ୍ଟ ନିର୍ବାଚନମଣ୍ଡଳୀରେ ନୂଆ ପ୍ରାର୍ଥୀ ଦେଇଛି। ସେଥିମଧ୍ୟରୁ ସାରସକଣା କ୍ଷେତ୍ରରେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିବା ପୂର୍ବତନ ବିଧାୟକ ଭାଦବଙ୍କୁ ଦଳ ପ୍ରାର୍ଥୀ ଚୟନ କରିଛି। ୨୦୦୪ରେ ଭାଦବ ଜେଏମ୍‌ଏମ୍‌ରୁ ଜିଲା ପରିଷଦ ସଭାପତି ହୋଇ ରାଜନୀତିରେ ଚର୍ଚ୍ଚିତ ଚେହେରା ଭାବେ ପରିଗଣିତ ହୋଇଥିଲେ। ୨୦୦୯ ବିଧାନସଭା ନିର୍ବାଚନ ହାରିବା ପରେ ୨୦୧୪ରେ ବିଜେଡିରେ ମିଶି ସାରସକଣା ଆସନରୁ ବିଧାୟକ ହୋଇଥିଲେ। ତେବେ ଦଳରେ ତାଙ୍କୁ ଅଣଦେଖା କରାଯିବାରୁ ସେ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ୨୦୧୯ରେ ସାରସକଣାରୁ ଭାଜପା ଟିକେଟରେ ବିଧାୟକ ହୋଇଥିବା ବୁଢ଼ାନଙ୍କ କାର୍ଯ୍ୟଶୈଳୀ ଓ ଲୋକପ୍ରିୟତା କମିଥିବାରୁ ଏହି ଆସନରେ ପ୍ରାର୍ଥୀ ବଦଳ କରାଯାଇଥିବା କୁହାଯାଉଛି। ସେହିପରି ବାଙ୍ଗିରିପୋଷି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ସଞ୍ଜଳିଙ୍କ ପିତା ଶୁକଦା ମୁର୍ମୁ ପୂର୍ବରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଏଥର ତାଙ୍କ ଝିଅଙ୍କୁ ଭାଜପା ଟିକେଟ ଦେଇଛି। ସେହିପରି କରଞ୍ଜିଆ ଆସନରେ ପରାଜିତ ପ୍ରାର୍ଥୀ ପଦ୍ମଚରଣ ହାଇବୁରୁଙ୍କୁ ପୁନର୍ବାର ପ୍ରାର୍ଥୀ କରାଯାଇଛି। ନୂତନ ଚେହେରା ଭାବେ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରୁ ଜୋଲେନଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ଏଠାକାର ବିଧାୟକ ନବଚରଣ ମାଝିଙ୍କୁ ମୟୂରଭଞ୍ଜ ଲୋକ ସଭା ପ୍ରାର୍ଥୀ କରାଯାଇଛି।

### ଭାଜପାର ଆଉ...

ଜାତିଗତ ପ୍ରମାଣପତ୍ର ପାଇଁ ତାଙ୍କ ପ୍ରାର୍ଥିତ୍ୱ ବଦଳାଯାଇଥିବା ଜଣାପଡ଼ିଛି। ୨୦୧୯ରେ ନିର୍ବାଚନ ଲଢ଼ି ନ ଥିବା ପୂର୍ବତନ ମନ୍ତ୍ରୀ ଦିଲୀପ ରାୟ ଏଥର ନିର୍ବାଚନ ଲଢ଼ିବେ। ଦଳ ତାଙ୍କୁ ରାଉରକେଲା ଆସନରୁ ପ୍ରାର୍ଥୀ କରିଛି। ଏହି ଆସନରୁ ଦିଲୀପ ୧୯୮୫, ୧୯୯୦ରେ ଜନତା ଦଳ ଟିକେଟ ଏବଂ ୨୦୧୪ରେ ଭାଜପାରୁ ପ୍ରାର୍ଥୀ ହୋଇ ୩ ଥର ବିଧାୟକ ହୋଇଛନ୍ତି। ନିକଟରେ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ଅମରେନ୍ଦ୍ର ଦାସ, କୈଳାସ କୁଲେସିକା, ଭାଦବ ହାଁସଦା, ଜଗନ୍ନାଥ ନୁଣ୍ଢ଼ୁକା, ଡମ୍ବରୁ ସିସାଙ୍କୁ ଦଳ ପ୍ରାର୍ଥୀ କରିଛି। ଅମରେନ୍ଦ୍ରଙ୍କୁ ଜଗତ୍‌ସିଂହପୁର ଏବଂ କୁଲେସିକାଙ୍କୁ ଲକ୍ଷ୍ମୀପୁର ଆସନରୁ ପ୍ରାର୍ଥୀ କରାଯାଇଛି। ତେବେ ଘୋଷଣା ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୧୬ ଜଣ ନୂଆ ମୁହଁଙ୍କୁ ଭାଜପା ସୁଯୋଗ ଦେଇଥିବା ବେଳେ ୩ ଜଣଙ୍କୁ ରିପିଟ୍ କରିଛି। ତେବେ ମୟୂରଭଞ୍ଜ ଲୋକ ସଭା ଆସନ ଅନ୍ତର୍ଗତ ସବୁ ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିସାରିଛି। ଅନ୍ୟପଟେ ଦଳ ପୂର୍ବରୁ ୨୧ ଲୋକ ସଭା ଆସନ ପାଇଁ ମଧ୍ୟ ପ୍ରାର୍ଥୀ ଘୋଷଣା ସାରିଦେଇଛି। ହେଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଦଳ ଚଳିତ ନିର୍ବାଚନରେ ଉଭୟ ବିଧାନସଭା ଏବଂ ଲୋକ ସଭା ନିର୍ବାଚନ ଲଢ଼ିବା ପାଇଁ ପ୍ରାର୍ଥୀ ନ କରିବା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ କେଉଁ କାରଣରୁ ଦଳ ତାଙ୍କୁ ଅଣଦେଖା କରିଛି ସେନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ୟପଟେ ପାଟଣା ଆସନରୁ ଦଳ ଅଖିଳ ଚନ୍ଦ୍ର ନାଏକ, ସାରସକଣାରେ ଭାଦବ ହାଁସଦା, ରାଇରଙ୍ଗପୁରରେ ଜୋଲେନ ବରଦା, ବାଙ୍ଗିରିପୋଷିରେ ରସଞ୍ଜଳୀ ମୁର୍ମୁ, କରଞ୍ଜିଆରେ ପଦ୍ମଚରଣ ହଇବ୍ରୁ, ଝରିଗାଁରେ ନରସିଂହ ଭାତ୍ରା, ଡାବୁଗାଁରେ ସୋମନାଥ ପୂଜାରୀ, ରାଜନଗରରେ ଲଳିତ ବେହେରା, ବାଲିଗୁଡ଼ା-ଏରସମାରେ ସତ୍ୟସାରଥି ମହାନ୍ତି, କାକଟପୁରରେ ବାଇଧର ମଲିକ, ସାନଖେମୁଣ୍ଡିରେ ଉତ୍ତମ କୁମାର ପାଣିଗ୍ରାହୀ, ମୋହନାରେ ପ୍ରଶାନ୍ତ ମଲିକ, ବିଷମକଟକରେ ଜଗନ୍ନାଥ ନୁଣ୍ଡୁକା, ରାୟଗଡ଼ାରେ ବସନ୍ତ କୁମାର ଉଲାକା, କୋଟପାଡ଼ରେ ରୁପୁ ଭତ୍ରା ଏବଂ ଚିତ୍ରକୋଣ୍ଡାରେ ଡମ୍ବରୁ ସିସାଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ ସାରସକଣାରୁ ବିଧାୟକ ଥିବା ବୁଢ଼ାନ ମୁର୍ମୁଙ୍କୁ ଦଳ ଏଥର ପ୍ରାର୍ଥୀ କରିନାହିଁ। ଏହାକୁ ନେଇ ବୁଢ଼ାନ କହିଛନ୍ତି, କାହିଁକି ତାଙ୍କ ଟିକେଟ କଟାଗଲା ସେକଥା କିଛି କୁହାଯାଇ ନାହିଁ। ତେବେ ଦଳ ତେଲକୋଇ, ଘସିପୁରା, ଚମ୍ପୁଆ, ଭୋଗରାଇ, ବସ୍ତା, ନୀଳଗିରି, ଭଣ୍ଡାରିପୋଖରୀ, ବାସୁଦେବପୁର, ବରୀ, ହିନ୍ଦୋଳ, ବାରବାଟୀ-କଟକ, ସାଲେପୁର, କେନ୍ଦ୍ରାପଡ଼ା, ବେରୁନିଆ, ଖୋର୍ଦ୍ଧା ଏବଂ ଜୟପୁର ଆସନରେ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଇନାହିଁ। ଭୁବନେଶ୍ୱର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଖୋର୍ଦ୍ଧା ଏବଂ ବେରୁନିଆରେ ବିଜେଡି ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ଭାଜପା ମଧ୍ୟ ସମାନ ସ୍ଥିତିରେ ଅଛି। ଏହି ୨ ଆସନରେ କାହାକୁ ଦଳ ପ୍ରାର୍ଥୀ କରିବ ସେନେଇ ଚୂଡ଼ାନ୍ତ କରିପାରୁ ନାହିଁ। ଅନ୍ୟପଟେ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାଏକ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇସାରିଥିବା ବେଳେ ତାଙ୍କୁ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରା ନ ଯିବା ନେଇ ଚର୍ଚ୍ଚା ଲାଗିରହିଛି। ସାଲେପୁର ଆସନରୁ ଗତଥର ପ୍ରାର୍ଥୀ ହୋଇଥିବା ପ୍ରକାଶ ବେହେରା ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ତେଣୁ ଏହି ଆସନରେ ଦଳ କାହାକୁ ପ୍ରାର୍ଥୀ କରିବ ଏପର୍ଯ୍ୟନ୍ତ ଚୂଡ଼ାନ୍ତ କରିପାରି ନାହିଁ। ଦେବାଶିଷ ନାୟକ ବରୀରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଥିବା ବେଳେ ବିଜେଡି ଏଠାରୁ କାହାକୁ ପ୍ରାର୍ଥୀ କରୁଛି ତାକୁ ଦଳ ଅପେକ୍ଷା କରି ରହିଥିବା ଚର୍ଚ୍ଚା ହେଉଛି।

### କଂଗ୍ରେସ ବିରୋଧରେ...

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରାଯାଇ ଆମୀରଙ୍କ ଦଶନ୍ଧି ପୁରୁଣା ଲୋକପ୍ରିୟ ଟିଭି ଶୋ 'ସତ୍ୟମେବ ଜୟତେ'ର ଏକ ଦୃଶ୍ୟକୁ ସନ୍ନିବେଶିତ କରାଯାଇଛି। ଲୋକଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରିବା ନେଇ ଭାଜପା ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ଆମୀର ସମାଲୋଚନା କରୁଥିବା ଏଥିରେ ଦେଖିବାକୁ ମିଳିଛି। ଆମୀର କହୁଛନ୍ତି, ଭାରତର ପ୍ରତ୍ୟେକ ନାଗରିକ ଲକ୍ଷପତି। କାରଣ ସମସ୍ତଙ୍କ ପାଖରେ ୧୫ ଲକ୍ଷ ଟଙ୍କା ଲେଖାଏ ରହିବା ଉଚିତ। କ'ଣ କହିଲେ, ଆପଣଙ୍କ ଆକାଉଣ୍ଟରେ ୧୫ ଲକ୍ଷ ନାହିଁ? ତେବେ ଏହି ଟଙ୍କା କୁଆଡ଼େ ଗଲା? ତେବେ ଏପରି ଜୁମଲାବାଜଙ୍କ ପ୍ରତି ରୁହନ୍ତୁ ସାବଧାନ। ନଚେତ ଆପଣଙ୍କର ହେବ ନୁକ୍‌ସାନ। ଦେଶହିତରେ ଜାରି। ଭାରତୀୟ ଜାତୀୟ କଂଗ୍ରେସ (ଆଇଏନ୍‌ସି) ପକ୍ଷରୁ ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ଏହି ଡିପ୍‌ଫେକ୍ ଭିଡିଓ ଭାଇରାଲ ହେବା ପରେ ଅଭିନେତା ଆମୀର ମୁମ୍ବାଇ ପୋଲିସରେ କଂଗ୍ରେସ ବିରୋଧରେ ଏତଲା ଦେଇଛନ୍ତି। ବିବାଦୀୟ ବିଜ୍ଞାପନ ଭାଜପାକୁ ଟାର୍ଗେଟ କରି ପ୍ରସ୍ତୁତ ଓ ପ୍ରସାର କରାଯାଇଥିବାରୁ ଆମୀର ଏହାର ନିନ୍ଦା କରିଛନ୍ତି। ଆମୀରଙ୍କ ଜଣେ ମୁଖପାତ୍ର କହିଛନ୍ତି, ଭେଟେରାନ୍ ଅଭିନେତା ନିଜ ୩୫ ବର୍ଷର ରାଜନୈତିକ କ୍ୟାରିୟରରେ କେବେହେଲେ କୌଣସି ରାଜନୈତିକ ଦଳକୁ ସମର୍ଥନ କରିନାହାନ୍ତି। ସେ ଅତୀତରେ ନିର୍ବାଚନ ବେଳେ ନିର୍ବାଚନ କମିଶନଙ୍କ ଜରିଆରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କାର୍ଯ୍ୟ କରିଛନ୍ତି। ତେବେ ତାହା ସମ୍ପୂର୍ଣ୍ଣ ରୂପେ ଅଣରାଜନୈତିକ ଥିଲା। ତାଙ୍କ ନାମରେ ମିଥ୍ୟା ଓ ବିଭ୍ରାନ୍ତିକର ଡିପ୍‌ଫେକ୍ ଭିଡିଓ ଜାରି କରିବା ବେଆଇନ। ତେଣୁ ଏହାକୁ ପ୍ରସ୍ତୁତ ଓ ପ୍ରସାର କରିଥିବା ବ୍ୟକ୍ତି ବା ସଙ୍ଗଠନ ବିରୋଧରେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆମୀରଙ୍କ ଅଭିଯୋଗକ୍ରମେ ମୁମ୍ବାଇ ପୋଲିସର ସାଇବର କ୍ରାଇମ୍ ସେଲ୍ ଏହାର ତଦନ୍ତ ଆରମ୍ଭ କରିଛି।

### ସୀମାନ୍ତରୁ ୭...

ଓଜନର ପ୍ରେସର ବୋମା ଆଦି ଜବତ କରିଥିଲେ। ଗିରଫ ମାଓବାଦୀଙ୍କ ମଧ୍ୟରେ ଜଣେ ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ କୱାସୀ ଭୀମା ରହିଛନ୍ତି। ସେ ଟେଟେମଡାରୁ ମାଓବାଦୀ ସଙ୍ଗଠନର ଡିକେଏମ୍‌ଏସ୍ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ଅନ୍ୟ ୬ ମାଓବାଦୀ ସଙ୍ଗଠନରେ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ନେଇ ଯବାନଙ୍କ ପକ୍ଷରୁ ସୂଚନା ମିଳିଛି। ତେବେ ଗିରଫ ମାଓବାଦୀମାନଙ୍କୁ ପଚରାଉଚରା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଲୁବୁନୁ
ପରିବାରବର୍ଗ


ସମ୍ରାଟ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

**ବାରିପଦା,୧୬।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପ୍ରତାପପୁର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ଗାଧୋଉଥିବା ସମୟରେ ପାଣିରେ ବୁଡ଼ିଯାଇ ୨ ଭଉଣୀଙ୍କ ସଳିଳ ସମାଧି ଘଟିଛି। ପରିବାର ଲୋକେ ଉଭୟଙ୍କୁ ପୋଖରୀରୁ ଉଦ୍ଧାର କରି ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ମୃତ ନାବାଳିକା ଦ୍ୱୟ ହେଲେ ପ୍ରତାପପୁର ଗ୍ରାମର ସନ୍ତୋଷ ନାଏକଙ୍କ ଝିଅ ସୁରେଖା (୧୫) ଓ କୁଳିଅଣା ଥାନା ଦହିଗାଁ ଗ୍ରାମର ରାଜକପୁର ନାଏକଙ୍କ ଝିଅ ତପସ୍ୱିନୀ (୧୭)। ଉଭୟ ସମ୍ପର୍କୀୟ ଭଉଣୀ ବୋଲି ଜଣାପଡିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**IZUMI JAPANESE LANGUAGE TRAINING BHUBANESWAR**
**ADMISSION OPEN**
For the Japanese Language Course, JLPT (Japanese Language Proficiency Test)
Levels: N5, N4, N3 and N2
For details please visit: izumiclasses.com
Ph.: 9741039285, 9945599298

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
7382841797

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଗ୍ନିପଥିକ

## ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ



ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ। ନବ ଉତ୍କଳର ନିଆରା ବିନ୍ଧାଣୀ। ତାଙ୍କ ନାମ ସ୍ମରଣ ମାତ୍ରେ ଆଖି ଆଗରେ ନାଚିଯାଏ ସ୍ୱାଭିମାନ ଓ ସାହସିକତାର ଶିଖର ଛୁଇଁଥିବା ଜଣେ ଉତ୍ତୁଙ୍ଗ ମଣିଷର ଛବି। ପଡ଼ିଆରେ ଫୁଟବଲ ଖେଳିବାଠାରୁ ଆକାଶରେ ବିମାନ ଉଡ଼ାଇବା ପର୍ଯ୍ୟନ୍ତ ସବୁଥିରେ ସେ ଥିଲେ ସାହସୀ, ଧୁରନ୍ଧର ଓ ଦୁର୍ଦ୍ଧର୍ଷ। ଜଣେ ଅଭିଜ୍ଞ ରାଜନୀତିଜ୍ଞ, ସୁଦକ୍ଷ ବୈମାନିକ, ସଫଳ ଶିଳ୍ପୋଦ୍ୟୋଗୀ ଓ ସ୍ୱାଭିମାନୀ ଓଡ଼ିଆ ଭାବରେ ସେ ନିଜର ଘଟଣା ବହୁଳ ଜୀବନରେ ଏମିତି କିଛି କାମ କରିଯାଇଛନ୍ତି, ଯାହାକୁ କେନ୍ଦ୍ରକରି ଅନେକ କାହାଣୀ ଓ କିମ୍ବଦନ୍ତୀ ଗଢ଼ି ଉଠିଛି ଏବଂ ତାଙ୍କ ନାମ ସହିତ ଯୋଡ଼ି ହୋଇଯାଇଛି ପ୍ରବାଦ ପୁରୁଷ, ଦ୍ୱିତୀୟ ଖାରବେଳ ଓ ଝଡ଼ର ଇଗଲ ଆଦି ଅନେକ ବର୍ଣ୍ଣାଢ୍ୟ ବିଶେଷଣ। ଏସବୁ କୌଣସି ଅନୁଷ୍ଠାନ ପ୍ରଦତ୍ତ ଉପାଧି ନୁହେଁ, ବରଂ ବୀରତ୍ୱ, ବିବେକ, ଉଦାରତା ତଥା ତାଙ୍କ ବଡ଼ପଣ ବା ମହାନୁଭବତା ପ୍ରତି ଲୋକଙ୍କ ହୃଦୟର ନିରୋଳା ଭଲ ପାଇବାରୁ ଉତ୍ସରିତ ଏକ ଏକ ଶ୍ରଦ୍ଧାସ୍ନାତ ସମ୍ବୋଧନ।

ବାସ୍ତବରେ ବିଜୁବାବୁ ଥିଲେ କୋଟି ଓଡ଼ିଆଙ୍କ ହୃଦୟ ସିଂହାସନରେ ସ୍ଥାନ ପାଇଥିବା ଜଣେ ପ୍ରିୟ ମଣିଷ। ତାଙ୍କ ନିଜ ଭାଷାରେ-'ମୁଁ ଯେମିତି ଓଡ଼ିଶାକୁ ଭଲପାଏ, ମୋତେ ସେମିତି ଭଲପାଏ ଓଡ଼ିଶା। ଓଡ଼ିଶାବାସୀଙ୍କ ସେହି ଅଜସ୍ର ଭଲ ପାଇବା କାରଣରୁ ବିଜୟାନନ୍ଦ ପଟ୍ଟନାୟକ ଆଜି ବିଜୁବାବୁ ନାମରେ ପରିଚିତ।

ଓଡ଼ିଶା ଓ ଓଡ଼ିଆଙ୍କ ପ୍ରତି ବିଜୁବାବୁଙ୍କ ଭଲ ପାଇବାରେ ଥିଲା ଏକ ଆବେଗମୟ ଉଚ୍ଛ୍ୱାସ। ସେ ଅନାବିଳ ମମତା କଥା ଭାବିଲେ ଅସୀମ ଦିଗ୍‌ବଳୟ ଆଡ଼କୁ ପ୍ରସରିଯାଏ ପ୍ରତ୍ୟେକ ଓଡ଼ିଆର ବିସ୍ମୟ ବିସ୍ଫାରିତ ନେତ୍ର। ବିଶ୍ୱ ସ୍ତରରେ ଓଡ଼ିଆର ଟେକ ରଖିବା ଥିଲା ବିଜୁବାବୁଙ୍କ ଲକ୍ଷ୍ୟ। ଓଡ଼ିଆଙ୍କ ଭିତରେ ଓଡ଼ିଆତ୍ୱ ଭରିଦେବା ପାଇଁ ବା ଏକ ସଂକଳ୍ପବଦ୍ଧ ଓଡ଼ିଆ ଜାତି ନିର୍ମାଣ ଲକ୍ଷ୍ୟରେ ସେ ରୋମନ୍ଥନ କରିଛନ୍ତି ଓଡ଼ିଶା ଇତିହାସର ଗୌରବମୟ କାହାଣୀ। ତାଙ୍କ ପ୍ରାଣକୁ ଉଦ୍‌ବେଳିତ କରିଛି ପ୍ରାଚୀନ କଳିଙ୍ଗର ଅନୁପମ ଐଶ୍ୱର୍ଯ୍ୟ। ଅପରାଜେୟ ସାମ୍ରାଜ୍ୟ ଭାବରେ ଖ୍ୟାତ କଳିଙ୍ଗ ଯେ ଦିନେ ମଗଧ ସମ୍ରାଟ ଅଶୋକଙ୍କ ଦ୍ୱାରା ପରାଜୟ ବରଣ କରିଥିଲା, ଏକଥାକୁ ସହଜରେ ଗ୍ରହଣ କରି ନ ପାରି ସେ କଳିଙ୍ଗ ଯୁଦ୍ଧର ଐତିହାସିକ ସତ୍ୟତା ଉପରେ ଉଠାଇଛନ୍ତି କିଛି ବିଚାରାନୁମୋଦିତ ପ୍ରଶ୍ନ। ଐତିହାସିକମାନଙ୍କ ଦକ୍ଷତା ଓ ନିରପେକ୍ଷତାକୁ କାଠଗଡ଼ାକୁ ଟାଣିବା ସହିତ ଖୋଜିଛନ୍ତି ଅଶୋକଙ୍କଠାରୁ ପରାଜୟ ବରଣ କରିଥିବା କଳିଙ୍ଗ ସମ୍ରାଟଙ୍କ ପରିଚୟ। ଏ ସମ୍ପର୍କରେ ଅଶୋକଙ୍କ ଶିଳାଲେଖର ନୀରବ ଥିବାରୁ ସେ ହାତୀଗୁମ୍ଫା ଶିଳାଲେଖ ସହାୟତାରେ ପାଇଛନ୍ତି ପ୍ରାଚୀନ କଳିଙ୍ଗର ଅନୁପମ ଐଶ୍ୱର୍ଯ୍ୟର ପ୍ରମାଣ। କଳିଙ୍ଗାଃ ସାହସିକାଃ-ଏହି ପ୍ରାଚୀନ ଉକ୍ତି ତାଙ୍କ ଭିତରେ ଭରିଦେଇଛି ଗୌରବମୟ ଅତୀତକୁ ଉଜ୍ଜୀବିତ କରିବାର ଦମ୍ଭିଲାପଣ। ଓଡ଼ିଆଙ୍କ ଭିତରେ ଓଡ଼ିଆତ୍ୱ ଭରିଦେବା ଆଭିମୁଖ୍ୟ ନେଇ ସେ କହନ୍ତି- କଳିଙ୍ଗ ଶବ୍ଦର ଅର୍ଥ ହେଉଛି ବୀରତ୍ୱ ଓ ସାହସିକତା। ଏକଦା ତାହା ହିଁ ଥିଲା କଳିଙ୍ଗବାସୀଙ୍କ ଚରିତ୍ରର ଭୂଷଣ। ସେମାନେ ଯୁଦ୍ଧ ଭୂଇଁରେ ବୀରତ୍ୱ ପ୍ରଦର୍ଶନ କରି ଯେମିତି ସାମ୍ରାଜ୍ୟ ବିସ୍ତାର କରିଥିଲେ, ସେମିତି ସାଗରକୁ ସାମ୍ରାଜ୍ୟରେ ପରିଣତ କରିଦେଇଥିଲେ ଦରିଆପାରି ନୌବାଣିଜ୍ୟ ପାଇଁ। କଲମ୍ବସ(୧୪୯୨) ଓ ଭାସ୍କୋଡାଗାମା (୧୪୯୮) ଭାରତକୁ ଜଳପଥ ଆବିଷ୍କାର କରିବାର ବହୁ ଶତାବ୍ଦୀ ପୂର୍ବରୁ ପ୍ରାଚ୍ୟ ଏସିଆର ପ୍ରାୟ ପ୍ରତ୍ୟେକ ଦେଶ ସହିତ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କରି ସାରିଥିଲା କଳିଙ୍ଗର ସାଧବପୁଅ। କଳିଙ୍ଗମାଟିର ପାଇକ ଓ ସାଧବପୁଅ ଏଭଳି ଅକଳ୍ପନୀୟ ସାହସିକତା ପାଇଁ କଳିଙ୍ଗ ନାମକୁ ସେ ଖୁବ୍ ଭଲପାଉଥିଲେ ଏବଂ ଏହି ନାମ ପାଲଟିଯାଇଥିଲା ତାଙ୍କ ପ୍ରାଣର ସ୍ପନ୍ଦନ। ସେଥିପାଇଁ ଓଡ଼ିଶା ପରିବର୍ତ୍ତେ କଳିଙ୍ଗ ନାମକୁ ସେ ବ୍ୟବହାର କରିଛନ୍ତି ସବୁ କ୍ଷେତ୍ରରେ। ପୂର୍ବରୁ ଯେଉଁ କଳିଙ୍ଗ ନାମ କେବଳ ଇତିହାସର ପୃଷ୍ଠା ମଣ୍ଡନ କରୁଥିଲା ସଂଗ୍ରହାଳୟର ନିର୍ଜୀବ ସାମଗ୍ରୀ ଭାବରେ, ସେଥିରେ (୧୯୫୧ପରେ) ପ୍ରାଣ ସଞ୍ଚାର ହେବାକୁ ଲାଗିଲା ବିଜୁବାବୁଙ୍କ ଭାବାବେଗ ବଳରେ। ବସ୍ତୁତଃ ବ୍ୟବହାରର ବ୍ୟାପକତା ଦୃଷ୍ଟିରୁ କଳିଙ୍ଗ ନାମ ସହିତ ଯୋଡ଼ି ହୋଇଗଲା ବିଜୁବାବୁଙ୍କ ଜାତିପ୍ରାଣତାର ସ୍ୱର ଓ ସଂକଳ୍ପ। କେବଳ କଳିଙ୍ଗ ନୁହେଁ, କଳିଙ୍ଗାଧିପତି ଐର ଖାରବେଳଙ୍କ ନାମ ଥିଲା ତାଙ୍କର ଅତି ପ୍ରିୟ। ତାଙ୍କୁ ଆଦ୍ୟରୁ ଉଦ୍‌ବୋଧିତ କରିଥିଲା ମଗଧକୁ ପରାସ୍ତ କରି ଗଙ୍ଗାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରି ପାରିଥିବା ସମ୍ରାଟ ଖାରବେଳଙ୍କ ପରାକ୍ରମ। ତାଙ୍କ ଭଳି ଜଣେ ପରାକ୍ରମଶାଳୀ, ଉଦାରମନା, ଗୁଣଗ୍ରାହୀ ତଥା ସର୍ବଧର୍ମ ସମନ୍ୱୟକାରୀ ସୁଶାସକଙ୍କ ନାମ ସହିତ ଓଡ଼ିଆ ଜାତିର ଶକ୍ତି, ସାମର୍ଥ୍ୟ, ପ୍ରତିଷ୍ଠା ଓ ପ୍ରଭୁତ୍ୱ ଯୋଡ଼ି ହୋଇ ରହିଥିବାରୁ ତାଙ୍କୁ ଆଦର୍ଶ ଭାବରେ ଗ୍ରହଣ କରି ସେ ଆରମ୍ଭ କରିଛନ୍ତି ନୂଆ ଓଡ଼ିଶା ଗଢ଼ିବାର ସଂକଳ୍ପବଦ୍ଧ ପ୍ରୟାସ। ସମ୍ରାଟ ଖାରବେଳଙ୍କ ବଂଶଧର ଭାବରେ ଗର୍ବର ସହିତ ସେ କହିଛନ୍ତି- "ମୁଁ ଖାରବେଳ ଜାତିର ଦାୟାଦ। ପୁରୁଷୋତ୍ତମଦେବଙ୍କ ବଂଶଧର। ମୋ ସଂସ୍କୃତି ଜଗନ୍ନାଥ ସଂସ୍କୃତି। କଳାର ଉତ୍କର୍ଷ ପାଇଁ ମୋ ରାଜ୍ୟର ନାମ କଳିଙ୍ଗ। ଏହି କଳିଙ୍ଗ ହେଉଛି ମୋ ମାଆ। ନିଜ ଜୀବନ ବିନିମୟରେ ମା' ପାଇଁ ଯଦି କିଛି କରିପାରିବି, ତେବେ ସାର୍ଥକ ହେବ ଜୀବନ।" ତାଙ୍କ ମତରେ ଏହି ହେଉଛି ସେହି ଓଡ଼ିଶା ବା କଳିଙ୍ଗ, ଯେଉଁଠି ରଚିତ ହୋଇଥିଲା 'ଗୀତ ଗୋବିନ୍ଦ'। ଏହି ସ୍ଥାନରେ ପଠାଣି ସାମନ୍ତଙ୍କ ଭଳି ବୈଜ୍ଞାନିକ ଜନ୍ମ ନେଇଥିଲେ, ଯିଏ ଖାଲି ଆଖିରେ ଆକାଶକୁ ଚାହିଁ ଆବିଷ୍କାର କରିପାରିଥିଲେ ଜଟିଳ ମହାକାଶ ତତ୍ତ୍ୱ। ଗୋଟିଏ ରାଜ୍ୟ ଯେଉଁଠାରେ ସବୁଠାରୁ ପ୍ରସିଦ୍ଧ ବୈଜ୍ଞାନିକ, ଗଣିତଜ୍ଞ, ବିଦ୍ୱାନ, କାରିଗର, ବାସ୍ତବ ଚିତ୍ର, ସଂଗୀତଜ୍ଞ, ନୃତ୍ୟାଙ୍ଗନା ଓ ମହାନ୍ ସଂସ୍କୃତିର ଲୋକ ଭରି ରହିଥିବେ, ସେହି ହେଉଛି ମୋ ସ୍ୱପ୍ନର ଓଡ଼ିଶା। ତାହା ହିଁ ମୋ ଜୀବନର ସ୍ୱପ୍ନ। ନିଜର ଅଭିଳଷିତ ସ୍ୱପ୍ନ ସମ୍ପର୍କରେ ପ୍ରକାଶ କରିବାକୁ ଯାଇ ସେ ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋରଙ୍କ ଉକ୍ତିକୁ ଉଦ୍ଧାରକରି କହନ୍ତି- "ଯେତେବେଳେ ବି ସ୍ୱପ୍ନ ଦେଖିବ ବଡ଼ବଡ଼ ସ୍ୱପ୍ନ ଦେଖ। କେବଳ ବଡ଼ ବଡ଼ ସ୍ୱପ୍ନ ଦେଖିଲେ ବଡ଼ ବଡ଼ କାର୍ଯ୍ୟ କରିହେବ।" ସେହି ଭଳି ବଡ଼ବଡ଼ ସ୍ୱପ୍ନ ଦେଖି ସେ ଆଙ୍କିଥିଲେ ଓଡ଼ିଶା ବିକାଶର ନକ୍ସା। ଭାଷଣ ପ୍ରସଙ୍ଗରେ ତା'ର ପରିଚୟ ଦେବାକୁ ଯାଇ ସେ କହୁଥିଲେ- "ମୋ ସ୍ୱପ୍ନର ଓଡ଼ିଶାରେ କୌଣସି ଚାଷୀର ଜମି ପଡ଼ିଆ ରହିବ ନାହିଁ କି ନଷ୍ଟ ହେବନି ବୁନ୍ଦାଏ ବି ଜଳ। ମୁଁ ସେହି ଦିନର ସ୍ୱପ୍ନ ଦେଖୁଛି, ଯେଉଁଦିନ ପ୍ରତ୍ୟେକ ମହିଳା ପୁରୁଷଙ୍କ ସହ ସମାନ ଭାବରେ ଦାୟିତ୍ୱ ତୁଲାଇବେ ଏବଂ ଉପଭୋଗ କରିବେ ସମାନ ସୁବିଧା ସୁଯୋଗ। ମୋ ରାଜ୍ୟରେ କେହି ଖାଲି ପେଟରେ ରହିବେନି କି ପୁଷ୍ଟିହୀନତାର ଶିକାର ହେବେନି ଜଣେ କେହି ଶିଶୁ। ରାଜ୍ୟର ପ୍ରତ୍ୟେକ ଲୋକଙ୍କ ମୁଣ୍ଡ ଉପରେ ଖଣ୍ଡିଏ ଭଲ ଛାତ, ସବୁ ପରିବାରକୁ ପିଇବା ପାଣି, ସବୁ ପିଲାଙ୍କ ପାଇଁ ଭଲ ସ୍କୁଲ ଓ ସମସ୍ତଙ୍କ ପାଇଁ ମାଗଣାରେ ଭଲ ସ୍ୱାସ୍ଥ୍ୟସେବା ମିଳୁଥିବ ଏବଂ ନିରକ୍ଷରତା ଓ ଅଜ୍ଞାନତା ପାଇଁ ନ ଥିବ ଟିକିଏ ବି ଜାଗା।

ମଣିଷର ଅଭୀପ୍ସା ଓ କଳ୍ପନାରୁ ଜନ୍ମ ନିଏ ସ୍ୱପ୍ନ। ସେହି ସ୍ୱପ୍ନକୁ ନେଇ ଲେଖାଯାଏ ଜାତିର ଇତିହାସ। ଉତ୍ତର ପିଢ଼ି ସେ ଇତିହାସରୁ ପାଏ ଆଗକୁ ବଢ଼ିବାର ପ୍ରେରଣା। ମାତ୍ର ଏଇ ପ୍ରେରଣା ପାଇବା ପାଇଁ ଜାତୀୟ ଅସ୍ମିତା ଲୋଡ଼ା, ଯାହାକୁ ନେଇ ଖାରବେଳଙ୍କ ଉତ୍ତର ଦାୟାଦ ଭାବରେ ଗର୍ବ ଅନୁଭବ କରୁଥିଲେ ବିଜୁବାବୁ। କିନ୍ତୁ ପରବର୍ତ୍ତୀ ପିଢ଼ି ପାଖରେ ସେ ଅସ୍ମିତାବୋଧ କାହିଁ?

**- ଡ. ପ୍ରଫୁଲ୍ଲ କୁମାର ସାହୁ**
ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ:୬୩୭୧୬୪୨୪୬୪


# Classified Everyday

0674-2580101, 2549949




**GROOM WANTED**

ବୟସ 28, କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳା ଘରୋଇ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077016578. D-75323

61 ବୟସ୍କା Retd. ହୋଇଥିବା କରଣ ଜାତିର ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077871702. D-081

Beautiful Khandayat Girl 26 Govt. Class-I officer Bhubaneswar 9938199964, 9090486408. D-101




**SALE**

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

Duplex sale at Bhubaneswar @ 57 lakhs only. Contact-9777433701. D-75945

ଭୁବନେଶ୍ୱର ଗ୍ୟାରେଜ ଛକରେ ୟେଲୋଜୋନ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। Mob-9827119799. D-102

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଖରୁ 2 କିଲୋମିଟର ଦୂର ମଙ୍ଗଳାଘାଟ ଛକ ନୂଆ ବସ୍‌ଷ୍ଟାଣ୍ଡ ପାଖରେ 12600 ବର୍ଗଫୁଟ ସ୍ଥିତିବାନ ଘରବାଡ଼ି ଜମି 40 ଫୁଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରୟ କରାଯିବ। ଆପାର୍ଟମେଣ୍ଟ ବା ସ୍କୁଲ, କଲେଜ ପାଇଁ ଉପଯୁକ୍ତ। ଆଗ୍ରହୀ ଗ୍ରାହକ ଯୋଗାଯୋଗ କରନ୍ତୁ: 9438109040, 8144658008. D-097

200 gunth land besides Palla Anda Mouza Khordha Tahasil for sale. Contact: 9437100491. D-095

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price, call-9439856856, 7008982279, 6371097442, 9040116788. D-082

Readymade well-furnished duplex house at Nayapalli, Bhubaneswar of plot No.- N6/421, Land Area- 2700sqft. (45ft x 60 ft), construction Area- ground floor 1700sqft. & first floor 1700sqft. 7008563697. D-092

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Gharabari Plots at Uttara, Patrapada. 2/3BHK Flats in Bhubaneswar. 8270370007. D-037

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952. D-75946

Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721. D-063




Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-083


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Newly opend central SPA full-body massage. Trend therapist. 8456885600. D-75729

Relax, Refresh your Body, Mind at Saikrupa Spa with best therapies. 8984068077. D-094

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75729

Relax, refresh your body, mind by expert therapist. Contact- 9938843929. D-76114


**AFFIDAVIT**

By affidavit before in the Court of the Executive Magistrate, Kanika, CF No.-59AA 466607 dtd. 15.04.2024, I, Monalisa Bhuyan, W/o- Manoj Kumar Behera, Vill- Trailokyapur, P.O.- Ayatan, P.S.- Rajkanika, Dist.- Kendrapara have changed my Daughter name from Avanshi Behera to Mishika Behera. Instead of Avanshi Behera my Daughter have been recognized, identified & known as Mishika Behera for all purposes. D-098

## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**√ପ୍ରଫୁଲ୍ଲ କୁମାର ରାଉତ**
(ଭାରତୀୟ ଷ୍ଟେଟ ବ୍ୟାଙ୍କ) ଅବସରପ୍ରାପ୍ତ
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର
ଆବିର୍ଭାବ- ୦୪।୦୧।୧୯୫୨
ତିରୋଧାନ- ୦୨।୦୪।୨୦୨୦ (ଶ୍ରୀରାମ ନବମୀ)

କକା, ଏହାରି ଭିତରେ ଚାରିବର୍ଷ ବିତିଗଲା। ଏପର୍ଯ୍ୟନ୍ତ ଆମ ଅନ୍ତରର କୋହ ଆଉ ଆଖିର ଲୁହ ଶୁଖିନି, ତୁମର ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା, କଠିନ ପରିଶ୍ରମ, ଧର୍ମଭାବନା ଏବଂ ସମସ୍ତଙ୍କୁ ବାନ୍ଧି ରଖିବାର କଳା ଆମ ଜୀବନର ସର୍ବଦା ପ୍ରେରଣାର ଉତ୍ସ ହୋଇ ରହୁ। ଆଜିର ଏହି ପବିତ୍ର ଦିନରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ବନ୍ଧୁ ଏବଂ ପରିବାରବର୍ଗ।**

ଧ-୦୯୦

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**√ଶ୍ରୀମତୀ କାଳୀ ମିଶ୍ର**
ସର୍ବୋଦୟ ନଗର, ପୁରୀ-୨
ସ୍ୱାମୀ- √ ଶ୍ରୀ ଲକ୍ଷ୍ମୀ ପ୍ରସାଦ ମିଶ୍ର
ଆବିର୍ଭାବ: ୧୯୪୪- ଗଣେଶ ଚତୁର୍ଥୀ
ତିରୋଧାନ: ୨୦୧୮- ରାମନବମୀ

ବୋଉ, ତୁମେ ଯିବାର ଇତି ମଧ୍ୟରେ ଛଅ ବର୍ଷ ବିତିଗଲାଣି। ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଆମକୁ ଏ ସଂସାର ପଥରେ ବାଟ ଚଲାଇବା ଶିଖାଇଛି। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ଲିଲି, ଅନାମ, ରାନୁ, ରମୁ, ମିନା, ଅଶୋକ, ବିକୁନା, ଜୟଚନ୍ଦ୍ର,ସୋନି, ଦିପୁନ, ବାପୁନୀ, ମାମୁନୀ, ଟିକିନା, ରୁଚି ଏଂ ପରିବାରବର୍ଗ।

ଧ-୭୫୬୦୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**√ ସନ୍ତୋଷ କୁମାର ଆଚାର୍ଯ୍ୟ**
ଆବିର୍ଭାବ - ୦୭.୦୪.୧୯୪୫
ତିରୋଧାନ - ୩୦.୦୩.୨୦୨୩

ଆପଣ ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ସ୍ନେହ, ମମତା, ତ୍ୟାଗ, ଆଶୀର୍ବାଦ, ଆଦର୍ଶ, କର୍ତ୍ତବ୍ୟପରାୟଣତା ଆମ ହୃଦୟରେ ଚିରସ୍ମରଣୀୟ ହୋଇ ରହିବ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।

-ଶୋକସନ୍ତପ୍ତ -
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ଆତ୍ମୀୟସ୍ୱଜନ

ଧ-୧୦୦


**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ପ୍ରଥମ ପୃଷ୍ଠାରୁ...**

### ମୁଁ କେଜ୍‌ରିୱାଲ...

କିନ୍ତୁ କେଜ୍‌ରିୱାଲ ଏହାଦ୍ୱାରା ଅଧିକ ଶକ୍ତିଶାଳୀ ହୋଇ ଉଭାହେବେ। ତିହାର ଜେଲରେ କୁଖ୍ୟାତ ଅପରାଧୀମାନଙ୍କୁ ରଖାଯାଇଥାଏ। ସେମାନଙ୍କୁ ନିଜ ଓକିଲ ଓ ସ୍ତ୍ରୀଙ୍କ ସହ ସାକ୍ଷାତ ପାଇଁ ଅନୁମତି ମିଳିଥାଏ। କିନ୍ତୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କେଜ୍‌ରିୱାଲଙ୍କୁ ଭେଟିବାକୁ ଯିବାବେଳେ ଉଭୟଙ୍କ ମଝିରେ କାଚ ସ୍କ୍ରିନ୍ ରହିଥିଲା। ଏହାକୁ ନେଇ ବ୍ୟଥିତ କେଜ୍‌ରିୱାଲ ଦେଶବାସୀଙ୍କ ଉଦ୍ଦେଶ୍ୟରେ ସନ୍ଦେଶ ପଠାଇଛନ୍ତି, ମୋ ନାଁ ଅରବିନ୍ଦ କେଜ୍‌ରିୱାଲ, ମୁଁ ଆତଙ୍କବାଦୀ ନୁହେଁ। ୨୦୧୦ରେ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍‌ଙ୍କ 'ମାଇଁ ନେମ୍ ଇଜ୍ ଖାନ୍' ରିଲିଜ୍ ହୋଇଥିଲା। ଏହି ଫିଲ୍ମର 'ମାଇଁ ନେମ୍ ଇଜ୍ ଖାନ୍ ଆଣ୍ଡ ଆଇ ଆମ୍ ନଟ୍ ଏ ଟେରରିଷ୍ଟ' ଡାଇଲଗ୍ ଲୋକପ୍ରିୟ ହୋଇଥିଲା। ଉକ୍ତ ସଂଳାପ ଶୈଳୀରେ କେଜ୍‌ରିୱାଲ ଉପରୋକ୍ତ ସନ୍ଦେଶ ପଠାଇଥିବା କୁହାଯାଉଛି।

### ୟୁପିଏସ୍‌ସି: ଓଡ଼ିଶାର ଅନିମେଶ...

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍)ର ଅଧିକାରୀ ଚୟନ କରାଯାଇଥାଏ। ଏଥିପାଇଁ ତିନୋଟି ପର୍ଯ୍ୟାୟ ପ୍ରାଥମିକ, ମୁଖ୍ୟ ଏବଂ ସାକ୍ଷାତ୍‌କାର ପରୀକ୍ଷା ହୋଇଥାଏ। ୟୁପିଏସ୍‌ସି ପକ୍ଷରୁ ୨୦୨୩ ମେ' ୨୮ରେ ପ୍ରିଲିମିନାରି ପରୀକ୍ଷା ହୋଇଥିଲା। ଯେଉଁମାନେ ପ୍ରିଲିମ୍ ରାଉଣ୍ଡରେ ପାସ୍ କରିଥିଲେ, ସେମାନେ ମେନ୍ (ମୁଖ୍ୟ) ପରୀକ୍ଷା ଦେଇଥିଲେ। ମେନ୍ ପରୀକ୍ଷାର ଫଳାଫଳ ୨୦୨୩ ଡିସେମ୍ବର ୮ରେ ଘୋଷଣା ହୋଇଥିଲା। ଗତ ଜାନୁଆରୀରୁ ଏପ୍ରିଲ ମାସ ମଧ୍ୟରେ ସାକ୍ଷାତକାର ପରୀକ୍ଷା ହୋଇଥିଲା। ଏଥିରେ ନିଯୁକ୍ତି ପାଇଁ ମୋଟ ୧,୦୧୬ ପ୍ରାର୍ଥୀଙ୍କୁ ସୁପାରିସ କରାଯାଇଛି।

### କେନ୍ଦ୍ରାପଡ଼ାରେ ବଜ୍ରପାତ...

ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଆଳି ଥାନା ଶାଳିଅଞ୍ଚ ଗ୍ରାମର ବିଷ୍ଣୁଚରଣ ବେହେରାଙ୍କ ପୁଅ ଅନିଲ ବିଲରେ କାମ କଲାବେଳେ ବଜ୍ରପାତ ହେବାରୁ ସେ ଟଳି ପଡିଥିଲେ। ତାଙ୍କ ସହ ଥିବା ଅନ୍ୟ ଯୁବକମାନେ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡଆଙ୍କୋ ଗାଁର ଗୁରୁଚରଣ ମଲ୍ଲିକ (୬୨) ନଦୀ ନିକଟକୁ ଯାଇଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ। ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବଜ୍ରପାତ ସମୟରେ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାରେ ଯାତାୟାତ କରୁଥିବା ଅନେକ ବାଇକ୍ ଆରୋହୀ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି।

# ୨୦୨୪ରେ ଜିଡିପି ଅଭିବୃଦ୍ଧି ହାର ୬.୮%

## ଆଇଏମ୍ଏଫ୍ ଆକଳନ

ଭୁବନେଶ୍ୱର,୧୬।୪
(ଅନୁରାଧା ମହାରଣା)

୨୦୨୪ରେ ଭାରତୀୟ ଅର୍ଥନୀତି ୬.୮ ପ୍ରତିଶତ ହାରରେ ବୃଦ୍ଧିପାଇବ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍) ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ଆଉଟଲୁକ୍‌ରେ ଏପରି ଆକଳନ ପ୍ରକାଶ କରିଛି। ଆଇଏମ୍ଏଫ୍ ୨୦୨୪ରେ ଭାରତରେ ଜିଡିପି ଅଭିବୃଦ୍ଧି ହାରକୁ ୬.୮ ପ୍ରତିଶତ ହେବ ବୋଲି ଆକଳନ କରିଛି। ଜିଡିପି ଅଭିବୃଦ୍ଧି ହାର ୬.୫ ପ୍ରତିଶତ ହେବ ବୋଲି ଗତ ଜାନୁଆରୀରେ ଆକଳନ କରାଯାଇଥିଲା। ୨୦୨୫ ପାଇଁ ଆଇଏମ୍ଏଫ୍ ଏହାର ଅଭିବୃଦ୍ଧି ପୂର୍ବାନୁମାନ ଅପରିବର୍ତ୍ତିତ ରଖିଛି। ୨୦୨୫ରେ ଅଭିବୃଦ୍ଧି ହାର ୬.୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ବିଶ୍ୱ ଅର୍ଥନୈତିକ ଆଉଟଲୁକ୍ ରିପୋର୍ଟ ପ୍ରକାଶକରି ଆଇଏମ୍ଏଫ୍ କହିଛି, ଭାରତରେ ଅଭିବୃଦ୍ଧି ମଜଭୁତ ରହିବ ଏବଂ ୨୦୨୪ରେ ଜିଡିପି ୬.୮ ପ୍ରତିଶତ ଏବଂ ୨୦୨୫ରେ ୬.୫ ପ୍ରତିଶତ ହେବ ବୋଲି ଆଶା କରାଯାଉଛି। ଆଇଏମ୍ଏଫ୍ ଅନୁଯାୟୀ, ଘରୋଇ ଚାହିଦା ଏବଂ କର୍ମଜୀବୀ ଶ୍ରେଣୀର ଜନସଂଖ୍ୟା ବୃଦ୍ଧି ହେତୁ ଭାରତର ଏହି ଆର୍ଥିକ ଅଭିବୃଦ୍ଧିରେ ଦେଖାଯାଉଛି। ଆଇଏମ୍ଏଫ୍ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଭାରତର ଆର୍ଥିକ ଅଭିବୃଦ୍ଧି ପୂର୍ବାନୁମାନକୁ ୭.୮ ପ୍ରତିଶତକୁ ବୃଦ୍ଧି କରିଛି। ସରକାର ଏହି ଅଭିବୃଦ୍ଧି ହାର ୭.୬ ପ୍ରତିଶତ ଆକଳନ କରିଥିବାବେଳେ ଏହାଠାର ଆଇଏମ୍ଏଫ୍ ଆକଳନ ଅଧିକ ରହିଛି। ସେହିପରି ୨୦୨୪ରେ ଭାରତରେ ମୁଦ୍ରାସ୍ଫୀତି ହାର ୪.୬ ପ୍ରତିଶତ ଏବଂ ୨୦୨୫ରେ ୪.୨ ପ୍ରତିଶତ ବୋଲି ଆଇଏମ୍ଏଫ୍ ଆକଳନ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆନୁମାନିକ ତୁଳନାରେ ଆଇଏମ୍ଏଫ୍‌ର ଆକଳନ ସାମାନ୍ୟ ଅଧିକ ରହିଛି। ମାର୍ଚ୍ଚ ୨୦୨୪ ପାଇଁ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ, ଯଦିଓ ଖାଦ୍ୟ ମୁଦ୍ରାସ୍ଫୀତି ହାର ୮.୫୨ ପ୍ରତିଶତ ରହିଛି ମାତ୍ର ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୫ ପ୍ରତିଶତକୁ ଖସି ଆସିଛି। ଆଇଏମ୍ଏଫ୍ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାରର ଆକଳନକୁ ବୃଦ୍ଧି କରିଥିବାବେଳେ ଏହା ଚାଇନାର ଅଭିବୃଦ୍ଧି ହାରର ଆକଳନକୁ ହ୍ରାସ କରିଛି। ଆଇଏମ୍ଏଫ୍ ଅନୁଯାୟୀ, ଚାଇନାର ଅର୍ଥନୀତି ୨୦୨୪ରେ ୪.୬ ପ୍ରତିଶତ ଏବଂ ୨୦୨୫ ରେ ୪.୧ ପ୍ରତିଶତ ଅଭିବୃଦ୍ଧି ରହିବ। ଏହା ୨୦୨୩ରେ ୫.୨ ପ୍ରତିଶତ ଥିଲା।




## ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୧୬।୪

ଚଳିତ ସପ୍ତାହ କାରବାରର ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୫୬(୪୫୬.୧୦) ପଏଣ୍ଟ କମି ୭୨,୯୪୪(୭୨,୯୪୩.୬୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨୫(୧୨୪.୬୦) ପଏଣ୍ଟ ହ୍ରାସ ଘଟି ୨୨,୧୪୮(୨୨,୧୪୭.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଶ୍ରୀଶ ସିବିଆଇର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୧୬।୪

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ସିବିଆଇ ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଶ୍ରୀଶ କୁମାର ଶର୍ମା ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବିହାରର ଧାନବାଦ କ୍ଷେତ୍ରୀୟ କାର୍ଯ୍ୟାଳୟରେ କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ଶର୍ମା ୨୦୨୩-୨୪ ଆର୍ଥିକ ବର୍ଷରେ ପଶ୍ଚିମବଙ୍ଗର କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟଠାରେ ସିଆଇଏ ଭାବେ କାର୍ଯ୍ୟ କରିବା ସହ ବିହାର, ରାଞ୍ଚି ଓ ଚଣ୍ଡିଗଡ଼ ଭଳି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଥିଲାବେଳେ ଦୀର୍ଘ ୩୦ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ ଗ୍ରାହକମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିପାରିଛନ୍ତି। ଏପରିକି କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ତୃଣମୂଳ ସ୍ତରର ବିକାଶ ନିମନ୍ତେ ଏମ୍‌ଏସ୍‌ଏମ୍‌ଇ, ରିଟେଲ, ସ୍ୱୟଂ ସହାୟକ ଗୋଷ୍ଠୀ, ସିଡି ଅନୁପାତ, କାସା, ସାମାଜିକ ସୁରକ୍ଷା ଯୋଜନା, ସେଣ୍ଟ ୟୁପିଆଇ ଓ କେନ୍ଦ୍ର ଏବଂ ରାଜ୍ୟ ଅନୁମୋଦିତ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ବିଶେଷ ଧ୍ୟାନ ଦେବେ ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


ଶ୍ରୀଶ କୁମାର ଶର୍ମା

ଉଲ୍ଲେଖଯୋଗ୍ୟ, ୧୯୯୨ରେ ଶର୍ମା ବ୍ୟାଙ୍କିଙ୍ଗ୍ କ୍ୟାରିୟର ଆରମ୍ଭ ସହ ଦେଶର ବିଭିନ୍ନ ପ୍ରାନ୍ତରେ ସେ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରିଛନ୍ତି।

## ଟାଟା ପାୱାରର ନୂତନ ମାଇଲଖୁଣ୍ଟ

ଭୁବନେଶ୍ୱର,୧୬।୪

ଦେଶର ସର୍ବବୃହତ୍ ସମନ୍ୱିତ ବିଦ୍ୟୁତ୍ କମ୍ପାନୀ ଭାବେ ପରିଚିତ ଟାଟା ପାୱାର ବୈଦ୍ୟୁତିକ ଭେଇକିଲ (ଇଭି) ଚାର୍ଜିଂ ସମାଧାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସହ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି କମ୍ପାନୀ ପ୍ରଥମ ଇଭି ଚାର୍ଜିଂ ସମାଧାନ ପ୍ରଦାନକାରୀ ଭାବେ ଭାରତରେ ୧୦ କୋଟି ଗ୍ରୀନ୍ କିଲୋମିଟର (କି.ମି.)ର ରାସ୍ତା ଅତିକ୍ରମ କରିଛି। ବିଶେଷକରି ସାର୍ବଜନୀନ, ଅର୍ଦ୍ଧ-ସାର୍ବଜନୀନ, ବସ୍-ଫ୍ଲିଟ୍ ଓ ହୋମ୍ ଚାର୍ଜର ବର୍ଗ ପର୍ଯ୍ୟନ୍ତ ଏହି ସାମାଧନ ବ୍ୟାପିଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ଜାତୀୟ ସ୍ତରରେ ସ୍ଥାୟୀ ଗମନାଗମନର ପ୍ରସାର କରିବାରେ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି ମାଇଲଖୁଣ୍ଟ ଦର୍ଶାଉଛି। ୨୦୩୦ ସୁଦ୍ଧା ଦେଶରେ ବିକ୍ରି ହେଉଥିବା ୩୦% ଯାନ ଇଭି ହେଉ ବୋଲି ସରକାର ଲକ୍ଷ୍ୟ ରଖିଥିବାବେଳେ ସ୍ଥାୟୀ ପରିବହନ ଓ ଇ-ଗମନାଗମନର ପ୍ରସାର କରିବା ଲାଗି ଫେମ୍ ଓ ଜାତୀୟ ଇଲେକ୍ଟ୍ରିକ୍ ଗମନାଗମନ ମିଶନ ଭଳି ସ୍କିମ୍‌କୁ ମଧ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି। ଏହି ପରିବର୍ତ୍ତନରେ ଦୃଢ଼ ଇଭି ଚାର୍ଜିଂ ଭିତ୍ତିଭୂମି କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିବା ଲାଗି ଟାଟା ପାୱାର ତା'ର ନେଟ୍‌ୱର୍କକୁ ଇଜି ଚାର୍ଜ ନାମରେ ନାମିତ କରିବା ସହ ଦେଶର ୫୩୦ରୁ ଅଧିକ ସହର ଓ ନଗରରେ ୮୬,୦୦୦ହୋମ୍ ଚାର୍ଜର, ୫୩୦୦ ରୁ ଅଧିକ ସାର୍ବଜନୀନ, ଅର୍ଦ୍ଧ ସାର୍ବଜନୀନ ଓ ଫ୍ଲିଟ୍ ଚାର୍ଜିଂ ପଏଣ୍ଟ ଏବଂ ୮୫୦ରୁ ଅଧିକ ବସ୍ ଚାର୍ଜିଂ ଷ୍ଟେଶନକୁ ସମ୍ପ୍ରସାରଣ କରିଛି। ଏହି ଚାର୍ଜରଗୁଡ଼ିକୁ ରାଜପଥ, ହୋଟେଲ, ମଲ୍, ହସ୍ପିଟାଲ, କାର୍ଯ୍ୟାଳୟ, ଆବାସିକ ପରିସର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାପନ କରାଯାଇଛି।

ଏକ ଆକଳନ ଅନୁଯାୟୀ ୨୦୩୦ସୁଦ୍ଧା ଭାରତରେ ବାର୍ଷିକ ଇଭି ବିକ୍ରି ୧କୋଟିରେ ପହଞ୍ଚିବାର ଆଶା କରାଯାଉଛି। ଏହି ରୂପାନ୍ତରିତ ଯାତ୍ରା ସାରା ଦେଶରେ ଉପସ୍ଥିତି ସହ ଟାଟା ପାୱାର ଅଗ୍ରଣୀ ସ୍ଥାନରେ ରହିଛି। ଇଲେକ୍ଟ୍ରିକ୍ ଯାନ ଓ ଇଭି ଚାର୍ଜିଂ ଭିତ୍ତିଭୂମି ଚାହିଦାରେ ବୃଦ୍ଧି ସହ ଟାଟା ପାୱାର ପକ୍ଷରୁ ଆର୍‌ଏଫ୍‌ଆଇଡି କାର୍ଡ ଭଳି ଗ୍ରାହକ କୈନ୍ଦ୍ରିକ ପ୍ରଯୁକ୍ତି ସମାଧାନ ଉପସ୍ଥାପନ କରାଯାଉଛି,ଯାହା ଇଭି ଗ୍ରାହକଙ୍କୁ ଓ୍ୟାରଲେସ୍ ପେମେଣ୍ଟ କରିବାରେ ସହାୟକ ହେଉଛି।

ଶୂନ ନିର୍ଗମନ ଗମନାଗମନ ପ୍ରତି ଅତୁଟ ପ୍ରତିବଦ୍ଧତା ଲାଗି ଟାଟା ପାୱାର ସମ୍ମାନଜନକ 'ଶୂନ୍ୟ ଭିତ୍ତିଭୂମି ଚାମ୍ପିୟନ' ସମ୍ମାନ ହାସଲ କରିଛି।

## ବଜାରରେ ହିରୋର ଦି ମାଭରିକ୍ ୪୪୦

ଭୁବନେଶ୍ୱର,୧୬।୪(ଅଭୟ ଦାଶ)

ହିରୋ ମୋଟକର୍ପ ଲିମିଟେଡ୍ ବା ହିରୋର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ଦି ମାଭରିକ୍ ୪୪୦'ର ସର୍ବଭାରତୀୟ ଉନ୍ମୋଚନ ଏବଂ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଜେଏମ୍‌ଜି ଅଟୋମୋବାଇଲ କଟକ ପ୍ରଫେସରପଡ଼ାସ୍ଥିତ ଶୋ'ରୁମ୍ ପରିସରରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜେଏମ୍‌ଜି ଅଟୋମୋବାଇଲ କଟକର ଏମ୍‌ପି ପ୍ରଦୀପ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା ସହ ଆଶାୟୀ ବୁକିଂ ଗ୍ରାହକଙ୍କୁ ଚାବି ହସ୍ତାନ୍ତର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଏମ୍‌ଜି ଅଟୋମୋବାଇଲର ମ୍ୟାନେଜର ଦିଲୀପ ରାଉତଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।




ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ଦି ମାଭରିକ ୪୪୦ ମଡେଲରେ ଅନେକ ଆଧୁନିକ ବୈଶିଷ୍ଟ୍ୟ ସହ ଅପର ପ୍ରିମିୟମ ସେଗ୍‌ମେଣ୍ଟ, ଆକର୍ଷଣୀୟ ଫିଚର ଓ ଡିଜାଇନ ଏବଂ ଆଧୁନିକ ସୁରକ୍ଷା ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ ରହିଛି। ସେହିଭଳି ୪୪୦ସିସି ଟର୍କ ଇଞ୍ଜିନ ସହିତ ଭିନ୍ନ ଭିନ୍ନ ପ୍ରକାରର ଫିଚର ସହ ୩ଟି ଭାରିଆଣ୍ଟ (ବେସ୍, ମିଡ୍ ଏବଂ ଟପ୍) ଓ ୩ଟି ଆକର୍ଷଣୀୟ କଲରରେ ଉକ୍ତ ମଡେଲ ଉପଲବ୍ଧ। ଏପରିକି ଏହାର ପ୍ରାରମ୍ଭିକ ବଜାର ମୂଲ୍ୟ ୧.୯୯ ଲକ୍ଷ ରହିଛି।

## ଝାରସୁଗୁଡ଼ାରେ କ୍ୟାଲ୍‌ସିୟମ ଆଲୁମିନେଟ୍ ପ୍ଲାଣ୍ଟ

ଭୁବନେଶ୍ୱର,୧୬।୪

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ମାନୁଫ୍ୟାକ୍ଚରିଂ ଷ୍ଟାର୍ଟଅପ୍ 'ରୁନାୟା'ର ଅତ୍ୟାଧୁନିକ କ୍ୟାଲ୍‌ସିୟମ୍ ଆଲୁମିନେଟ୍ ପ୍ଲାଣ୍ଟ ମଙ୍ଗଳବାର ଓଡ଼ିଶାର ଝାରସୁଗୁଡ଼ାଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ବାର୍ଷିକ ୧୨,୦୦୦ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏହି ନୂତନ ସୁବିଧା କେନ୍ଦ୍ର ଇସ୍ପାତ ଶିଳ୍ପରେ ଗ୍ରାହକଙ୍କୁ ସବୁଜ ପ୍ରିମିୟମ ଉତ୍ପାଦ ବିତରଣ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି। ଏପରିକି ସବୁଜ କଞ୍ଚାମାଲ ବିନିଯୋଗରେ ଏହା ଏକ ବୃତ୍ତାକାର ଅର୍ଥନୀତି ଆଡ଼କୁ ଅଗ୍ରସର ହେବା ସହ କାର୍ବନ ଫୁଟ୍‌ପ୍ରିଣ୍ଟକୁ ମଧ୍ୟ କମ୍ କରିବ ବୋଲି ଆଶା କରାଯାଉଛି। ସେହିଭଳି କ୍ୟାଲ୍‌ସିୟମ ଆଲୁମିନିୟମ ପ୍ଲାଣ୍ଟ ରୁନାୟାର ଗ୍ରୀନ୍ ଆଲୁମିନିୟମ ପୋର୍ଟଫୋଲିଓର ଏକ ରଣନୀତିକ ବିସ୍ତାରକୁ ପ୍ରତିପାଦିତ କରୁଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୧୦୦% ସବୁଜ ଏବଂ ଅକ୍ଷୟ ଶକ୍ତି ଉତ୍ସ ଉପରେ କାର୍ଯ୍ୟ କରିବାକୁ କମ୍ପାନୀ ସ୍ଥିର କରିଛୁ। ଏହି ସୁବିଧା ଶିଳ୍ପ ମଧ୍ୟରେ ସ୍ଥିରତା ପାଇଁ ମଧ୍ୟ ଏକ ନୂତନ ମାନଦଣ୍ଡ ସ୍ଥିର କରିଛି। ଏ ସମ୍ପର୍କରେ ରୁନାୟାର ସହ-ପ୍ରତିଷ୍ଠାତା ତଥା ସିଇଓ ଅନନ୍ୟା ଅଗ୍ରୱାଲ କହିଛନ୍ତି, ଆମେ ସବୁବେଳେ ନୂତନତା ଓ ସ୍ଥିରତା ଉପରେ ଗୁରୁତ୍ୱ ଦେଇଥାଉ। ଏପରିକି ଆମର କ୍ୟାଲ୍‌ସିୟମ ଆଲୁମିନେଟ୍ ପ୍ଲାଣ୍ଟ ଶୁଭାରମ୍ଭ ହେଉଛି। ଧାତୁ ଶିଳ୍ପରେ ପରିବେଶ ଅନୁକୂଳ ସମାଧାନ ଲାଗି ଆମ ପ୍ରତିବଦ୍ଧତାର ପ୍ରମାଣ। ଏହି ଅତ୍ୟାଧୁନିକ ସୁବିଧା ଆମର ସବୁଜ ପୁନରୁଦ୍ଧାର ପଦକ୍ଷେପଗୁଡ଼ିକରେ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦର୍ଶନ କରିଥାଏ, ଯାହା ଏକ ସବୁଜ, ଅଧିକ ସ୍ଥାୟୀ ଭବିଷ୍ୟତ ପାଇଁ ଆମର ଦୃଷ୍ଟିକୁ ଦୃଢ କରିଥାଏ। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଇକୋ ସଚେତନ ଅଭ୍ୟାସ ମାଧ୍ୟମରେ ଆମେ କେବଳ ଏକ ପ୍ଲାଣ୍ଟ ତିଆରି କରୁ ନାହୁଁ ବରଂ ଭବିଷ୍ୟତ ଲାଗି ମାର୍ଗ ପ୍ରଶସ୍ତ କରିଥାଉ।

ଏପରିକି ଶୂନ୍ୟ ବର୍ଜ୍ୟ ଓ ସବୁଜ ସାମଗ୍ରୀ ଭଳି ପଦକ୍ଷେପ ସହିତ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମଧ୍ୟ ଏହା କାର୍ଯ୍ୟ କରିଥାଏ। ଲାଇସେନ୍ସପ୍ରାପ୍ତ ମାଲିକାନା ପେଟେଣ୍ଟଯୁକ୍ତ ବୈଷୟିକୀ ଆଧାରିତ ଅପରେଶନ ସହ ରୁନାୟା ଛୋଟ ଧାତୁ ପୁନରୁଦ୍ଧାର ସହିତ ବିବିଧ ଏଣ୍ଡ ଟୁ ଏଣ୍ଡ ସବୁଜ ସମାଧାନ କ୍ଷେତ୍ରରେ ଅଗ୍ରଣୀ ରହିଛି। ଏକ ନୂଆ ଯୁଗର କମ୍ପାନୀ ଭାବେ ରୁନାୟା ଉଦୀୟମାନ ଖଣି ପ୍ରଯୁକ୍ତି ଉପରେ ଧ୍ୟାନ ଦେଇ ଓ ଉଦୀୟମାନ ବ୍ୟବସାୟିକ ଆବଶ୍ୟକତା ପୂରଣକରି ଶିଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ସମାଧାନ ପ୍ରଦାନ କରୁଛି।

## ଫୁର୍‌ସତ

## ୨୭୦ ଥର ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ, ୧.୩୬ ଲକ୍ଷ ଜରିମାନା

**ବେଙ୍ଗାଲୁରୁ:** ଟ୍ରାଫିକ ନିୟମ ଉଲ୍ଲଙ୍ଘନ ପାଇଁ ସାଧାରଣତଃ କିଛି ହଜାର ଟଙ୍କା ଜରିମାନା ଦେବାକୁ ପଡିଥାଏ। କିନ୍ତୁ ଏବେ ଏପରି ଏକ ମାମଲା ସାମ୍ନାକୁ ଆସିଛି, ଯେଉଁଥିରେ ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରିଥିବା ଜଣେ ମହିଳାଙ୍କୁ ଲକ୍ଷାଧିକ ଟଙ୍କାର ଜରିମାନା କରାଯାଇଛି। ବେଙ୍ଗାଲୁରୁର ଜଣେ ମହିଳାଙ୍କୁ ଟ୍ରାଫିକ୍ ନିୟମ ପାଳନ ନ କରିବା ମହଙ୍ଗା ପଡ଼ିଛି। ହେଲମେଟ ନ ପିନ୍ଧି ସ୍କୁଟି ଚଳାଉଥିବାରୁ ତାଙ୍କୁ ୧ ଲକ୍ଷ ୩୬ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ବିନା ହେଲ୍‌ମେଟ ପିନ୍ଧି ମହିଳା ଜଣଙ୍କ ସ୍କୁଟି ଚଳାଉଥିବା ବେଳେ ଏହା ରାସ୍ତା କଡ଼ରେ ଥିବା କ୍ୟାମେରାରେ ରେକର୍ଡ ହୋଇଥିଲା। ତେବେ ଏହି ମହିଳା ଜଣକ ପ୍ରଥମ ଥର ପାଇଁ ଟ୍ରାଫିକ ନିୟମକୁ ଉଲ୍ଲଙ୍ଘନ କରିନାହାନ୍ତି। ପୂର୍ବରୁ ସେ ୨୭୦ ଥର ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରିଛନ୍ତି। ଲଗାତର ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରି ଚାଲିଥିବାରୁ ଏହି ମହିଳାଙ୍କୁ ୧ ଲକ୍ଷ ୩୬ ହଜାର ଟଙ୍କା ଜରିମାନା କରାଯାଇ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବେଙ୍ଗାଲୁରୁର ବରିଷ୍ଠ ଟ୍ରାଫିକ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ମହିଳାଙ୍କୁ ମିଳିଥିବା ଜରିମାନା ତାଙ୍କ ହୋଣ୍ଡା ଆକ୍ଟିଭା ସ୍କୁଟିର ମୂଲ୍ୟ ଠାରୁ ମଧ୍ୟ ଢେର ଅଧିକ।



ତେବେ ବିନା ହେଲ୍‌ମେଟରେ ଗାଡ଼ି ଚଳାଇବା, ରାସ୍ତାର ଭୁଲ ପାର୍ଶ୍ୱରେ ଗାଡ଼ି ଚଳାଇବା, ଗାଡ଼ି ଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର କରିବା, ଟ୍ରାଫିକ ସିଗ୍‌ନାଲ ଭାଙ୍ଗିବା, ୨ରୁ ଅଧିକ ବ୍ୟକ୍ତିଙ୍କୁ ସ୍କୁଟିରେ ନେବା ଆଦି ଅନେକ ପ୍ରକାରର ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରିଥିବାରୁ ଉକ୍ତ ମହିଳାଙ୍କ ବିରୋଧରେ ଏହି କଡ଼ା କାର୍ଯ୍ୟାନୁଷ୍ଠାନକୁ ସେ ଯଥାର୍ଥ ଦର୍ଶାଇଛନ୍ତି। ସମ୍ପ୍ରତି ଭାରତର ଅଧିକାଂଶ ସହରରେ ରାଜ୍ୟ ସରକାରଗୁଡ଼ି ଦ୍ୱାରା ସିସିଟିଭି କ୍ୟାମେରା ଲଗାଯାଇଛି, ଯାହା ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରୁଥିବା ବିଭିନ୍ନ ବ୍ୟକ୍ତିଙ୍କୁ କ୍ୟାପ୍‌ଚର କରିବା ସହ ଲୋକଙ୍କ ଉପରେ ନଜର ରଖିଥାଏ ଏବଂ ପୋଲିସକୁ ସାହାଯ୍ୟ କରିଥାଏ। ଏହି କ୍ୟାମେରାରେ ନିୟମ ଉଲ୍ଲଙ୍ଘନ କରିବାର କିଛି ସମୟ ମଧ୍ୟରେ ଗାଡି ମାଲିକଙ୍କ ନାମରେ ଚାଲାଣ କଟିଯାଇଥାଏ।

## ସାଉଥରେ ଡେବ୍ୟୁ କରିବେ ଅକ୍ଷୟ

**ହାଇଦ୍ରାବାଦ:** ବଲିଉଡ୍ ଅଭିନେତା ଅକ୍ଷୟ କୁମାର ନିଜର ଆକ୍ସନ ଥ୍ରୀଲର ଫିଲ୍ମ 'ବଡ଼େ ମିୟାଁ ଛୋଟେ ମିୟାଁ'ପରେ ଏବେ ତେଲୁଗୁ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ବିଷ୍ଣୁ ମଞ୍ଚୁଙ୍କ ନିର୍ମିତ 'କନ୍ନପ୍ପା' ଫିଲ୍ମରେ ଅକ୍ଷୟ ନଜର ଆସିବେ ବୋଲି ମଙ୍ଗଳବାର ଜଣାପଡ଼ିଛି। ଏହା ଏକ ପୌରାଣିକ ଆଧାରିତ ଫିଲ୍ମ ହୋଇଥିବାବେଳେ ଏଥିରେ ଅକ୍ଷୟଙ୍କ ସହ ପ୍ରଭାସ, ମୋହନଲାଲଙ୍କ ଭଳି ଦକ୍ଷିଣ ସିନେମାର ସୁପରଷ୍ଟାର ପ୍ରଭାସ, ମୋହନଲାଲ ଓ ନୟନତାରା ନଜର ଆସିବେ। ଅକ୍ଷୟ 'କନ୍ନପ୍ପା'ର ଏକ ଅଂଶ ହେବା ସହ ସାଉଥ ଚଳଚ୍ଚିତ୍ରରେ ଡେବ୍ୟୁ କରିବେ ବୋଲି ଫିଲ୍ମ ନିର୍ମାତା ବିଷ୍ଣୁ ମଞ୍ଚୁ ନିଜ ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସେ ଏହି ପୋଷ୍ଟରେ ଏକ ଭିଡିଓ ମଧ୍ୟ ଶେୟାର କରିଥିଲେ। ଏଥିରେ ବିଷ୍ଣୁ ଅକ୍ଷୟଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିବା ଦେଖିବାକୁ ମିଳିଛି। ଏହା ପରେ ଉଭୟ ଅକ୍ଷୟ ଓ ବିଷ୍ଣୁ ମଞ୍ଚୁ 'କନ୍ନପ୍ପା' ପ୍ରୋଜେକ୍ଟ ବିଷୟରେ ଆଲୋଚନା କରିଥିଲେ। ଅକ୍ଷୟଙ୍କ ଯୋଗଦାନରେ 'କନ୍ନପ୍ପା' ଆହୁରି ଅଧିକ ରୋମାଞ୍ଚକର ହୋଇଥିବା ଏହି ଅବସରରେ ବିଷ୍ଣୁ କହିଛନ୍ତି। ଅକ୍ଷୟଙ୍କ ଭଳି ଷ୍ଟାରଙ୍କୁ ତେଲୁଗୁ ଚଳଚ୍ଚିତ୍ର ଶିଳ୍ପରେ ସ୍ୱାଗତ କରି ସେ ଖୁସିବ୍ୟକ୍ତ କରିଛନ୍ତି। 'କନ୍ନପ୍ପା' ଚଳଚ୍ଚିତ୍ର ସହ ତେଲୁଗୁ ସିନେମାରେ ଅକ୍ଷୟଙ୍କ ଡେବ୍ୟୁ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି। ଭଗବାନ ଶିବଙ୍କର ଏକ ଭକ୍ତ କନ୍ନପ୍ପାଙ୍କୁ ନେଇ ଏହି ଚଳଚ୍ଚିତ୍ରର କାହାଣୀ ଆଧାରିତ।


ଅକ୍ଷୟ କୁମାର

## ଆଜି 'ବିଶ୍ୱ ହେମୋଫିଲିଆ ଦିବସ'

## ଅଧିକ ସଚେତନତାର ଆବଶ୍ୟକତା ରହିଛି

ପ୍ରତିବର୍ଷ ଏପ୍ରିଲ ୧୭ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ହେମୋଫିଲିଆ ଦିବସ'। ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି-'ସମସ୍ତ ବଂଶାନୁକ୍ରମିକ ବ୍ୟାଧିରେ ଆକ୍ରାନ୍ତ ସବୁ ରୋଗୀଙ୍କୁ ଲିଙ୍ଗ, ବୟସ ଓ ଜାତୀୟତା ନିର୍ବିଶେଷରେ ସର୍ବୋତ୍କୃଷ୍ଟ ତଥା ଯଥାର୍ଥ ଚିକିତ୍ସା ସେବା ସମାନ ଭାବରେ ଯୋଗାଇ ଦେବା ଆବଶ୍ୟକ'। ହେମୋଫିଲିଆ ହେଉଛି ଏକ ଜିନ୍ ରୋଗ ଓ ବଂଶାନୁକ୍ରମିକ। ଏହା ଏକ ରକ୍ତ ରୋଗ। ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। 'ହେମୋଫିଲିଆ ଶବ୍ଦ 'ହେମା' ଏବଂ 'ଫିଲିଆ'କୁ ନେଇ ଗଠିତ। 'ହେମୋ' ଅର୍ଥ ହେଲା ରକ୍ତ ସମ୍ବନ୍ଧୀୟ ଏବଂ 'ଫିଲିଆ' ଅର୍ଥ ହେଉଛି ପ୍ରବଣତା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରୋଗରେ ଜଣେ ଆକ୍ରାନ୍ତ ହେଲେ ତାଙ୍କର ରକ୍ତ ଜମାଟ ବାନ୍ଧି ପାରେ ନାହିଁ। ଏ ସମ୍ପର୍କରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, 'ଏହି ରୋଗର କେତେକ ସାଧାରଣ କଥା ଆମେ ଜାଣି ରଖିବା ନିହାତି ଦରକାର। ପ୍ରଥମ କଥା ହେଲା କେଉଁ ଉପାଦାନ ବା ଫ୍ୟାକ୍ଟରର ଅଭାବ ଯୋଗୁ ହେମୋଫିଲିଆ ଜାତ ହୁଏ ? ଜିନ୍ ଦୋଷ ଯୋଗୁ ରୋଗୀଠାରେ ବା ପୁତ୍ର ସନ୍ତାନଠାରେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IX ଆଶାନୁରୂପ ଭାବରେ ତିଆରି ହୋଇପାରେ ନାହିଁ। ସୁତରାଂ ଫ୍ୟାକ୍ଟର VIII ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ A' ଏବଂ ଫ୍ୟାକ୍ଟର IX ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ B' ବୋଲି କହନ୍ତି। ହେମୋଫିଲିଆ ରୋଗୀଙ୍କର ସବୁଯାକ ପୁତ୍ର ସନ୍ତାନ ରୋଗମୁକ୍ତ ତଥା ସୁସ୍ଥ ହୋଇ ଜନ୍ମ ନେଇଥାଆନ୍ତି। କିନ୍ତୁ ସବୁଯାକ କନ୍ୟା ସନ୍ତାନ ଏହାର ବାହକ ରୂପେ ଭୂମିଷ୍ଠ ହୋଇଥାଆନ୍ତି। ସାମାନ୍ୟ ଖଣ୍ଡିଆ ଖାବରା ହୋଇପଡିଲେ କି ଦୁର୍ଘଟଣାଗ୍ରସ୍ତ ହେଲେ କ୍ଷତ ସ୍ଥାନରୁ ବହୁ ସମୟ ଧରି ରକ୍ତସ୍ରାବ ଚାଲିଥାଏ। ଦାନ୍ତ ଉପାଡିଲେ ମାଢ଼ିର ଉପୁଡା ଯାଇଥିବା ସ୍ଥାନରୁ ରକ୍ତ ଝରିବା ସହଜରେ ବନ୍ଦ ହୁଏ ନାହିଁ। ଛୋଟକାଟିଆ ଅପରେଶନ କଲାବେଳେ ମଧ୍ୟ ବହୁ ସମୟଧରି ରକ୍ତ ବୋହୁଥାଏ। ନାକ, ପାଟି ଓ ଦାନ୍ତ ମାଢ଼ିରୁ ବି ରକ୍ତ ଝରିପାରେ। ରକ୍ତବାନ୍ତି ଓ କଳାଝାଡା ହେବା ସଙ୍ଗେ ସଙ୍ଗେ ଝାଡା ଓ ପରିସ୍ରାରେ ମଧ୍ୟ ରକ୍ତ ପଡିପାରେ। ଏହି ରୋଗକୁ ନିର୍ଣ୍ଣୟ କରିବା ପାଇଁ କେତେକ ପରୀକ୍ଷା କରାଯାଇଥାଏ। ପିଲାର ରକ୍ତରେ ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXର ମାତ୍ରା ନିର୍ଦ୍ଧାରଣ କରି ରୋଗ ନିର୍ଣ୍ଣୟ କରାଯାଏ। ରୋଗୀଠାରେ ଫ୍ୟାକ୍ଟର VIIIର ଅଭାବ ଥିଲେ 'ହେମୋଫିଲିଆ A' ଏବଂ ଏବଂ ଫ୍ୟାକ୍ଟର IXର ଅଭାବ ଥିଲେ 'ହେମୋଫିଲିଆ B' ବୋଲି ନିର୍ଣ୍ଣୟ କରିବାରେ କୌଣସି ସନ୍ଦେହ ରହେ ନାହିଁ। ଏବେ ଗର୍ଭବତୀଙ୍କ ଗର୍ଭାଶୟରୁ ଜଳ ସଂଗ୍ରହ ଓ ସେହି ଜଳରେ ଥିବା ଜୀବକୋଷର ଜିନ୍ ପରୀକ୍ଷା କରି ଗର୍ଭସ୍ଥ ଶିଶୁ ରୋଗୀ କି ବାହକ ତାହା ଜାଣି ହେଉଛି। ଏପରି କି ଗର୍ଭସ୍ଥ ଶିଶୁ ପାଞ୍ଚ ମାସର ହୋଇଯାଇଥିଲେ ତା'ଠାରୁ ରକ୍ତ ସଂଗ୍ରହ କରି ସେହି ରକ୍ତରେ ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXର ମାତ୍ରା ନିର୍ଦ୍ଧାରଣ କରି ରୋଗ ଚିହ୍ନଟ କରିବା ସମ୍ଭବ। ଏଭଳି ସମସ୍ୟା ସହ ଜଡିତ ବ୍ୟକ୍ତି କେତେକ ବିଷୟ ପ୍ରତି ସଚେତନ ରହିବା ନିହାତି ଜରୁରୀ। ରୋଗୀ ଯେପରି ଆଘାତ ପାଇ କ୍ଷତବିକ୍ଷତ ନ ହୁଅନ୍ତି ସେଥିପ୍ରତି ସତର୍କ ରୁହନ୍ତୁ। ରୋଗୀ ଖେଳାଖେଳି, ଓଜନିଆ ଜିନିଷ ଉଠାଇବା ସମୟରେ, ଧାରୁଆ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ସମୟରେ ସତର୍କ ରହିବା ଉଚିତ। ଏମାନେ ଦାନ୍ତ ଘଷିବା ସମୟରେ ନରମ ବ୍ରଶ ବ୍ୟବହାର କରନ୍ତୁ। ରୋଗୀକୁ ବାରମ୍ବାର ରକ୍ତ ନେବାକୁ ପଡିଥାଏ। ତେଣୁ ସେ ଯେପରି ହେପାଟାଇଟିସ୍-ବି, ଏବଂ ହେପାଟାଇଟିସ-ସି ତଥା ଏଚଆଇଭି ଦ୍ୱାରା ସଂକ୍ରମିତ ନ ହୁଏ ସେଥିପ୍ରତି ନଜର ଦିଅନ୍ତୁ। ଜାଣି ରଖିବା ଉଚିତ ଯେ, ହେମୋଫିଲିଆ ରୋଗ ସଂକ୍ରାମକ ନୁହେଁ। ତେଣୁ ତାହା ଅନ୍ୟମାନଙ୍କୁ ଡେଇଁବାର ଆଦୌ ଆଶଙ୍କା ନାହିଁ।'



## ଖରାଟିଆ ଗେଣ୍ଡୁଫୁଲ ଲଗାଉଥିଲେ...



**ଆ**ଗରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡକରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ ୧ ମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଙ୍ଗ୍ସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦–୨୦ ସେ.ମି. ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗ ଡାଳଗୁଡ଼ିକୁ ଭାଙ୍ଗି ଦିଅନ୍ତୁ।

## ନଳିତା ଚାଷ କରୁଥିଲେ...

**ନ**ଳିତା ମାର୍ଚ୍ଚ ମାସ ଶେଷରୁ ଆରମ୍ଭକରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ଜେଆର୍‌ଓ–୫୨୪(ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡଶଢ଼ା ଓ ମୂଳଶଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷକରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡ଼ି ଗୋବରଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍ଫରସ ଓ ୧୨କି.ଗ୍ରା. ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା. ଯବକ୍ଷାରଜାନ, ୮କି.ଗ୍ରା. ଫସ୍ଫରସ ଓ ୮କି.ଗ୍ରା. ପଟାସ୍ ମୂଳସାର ଆକାରରେ ପ୍ରୟୋଗ କରନ୍ତୁ।



## ଫଳ ଚାରା ଲଗାଇବା ସମୟରେ...



**ଆ**ମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ଗାତ ଖୋଳି କିଛିଦିନ ପାଇଁ ଛାଡ଼ି ଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି., ନଡ଼ିଆ – ୧ ମି. x ୧ ମି. x୧ ମି. , କଦଳୀ – ୦.୫ ମି. x ୦.୫ ମି.x ୦.୫ ମି., କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ। ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବଚାରାକୁ ପଲିଥିନ୍‌ରେ ଭରନ୍ତୁ। ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ। ମାଆ ଗଛଗୁଡ଼ିକରେ ସାର, ଶଢ଼ା ଗୋବରଖତ ପ୍ରୟୋଗ କରନ୍ତୁ। ନୂତନ ଗଛଗୁଡ଼ିକରେ ଜଳସେଚନ କରନ୍ତୁ ।

# ବୈଜ୍ଞାନିକ ପଦ୍ଧତିରେ ହଳଦୀଚାଷ



ଡ. ମାନସ ରଞ୍ଜନ ପଟ୍ଟନାୟକ

"ଖରାଦିନିଆ ବର୍ଷା ପରେ ୪-୫ ଓଡ଼ ଚାଷକରି ମାଟିକୁ ଭଲଭାବରେ ଗୁଣ୍ଡ କରିଦିଅନ୍ତୁ। ତା'ପରେ ୧୫ ସେ.ମି. ଉଚ୍ଚ ଏବଂ ୧ ସେ.ମି. ଓସାର ଏବଂ ୩ ମିଟର କିମ୍ବା ସୁବିଧା ଅନୁସାରେ ୫୦ସେମିର ଲମ୍ବା ପଟାଳି କରିବା ଆବଶ୍ୟକ। ସାଧାରଣତଃ ହଳଦୀ ଏପ୍ରିଲରୁ ମେ' ମାସ ମଧ୍ୟରେ ଲଗାଯାଇଥାଏ। ହଳଦୀ ଲଗାଇବା ସମୟରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଏବଂ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନ ରହିବା ଦରକାର। ହଳଦୀ ଲଗାଇବା ପରେ ମାଟିକୁ ଘୋଡ଼ାଇ ଦିଅନ୍ତୁ । ଉଚ୍ଚ ପଟାଳି କରିବା ଦ୍ୱାରା ପାଣି ସହଜରେ ନିଗିଡ଼ିଯାଇଥାଏ। ଏହାଦ୍ୱାରା ହଳଦୀ କନ୍ଦା ପଚିଯିବା ଭୟ ନ ଥାଏ।"

**ଆ**ଜିର ଦିନରେ ଚାଷୀମାନେ ଜୈବିକ ପଦ୍ଧତିରେ ଚାଷ କରିବାକୁ ଆଗେଇ ଆସିଲେଣି। କାରଣ ରାସାୟନିକ ସାର ସାହାଯ୍ୟରେ ଚାଷ କରିବାକୁ ଅନେକେ ଏବେ ପସନ୍ଦ କରୁନାହାନ୍ତି। କାରଣ ଦିନକୁ ଦିନ ବାୟୁ ପ୍ରଦୂଷଣ ବଢ଼ିଚାଲିଛି। ଏହାବ୍ୟତୀତ ରସାୟନିକ ସାର ପ୍ରୟୋଗ ଦ୍ୱାରା ଚାଷଜମି ଅନେକାଂଶରେ କ୍ଷତିଗ୍ରସ୍ତ ହେଉଛି। ତା'ସହ ଚାଷ ଜମିରେ କୋଠାବାଡ଼ି, କଳକାରଖାନା ନିର୍ମାଣ ଦ୍ୱାରା ଏହାର ପରିସର ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ବର୍ତ୍ତମାନ ମାଟିର ଉର୍ବରତା ରକ୍ଷା କରିବା ବଡ଼ ପ୍ରଶ୍ନବାଚୀ ହୋଇ ସୃଷ୍ଟି ହୋଇଛି। କାରଣ ମାଟି ଉର୍ବର ରହିଲେ ହିଁ ଜଣେ ଚାଷୀ ଭଲ ଫସଲ ଅମଳ କରିପାରିବ। ଅନ୍ୟତମ ଲାଭଜନକ ଚାଷ ହେଉଛି ହଳଦୀ। ଏହାକୁ ଜଣେ ଚାଷୀ ଚାଷକରି ଭଲ ରୋଜଗାର କରିପାରିବ। ଯଦି ସେ ଏହାକୁ ବୈଜ୍ଞାନିକ ପଦ୍ଧତିରେ ଚାଷକରନ୍ତି ତେବେ ଅମଳ ଅଧିକ ବୃଦ୍ଧି ପାଇବ।

**ଜଳବାୟୁ:** ସମୁଦ୍ର ପତ୍ତନଠାରୁ ୧୨୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ହଳଦୀ ଚାଷ କରାଯାଇପାରିବ। ୧୫୦୦–୨୦୦୦ ମି.ଲି. ବର୍ଷା ହେଉଥିବା ଅଞ୍ଚଳ ଏହି ଚାଷ ପାଇଁ ଉପଯୁକ୍ତ। ୨୦–୩୦ ଡିଗ୍ରୀ ତାପମାତ୍ରାରେ ହଳଦୀ ଚାଷ ଭଲ ହୋଇଥାଏ।

**ମୃତ୍ତିକା:** ବାଲିଆ ଦୋରସା, ମଟାଳ ଦୋରସ, ଉର୍ବର ଫିକା କଳା ଏବଂ ନିଗିଡ଼ା ମାଟି ହଳଦୀ ପାଇଁ ଉପଯୁକ୍ତ। ମାଟିର ପି.ଏଚ୍ ୫.୫ରୁ ୬.୫ ମଧ୍ୟରେ ହେବା ଉଚିତ।

**ବିହନ କିସମ :** ହଳଦୀର ବିହନ କିସମକୁ ୩ ପ୍ରକାରେ ବିଭକ୍ତ କରାଯାଇଛି। ସଅଳ କିସମ ହଳଦୀ ୨୧୦ ଦିନରେ, ମଧ୍ୟମ କିସମ ହଳଦୀ ୨୪୦ ଦିନରେ ଏବଂ ବିଳମ୍ବ କିସମ ହଳଦୀ ୨୭୦ ଦିନରେ ଅମଳ ହୋଇଥାଏ। ଆମ ଓଡ଼ିଶା ଜଳବାୟୁରେ ସାଧାରଣତଃ ସୁରମା, ରଶ୍ମି, ରଙ୍ଗ,ଲାକ୍‌ଡାଙ୍ଗ୍ କିସମ ଇତ୍ୟାଦି ଚାଷ କରାଯାଇପାରିବ। ରୋମ୍ କିସମର ହଳଦୀ ୨୫୦ଦିନରେ ଅମଳ ହୋଇଥାଏ। ଏହା ଏକର ପିଛା ୮୨କୁଇଣ୍ଟାଲ ଅମଳ ହୁଏ। ଏହାର ପତ୍ର ଦାଗ ଏବଂ ପତ୍ର ମୋଡ଼ା ରୋଗ ସହଣୀ ଶକ୍ତି ରହିଛି। ସୁରମା କିସମର ହଳଦୀ ୨୫୩ ଦିନରେ ତଥା ଏକର ପ୍ରତି ୮୦ କୁଇଣ୍ଟାଲ ଅମଳ ହୋଇଥାଏ। ଏହାର କଳାପଚା ଓ କନ୍ଦପୋକ ସହଣୀ ଶକ୍ତି ରହିଛି। ରଶ୍ମି କିସମର ହଳଦୀ ୨୪୦ ଦିନରେ ଅମଳ ହୁଏ। ୧ଏକର ଜମିରୁ ୮୦ କୁଇଣ୍ଟାଲ ହଳଦୀ ଅମଳ କରାଯାଇପାରିବ। ଏହି ହଳଦୀ ପତ୍ରଦାଗ ଏବଂ କନ୍ଦାପୋକ ରୋଗ ସହଣୀ ଶକ୍ତି ରହିଛି। ଅନ୍ୟପକ୍ଷରେ ଲାକ୍‌ଡାଙ୍ଗ କିସମ ହଳଦୀ ୨୭୦ଦିନରେ ଅମଳ ହୋଇଥାଏ। ୧ଏକର ଜମିରୁ ପ୍ରାୟ ୬୦ କୁଇଣ୍ଟାଲ ହଳଦୀ ଅମଳ କରାଯାଇପାରିବ। ଏହାର ପତ୍ରପୋଡ଼ା ଏବଂ କନ୍ଦାପୋକ ରୋଗ ସହଣୀ ଶକ୍ତି ରହିଛି। ରଙ୍ଗ କିସମର ହଳଦୀ ୨୫୦ଦିନରେ ଅମଳ ହୋଇଥାଏ। ଏକ ଏକର ଜମିରୁ ପ୍ରାୟ ୧୧୭ କୁଇଣ୍ଟାଲ ହଳଦୀ ଅମଳ କରାଯାଇପାରିବ। ଏହାର ପତ୍ରପୋଡ଼ା ଏବଂ କନ୍ଦାପୋକ ରୋଗ ସହଣୀ ଶକ୍ତି ରହିଛି।

**ବିହନ :** ୨୫ ଗ୍ରାମ ଓଜନ ବିଶିଷ୍ଟ କନ୍ଦା ବିହନ ବ୍ୟବହାର କରାଯାଇଥାଏ। ଏକର ପ୍ରତି କୁଇଣ୍ଟାଲ ମା' କନ୍ଦା ଦରକାର।



**ଜମି ପ୍ରସ୍ତୁତି :** ଖରାଦିନିଆ ବର୍ଷା ପରେ ୪–୫ ଓଡ଼ ଚାଷକରି ମାଟିକୁ ଭଲଭାବରେ ଗୁଣ୍ଡ କରିଦିଅନ୍ତୁ। ତା'ପରେ ୧୫ ସେ.ମି. ଉଚ୍ଚ ଏବଂ ୧ ସେ.ମି. ଓସାର ଏବଂ ୩ ମିଟର କିମ୍ବା ସୁବିଧା ଅନୁସାରେ ୫୦ସେ.ମି.ର ଲମ୍ବା ପଟାଳି କରିବା ଆବଶ୍ୟକ। ସାଧାରଣତଃ ହଳଦୀ ଏପ୍ରିଲରୁ ମେ' ମାସ ମଧ୍ୟରେ ଲଗାଯାଇଥାଏ। ହଦଳୀ ଲଗାଇବା ସମୟରେ ଧାଡ଼ିକୁ ଧାଡ଼ି ୩୦ ସେ.ମି .ଏବଂ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନ ରହିବା ଦରକାର। ହଳଦୀ ଲଗାଇବା ପରେ ମାଟିକୁ ଘୋଡ଼ାଇ ଦିଅନ୍ତୁ। ଉଚ୍ଚ ପଟାଳି କରିବା ଦ୍ୱାରା ପାଣି ସହଜରେ ନିଗିଡ଼ିଯାଇଥାଏ। ଏହାଦ୍ୱାରା ହଳଦୀ କନ୍ଦା ପଚିଯିବା ଭୟ ନ ଥାଏ।

**ଖତସାର :** ହଳଦୀ ଚାଷ ସମୟରେ ଏକର ପ୍ରତି ୧୦ଟନ୍ କମ୍ପୋଷ୍ଟ ଶଢ଼ା ଗୋବରଖତ ଜମିରେ ମିଶାଇବା ଦରକାର। ଜୈବିକ ସାର, ଆଜୋଟ୍ ବ୍ୟବହାର, ଆଜୋସ୍ପିରିଲମ୍ ୧:୧:୧ (ଏକର ପ୍ରତି) ୬୦ କି.ଗ୍ରା. ଶଢ଼ା ଗୋବରଖତରେ ଭଲ ଭାବରେ ମିଶାଇ ଦିଅନ୍ତୁ। ଏହାକୁ ହଳଦୀ ଲଗାଇବା ଦିନ ପଟାଳିରେ ପ୍ରୟୋଗକଲେ ଭଲ ଅମଳ ମିଳିଥାଏ। ହଳଦୀ ଲଗାଇବା ପରେ ତାହା ପ୍ରାୟ ୭ ଦିନ ପର୍ଯ୍ୟନ୍ତ ଛାଇରେ ରହିବା ଦରକାର।

**ଛାଦିକରଣ :** ଜଙ୍ଗଲ ପତ୍ର–ଯଥା ଶାଳ, ପିଆଶାଳ– ୬ ଇଞ୍ଚ ବହଳରେ ପଟାଳି ଉପରେ ଘୋଡ଼ାଇ ରଖନ୍ତୁ।

**ଜଳସେଚନ :** ହଳଦୀ ଲଗାଇବା ପରେ ବର୍ଷା ଛାଡ଼ିଗଲେ ଚାଷୀମାନେ ୧୦–୧୫ଦିନ ଅନ୍ତରରେ ଜଳସେଚନ କରିବା ଉଚିତ।

**ରୋଗପୋକ ପରିଚାଳନା :** ଜୈବିକ ପଦ୍ଧତିରେ ହଳଦୀ ଚାଷ କରୁଥିଲେ ରୋଗପୋକର ନିରାକରଣ ପାଇଁ କୌଣସି ରାସାୟନିକ ଔଷଧ ବ୍ୟବହାର କରିବା ଦରକାର ନାହିଁ। ହଳଦୀରେ ପତ୍ରଦାଗ, ପତ୍ରପୋଡ଼ା, କନ୍ଦଶଢ଼ା ଏବଂ କାଣ୍ଡବିନ୍ଧା ପୋକ ବିଶେଷ କ୍ଷତି କରନ୍ତି। ଏଥିଲାଗି ଟ୍ରାଇକୋଡ୍ରର୍ମା ୦.୪ ପ୍ରତିଶତ ସହିତ ନିମ୍ବ ତେଲ (୦.୫ ପ୍ରତିଶତ) ମିଶ୍ରଣ କରି ସିଞ୍ଚନ କରନ୍ତୁ।

**ଅନ୍ତଃଚାଷ:** ହଳଦୀ ସହ ସାରୁ, ହରଡ଼ ଚାଷ କରିପାରିବେ। ଏଭଳି ଅନ୍ତଃଚାଷ କରି କେବଳ ହଳଦୀ ନୁହେଁ, ସାରୁ ଏବଂ ହରଡ଼ରୁ ମଧ୍ୟ ଚାଷୀମାନେ ଲାଭବାନ୍ ହୋଇପାରିବେ।

**ଅମଳ:** ହଳଦୀ ଗଛ ୭–୯ ମାସର ହୋଇଗଲେ ଏବଂ ପତ୍ର ହଳଦିଆ ପଡ଼ିଗଲେ ଏବଂ କାଣ୍ଡ ଶୁଖିଗଲେ ହଳଦୀ ଅମଳ କରିନିଅନ୍ତୁ। ଜଳବାୟୁ ଅନୁଯାୟୀ ଏକର ପ୍ରତି ୮୦–୧–୦୦ କୁଇଣ୍ଟାଲ ହଳଦୀ ଅମଳ ହୋଇଥାଏ।

**ସଂରକ୍ଷଣ :** ହଳଦୀ ବିହନକୁ ସୁରକ୍ଷିତ ଭାବରେ ରଖିବାକୁ ହେଲେ ବୈଜ୍ଞାନିକ ଜ୍ଞାନକୌଶଳ ଦରକାର। ଉଚ୍ଚ ଜାଗାରେ ଗାତ ଖୋଳି (୬ଫୁଟ–୩ଫୁଟ–୧ ଫୁଟ ଗଭୀର) ଖୋଳି, ତାହାର ଭିତର ଭାଗକୁ ଭଲ ଭାବରେ ଗୋବରରେ ଲିପି ଦିଅନ୍ତୁ। ତା'ପରେ ନଦୀବାଲି ପକାଇ ତା' ଉପରେ ନଡ଼ାବିଛାଇ ହଳଦୀ ବିହନକୁ ସାଇତିରଖନ୍ତୁ।

–ପ୍ରିନ୍ସିପାଲ, ଫିସରି ସାଇନ୍ସ,
ଅଗ୍ରୋ ପଲିଟେକନିକ ସେଣ୍ଟର,
ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର
ମୋ : ୮୧୧୭୯୮୬୨୨୮

## ଚାଷୀଙ୍କ ପାଇଁ



- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗରରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡ଼ାଙ୍କର ନାଳିଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।
- କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩–୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।
- ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।

## ଅମ୍ବରେ...

**ରାଶି ଫସଲରେ ପତ୍ରବିନ୍ଧା ପୋକ ଲାଗିଲେ.. :** ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ। ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।

**ଚିନାବାଦାମ :** ଚିନାବାଦାମ ଫସଲ ପାକଳହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ ।

**ସୂର୍ଯ୍ୟମୁଖୀ ଚାଷରେ କଳଙ୍କି ରୋଗ ଦମନ :** କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧.୫ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ ।



## ଧାନଚାଷ ପାଇଁ ପ୍ରସ୍ତୁତି



**ଧା**ନଚାଷ କରିବା ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡକରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନ ବୁଣାଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨–୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଚଉଡ଼ାର ନାଳୀ ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷା ଆଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜାହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷା ଋତୁରେ ମୋଟ ୬୦ ମି.ମି. ବର୍ଷା ହେବାପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପଜମିରେ ଘାସମରା ଔଷଧ ବ୍ୟବହାରକରି ଘାସ ଦମନ କରନ୍ତୁ ।

# ଗୋବନ୍ଧ୍ୟା ନିରାକରଣ

(ଶେଷ ଭାଗ)

**ବୈଜ୍ଞାନିକ ପ୍ରଣାଳୀରେ ବନ୍ଧ୍ୟାଦୋଷ ନିରାକରଣ :** ଗୋବନ୍ଧ୍ୟା ନିରାକରଣ ପାଇଁ ପ୍ରଥମେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶକରି ଗାଈମାନଙ୍କର ଶରୀର ଓ ଜନନେନ୍ଦ୍ରିୟ ପ୍ରଣାଳୀର ପ୍ରତ୍ୟେକ ଅଂଶ ପରୀକ୍ଷାକରି ବନ୍ଧ୍ୟାଦୋଷର ଠିକ୍ କାରଣ ନିର୍ଣ୍ଣୟ କରିବା ଉଚିତ । ଏହାର କାରଣ ନିର୍ଣ୍ଣୟ କଲାପରେ ନିମ୍ନଲିଖିତ ପଦକ୍ଷେପ ନିଆଯିବା ଆବଶ୍ୟକ।

**ସୁଷମ ଗୋଖାଦ୍ୟ :** ସାଧାରଣତଃ ମାଈ ବାଛୁରୀଟି ଜନ୍ମହେବା ୨/୩ମାସ ପରଠାରୁ ତା'ର ଶରୀର ଗଠନ ପାଇଁ ଉତ୍ତମ ସୁଷମ ଗୋଖାଦ୍ୟ ଯୋଗାଇଦେବା ଉଚିତ । ଏହି ସୁଷମ ଗୋଖାଦ୍ୟରେ ଉପଯୁକ୍ତ ପରିମାଣର ଖାଦ୍ୟପ୍ରାଣ ବା ଭିଟାମିନ୍ 'କ', 'ଖ', 'ଘ', 'ଙ' ଓ ଧାତବ ଲବଣ (କ୍ୟାଲସିୟମ, ଫସ୍ଫରସ୍, କୋବାଲ୍ଟ, କପର, ଆଇରନ୍ , ମାଙ୍ଗାନିଜ)ଇତ୍ୟାଦି ରହିବା ଦରକାର । ଏଥି ସଙ୍ଗେ ସଙ୍ଗେ ସବୁଜ ଘାସ ଦିନକୁ ଅନ୍ୟୂନ ୫ କେ.ଜି. ଦେବା ଆବଶ୍ୟକ । ସବୁଜ ଘାସରେ ଶ୍ୱେତସାର ବା ଶସ୍ୟଜାତୀୟ ଏବଂ ପୁଷ୍ଟିସାର ବା ଛୁଇଁଜାତୀୟ ଘାସର ମିଶ୍ରିତ ଆନୁପାତିକ ହାର ୩:୧ ହେବା ଦରକାର।

**ଖାଦ୍ୟର ପରିମାଣ:** ଗାଈର ଭରଣ ପୋଷଣ ବା ବଞ୍ଚିବା ପାଇଁ ଦାନାର ପରିମାଣ = ୫୦୦ ଗ୍ରାମ୍ / ପ୍ରତି ୫୦ କେ.ଜି. ଶାରୀରିକ ଓଜନ । ଗାଈ କ୍ଷୀର ଦେବା ପାଇଁ ଦାନା = ୪୦୦ ଗ୍ରାମ୍ /ପ୍ରତି ଲିଟର କ୍ଷୀର ପିଛା । ଗାଈର ଗର୍ଭଧାରଣ ପାଇଁ ଦାନା = ପ୍ରଥମ ୬ମାସ – ୫୦୦ଗ୍ରାମ୍ / ପ୍ରତି ଗାଈ ପିଛା ୭ ମାସରୁ ୯ମାସ = ୧ କେ.ଜି. ପ୍ରତି ଗାଈ ପିଛା । ନଡ଼ା ବା କୁଟାରେ ସମୁଦାୟ ହଜମ ହେଉଥିବା ଶ୍ୱେତସାର ପରିମାଣ ୩୮–୪୦% ଥାଏ । ସେହିପରି ନଡ଼ାରେ ସମୁଦାୟ ହଜମ ହେଉଥିବା ପୁଷ୍ଟିସାର ପରିମାଣ ୦.୫% ଥାଏ । ଗାଈର କେବଳ ପେଟ ଭରିବା ସହିତ ଶକ୍ତି ପାଇଁ ନଡ଼ା ଖାଇବାକୁ ଦିଆଯାଏ । କିନ୍ତୁ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ଗାଈର ଦେହରେ ଥିବା କ୍ୟାଲସିୟମ୍ ସହ ମିଶି ରାସାୟନିକ ପ୍ରକ୍ରିୟାରେ କ୍ୟାଲସିୟମ ଅକ୍‌ଜାଲେଟ୍‌ରେ ପରିଣତ ହୋଇ ଝାଡ଼ାବାଟେ ବାହାରି ଆସେ । ଫଳରେ କେବଳ ନଡ଼ା ଗାଈକୁ ଖୁଆଇଲେ ଗାଈ ବା ଛଡ଼ାର ଶରୀର କ୍ୟାଲସିୟମର ଅଭାବ ଯୋଗୁ ଦୁର୍ବଳ ହୋଇପଡ଼େ ଏବଂ ଗରମକୁ ଆସେ ନାହିଁ। ତେଣୁ ନଡ଼ାକୁ ଛୋଟ ଛୋଟ କରି କାଟି ଧୋଇକରି ଗାଈକୁ ଖାଇବାକୁ ଦେଲେ ଗାଈ କ୍ୟାଲ୍‌ସିୟମ ଅଭାବ ରୋଗ କମିଯାଏ ।

**ଉପଯୁକ୍ତ ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା :** ପ୍ରତି ୨ମାସ ବ୍ୟବଧାନରେ ଥରେ ଗାଈର ଗୋବର ପରୀକ୍ଷାକରି କୃମିଜନିତ ରୋଗର ଚିକିତ୍ସା କରିବା ନିତାନ୍ତ ଦରକାର। ଜନନେନ୍ଦ୍ରିୟ ପ୍ରଣାଳୀରେ ବିଭିନ୍ନ ଅଂଶ ପରୀକ୍ଷାକରି ଜୀବାଣୁଜନିତ ରୋଗ ଦ୍ୱାରା ଯଦି ବନ୍ଧ୍ୟାଦୋଷ ହୋଇଥାଏ, ତା'ର ଉପଯୁକ୍ତ ଚିକିତ୍ସା କରିବା ନିହାତି ଦରକାର। ତା' ସହ ବିଭିନ୍ନ ସଂକ୍ରାମକ ରୋଗ ଯଥା – ସାହାଣା, ବଜବଜିଆ, ଫାଟୁଆ, ପ୍ଲିହାରୋଗ, ଗୋବସନ୍ତ ଇତ୍ୟାଦିର ଉପଯୁକ୍ତ ସମୟରେ ପ୍ରତିଧେଷକ ବ୍ୟବସ୍ଥା କରିବା ଆବଶ୍ୟକ।



**ଲାଳନପାଳନ :** ଗାଈଗୁଡ଼ିକୁ ପ୍ରତ୍ୟେକ ଦିନ ପରିଷ୍କାର ପରିଚ୍ଛନ୍ନ ରଖିବା ଦରକାର । ଗାଈଗୁହାଳ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ପୂର୍ବ–ପଶ୍ଚିମାଭିମୁଖୀ ଭାବରେ ତିଆରି କରିବା ଦରକାର, ଯଦ୍ୱାରା ଗୁହାଳ ମଧ୍ୟରେ ଆଲୋକ ପ୍ରବେଶ ଓ ଖୋଲା ପବନ ଯାତାୟାତ କରିପାରିବ । ଠିକ୍ ସମୟରେ ଗାଈକୁ ଖାଦ୍ୟପେୟ ଦେଇ ନିୟମିତି ଭାବେ ଦୁଗ୍ଧ ଦୁହଁବା ଆବଶ୍ୟକ ।

**ଗୋବନ୍ଧ୍ୟା ନିରାକରଣ ପାଇଁ ବିଭିନ୍ନ ପଦକ୍ଷେପ :** ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଓ ବିଭାଗୀୟ କର୍ମକର୍ତ୍ତାଙ୍କ ଦ୍ୱାରା ଚାଷୀମାନଙ୍କୁ ଗାଈ ବା ଛଡ଼ାର ଖାଦ୍ୟପେୟ, ପ୍ରତିଷେଧକ ବ୍ୟବସ୍ଥା, ଲାଳନପାଳନ, ଘାସଚାଷ ଇତ୍ୟାଦି ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରିବା। ବୁଜ ଘାସ ଚାଷ ପାଇଁ ଖରିଫ୍ ଓ ରବିଋତୁରେ ବିଭିନ୍ନ ପ୍ରକାର ଘାସମଞ୍ଜି ଯଥା – ବରଗୁଡ଼ି, ଏମ୍.ପି.ଚେରି., ବର୍‌ସିମ୍, ଓଟ୍, ମକା ପ୍ରଭୃତି ଘାସମଞ୍ଜି ପ୍ରାଣୀ ଚିକିତ୍ସାଳୟ, ପ୍ରାଣୀଧନ ସହାୟକ କେନ୍ଦ୍ର ଓ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ଯୋଗାଇଦେବା। କ୍ଷୁଦ୍ର ଓ ନାମମାତ୍ର ଚାଷୀ, କୃଷିଶ୍ରମିକ ପ୍ରମୁଖଙ୍କ ପାଇଁ ସଙ୍କର ଜାତୀୟ ମାଈ ବାଛୁରୀ ପାଳନ ନିମନ୍ତେ ୪ମାସଠାରୁ ୩୨ ମାସ ପର୍ଯ୍ୟନ୍ତ କିମ୍ବା ବାଛୁରୀ ଜନ୍ମକଲା ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ସବ୍‌ସିଡି ହାରରେ ସୁଷମ ଗୋଖାଦ୍ୟ ଯୋଗାଇଦେବା । ଉଭୟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଓମ୍‌ଫେଡ୍ ତରଫରୁ ବିଭିନ୍ନ ଦୁଗ୍ଧ ସମବାୟ ସମିତି ଓ ପ୍ରାଣୀଧନ ସହାୟକ କେନ୍ଦ୍ର ତଥା ଗ୍ରାମାଞ୍ଚଳରେ ବିଭାଗୀୟ ପ୍ରାଣୀ ଚିକିତ୍ସକ ଓ ବିଶେଷଜ୍ଞମାନଙ୍କ ଦ୍ୱାରା ଭ୍ରାମ୍ୟମାଣ ଚିକିତ୍ସା ସେବା ସହିତ ଗୋବନ୍ଧ୍ୟା ନିରାକରଣ ପାଇଁ ଶିବିର ଆୟୋଜନ କରିବା । ଗରମ ଆସୁଥିବା ଗାଈକୁ କୃତ୍ରିମ ପ୍ରଜନନ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ପ୍ରାଣୀସମ୍ପଦ ବିଭାଗ ତରଫରୁ ନିଆଯାଇଛି । ପ୍ୟାକେଜ୍ ପ୍ରଣାଳୀ ଅନୁଯାୟୀ ଗରମ ଆସୁଥିବା ସୁସ୍ଥ ଛଡ଼ା ବା ଗାଈଗୁଡ଼ିକୁ ହର୍‌ମୋନ ଇଞ୍ଜେକସନ୍ ଦିଆଯାଇ ଏକ ସମୟରେ ଗରମ ଆଣି କୃତ୍ରିମ ପ୍ରଜନନ କରାଯିବାକୁ ଓମ୍‌ଫେଡ୍ ଏବଂ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ପଦକ୍ଷେପ ନିଆଯିବା । ଏଥିନିମନ୍ତେ ଗାଈମାନଙ୍କର ଆବଶ୍ୟକ ଶାରୀରିକ ଅବସ୍ଥା ଜାଣିବା ପାଇଁ ପ୍ରତ୍ୟେକ ଗାଈର ମାଲିକଙ୍କୁ ଗାଈ କାର୍ଡ ଦେବାପାଇଁ ବ୍ୟବସ୍ଥା କରିବା ।

**–ଡା. ବୀରକିଶୋର ପରିଡ଼ା,**
ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିଭାଗ)
ମହାନଦୀ ବିହାର, କଟକ
ମୋ : ୯୪୩୭୬୦୭୩୧୨

**ବେଜିଂ ହାଫ୍ ମାରାଥନ**

## ଫଳାଫଳରେ ଜାଲିଆତି ଅଭିଯୋଗ

**ବ୍ୟାଙ୍କକ୍, ୧୬।୪ (ଏପି):** ବେଜିଂ ହାଫ୍ ମାରାଥନ ଫଳାଫଳରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଆୟୋଜକଙ୍କ ତରଫରୁ ତାହାର ତଦନ୍ତ କରାଯାଉଛି। ଖବର ଅନୁସାରେ ଫିନିଶ ଲାଇନ ପାଖେଇ ଆସୁଥିବା ବେଳେ ୩ଜଣ ଆଫ୍ରିକୀୟ ଧାବକ ଚାଇନାର ଟପ୍ ଲଙ୍ଗ ଡିଷ୍ଟାନ୍ସ ରନରଙ୍କୁ ଆଗକୁ ବଢ଼ିବା ଲାଗି ଜାଣିଶୁଣି ସୁଯୋଗ ଦେଇଥିଲେ। ରବିବାର ମେଙ୍ଗନିଉ ବେଜିଂ ହାଫ୍ ମାରାଥନର ଅନ୍ତିମ ମୁହୂର୍ତ୍ତର ଭିଡିଓ ଅନ୍ ଲାଇନରେ ପ୍ରସାରିତ ପରେ ଫଳାଫଳକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରେସ୍ ଦାୟିତ୍ୱରେ ରହିଥିବା ବେଜିଂ ସ୍ପୋର୍ଟ୍ସ ବ୍ୟୁରୋ ପକ୍ଷରୁ କିନ୍ତୁ ଏନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ। ରେସ୍ ଦାୟିତ୍ୱରେ ଥିବା ବେଜିଂ ସ୍ପୋର୍ଟ୍ସ ବ୍ୟୁରୋ ଏହି ପ୍ରସଙ୍ଗ ଉପରେ କୌଣସି ମନ୍ତବ୍ୟ ଦେବାକୁ ପଛାଇଛି। ଏସିଆନ ଗେମ୍ସରେ ମାରାଥନ ଜିତିଥିବା ହି ଜି' ଏହି ଇଭେଣ୍ଟରେ ଚାଇନିଜ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଫିନିଶ ଲାଇନ୍ ନିକଟେଇ ଆସୁଥିବା ବେଳେ ସେ କେନିଆ ଓ ଇଥିଓପିଆର ୩ ଧାବକଙ୍କ ପଛରେ ରହିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବେଗ କମାଇଦେବା ଲାଗି ଇଙ୍ଗିତ ଦେଇଥିଲେ। ଏହାର ସୁଯୋଗରେ ଚାଇନିଜ ଧାବକ ଜଣକ ସେମାନଙ୍କୁ ଅତିକ୍ରମ କରି ଫିନିଶ ଲାଇନ ଅତିକ୍ରମ କରିଯାଇଥିଲେ। ଆଫ୍ରିକୀୟ ଧାବକମାନଙ୍କ ମଧ୍ୟରୁ କେନିଆର ୱିଲି ମ୍ନାନଗାଟ୍ ବିବିସି ସ୍ପୋର୍ଟ୍ସ ଆଫ୍ରିକାକୁ ଏକ ସାକ୍ଷାତ୍କାର ଦେଇ କହିଛନ୍ତି, ରେସ୍ ଜିତିବା ଲାଗି ସେମାନଙ୍କୁ ଅଣାଯାଇ ନ ଥିଲା, ବରଂ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ଲାଗି 'ପେସ୍‌ମେକର' ଭାବେ ଭଡ଼ାରେ ଅଣାଯାଇଥିଲା। ତେବେ କାଗଜପତ୍ର ଅନୁସାରେ ଏହି ୩ଜଣ ବିଧିବଦ୍ଧ ପ୍ରତିଯୋଗୀ ଭାବେ ଭାଗ ନେଇଥିବା କୁହାଯାଉଛି।

**ଯୌନ ଶୋଷଣ ମାମଲା**

## ଇସ୍ତଫା ଦେଲେ ସାଣ୍ଟୋସ୍ କୋଚ୍

**ସାଓ ପାଓଲୋ, ୧୬।୪ (ପି.ଟି.):** ବ୍ରାଜିଲିଆନ୍ ଫୁଟବଲ୍ କ୍ଲବ୍ ସାଣ୍ଟୋସର କୋଚ୍ ଯୌନ ଶୋଷଣ ମାମଲାରେ ଇସ୍ତଫା ଦେଇଛନ୍ତି। ସାଣ୍ଟୋସ ମହିଳା ଦଳର କୋଚ୍ ଥିବା କ୍ଲେଟନ୍ ଲିମା ମଙ୍ଗଳବାର ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସେ କୋଚ୍ ରହିଥିବା ସମୟରେ ସେପ୍ଟେମ୍ବର ୨୦୨୩ରେ ତାଙ୍କ ନାମରେ ଯୌନ ଶୋଷଣ ଅଭିଯୋଗ ଆସିଥିଲା। ମିଡିଆରେ ଅଭିଯୋଗ ଆସିବା ପରେ ସାଣ୍ଟୋସ୍ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଇଥିଲା। ତଦନ୍ତରେ କୌଣସି ପ୍ରମାଣ ନ ମିଳିବା କାରଣରୁ ଲିମାଙ୍କୁ କୋଚ୍ ଭାବରେ ପୁନର୍ବାର ନିଯୁକ୍ତି ମିଳିଥିଲା। ଏପ୍ରିଲ ୨ ତାରିଖରେ ତାଙ୍କୁ ପୁନଃନିଯୁକ୍ତି ପ୍ରଦାନ କରାଯାଇଥିଲା। ଏହା ପରେ ବିଭିନ୍ନ ସ୍ଥାନରେ ଏହାକୁ ନେଇ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଶୁକ୍ରବାରଠାରୁ ଲିଗ୍‌ର ସମସ୍ତ ଦଳର ଖେଳାଳି ତାଙ୍କ ପ୍ରତ୍ୟାବର୍ତ୍ତନକୁ ବିରୋଧ କରିଥିଲେ। ମଙ୍ଗଳବାର କ୍ଲବ ପକ୍ଷରୁ ଲିମା ନିଜ ପଦରୁ ଓହରି ଯାଇଥିବା ସ୍ପଷ୍ଟ କରାଯାଇଛି। ନିଜ ପରିବାରର ସୁରକ୍ଷାକୁ ଅଗ୍ରାଧିକାର ଦେଇ ଲିମା ଓହରି ଯାଇଥିବା ନେଇ ସ୍ପଷ୍ଟ କରାଯାଇଛି। ଏହି ଘଟଣାକୁ ନେଇ ଲିମା ଓ ତାଙ୍କ ପରିବାରକୁ ହତ୍ୟା ଧମକ ମଧ୍ୟ ମିଳୁଥିଲା ବୋଲି କ୍ଲବ ପକ୍ଷରୁ କୁହାଯାଇଛି।





ଗ୍ରୀସ୍‌ରେ ମଙ୍ଗଳବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ପୂଜାରୀ ଦାୟିତ୍ୱ ତୁଲାଇଥିବା ଅଭିନେତ୍ରୀ ମାରି ମିନା ପ୍ୟାରିସ ଅଲିମ୍ପିକ୍ସ ମଶାଲରେ ଅଗ୍ନି ସଂଯୋଗ କରୁଛନ୍ତି। ମଶାଲ ଗ୍ରୀସ୍‌ରେ ୧୧ ଦିନ ପରିକ୍ରମା କରିବା ପରେ ୨୬ରେ ପ୍ୟାରିସ ଆୟୋଜକଙ୍କୁ ହସ୍ତାନ୍ତର କରାଯିବ।

# ଗ୍ରୀସ୍‌ରେ ଅଲିମ୍ପିକ୍ସ ମଶାଲ ପ୍ରଜ୍ୱଳିତ

**ଆନସିଏଣ୍ଟ ଅଲିମ୍ପିଆ, ୧୬।୪ (ପି.ଟି.)**

**୫୦୦୦ କି.ମି. ଯାତ୍ରା ପରେ ପ୍ୟାରିସ୍‌ରେ ପହଞ୍ଚିବ**

**ଷ୍ଟେଫାନୋସ ଡୋସକୋସ ପ୍ରଥମ ବାହକ**

ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ଉପଲକ୍ଷେ ପ୍ରଜ୍ୱଳିତ ହୋଇଛି ଅଲିମ୍ପିକ୍ସ ମଶାଲ। ମଙ୍ଗଳବାର ଦକ୍ଷିଣ ଗ୍ରୀସ୍‌ର ଏଥେନ୍ସରେ ଥିବା ପୁରାତନ ଗେମ୍ସ ଭେନ୍ୟୁରେ ପ୍ରତିକୂଳ ପାଗ ସତ୍ତ୍ୱେ ଅଲିମ୍ପିକ୍ସ ମଶାଲରେ ଅଗ୍ନି ସଂଯୋଗ କରାଯାଇଛି। ପ୍ରାଚୀନ ଗ୍ରୀସ୍‌ର ସୂର୍ଯ୍ୟ ଦେବତା ତଥା ଆପୋଲୋଙ୍କ ଅନୁପସ୍ଥିତିରେ ମଶାଲରେ ଅଗ୍ନି ସଂଯୋଗ କରାଯାଇଥିଲା। ଆକାଶ ମେଘାଚ୍ଛନ୍ନ ଥିବାରୁ ପାରମ୍ପରିକ ଢଙ୍ଗରେ ଏହି ପ୍ରକ୍ରିୟା ସମ୍ଭବ ହୋଇ ନ ଥିଲା। ଜଣେ ଅଭିନେତ୍ରୀ ପୂଜକଙ୍କ ପୋଷାକରେ ଆପୋଲୋଙ୍କୁ ପୂଜା କରିବା ପରେ ହିଁ ଅଗ୍ନି ସଂଯୋଗ ହୋଇଥାଏ। ତେବେ ଆକାଶ ମେଘାଚ୍ଛନ୍ନ ଥିବାରୁ ବିକଳ୍ପ ବ୍ୟବସ୍ଥା ଆପଣାଇଥିଲେ ଆୟୋଜକ। ସାଧାରଣତଃ ଅଗ୍ନି ଏକ ମାଟିପାତ୍ରରେ ରଖାଯାଇଥାଏ। ସୂର୍ଯ୍ୟକିରଣ ଏକ ଦର୍ପଣରୁ ପ୍ରତିଫଳିତ ହୋଇ ଏହି ପାତ୍ର ଉପରେ ପଡିବା ପରେ ଏହାକୁ ମଶାଲରେ ସଂଯୋଗ କରାଯାଏ। ତେବେ ସୂର୍ଯ୍ୟ ଦୃଶ୍ୟମାନ ହୋଇ ନ



ଥିବା କାରଣରୁ ସିଧାସଳଖ ମଶାଲରେ ଅଗ୍ନି ସଞ୍ଚୋଗ କରାଯାଇଥିଲା। ତେବେ ଏହି ଅଗ୍ନି ସଂଯୋଗ କାର୍ଯ୍ୟକ୍ରମର କିଛି ମିନିଟ ପରେ ପାଗ ସୁଧୁରିବା ସହ ସୂର୍ଯ୍ୟ ଦୃଶ୍ୟମାନ ହୋଇଥିଲେ। ପ୍ୟାରିସ ଅଲିମ୍ପିକ୍ସ ଆସନ୍ତା ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଗ୍ରୀସ୍‌ରୁ ବାହାରିଥିବା ଅଲିମ୍ପିକ୍ସ ମଶାଲ ଶୋଭାଯାତ୍ରା ୩୧୦୦ ମାଇଲ ବା ୫୦୦୦ କି.ମି. ଯାତ୍ରା କରିବା ପରେ ଏପ୍ରିଲ ୨୬ରେ ଏଥେନ୍ସରେ ପ୍ୟାରିସ ଆୟୋଜକଙ୍କୁ ହସ୍ତାନ୍ତର କରାଯିବ। ଆନ୍‌ସିଏଣ୍ଟ ଅଲିମ୍ପିଆରେ ଏହି ଘଟଣା ଆମକୁ ଅତୀତ ଓ ଭବିଷ୍ୟତ ସମ୍ପର୍କରେ ଅବଗତ କରାଉଛି ବୋଲି କହିଛନ୍ତି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ମୁଖ୍ୟ ଥୋମାସ୍ ବାକ୍। ବର୍ତ୍ତମାନ ସମଗ୍ର ବିଶ୍ୱ ଯୁଦ୍ଧର ବିଭୀଷିକାରେ ଆତଙ୍କିତ ହେଉଥିବା ବେଳେ ଘୃଣା ଓ ନକାରାତ୍ମକତାରେ ଲୋକମାନେ ହତୋତ୍ସାହିତ ହୋଇପଡିଛନ୍ତି। ଏହି ମଶାଲ ଯାତ୍ରା ଲୋକଙ୍କ ମନରେ ଏକ ସକାରାତ୍ମକ ଭାବନା ସୃଷ୍ଟି କରିବ ବୋଲି କହିଛନ୍ତି ବାକ୍। ଖ୍ରୀଷ୍ଟପୂର୍ବ ୭୭୬ରୁ ୩୯୩ ଖ୍ରୀଷ୍ଟାବ୍ଦ ଯାଏ ଆନ୍‌ସିଏଣ୍ଟ ଅଲିମ୍ପିଆରେ ଅଲିମ୍ପିକ୍ସ ଗେମ୍ ଆୟୋଜିତ ହୋଇଥିଲା। ମଙ୍ଗଳବାର କାର୍ଯ୍ୟକ୍ରମରେ ସମଗ୍ର ବିଶ୍ୱର ହଜାର ହଜାର ଲୋକ ଏହି କାର୍ଯ୍ୟକ୍ରମ ଦେଖିବାକୁ ଉପସ୍ଥିତ ଥିଲେ।

୨୦୨୧ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ବିଜେତା ଗ୍ରୀସ୍ ରୋୟର ଷ୍ଟେଫାନୋସ ଡୋସକୋସ ପ୍ରଥମ ବାହକ ଭାବରେ ଅଲିମ୍ପିକ୍ସ ମଶାଲ ଧରିବାର ଗୌରବ ଅର୍ଜନ କରିଥିଲେ। ଏଥେନ୍ସର ଐତିହାସିକ ଫ୍ରେଞ୍ଚ ବାରନ୍ ପିଅର୍ ଡି କୁବେର୍ଟିନ୍ ପର୍ଯ୍ୟନ୍ତ ସେ ମଶାଲ ବାହକ ହୋଇଥିଲେ। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ୩ ପଦକ ବିଜୟିନୀ ଫ୍ରାନ୍ସର ଲୌରେ ମାନାଉଡୋଉ ଦ୍ୱିତୀୟ ଆଥଲେଟ ଭାବରେ ମଶାଲ ଧରିଥିଲେ। ପରେ ୟୁରୋପିଆନ୍ ୟୁନିୟନ ଅଧିକାରୀ ମାର୍ଗାରିଟିସ୍ ଶିନାସଙ୍କୁ ଏହା ହସ୍ତାନ୍ତର କରାଯାଇଥିଲା। ଏହି ମଶାଲଟି ଏଥେନ୍ସରୁ ପୋର୍ଟ ଅଫ୍ ପିରାଉସ୍ ଯାତ୍ରା କରିବା ପରେ ୧୮୯୬ରେ ନିର୍ମିତ ଜାହାଜରେ ଏହାକୁ ପ୍ୟାରିସ୍ ନିଆଯିବ। ମେ ୮ ତାରିଖରେ ଏହା ପ୍ୟାରିସ୍‌ରେ ପହଞ୍ଚିବା ଲକ୍ଷ୍ୟ ରଖାଯାଇଛି।

## ଆଇପିଏଲ୍‌ରୁ ମାନସିକ ବିରତି ନେଲେ ମ୍ୟାକ୍ସୱେଲ

**ବେଙ୍ଗାଲୁରୁ, ୧୬।୪ (ପି.ଟି.)**

ଆଇପିଏଲରୁ ମାନସିକ ଓ ଶାରୀରିକ ବିରତି ନେଇଛନ୍ତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ। ଖରାପ ବ୍ୟାଟିଂ ଫର୍ମ କାରଣରୁ ମ୍ୟାକ୍ସୱେଲ ବିରତି ନେଇଥିବା ସ୍ପଷ୍ଟ କରିଛନ୍ତି। ସୋମବାର ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ମ୍ୟାକ୍ସୱେଲ ଖେଳି ନ ଥିଲେ। ଆଙ୍ଗୁଠିରେ ଆଘାତ କାରଣରୁ ସେ ବାଦ ପଡିଥିବା ପ୍ରଥମରୁ କୁହା ଯାଇଥିଲା। ତେବେ ଏହି ଘଟଣା ଉପରୁ ପରଦା ଉଠାଇଛନ୍ତି ମ୍ୟାକ୍ସୱେଲ। ମ୍ୟାଚ୍ ପୂର୍ବରୁ ସେ ଅଧିନାୟକ ଫାଫ୍ ଡୁପ୍ଲେସିଙ୍କ ସହ ଆଲୋଚନା କରିଥିଲେ। ଫାଫ୍ ଓ କୋଚ୍ ମାନଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନେଇଥିବା ମ୍ୟାକ୍ସୱେଲ କହିଥିଲେ। ବର୍ତ୍ତମାନ କିଛି ମ୍ୟାଚ୍ ପାଇଁ ମୁଁ ନିଜକୁ ଶାରୀରିକ ଓ ମାନସିକ ବିରତି ପ୍ରଦାନ କରିବାକୁ ଚାହୁଁଛି। ଯାହାଦ୍ୱାରା ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିବା ସମ୍ଭବ ହେବ ବୋଲି କହିଛନ୍ତି ମ୍ୟାକ୍ସୱେଲ। ଉଲ୍ଲେଖଯୋଗ୍ୟ ଯେ, ମ୍ୟାକ୍ସୱେଲ ନିଜ କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ଏଭଳି ବିରତି ନେବାକୁ ଯାଉଛନ୍ତି। ପୂର୍ବରୁ ଅକ୍ଟୋବର ୨୦୧୯ରେ ମଧ୍ୟ ସେ କିଛି ମାସ ପାଇଁ ବିରତି ନେଇଥିଲେ। ଚଳିତ ଆଇପିଏଲରେ ମ୍ୟାକ୍ସୱେଲ ୬ ମ୍ୟାଚ୍ ଖେଳିଥିବା ବେଳେ ମାତ୍ର ୩୨ ରନ୍ କରିଛନ୍ତି। ଆଭରେଜ୍ ମାତ୍ର ୫.୩୩ ଓ ଷ୍ଟ୍ରାଇକ୍‌ରେଟ୍ ୯୪ ରହିଛି। ବ୍ୟାଟ ଜରିଆରେ କୌଣସି ଅବଦାନ ଦେଇ ପାରୁନାହିଁ। ଅନ୍ୟ କୌଣସି ଖେଳାଳିଙ୍କୁ ସୁଯୋଗ ଦେବାର ଏହା ପ୍ରକୃଷ୍ଟ ସମୟ ବୋଲି କହିଛନ୍ତି ମ୍ୟାକ୍ସୱେଲ। ତେବେ ଆଇପିଏଲରେ ପ୍ରତ୍ୟାବର୍ତ୍ତନ କରିବା ନେଇ ସେ ବଦ୍ଧ ପରିକର ଥିବା କହିଛନ୍ତି। ଆଇପିଏଲ୍‌କୁ ଆସିବା ପୂର୍ବରୁ ମ୍ୟାକ୍ସୱେଲ ୧୭ ଟି୨୦ ମ୍ୟାଚରୁ ୪୨ ଆଭରେଜ ଓ ୧୮୫ ଷ୍ଟ୍ରାଇକ ରେଟ୍ ସହ ୫୫୨ ରନ୍ କରିଥିଲେ। ତେବେ ଚେନ୍ନାଇ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ହିଁ ଗୋଲ୍ଡେନ୍ ଡକ୍‌ରେ ଆଉଟ ହୋଇଥିଲେ। ପୂର୍ବରୁ ୨୦୨୦ ସିଜନରେ ମଧ୍ୟ ମ୍ୟାକ୍ସୱେଲ ସମାନ ଫର୍ମ ଦେଇ ଗତି କରିଥିଲେ। ପଞ୍ଜାବ ପାଇଁ ଉକ୍ତ ସିଜନରେ ସେ ୧୧ ମ୍ୟାଚ୍ ଖେଳି ମାତ୍ର ୧୦୮ ରନ୍ କରିଥିଲେ।

## ଗୁକେଶ ମିଳିତ ଅଗ୍ରଣୀ

**ଟରଣ୍ଟୋ, ୧୬।୪ (ପି.ଟି.)**

**କ୍ୟାଣ୍ଡିଡେଟ୍ସ ଚେସ୍**

ରୁଷିଆର ଇଆନ ନେପମନିଆଚିଙ୍କ ସହ ଗେମ୍ ଡ୍ର' ରଖି ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟର ୧୦ମ ରାଉଣ୍ଡ ଖେଳ ଶେଷ ସୁଦ୍ଧା ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଦୁଇ ଭାରତୀୟ ଖେଳାଳି ଆର୍. ପ୍ରଜ୍ଞାନନ୍ଦ ଓ ଭିଦିତ ଗୁଜରାଠୀଙ୍କ ମଧ୍ୟରେ ଅନୁଷ୍ଠିତ ଗେମ୍ ଡ୍ର' ରହିଥିବା ବେଳେ ଫିବିଆନୋ କାରୁଆନା ଓ ହିକାରୁ ନାକାମୁରା ଯଥାକ୍ରମେ ଫିରୋଜା ଅଲିରେଜା ଓ ନିଜାତ ଆବାସୋଭଙ୍କୁ ହରାଇ ଦେଇଛନ୍ତି। ବର୍ଷର ଏହି ବଡ଼ ଇଭେଣ୍ଟର ଆଉ ୪ ରାଉଣ୍ଡ ଖେଳ ବାକି ରହିଥିବା ବେଳେ ଗୁକେଶ ଓ ନେପମନିଆଚି ପ୍ରତ୍ୟେକ ୬ ପଏଣ୍ଟ ସହ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ସେମାନଙ୍କ ପଛକୁ ପ୍ରତ୍ୟେକ ଅଧା ପଏଣ୍ଟ ପଛରେ ପ୍ରଜ୍ଞାନନ୍ଦ, କାରୁଆନା ଓ ନାକାମୁରା ରହିଛନ୍ତି। ଅଲିରେଜା ଓ ଆବାସୋଭ ଯଥାକ୍ରମେ ୩.୫ ଓ ୨ ପଏଣ୍ଟ ସହ ଦୌଡ଼ରୁ ବାଦ୍ ପଡ଼ିଛନ୍ତି।

ଅନ୍ୟପକ୍ଷରେ ମହିଳା ବିଭାଗରେ ଚାଇନାର ତିନ୍‌ଜି ଲେଇ ରୁଷିଆର ଆଲେକ୍‌ସାନ୍ଦ୍ରା ଗୋରିୟାଚକିନାଙ୍କ ବିଜୟ ଧାରାରେ ବ୍ରେକ୍ ଦେଇଛନ୍ତି। ବର୍ତ୍ତମାନ ସେ ନିଜ ଦେଶର ଝୋଙ୍ଗୟି ତାନ୍‌ଙ୍କ ସହ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ତାନ୍ କୋନେରୁ ହମ୍ପିଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଛନ୍ତି। ଅନ୍ୟପକ୍ଷରେ ଆର୍. ବୈଶାଳୀ କ୍ରମାଗତ ପରାଜୟ ପରେ ବୁଲଗେରିଆର ନୁର୍ଗିଉଲ୍‌ଙ୍କୁ ପରାସ୍ତ କରି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ରୁଷିଆର କାଟରିନା ଲାଗ୍‌ନୋ ୟୁକ୍ରେନ୍‌ର ଆନ୍ନା ମୁଜିଚୁକ୍‌ଙ୍କ ସହ ତାଙ୍କ ଗେମ ଡ୍ର' ରଖିଛନ୍ତି। ୧୦ମ ରାଉଣ୍ଡ ଖେଳ ପରେ ଚାଇନାର ଦୁଇ ଖେଳାଳି ଲେଇ ଓ ତାନ୍ ପ୍ରତ୍ୟେକ ୬.୫ ପଏଣ୍ଟ ସହ ଗୋରିଆଚକିନା ଓ ଲାଗ୍‌ନୋଙ୍କଠାରୁ ଏକ ପଏଣ୍ଟ ଆଗରେ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ହମ୍ପି ୪.୫ ପଏଣ୍ଟ ସହ ୫ମ ସ୍ଥାନରେ ରହିଥିବା ବେଳେ ତାଙ୍କଠାରୁ ଅଧା ପଏଣ୍ଟ ପଛରେ ସାଲିମୋଭା ଓ ମୁଜିଚୁକ୍ ଅଛନ୍ତି। ଏହି ରାଉଣ୍ଡରେ ବୈଶାଳୀ ବିଜୟ ଲାଭ କରିଥିଲେ ମଧ୍ୟ ତାଙ୍କ ପଏଣ୍ଟ ସଂଖ୍ୟା ୩.୫ ରହିଛି।




ଫିଡେ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟର ୧୦ମ ରାଉଣ୍ଡରେ ବୁଲଗେରିଆ ଗ୍ରାଣ୍ଡମାଷ୍ଟର ନୁର୍ଗିଉଲ ସାଲିମୋଭାଙ୍କ ବିପକ୍ଷରେ ଖେଳୁଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ବୈଶାଳୀ (ଡାହାଣ)।



ନୂଆଦିଲ୍ଲୀରେ ଅନୁଷ୍ଠିତ ହର୍ସ ଶୋ'ରେ ୬ ପଦକ ଜିତିଥିବା ରିଶିତା ସାମନ୍ତରାୟ ଓ ସ୍ୱର୍ଣ୍ଣ ପଦକ ବିଜୟିନୀ ରିଦ୍ଧିଙ୍କୁ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଉଛନ୍ତି।

## ଟି୨୦ ବିଶ୍ୱକପରୁ ବାଦ୍ ପଡ଼ିପାରନ୍ତି ପାଣ୍ଡ୍ୟା

**ମୁମ୍ବାଇ, ୧୬।୪:** ଜୁନ୍ ମାସରେ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଖେଳା ଯିବାକୁ ଥିବା ଟି୨୦ କ୍ରିକେଟ ବିଶ୍ୱକପରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବାଦ ପଡିବା ନେଇ ରିପୋର୍ଟ ସାମ୍ନାକୁ ଆସିଛି। ନିକଟରେ ଆଇପିଏଲ୍ ମଧ୍ୟରେ ଅଧିନାୟକ ରୋହିତ ଶର୍ମା, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡଙ୍କୁ ନେଇ ଏକ ବୈଠକ ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା। ଭାରତର ଟି୨୦ ଦଳକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିବା କୁହାଯାଉଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆଗାମୀ ବିଶ୍ୱକପରେ ସାମିଲ କରାଯିବ କି ନାହିଁ ସେ ସମ୍ପର୍କରେ ଆଲୋଚନା ହୋଇଥିବା ରିପୋର୍ଟରେ କୁହାଯାଇଛି। ନିୟମିତ ବୋଲିଂ କଲେ ହିଁ ପାଣ୍ଡ୍ୟାଙ୍କୁ ଭାରତୀୟ ଦଳ ପାଇଁ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏହା ବ୍ୟତୀତ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଖେଳୁଥିବା ଶିବମ ଦୁବେଙ୍କ ଉପରେ ମଧ୍ୟ ଚୟନକର୍ତ୍ତା ନଜର ରଖିଥିବା ଜଣାପଡିଛି।

## କଟକରେ ଉଚ୍ଚସ୍ତରୀୟ ଟେବୁଲ ଟେନିସ୍ ଶିବିର

**ଭୁବନେଶ୍ୱର, ୧୬।୪ (ତପନ ସ୍ୱାଇଁ)**

ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସିଡିଏ ସେକ୍ଟର-୭ସ୍ଥିତ କଟକ ଟେବୁଲ ଟେନିସ (ଟିଟି) ଏକାଡେମୀରେ ଗତ ୯ରୁ ଉଚ୍ଚସ୍ତରୀୟ ଟେବୁଲ ଟେନିସ୍ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହା ୨୯ ପର୍ଯ୍ୟନ୍ତ ଚାଲିବ। ଏକାଧିକ ଅନ୍ତର୍ଜାତୀୟ ଓ ଜାତୀୟ ପଦକ ବିଜେତା ତଥା ଦେଶର ସୁନାମଧନ୍ୟ ଖେଳାଳି ଓ ପ୍ରଶିକ୍ଷକ ଆର୍. ରାଜେଶ ଏହି ଶିବିର ପରିଚାଳନା କରୁଛନ୍ତି। ତାଙ୍କ ସହ ଭାରତୀୟ ଦଳର ପୂର୍ବତନ ପ୍ରଶିକ୍ଷକ ଓଡ଼ିଶାର ରାଜ୍ ସୁବ୍ରମଣ୍ୟମ୍ ଏହି ଶିବିରରେ ଟେବୁଲ ଟେନିସ୍ ଖେଳାଳିଙ୍କ ପ୍ରତିଭାକୁ ଶାଣିତ କରିବାରେ ଲାଗିଛନ୍ତି। ଏକାଧିକଥର ସେ ଭାରତୀୟ ଜୁନିୟର ଟିଟି ଦଳର ପ୍ରଶିକ୍ଷଣ ଦାୟିତ୍ୱକୁ ସଫଳତାର ସହ ତୁଲାଇଛନ୍ତି। ରାଜେଶଙ୍କ ପାଖରେ ପ୍ରଶିକ୍ଷଣ ନେଉଥିବା ଏକାଧିକ ଅନ୍ତର୍ଜାତୀୟ ଓ ଜାତୀୟ ପଦକ ବିଜେତା ୧୦ ଟେବୁଲ ଟେନିସ୍ ଖେଳାଳି ଏହି ଶିବିରରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୭ ବାଳକ ଓ ୩ ବାଳିକା ରହିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ମହାରାଷ୍ଟ୍ରର ଜେନିଫର ଭର୍ଗିଜ୍। ସେ ଏବେ ୧୫ ବର୍ଷରୁ କମ୍ ବାଳିକା ବିଶ୍ୱ ମାନ୍ୟତାରେ ୪ର୍ଥ ସ୍ଥାନରେ ରହିଛନ୍ତି ଏବଂ ଏକାଧିକ ଅନ୍ତର୍ଜାତୀୟ ଓ ଜାତୀୟ ପଦକ ଜିତିବା ସହ ବର୍ତ୍ତମାନର ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ ଓ ଜାତୀୟ ଚାମ୍ପିୟନ ଅଛନ୍ତି। କର୍ନାଟକର ଶଶାଙ୍କ ଶେଖର ରାଓ ୧୩ ବର୍ଷରୁ କମ୍ ବର୍ଗରେ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପଶ୍ଚିମବଙ୍ଗର ପୁନିତ ବିଶ୍ୱାସ ଜଣେ ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଏବଂ ଏକ ଡଜନ୍‌ରୁ ଅଧିକ ଜାତୀୟ ପଦକ ଜିତିଛନ୍ତି।



କୋଚ୍‌ଙ୍କ ଗହଣରେ ଟେବୁଲ ଟେନିସ ଶିବିରରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀମାନେ।

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୭/୨୦୨୪ Bhubaneswar, Wednesday, April 17/ 2024

# ବଟଲର ଦେଲେ ଦମ୍‌ଦାର ବିଜୟ

କୋଲକାତା,୧୬।୪

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ରେ ଜୋଶ ବଟଲରଙ୍କ ଶତକ ବଳରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ଲାଷ୍ଟ ବଲ୍ ଥ୍ରିଲରରେ ହରାଇଛି ରାଜସ୍ଥାନ ରୟାଲ୍ସ। ସୁନୀଲ ନାରିନ୍‌ଙ୍କ ପ୍ରଥମ ଆଇପିଏଲ ଶତକ ବଳରେ କୋଲକାତା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୨୨୩ରନ୍ କରିଥିଲା। ଜବାବରେ ରାଜସ୍ଥାନ ୮ ଉଇକେଟ ହରାଇ ଅନ୍ତିମ ବଲ୍‌ରେ ବିଜୟ ହାସଲ କରିଥିଲା।

ଇଡେନ୍ ଗାର୍ଡେନ୍ସରେ ରାଜସ୍ଥାନ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା। ସୁନୀଲ ନାରିନ୍(୧୦୯) ଚମତ୍କାର ବ୍ୟାଟିଂ କରିଥିଲେ। ନାରିନ୍ ୫୬ ବଲ୍ ଖେଳି ୧୩ ଚୌକା ଓ ୬ ଛକା ମାରିଥିଲେ। ଅନ୍ୟ ପାର୍ଶ୍ୱରୁ ସହଯୋଗ ମିଳି ନ ଥିଲେ ମଧ୍ୟ ସେ ଏକାକୀ ଲଢେଇ ଜାରି ରଖିଥିଲେ। ଯୁବ ଖେଳାଳି ଅଙ୍ଗକ୍ରିଶ ରଘୁବଂଶୀ ଦ୍ରୁତ ୩୦ ରନ୍ କରିଥିଲେ। ତେବେ ଶ୍ରେୟସ ଆୟର ୧୧ ଓ ଆନ୍ଦ୍ରେ ରସେଲ୍ ୧୩ ରନ୍ କରି ବିଫଳ ହୋଇଥିଲେ। ଶେଷ ଭାଗରେ ରିଙ୍କୁ ସିଂ ୯ ବଲ୍‌ରୁ ୨୦ ରନ କରିବା ଫଳରେ କୋଲକାତା ୨୨୩ ରନ୍‌ରେ ପହଞ୍ଚିଥିଲା। ରାଜସ୍ଥାନ ପକ୍ଷରୁ କୁଲଦୀପ ସେନ ଓ ଆଭେଶ ଖାନ୍ ୨ଟି ଲେଖାଏ, ଟ୍ରେଣ୍ଟ ବୋଲ୍ଟ ଓ ଯୁଜବେନ୍ଦ୍ର ଚହଲଙ୍କୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୨୪ ରନ୍ ଲକ୍ଷ୍ୟରେ ରାଜସ୍ଥାନ ପକ୍ଷରୁ ଜୋଶ ବଟଲର ଅପରାଜିତ ୧୦୭ ରନ୍ କରିଥିଲେ। ଯଶସ୍ୱୀ ଜୟସ୍ୱାଲ ୧୯, ରିୟାନ ପରାଗ ୩୪ ଓ ରୋଭମାନ ପାୱେଲ ୨୬ ରନ୍ କରିଥିଲେ। ଅନ୍ତିମ ୬ ଓଭରରୁ ୮୭ ରନ୍ ଆବଶ୍ୟକ ଥିବା ବେଳେ ରୋଭମାନ ପାୱେଲଙ୍କୁ ସାଥୀ କରି ବଟଲର ୫୭ ରନ୍ ଯୋଡିଥିଲେ। ୧୭ ତମ ଓଭରରେ ଦଳୀୟ ସ୍କୋର ୧୭୮ରେ ପାୱେଲ ଆଉଟ ହୋଇଥିଲେ। ନିଜ କାନ୍ଧକୁ ଦାୟିତ୍ୱ ନେବା ସହ ବଟଲର ମ୍ୟାଚ୍ ଜିତାଇଥିଲେ। ୬୦ ବଲ୍ ଖେଳି ସେ ୯ ଚୌକା ଓ ୬ ଛକା ମାରି ଆଇପିଏଲରେ ନିଜର ୭ମ ଶତକ ମାରିଥିଲେ। ଚଳିତ ସଂସ୍କରଣରେ ଏହା ବଟଲରଙ୍କ ଦ୍ୱିତୀୟ ଶତକ। କୋଲକାତା ପକ୍ଷରୁ ସୁନୀଲ ନାରିନ୍, ହର୍ଷିତ ରାଣା ଓ ବରୁନ ଚକ୍ରବର୍ତ୍ତୀ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଗୁଜରାଟ ବନାମ ଦିଲ୍ଲୀ**

ସ୍ଥାନ: ଅହମଦାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ରାଜସ୍ଥାନକୁ ଜିତାଇବା ପରେ ଉଲ୍ଲସିତ ଜୋସ୍ ବଟଲର।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୨୩/୬(ସୁନୀଲ ନାରିନ୍–୧୦୯, ଅଙ୍ଗକ୍ରୀଶ ରଘୁବଂଶୀ–୩୦, ରିଙ୍କୁ ସିଂ–୨୦, ଆଭେଶ ଖାନ୍–୨/୩୫, କୁଲଦୀନ ସେନ୍–୨/୪୬, ଟ୍ରେଣ୍ଟ ବୋଲ୍ଟ–୧/୩୫)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୨୪/୮(ଜୋଶ ବଟଲର–୧୦୭*, ରିୟାନ ପରାଗ–୩୪, ରୋଭମାନ ପାୱେଲ–୨୬, ସୁନୀଲ ନାରିନ–୨/୩୦, ହର୍ଷିତ ରାଣା–୨/୪୫, ବରୁନ ଚକ୍ରବର୍ତ୍ତୀ–୨/୩୬)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୭ | ୬ | ୧ | ୧୨ | +୦.୬୭୭ |
| କୋଲକାତା ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୧.୩୯୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୪ | ୨ | ୮ | +୦.୭୨୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୪ | ୨ | ୮ | +୦.୫୦୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୩ | ୩ | ୬ | +୦.୦୩୮ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୬ | –୦.୬୩୭ |
| ପଞ୍ଜାବ କିଙ୍ଗ୍ସ | ୬ | ୨ | ୪ | ୪ | –୦.୨୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | –୦.୨୩୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୨ | ୪ | ୪ | –୦.୯୭୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୭ | ୧ | ୬ | ୨ | –୧.୧୮୫ |







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ